
# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୨୩/୨୦୨୦ (୧୬ ପୃଷ୍ଠା) Dhenkanal, Monday, March 23 / 2020 ★★★★★

୧୬ଶ ଭାଗ ୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

**ଓଡ଼ିଶା ଦର୍ଶକଙ୍କୁ ଧନ୍ୟବାଦ ଜଣାଇଲେ ଶୁଭମ୍**

ଆଇଏସଏଲ ସିଜନରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହି ଉତ୍ସାହିତ କରିଥିବାରୁ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଲେ ଓଡ଼ିଶା ଏଫସିର ଓଡ଼ିଆ ଖେଳାଳି ଶୁଭମ୍ ଷଡ଼ଙ୍ଗୀ। ୧୫

୧୪ **ପ୍ରଭାସଙ୍କୁ କରୋନା ଭୟ**

ଜର୍ଜିଆରେ ଶୁଟିଂ ସାରି ଫେରିବା ପରେ କରୋନା ଭୟରେ ସେଲ୍ଫ-କ୍ୱାରାଣ୍ଟାଇନ୍‌ରେ ଅଛନ୍ତି 'ବାହୁବଳୀ' ପ୍ରଭାସ।



**ଆଜିର ସମ୍ପାଦକୀୟ**

**କୌତୂହଳ ପାଲଟୁଛି**

**ଆଜିର ମନ୍ତବ୍ୟ**

"ମହାମାରୀ କରୋନା ଚାରିଆଡ଼େ ମାଡ଼ିଚାଲିଥିବାବେଳେ ସମସ୍ତେ ନିଜ ନିଜ ଘରେ ରହି ଜୀବନ ରକ୍ଷା କରନ୍ତୁ।

–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

**କିଛି ତଥ୍ୟ**

୨୦୧୯-୨୦ ଆର୍ଥିକ ବର୍ଷ ଏପ୍ରିଲ ଫେବୃୟାରୀ ସମୟ ମଧ୍ୟରେ ଅଣ ଜୀବନ ବୀମା ପ୍ରିମିୟମ ୧୪% ବୃଦ୍ଧି ଘଟି ୧.୭୩ ଲକ୍ଷ କୋଟି ଟଙ୍କା ରହିଛି।

– ଆଇଆର୍‌ଡିଏଆଇ


Taste the difference! Vencobb FRESH CHICKEN

22.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# ୩୧ ଯାଏ ଟ୍ରେନ୍ ବନ୍ଦ

ନୂଆଦିଲ୍ଲୀ,୨୨।୩(ପି.ଟି./ଆଇଏଏନ୍ଏସ୍)

**କରୋନା ମୁକାବିଲା**

- ମେଟ୍ରୋ, ଆନ୍ତଃ ରାଜ୍ୟ ବସ୍ ସେବା ଉପରେ ରୋକ
- କେବଳ ମାଲବାହୀ ଟ୍ରେନ୍ ଚଳାଚଳ କରିବ
- ଖୋର୍ଦ୍ଧା ସମେତ ୮୦ ଜିଲାରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍



କରୋନା ଭାଇରସ୍ ୧୮୮ ଦେଶରେ କାୟା ବିସ୍ତାର କରି ୩,୧୫,୦୯୨ ଜଣଙ୍କ ଦେହରେ ସଂକ୍ରମିତ ହୋଇସାରିଲାଣି। ଏହାବାଦ୍ ଏହି ଘାତକ ଭୂତାଣୁ ଯୋଗୁ ବିଶ୍ୱର ୧୪,୦୦୦ ଜଣ ପ୍ରାଣ ହରାଇଲେଣି। ଭାରତରେ ରବିବାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୧ରେ ପହଞ୍ଚିଥିବାବେଳେ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୭କୁ ଛୁଇଁଛି। ଏହି ଭାଇରସ୍‌ର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରବିବାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ଖୋର୍ଦ୍ଧା ସମେତ ଦେଶର ୮୦ ଜିଲାରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହାସହ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍, ମେଟ୍ରୋ ରେଳ ଓ ଇଣ୍ଟର-ଷ୍ଟେଟ୍ ପରିବହନ ବସ୍‌ଗୁଡ଼ିକ ବନ୍ଦ କରିବା ପାଇଁ ରବିବାର ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କ ସହ ହୋଇଥିବା ବୈଠକରେ ସ୍ଥିର କରାଯାଇଛି। ଉକ୍ତ ବୈଠକରେ କ୍ୟାବିନେଟ ସେକ୍ରେଟାରି ଓ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଉପସ୍ଥିତ ଥିଲେ।

ବୈଠକ ପରେ କ୍ୟାବିନେଟ ସେକ୍ରେଟାରିଏଟ୍ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ଯାତ୍ରୀବାହୀ ବସ୍, ଆନ୍ତଃରାଜ୍ୟ ବସ୍ ଚଳାଚଳ ଭଳି କେତେକ ଅଣଜରୁରୀ ସେବା ଉପରେ କଟକଣା ଜାରି ପାଇଁ ବୈଠକରେ ସହମତି ପ୍ରକାଶ ପାଇଛି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମସ୍ତ ଟ୍ରେନ୍ ଚଳାଚଳ ବନ୍ଦ ରହିବ। ଏହି ଅବଧି ମଧ୍ୟରେ ଯାତ୍ରା ପାଇଁ ଟିକେଟ କରିଥିବା ଯାତ୍ରୀ ଜୁନ୍ ୨୧ ମଧ୍ୟରେ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ ପାଇଁ ଦାବି କରିପାରିବେ।

ତେବେ ଦେଶରେ ଜରୁରୀ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି କେବଳ ମାଲବାହୀ ଟ୍ରେନ୍ ଯାତାୟାତ କରିବ ବୋଲି ରେଲୱେ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଚଳିତ ମାସ ଶେଷ ଯାଏ ସମସ୍ତ ମେଟ୍ରୋ ରେଳ ଚଳାଚଳ ବନ୍ଦ କରାଯିବ। ରାଜ୍ୟ ସରକାରମାନେ ୮୦ଟି ଜିଲାରେ କେବଳ ଜରୁରୀ ସେବା ଚାଲୁ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିବେ। ଏହି ଜିଲାଗୁଡ଼ିକ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସଂକ୍ରମଣ ରୋକିବା ପାଇଁ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

# ଭାରତରେ କରୋନା ମୃତ୍ୟୁସଂଖ୍ୟା ୭

ନୂଆଦିଲ୍ଲୀ,୨୨।୩(ପି.ଟି.)

କରୋନା ସଂକ୍ରମଣରେ ରବିବାର ଆଉ ୩ ଜଣଙ୍କ ମୃତ୍ୟୁ ଘଟିବା ଫଳରେ ଦେଶରେ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ଏଥିସହିତ ସଂକ୍ରମିତଙ୍କ ସଂଖ୍ୟା ୩୯୧କୁ ବୃଦ୍ଧି ପାଇଛି। ବିହାର ମୁଙ୍ଗେର ଜିଲାର ଜଣେ ୩୮ ବର୍ଷୀୟ ଯୁବକଙ୍କର ପାଟନାସ୍ଥିତ ଏମ୍ସରେ ମୃତ୍ୟୁ ଘଟିଛି। ନିକଟରେ କାତାରରୁ ଫେରିଥିବା ଉକ୍ତ ଯୁବକ କରୋନାରେ ସଂକ୍ରମିତ ଥିଲେ ବୋଲି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସି.ଏମ୍. ସିଂ କହିଛନ୍ତି। କିଡ୍‌ନୀ ସମସ୍ୟା ଯୋଗୁ ଶୁକ୍ରବାର ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଥିସହିତ ତାଙ୍କର ଶ୍ୱାସକ୍ରିୟା ଜନିତ ସମସ୍ୟା ଥିବାରୁ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ରାଜେନ୍ଦ୍ର ମେମୋରିଆଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯାଇଥିଲା। ରବିବାର ସକାଳେ ତାଙ୍କର କୋଭିଡ-୧୯ ପଜିଟିଭ୍ ରିପୋର୍ଟ ପହଞ୍ଚିଥିଲା। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ମୁମ୍ବାଇରେ ଜଣେ ୬୩ ବର୍ଷୀୟ ବ୍ୟକ୍ତିଙ୍କର କରୋନାଜନିତ ମୃତ୍ୟୁ ଘଟିଥିବାବେଳେ ତୃତୀୟ ମୃତ୍ୟୁ ଗୁଜରାଟର ସୁରଟରେ ଘଟିଛି। ସେଠାରେ ଜଣେ ୬୭ ବର୍ଷୀୟ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ☞ପୃଷ୍ଠା-୪

**ବିହାରର ୩୮ ବର୍ଷ ଯୁବକଙ୍କ ମୃତ୍ୟୁ**

# ସାରା ରାଜ୍ୟରେ ଛାଇଗଲା ନୀରବତା

ଭୁବନେଶ୍ୱର, ୨୨।୩ (ବ୍ୟୁରୋ)

ମହାମାରୀ କରୋନାକୁ ନେଇ ଏବେ ସାରା ବିଶ୍ୱ ଆତଙ୍କିତ। ଏହି ଘାତକ ଭୂତାଣୁର ଦମନ ପାଇଁ ଏଯାଏ କୌଣସି ସଫଳ ଔଷଧ ପ୍ରୟୋଗ ହୋଇ ନ ଥିବାବେଳେ ସଚେତନତା ଓ ସତର୍କତା ହିଁ ଏକାମାତ୍ର ମହୌଷଧି। ଏ ପରିସ୍ଥିତିରେ ପ୍ରତିଟି ଲୋକଙ୍କ ପାଖରେ ଏଭଳି ବାର୍ତ୍ତା ପହଞ୍ଚିବା ପାଇଁ ରବିବାର ☞ପୃଷ୍ଠା-୪

**'ଜନତା କର୍ଫ୍ୟୁ', 'ଲକ୍ ଡାଉନ୍**





NATIONAL HEALTH MISSION

ଟିକିଏ ସତର୍କତା, କରୋନାରୁ ଦୂରତା

**ମାର୍ଚ୍ଚ ୨୨ ତାରିଖ ସକାଳ ୭ଟା ରୁ ୨୯ ତାରିଖ ରାତି ୯ଟା**

ଲକ୍ ଡାଉନ୍



**୫ଟି ଜିଲ୍ଲା**

ଖୋର୍ଦ୍ଧା, କଟକ, ଗଞ୍ଜାମ, କେନ୍ଦ୍ରାପଡା, ଅନୁଗୋଳ ଜିଲ୍ଲା

**୮ସହର**

ସମ୍ବଲପୁର, ଝାରସୁଗୁଡା, ବାଲେଶ୍ୱର, ରାଉରକେଲା, ଭଦ୍ରକ, ପୁରୀ, ଯାଜପୁର ଟାଉନ୍ ଏବଂ ଯାଜପୁର ରୋଡ୍

ଲକ୍ ଡାଉନ୍ ଥିଲେ ମଧ୍ୟ ଖୋଲା ରହିବ

- ଡାକ୍ତରଖାନା, କ୍ଲିନିକ୍, ପାଥୋ ଲ୍ୟାବ୍ ଏବଂ ଔଷଧ ଦୋକାନ ଆଦି ଅତ୍ୟାବଶ୍ୟକ ସେବା ବ୍ୟବସ୍ଥା
- ପୋଲିସ୍, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ, ଓଡ୍ରାଫ୍, ବିଦ୍ୟୁତ, ପାଣି, ମ୍ୟୁନିସିପାଲ ସେବା ଓ କରୋନା ଭାଇରସ୍ ସଚେତନତା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା
- ବସ୍ ଷ୍ଟାଣ୍ଡ, ବିମାନବନ୍ଦର, ବ୍ୟାଙ୍କ୍, ଏଟିଏମ୍ ଏବଂ ପେଟ୍ରୋଲ ପମ୍ପ
- ଫଳ, କ୍ଷୀର, ପାଉଁରୁଟି, ବିସ୍କୁଟ୍ ଓ ଅନ୍ୟାନ୍ୟ ବେକ୍‌ରି, ସଉଦା ଦୋକାନ, ପନିପରିବା, ମାଛ, ମାଂସ ଓ ଅଣ୍ଡା ଦୋକାନ
- ମିଲ୍କ୍ ବୁଥ୍ (ଚା ଓ କଫି ଭଳି ଅନ୍ୟାନ୍ୟ ପାନୀୟ ସୁବିଧା ବିନା)
- ହୋମ୍ ଡେଲିଭରି କରୁଥିବା ଖାଦ୍ୟ ଯୋଗାଣକାରୀ ସଂସ୍ଥା

DSPL-321

**ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ।**

**ନିହାତି ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ବାହାରନ୍ତୁ ନାହିଁ।**


ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ରେ ଯୋଗାଯୋଗ କରନ୍ତୁ।

OIPR-10003/13/0124/1920

ଆମେ ସମସ୍ତେ ଧୈର୍ଯ୍ୟ ରଖିବା, ମାତ୍ର ଆମ୍ ସନ୍ତୁଷ୍ଟ ହେବା ନାହିଁ
ଆମେ ସମସ୍ତେ ପ୍ରସ୍ତୁତ ରହିବା, କିନ୍ତୁ ଭୟଭୀତ ହେବା ନାହିଁ

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha http://www.health.odisha.gov.in/ @HFWOdisha



ଦେଶ ପରେ ଦେଶ ୧୮୮ ଦେଶକୁ ଲମ୍ବିଛି କରୋନା ଚେର। ମୁଣ୍ଡ ପରେ ମୁଣ୍ଡ ଗଡ଼ିଛି ପ୍ରାୟ ୧୪ ହଜାର ଜଣଙ୍କର। ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ। ଏଥିରୁ ବୁଝାପଡୁଛି କେତେ ଭୟଙ୍କର ଏହି ଭୂତାଣୁ। ଘାତକ କୋଭିଡ୍-୧୯ ଭୟରେ ବିଶ୍ୱବ୍ୟାପୀ ଆପେ ଆପେ ଜାରି ହୋଇଯାଇଛି ଏକପ୍ରକାର ଅଘୋଷିତ ଏମର୍ଜେନ୍ସି। ରାସ୍ତାଘାଟ, ବଜାର, ଶିକ୍ଷାନୁଷ୍ଠାନ ଓ ଅନ୍ୟ ସର୍ବସାଧାରଣ ସ୍ଥାନ ଏବେ ଜନଶୂନ୍ୟ। ପଦାକୁ ଗୋଡ଼ କାଢ଼ିଲେ ବିପଦ। ତେଣୁ ଯେଉଁଆଡ଼େ ଚାହିଁଲେ ଖାଁ ଖାଁ ଶ୍ମଶାନ ନୀରବତା। ଛାଇ ହୋଇଯାଇଛି ଅଜଣା ଆତଙ୍କ। ବିଶ୍ୱବାସୀଙ୍କ ପାଇଁ ଅଭିଶାପ ପାଲଟିଛି କରୋନା। ଏହାସହ ସୃଷ୍ଟି ହୋଇଛି ଅଭୂତପୂର୍ବ ଅଚଳାବସ୍ଥା।



## ସାର୍କ ୱେବ୍‌ସାଇଟରେ କରୋନା ତଥ୍ୟ

ସାର୍କ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କରୋନା ମହାମାରୀ ସମ୍ପର୍କିତ ସୂଚନା ବିନିମୟ ଲାଗି ରବିବାର ଏକ ୱେବ୍‌ସାଇଟ ଆରମ୍ଭ କରାଯାଇଛି। ସାର୍କ ଡିଜାଷ୍ଟର ମ୍ୟାନେଜମେଣ୍ଟ ସେଣ୍ଟର ଏହାକୁ ଲଞ୍ଚ୍ କରିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାର୍କ ନେତାମାନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଏଥିପାଇଁ ପ୍ରସ୍ତାବ ଦେଇଥିଲେ। ୱେବ୍‌ସାଇଟରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର କରୋନା ସ୍ଥିତି ସମ୍ପର୍କିତ ସବିଶେଷ ତଥ୍ୟ ପ୍ରକାଶ ପାଇବ। ବର୍ତ୍ତମାନ ସୁଦ୍ଧା ୮ ସାର୍କ ସଦସ୍ୟ ରାଷ୍ଟ୍ରରେ କରୋନା ରୋଗୀ ସଂଖ୍ୟା ୯୬୦ ରହିଛି। ପାକିସ୍ତାନରେ ସର୍ବାଧିକ ୪୯୫ ହୋଇଥିବାବେଳେ ଭାରତରେ ୩୨୪, ଶ୍ରୀଲଙ୍କାରେ ୭୭, ଆଫଗାନିସ୍ତାନରେ ୨୪, ବାଂଲାଦେଶରେ ୨୪, ମାଳଦ୍ୱୀପରେ ୧୩, ଭୁଟାନରେ ୨ ଏବଂ ନେପାଳରେ ଜଣେ କରୋନା ସଂକ୍ରମିତ ଥିବା ଜଣାପଡିଛି। ଭାରତରେ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାକିସ୍ତାନରେ ୩ ଓ ବାଂଲାଦେଶରେ ୨ ଜଣ ପ୍ରାଣ ହରାଇଛନ୍ତି।


# କରୋନା କରିଛି ଅଚଳାବସ୍ଥା

## ଦିଲ୍ଲୀରେ ଲକ୍‌ଡାଉନ୍, ୧୪୪ ଧାରା

ନୂଆଦିଲ୍ଲୀ,୨୨।୩

କରୋନା ଭାଇରସ୍ ସଂକ୍ରମଣ ଭୟାବହ ରୂପ ଧାରଣ କରିଛି। ଏହାକୁ ରୋକିବା ଲାଗି ଅନ୍ୟ ରାଜ୍ୟଗୁଡ଼ିକ ଭଳି ଜାତୀୟ ରାଜଧାନୀ ଦିଲ୍ଲୀରେ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଉଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯାଇଛି। ଏହାସହ ସିଆର୍‌ପିସିର ୧୪୪ ଧାରା ଜାରି କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ଏକ ଖବରଦାତା ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି।

ଦିଲ୍ଲୀରେ କରୋନା ଯୋଗୁ ଜଣେ ମହିଳାଙ୍କ ଜୀବନ ଯାଇଥିବାବେଳେ ରବିବାର ସଂକ୍ରମିତଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ଏଥିଯୋଗୁ ୧୪୪ ଧାରା ଜାରି କରାଯାଇଛି। ଫଳରେ କୌଣସି ସ୍ଥାନରେ ୪ କିମ୍ବା ତଦୂର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ରହିପାରିବେ ନାହିଁ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଦିଲ୍ଲୀ ପୋଲିସ କମିଶନର ଏସ୍.ଏନ୍. ଶ୍ରୀବାସ୍ତବ ଜାରି କରିଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଓ ଉପରାଜ୍ୟପାଳ ଅନିଲ ବୈଜାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଦିଲ୍ଲୀ ସମସ୍ତ ସୀମାକୁ ସିଲ୍ କରାଯାଇଛି। କେବଳ ଜରୁରି ସାମଗ୍ରୀ ପାଇଁ ସାମୟିକ ଭାବେ ଏହାକୁ ଖୋଲାଯିବ। ବିମାନ, ବସ୍, ଟ୍ରେନ୍ ଓ ମେଟ୍ରୋ ରେଳକୁ ବାତିଲ କରାଯାଇଛି। ସୋମବାର ସକାଳ ୬ଟାରୁ ଏହି କଟକଣା ୩୧ ତାରିଖ ଯାଏ ଜାରି ରହିବ। ଏହି ଅବଧି ମଧ୍ୟରେ କୌଣସି ପ୍ରକାର ବିକ୍ଷୋଭ, ଶୋଭାଯାତ୍ରା ବା ପ୍ରତିବାଦ ସଭା ଆୟୋଜନ କରାଯାଇ ପାରିବ ନାହିଁ। ସେହିପରି ଅନ୍ୟ ସମସ୍ତ ସାମାଜିକ, ସାଂସ୍କୃତିକ, ରାଜନୈତିକ, ଧାର୍ମିକ, ଶୈକ୍ଷିକ, କ୍ରୀଡ଼ା ଇଭେଣ୍ଟ ସହ ଆଲୋଚନାଚକ୍ର ଓ ସମ୍ମିଳନୀ ଉପରେ ମଧ୍ୟ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି। ସାପ୍ତାହିକ ବଜାର (ପରିବା, ଫଳ ଓ ଜରୁରୀ ସାମଗ୍ରୀ ବ୍ୟତୀତ), କନସର୍ଟ, ପ୍ରଦର୍ଶନୀ ଇତ୍ୟାଦି ଉପରେ ମଧ୍ୟ ରୋକ ଲଗାଯାଇଛି। କୌଣସି ବ୍ୟକ୍ତି କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହେଲେ ତାଙ୍କୁ ତୁରନ୍ତ ପ୍ରିଭେନ୍‌ଶନରେ ରଖାଯିବ କିମ୍ବା ତାଙ୍କ ଘରେ କ୍ୱାରାଣ୍ଟାଇନ୍‌ରେ ରଖି ଚିକିତ୍ସା କରାଯିବ। ସରକାରଙ୍କ କଟକଣାକୁ ଉଲ୍ଲଂଘନ କଲେ ଆଇପିସି ଦଫା ୧୮୮ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ ଜଳ, ପରିମଳ, ଅଗ୍ନିଶମ, ମେଡିକାଲ, ରାତ୍ରି ଆଶ୍ରୟସ୍ଥଳୀ, ଖାଦ୍ୟ ଓ ଯୋଗାଣ କ୍ଷେତ୍ରରେ ଲକ୍‌ଡାଉନ୍ ଲାଗୁ ହେବ ନାହିଁ। ତେବେ ୧୧ ଜିଲା ମଧ୍ୟରୁ ୭ଟିରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ କରାଯିବ ବୋଲି ଜଣାପଡ଼ିଛି। ସେଗୁଡ଼ିକ ହେଲା କେନ୍ଦ୍ରୀୟ ଦିଲ୍ଲୀ, ପୂର୍ବ ଦିଲ୍ଲୀ, ଉତ୍ତର ଦିଲ୍ଲୀ, ଉତ୍ତର-ପଶ୍ଚିମ ଦିଲ୍ଲୀ, ଉତ୍ତର-ପୂର୍ବ ଦିଲ୍ଲୀ, ଦକ୍ଷିଣ ଦିଲ୍ଲୀ ଓ ପଶ୍ଚିମ ଦିଲ୍ଲୀ।



ଜାମା ମସ୍‌ଜିଦ୍ ବାହାର ଦୃଶ୍ୟ।

## ମୃତ୍ୟୁସଂଖ୍ୟା ୧୩,୬୯୯

**ପ୍ୟାରିସ୍:** ସାରା ବିଶ୍ୱରେ କରୋନା ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୧୩,୬୯୯ରେ ପହଞ୍ଚିଛି। ମୋଟ ୩,୨୧,୨୮୪ ଜଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବାବେଳେ ୯୬,୦୧୦ ଜଣ ଭଲ ହୋଇଗଲେଣି। ୟୁରୋପରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦେଢ଼ ଲକ୍ଷ ଟପିଛି। ଏହି ମହାଦେଶରେ ସର୍ବାଧିକ ୧,୫୨,୧୧୭ କରୋନା ରୋଗୀ ଥିବାବେଳେ ୭,୮୦୨ ଜଣଙ୍କ ଜୀବନ ଯାଇଛି। କେବଳ ଇଟାଲୀରେ ୫୩ ହଜାରରୁ ଅଧିକ କରୋନାରେ ସଂକ୍ରମିତ ହୋଇଛନ୍ତି। ଏସିଆରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬,୬୬୯ ଥିବାବେଳେ ମୃତ୍ୟୁସଂଖ୍ୟା ୩୪୭୯ ରହିଛି।

**ୟୁରୋପରେ ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୧.୫ ଲକ୍ଷ ଟପିଲା**

ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୧,୦୫୪ ରହିଥିବାବେଳେ ୩,୨୬୧ ଜଣଙ୍କ ମୃତ୍ୟୁ ଘଟିଛି। ଇଟାଲୀରେ ୫୩,୫୭୮ ସଂକ୍ରମିତ ଓ ୪,୮୨୫ ଜଣଙ୍କ ମୃତ୍ୟୁ ହୋଇଛି। ସ୍ପେନ୍‌ରେ ୨୮,୫୭୨ କରୋନା ରୋଗୀ ଥିବାବେଳେ ୧,୭୫୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୨୬,୯୦୯ ଓ ୩୪୯ ଜଣଙ୍କ ମୃତ୍ୟୁ ହେଲାଣି। ଜର୍ମାନୀରେ ସଂକ୍ରମିତ ୨୩,୧୨୯ ଓ ୯୩ ଜଣଙ୍କ ଜୀବନ ଗଲାଣି। ଇରାନରେ ୨୧,୬୩୮, ଫ୍ରାନ୍ସରେ ୧୪,୪୫୯, ଦକ୍ଷିଣ କୋରିଆରେ ୮୮୯୭, ସ୍ୱିଜରଲାଣ୍ଡରେ ୭୨୨୫ ଓ ବ୍ରିଟେନରେ ୫୦୧୮ ଜଣ ସଂକ୍ରମିତ ହୋଇଛନ୍ତି। ଏହି ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ଯଥାକ୍ରମେ ୧୬୮୫, ୫୬୨, ୧୦୪, ୮୦ ଏବଂ ୨୪୦ ରହିଛି।

## ସାମାଜିକ ଦୂରତ୍ୱ ଲାଗି ମହାରାଷ୍ଟ୍ରରେ ୧୪୪

ମୁମ୍ବାଇ,୨୨।୩(ପି.ଟି.)

କରୋନା ସଂକ୍ରମଣରୁ ବର୍ତ୍ତିବା ଲାଗି ସାମାଜିକ ଦୂରତ୍ୱ ସୁନିଶ୍ଚିତ କରିବା ନିମନ୍ତେ ମହାରାଷ୍ଟ୍ର ସରକାର ରବିବାର ୧୪୪ ଧାରା ଜାରି କରିଛନ୍ତି। ସର୍ବସାଧାରଣ ସ୍ଥାନରେ ୫ ଜଣରୁ ଅଧିକ ଏକାଠି ହେବା ଉପରେ କଟକଣା ଲଗାଯାଇଛି। ମହାରାଷ୍ଟ୍ର କରୋନା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ୨ ଜଣଙ୍କ ମୃତ୍ୟୁ ଘଟିଲାଣି। ତେଣୁ ସାମାଜିକ ଦୂରତ୍ୱକୁ ସୁନିଶ୍ଚିତ କରିବା ଲାଗି ସୋମବାରଠାରୁ ସହରାଞ୍ଚଳଗୁଡ଼ିକରେ ୧୪୪ ଧାରା ଜାରି ରହିବା ସହ ରାଜ୍ୟ ପରିବହନ ଓ ଘରୋଇ ବସ୍ ସେବା ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି।

## ‘ଲକ୍‌ଡାଉନ ଯଥେଷ୍ଟ ନୁହେଁ’

ନୂଆଦିଲ୍ଲୀ/ଲଣ୍ଡନ,୨୨।୩

କରୋନା ମୁକାବିଲା ଲାଗି ଲକ୍‌ଡାଉନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବିରୋଧ କରିଛି। ଏକସଙ୍ଗେ ଯଥେଷ୍ଟ ଜନସ୍ୱାସ୍ଥ୍ୟଜନିତ ପଦକ୍ଷେପ ନିଆ ନ ଗଲେ ଏହି ଭୂତାଣୁ ପରେ ପୁଣି ସକ୍ରିୟ ହୋଇପାରେ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ଏହି ସଂସ୍ଥାର ଜରୁରୀ ବିଭାଗ ମୁଖ୍ୟ ବିଶେଷଜ୍ଞ ମାଇକ୍ ର୍ୟାନ୍ କହିଛନ୍ତି, କରୋନା ସଂକ୍ରମଣ ରୋକିବା ଲାଗି ଦେଶଗୁଡ଼ିକ କେବଳ ଲକ୍‌ଡାଉନ କରିପାରିବେ ନାହିଁ। ଜନସ୍ୱାସ୍ଥ୍ୟ ପଦକ୍ଷେପ ଜରୁରୀ। ତାଙ୍କ କହିବା ଅନୁଯାୟୀ, ପ୍ରଥମେ କେଉଁମାନେ ଅସୁସ୍ଥ ଅଛନ୍ତି, ସେମାନଙ୍କୁ ଖୋଜି ବାହାର କରିବା ସହ ଆଇସୋଲେଶନରେ ରଖିବାକୁ ହେବ। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ମଧ୍ୟ ଅଲଗା ରଖିବାକୁ ପଡ଼ିବ। ଏସବୁ ବ୍ୟବସ୍ଥା ନ କରି ଲକ୍‌ଡାଉନ କଲେ ବିପଜ୍ଜନକ ହୋଇପାରେ। କାରଣ ଯେତେବେଳେ ଲକ୍‌ଡାଉନ ଓ କଟକଣା ଉଠିଯିବ, ସେତେବେଳେ ରୋଗ ଅଧିକ ଭୟାବହ ହେବ ବୋଲି ର୍ୟାନ୍ କହିଛନ୍ତି। କରୋନା ସମ୍ପର୍କରେ ବିଶ୍ୱକୁ ସଚେତନ କରାଇବାରେ ବିଳମ୍ବ ଲାଗି ଡବ୍ଲ୍ୟୁଏଚ୍‌ଓ ସମାଲୋଚିତ ହୋଇଛି। ଡିସେମ୍ବର ୩୧ରେ ତାଇୱାନର ସ୍ୱାସ୍ଥ୍ୟ ଅଧିକାରୀମାନେ ଡବ୍ଲ୍ୟୁଏଚ୍‌ଓ ଏବଂ ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟନ୍ତ୍ରକକୁ ଚାଇନାର ଉହାନ ସହରରେ ଏହି ଭୂତାଣୁ ସଂକ୍ରମିତ ହେଉଥିବା ସମ୍ପର୍କରେ ଜଣାଇଥିଲେ। ତେବେ ଚାଇନାର ଚାପ ଯୋଗୁ ସେତେବେଳେ ଡବ୍ଲ୍ୟୁଏଚ୍‌ଓ ନୀରବ ରହି ଜାନୁୟାରୀ ୨୦ରେ ସ୍ପଷ୍ଟ କରିଥିଲା। ଫଳରେ କରୋନା ଅଧିକରୁ ଅଧିକ ଦେଶକୁ କାୟା ବିସ୍ତାର କରିଥିଲା।



ଚେନ୍ନାଇର ସିଏମ୍‌ବିଟିରେ ବସ୍‌ଗୁଡ଼ିକ ଅଟକି ରହିଛି।

## କିଛି ଲକ୍‌ଡାଉନ୍ ତଥ୍ୟ...

- ଗୋଆ ସରକାର ରବିବାର ଜନତା କର୍ଫ୍ୟୁକୁ ୩ ଦିନ ବୃଦ୍ଧି କରିଛନ୍ତି। ରାଜ୍ୟରେ ସୋମବାର, ମଙ୍ଗଳବାର ଓ ବୁଧବାର ମଧ୍ୟ ଜନତା କର୍ଫ୍ୟୁ ପାଳନ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଅଭିଜିତ ରାଣେ ସ୍ପଷ୍ଟ କରିଛନ୍ତି।
- ହରିୟାଣାର ୭ ଜିଲାକୁ ଲକ୍‌ଡାଉନ୍ କରାଯାଇଛି। ସେଗୁଡ଼ିକ ହେଲା ଗୁର୍‌ଗାଓଁ, ଫରିଦାବାଦ, ସୋନିପଥ, ପାନିପଥ, ଝାଜର, ରୋହତକ ଓ ପଞ୍ଚକୁଲା।
- ଉତ୍ତରାଖଣ୍ଡକୁ ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ କରାଯାଇଛି। ଏହି ରାଜ୍ୟ ଦେଇ ଚଳାଚଳ କରୁଥିବା ସମସ୍ତ ଆନ୍ତଃରାଜ୍ୟ ବସ୍ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ କହିଛନ୍ତି।
- ଉତ୍ତରପ୍ରଦେଶ ସରକାର ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲାକୁ ବୁଧବାର ପର୍ଯ୍ୟନ୍ତ ଲକ୍‌ଡାଉନ କରିବା ଲାଗି ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା ଲକ୍ଷ୍ନୌ, ଆଗ୍ରା, ଗୌତମବୁଦ୍ଧ ନଗର, ଗାଜିଆବାଦ, ବାରାଣସୀ, ଆଲ୍ଲାହାବାଦ, କାନପୁର, ଆଲିଗଡ଼, ମୋରାଦାବାଦ, ଲକ୍ଷ୍ମୀପୁର ଖେରି, ବେଲାରୀ, ଆଜମଗଡ଼, ମିରଟ, ଗୋରଖପୁର ଓ ସାହାରନପୁର।
- କରୋନା ସଂକ୍ରମଣ ରୋକିବା ଲାଗି ନାଗାଲାଣ୍ଡ ସରକାର ରାଜ୍ୟରେ ଆଂଶିକ ଲକ୍‌ଡାଉନ ଘୋଷଣା କରିବା ସହ ସୀମା ସିଲ୍ କରିଦେଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଗାଡ଼ି ବ୍ୟତୀତ ଅନ୍ୟ ସମସ୍ତ ଯାନ ଚଳାଚଳ ବନ୍ଦ ହୋଇଛି।
- ମାର୍ଚ୍ଚ ୨୩ରୁ ୩୧ ଦେଶର ସମସ୍ତ ସରକାରୀ ବିଭାଗ, ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକରେ ଜରୁରୀ ସେବା ପାଇଁ ଯେତିକି କର୍ମଚାରୀ ଆବଶ୍ୟକ ସେତିକି ଆସିବାକୁ କୁହାଯାଇଛି। ଏଥିପାଇଁ ବିଭାଗୀୟ ମୁଖ୍ୟ ଅଫିସର ଓ କର୍ମଚାରୀମାନଙ୍କର ଏକ ରୋଷ୍ଟର ପ୍ରସ୍ତୁତ କରିବାକୁ ନୂଆ ଆଡଭାଇଜରିରେ କୁହାଯାଇଛି।

## ଦେଶ ପାଳିଲା ଜନତା କର୍ଫ୍ୟୁ

ନୂଆଦିଲ୍ଲୀ,୨୨।୩(ପି.ଟି.)

**ଘରେ ରହିଲେ କୋଟି କୋଟି ଜନତା**

**ତାଳି, ଥାଳି, ଘଣ୍ଟି**

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିବେଦନକ୍ରମେ ରବିବାର ସାରା ଦେଶ ପାଳନ କରିଛି ଜନତା କର୍ଫ୍ୟୁ। କୋଟି କୋଟି ଲୋକ ନିଜକୁ ଘର ଭିତରେ ଆବଦ୍ଧ କରି ରଖିଥିଲେ। କର୍ଫ୍ୟୁ ଯୋଗୁ ରାସ୍ତାଘାଟ ସମ୍ପୂର୍ଣ୍ଣ ଶୂନ୍‌ଶାନ ଓ ସବୁଆଡ଼େ ଅଭୂତପୂର୍ବ ନୀରବତା ଦେଖିବାକୁ ମିଳିଥିଲା। ଦୋକାନ ବଜାର ବନ୍ଦ ଥିଲା। ଜନତା କର୍ଫ୍ୟୁକୁ ସାରା ଦେଶରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ଅପରାହ୍ନ ୫ଟାରେ ସଚେତନ ଲୋକେ ସେମାନଙ୍କ ବାଲକୋନିଲନ୍ କିମ୍ବା ଛାତ ଉପରକୁ ଯାଇ ତାଳିମାରି, ଥାଳି ଓ ଘଣ୍ଟ ଘଣ୍ଟା ବଜାଇ ଓ ଶଙ୍ଖ ଫୁଙ୍କି କରୋନା ବିରୋଧରେ ଲଢୁଥିବା ମେଡିକାଲ, ପୋଲିସ, ସଫେଇ କର୍ମଚାରୀ ଓ ଗଣମାଧ୍ୟମ କର୍ମୀଙ୍କୁ କୃତଜ୍ଞତା ଜଣାଇଥିଲେ।



ମୁମ୍ବାଇରେ ଲୋକେ ତାଳି ମାରି ଘଣ୍ଟା ବଜାଇ ଚିକିତ୍ସକମାନଙ୍କୁ ଅଭିବାଦନ ଜଣାଉଛନ୍ତି।

୧୪ ଘଣ୍ଟିଆ ଜନତା କର୍ଫ୍ୟୁ ସକାଳ ୭ଟାରୁ ଆରମ୍ଭ ହୋଇଥିଲା। ସଂକ୍ରମଣ କମାଇବା ପଦକ୍ଷେପ ସ୍ୱରୂପ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ଲୋକମାନେ ନିଜକୁ ଘରେ ବନ୍ଦ କରି ରଖିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ିଦେଲେ ବଜାରର ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ଜନତା କର୍ଫ୍ୟୁ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଏଥିରେ ଭାଗ ନେବାକୁ ଅନୁରୋଧ କରିଥିଲେ। ଘରେ ରୁହନ୍ତୁ ଓ ସୁସ୍ଥ ରୁହନ୍ତୁ ବୋଲି ମୋଦି ଟୁଇଟ୍ କରିଥିଲେ।

ଜନତା କର୍ଫ୍ୟୁ ଯୋଗୁ ରାଜଧାନୀ ଦିଲ୍ଲୀ ସମେତ ସାରା ଦେଶରେ ରାସ୍ତାଘାଟ ଖାଁଖାଁ ଲାଗୁଥିଲା। କ୍ୱଚିତ୍ ଦୁଇଚକିଆ କିମ୍ବା ଘରୋଇ ଯାନ ଦେଖିବାକୁ ମିଳିଥିଲା। କଶ୍ମୀରରେ ଲୋକଙ୍କ ଯାତାୟାତ ଓ ଏକାଠି ହେବା ବିରୋଧରେ କର୍ଫ୍ୟୁ ଭଳି କଟକଣା ଲାଗୁ ହୋଇଥିଲା। କୋଲକାତାର ଜନଗହଳିପୂର୍ଣ୍ଣ ଏସ୍‌ପ୍ଲାନେଡ୍, ଡେଲହାଉସି ଅଞ୍ଚଳ, ରେଳଷ୍ଟେଶନ ଓ ବିମାନବନ୍ଦର ଅଞ୍ଚଳ ଜନଶୂନ୍ୟ ହୋଇଯାଇଥିଲା। ସେହିପରି ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ ରାସ୍ତାଘାଟ ଶୂନ୍‌ଶାନ ଥିଲା। ପଞ୍ଜାବ ଓ ହରିୟାଣାର ରାସ୍ତାଘାଟରେ କାହାକୁ ଦେଖିବାକୁ ମିଳି ନ ଥିଲା। ମଧ୍ୟପ୍ରଦେଶର ଜବଲପୁର, ରେୱାଁ, ସେଓନି ଓ ନରସିଂହପୁର ଜିଲାକୁ ଲକ୍‌ଡାଉନ କରାଯାଇଛି। ଗୁଜରାଟର ଅହମଦାବାଦ, ସୁରଟ, ଭଦୋଦରା, ରାଜକୋଟ ଆଦି ସହରରେ ମଧ୍ୟ ଅନୁରୂପ ସ୍ଥିତି ଲାଗି ରହିଥିଲା।

## ଦୀର୍ଘ ଲଢ଼େଇର ଆରମ୍ଭ: ମୋଦି

ନୂଆଦିଲ୍ଲୀ: ଜନତା କର୍ଫ୍ୟୁ କରୋନା ଭୂତାଣୁ ବିରୋଧରେ ଦୀର୍ଘମିଆଦୀ ଲଢ଼େଇର ଆରମ୍ଭ ମାତ୍ର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। କର୍ଫ୍ୟୁ ଶେଷରେ ଉତ୍ସବ ନ ମନାଇ ଦୀର୍ଘ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସମସ୍ତେ ଏକାଠି ହେଲେ ଏହି ଭୂତାଣୁ ସଂକ୍ରମଣ ବିରୋଧୀ ଲଢ଼େଇରେ ଜିତିପାରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜନତା କର୍ଫ୍ୟୁ ପ୍ରତି ସାରା ଦେଶରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିବାରୁ ମୋଦି ଦେଶବାସୀଙ୍କୁ ପ୍ରଶଂସା କରିଛନ୍ତି। ମୁକାବିଲା ପାଇଁ ଦେଶବାସୀ ସମର୍ଥ ବୋଲି ଜନତା କର୍ଫ୍ୟୁ ମାଧ୍ୟମରେ ସେମାନେ ଜଣାଇ ଦେଇଛନ୍ତି। ଯେଉଁସବୁ ଜିଲାରେ ଲକ୍‌ଡାଉନ ଘୋଷଣା କରାଯାଇଛି ସେଠାରେ ଲୋକମାନେ ଘରେ ରହିବା ପାଇଁ ପ୍ରଧାନମନ୍ତ୍ରୀ ଅନ୍ୟ ଏକ ଟୁଇଟ୍ ମାଧ୍ୟମରେ ଅନୁରୋଧ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଜାରି କରୁଥିବା ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

# ଆଜିଠୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ଠପ୍

ଭୁବନେଶ୍ୱର, ୨୨।୩(ବ୍ୟୁରୋ)



- ମାଲ୍‌ବାହୀ ଯାନ ଉପରେ କଟକଣା ନାହିଁ
- ଦ୍ରବ୍ୟ, ସେବା ନିମନ୍ତେ ରାଜ୍ୟସ୍ତରୀୟ ମନିଟରିଂ ୟୁନିଟ୍ ଗଠିତ
- ସମସ୍ତ କ୍ରୀଡ଼ା ଛାତ୍ରାବାସ ମେ' ୫ ପର୍ଯ୍ୟନ୍ତ ବନ୍ଦ

ଘାତକ କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସରକାର ରବିବାର ଆଉଏକ ପଦକ୍ଷେପ ନେଇଛନ୍ତି। ରାଜ୍ୟରୁ ଯାଉଥିବା ଓ ରାଜ୍ୟ ବାହାରୁ ଓଡ଼ିଶା ଆସୁଥିବା ସମସ୍ତ ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହି ସେବା ବନ୍ଦ ରଖିବାକୁ କୁହାଯାଇଛି। ୨୩ ତାରିଖ ପୂର୍ବାହ୍ନ ୧୧ଟା ପରେ ଓଡ଼ିଶାକୁ ବାହାର ରାଜ୍ୟର କୌଣସି ବସ୍‌କୁ ପ୍ରବେଶ କରାଇ ଦିଆଯିବ ନାହିଁ କି ପ୍ରବେଶ କରିସାରିଥିଲେ ଗନ୍ତବ୍ୟସ୍ଥଳକୁ ଛଡ଼ାଯିବ ନାହିଁ। ସେହିଭଳି ଓଡ଼ିଶାରୁ ଅନ୍ୟ ରାଜ୍ୟକୁ କୌଣସି ବସ୍ ଯାତ୍ରା କରିପାରିବ ନାହିଁ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ତେବେ ମାଲ୍‌ବାହୀ ଯାନ ଉପରେ କୌଣସି କଟକଣା ରହିବ ନାହିଁ। ଦ୍ରବ୍ୟ ଓ ସେବା କ୍ଷେତ୍ରର ସୁପରିଚାଳନା ନିମନ୍ତେ ଓଡ଼ିଶା ସରକାର ଏକ ରାଜ୍ୟସ୍ତରୀୟ ମନିଟରିଂ ୟୁନିଟ୍ ଗଠନ କରିଛନ୍ତି। ଏହି କମିଟି ଆବଶ୍ୟକତା ଆକଳନ କରିବା ସହିତ ବିଭିନ୍ନ ଦ୍ରବ୍ୟର ପରିବହନକୁ ତଦାରଖ କରିବା ସହ ପ୍ରତିବନ୍ଧକ ଦୂର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହ କମିଟି ବ୍ୟବସାୟୀ ଓ ପରିବହନ ସହ ଜଡିତ ବ୍ୟକ୍ତି (ଟ୍ରାନ୍ସପୋର୍ଟର)ଙ୍କୁ ନିଜ ନିଜ ସମସ୍ୟା ଉପସ୍ଥାପନ ତଥା ସମାଧାନ ନିମନ୍ତେ ସୁଯୋଗ ଦେବ ବୋଲି ବାଗ୍‌ଚୀ କହିଛନ୍ତି। ସେହିପରି କୋଇଲା ଓ ଅନ୍ୟ ଖଣିଜ ପଦାର୍ଥ ପରି ପରମିଟ୍‌ପ୍ରାପ୍ତ ସାମଗ୍ରୀର ପରିବହନ ଉପରେ କୌଣସି କଟକଣା ରହିବ ନାହିଁ। ପରମିଟ୍‌ପ୍ରାପ୍ତ ଯାନବାହନଗୁଡ଼ିକ ବିନା ବାଧାରେ ଚଳାଚଳ କରିପାରିବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ପୋଲିସ ଓ ପରିବହନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ପରମିଟ୍‌ପ୍ରାପ୍ତ ସାମଗ୍ରୀ ପରିବହନ କରୁଥିବା ଯାନବାହନ ଚଳାଚଳକୁ ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଲକ୍ ଡାଉନ୍ ସମ୍ପର୍କିତ ଆଦେଶନାମା ଅନୁସାରେ ସେମାନେ କାର୍ଯ୍ୟ କରିବେ। ବ୍ୟବସାୟୀ, ଦୋକାନୀ, ହୋଲ୍‌ସେଲ୍‌ରମାନେ ପର୍‌ମିଟ୍‌ପ୍ରାପ୍ତ ସାମଗ୍ରୀ ପରିବହନ ବାବଦରେ କୌଣସି ସମସ୍ୟା ଅଥବା ଆପତ୍ତି ଅଭିଯୋଗ ନେଇ ସଂଯୋଗ ହେଲ୍ପଲାଇନ୍ ନିଃଶୁଳ୍କ ନଂ-୧୫୫୩୩୫ ବ୍ୟବହାର କରିପାରିବେ। ଏହି ହେଲ୍‌ପଲାଇନ୍ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦୁଇ ସିଫ୍ଟରେ କାର୍ଯ୍ୟ କରିବ ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି। ସେପଟେ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧୀନରେ ଥିବା ସମସ୍ତ କ୍ରୀଡ଼ା ଛାତ୍ରାବାସ ୨୩ରୁ ମେ' ୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଅନ୍ତେବାସୀଙ୍କ ଖାଦ୍ୟ ଓ ଅନ୍ୟାନ୍ୟ ଭତ୍ତା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ କିପରି ସୁରକ୍ଷିତ ଭାବେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯିବା ସହ ଏଥିପାଇଁ ସେମାନଙ୍କୁ ଖର୍ଚ୍ଚ ପ୍ରଦାନ କରାଯାଉଥିବା ବାଗ୍‌ଚୀ କହିଛନ୍ତି।

# ୩ ବର୍ଗରେ ସବୁ ବିଭାଗ

## ଲକ୍‌ଡାଉନ୍ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା

- କ୍ରିଟିକାଲରେ ୬, ପାର୍ସିଆଲି କ୍ରିଟିକାଲ୍‌ରେ ୯, ନନ୍ କ୍ରିଟିକାଲ୍ ବର୍ଗରେ ୨୫ ବିଭାଗ
- ୬ ବିଭାଗ ଆସିବା ବାଧ୍ୟତାମୂଳକ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)ର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଆସନ୍ତା ୨୯ ପର୍ଯ୍ୟନ୍ତ ରାଜ୍ୟର ୪୦% ଅଂଞ୍ଚଳକୁ ଲକ୍‌ଡାଉନ କରାଯାଇଛି। ଏଥିରେ ୫ଟି ଜିଲା ସମେତ ୮ଟି ସହର ରହିଛି। ଏହି ପରିପ୍ରେକ୍ଷୀରେ ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇଛି। କେଉଁମାନେ ଅଫିସ୍ ଆସିବେ ଓ କେଉଁମାନେ ଆସିବେ ନାହିଁ ସେ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟର ଗୁରୁତ୍ୱକୁ ନଜରରେ ରଖି ସମସ୍ତ ବିଭାଗକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ଅଧିକ ଗୁରୁତ୍ୱବହନ କରୁଥିବା ବିଭାଗକୁ 'କ୍ରିଟିକାଲ(ସଙ୍କଟଜନକ)', ଆଶିଂକ ଗୁରୁତ୍ୱବହନ କରୁଥିବା ବିଭାଗକୁ 'ପାର୍ସିଆଲି କ୍ରିଟିକାଲ' ଏବଂ 'ନନ୍ କ୍ରିଟିକାଲ' ବର୍ଗରେ ବିଭକ୍ତ କରାଯାଇଛି। ଏ ନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବେଳେ ରବିବାର ଆନୁଷ୍ଠାନିକ ଘୋଷଣା କରାଯାଇଛି। କ୍ରିଟିକାଲ ବର୍ଗରେ ୬ଟି ବିଭାଗ ରହିଛି। ଏହି ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ଯୋଗଦେବା ବାଧ୍ୟତାମୂଳକ। ଏହି ବିଭାଗର ପ୍ରଶାସନିକ ସଚିବମାନେ ସମ୍ପୃକ୍ତ ନିର୍ଦ୍ଦେଶାଳୟ/ଏଜେନ୍ସି/ପିଏସ୍‌ୟୁ ସମ୍ପର୍କିତ ନିଷ୍ପତ୍ତି ନେବେ। ସେହିପରି ପାର୍ସିଆଲି କ୍ରିଟିକାଲ୍ ବା ଆଂଶିକ ଗମ୍ଭୀରସ୍ଥିତି ବର୍ଗ ଅଧୀନରେ ୯ଟି ବିଭାଗ ରହିଛି। ଏହି ବର୍ଗରେ ଥିବା ବିଭାଗଗୁଡିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଅଧିକାରୀ ଓ ସେମାନଙ୍କ ସହଯୋଗୀ କାର୍ଯ୍ୟାଳୟକୁ ଆସିବେ। ନିର୍ଦ୍ଦିଷ୍ଟ ଭାବେ କେଉଁମାନେ ଅଫିସ୍ ଆସିବା ଦରକାର ତାହା ବିଭାଗୀୟ ସଚିବ ସ୍ଥିର କରିବେ। ପ୍ରଶାସନିକ ସଚିବମାନେ ସମ୍ପୃକ୍ତ ନିର୍ଦ୍ଦେଶାଳୟ/ଏଜେନ୍ସି/ପିଏସ୍‌ୟୁ ସମ୍ପର୍କିତ ନିଷ୍ପତ୍ତି ନେବେ। ଯଥାସମ୍ଭବ ସର୍ବନିମ୍ନ ମାନବ ସମ୍ବଳ ପିଏସ୍‌ୟୁଗୁଡ଼ିକ ଚଳାଇବା ପାଇଁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ନନ୍ କ୍ରିଟିକାଲ୍ ବର୍ଗରେ ୨୫ଟି ବିଭାଗ ରହିଛି। ଏହି ବର୍ଗରେ ଥିବା ବିଭାଗଗୁଡ଼ିକ ଅଧିକାରୀ ଓ କର୍ମଚାରୀ ଅଫିସ ଆସିବା ଦରକାର ନାହିଁ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଆବଶ୍ୟକ ହେଲେ ଅଳ୍ପ ଅବଧି ସୂଚନା ମାଧ୍ୟମରେ କର୍ମଚାରୀଙ୍କୁ ଅବଗତ କରାଯିବ। ଏହି ବିଭାଗୀୟ କାର୍ଯ୍ୟଗୁଡ଼ିକର ମନିଟରିଂ ଏବଂ ପରିଚାଳନା ପାଇଁ କର୍ମଚାରୀଙ୍କଠାରୁ ଫୋନ୍ ମାଧ୍ୟମରେ ପରାମର୍ଶ ନିଆଯିବ।




## କିଏ କେଉଁ ବର୍ଗରେ

**କ୍ରିଟିକାଲ**
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ
- ଗୃହ ଓ ନଗର ଉନ୍ନୟନ
- ସ୍ୱାସ୍ଥ୍ୟ
- ଗୃହ
- ଏସ୍‌ଆର୍‌ସି ଏବଂ ଓସ୍‌ଡମା

**ପାର୍ସିଆଲି କ୍ରିଟିକାଲ**
- ବାଣିଜ୍ୟ ଓ ପରିବହନ
- ସୂଚନା ଓ
- ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଇନ୍‌ଫରମେସନ ଟେକ୍ନୋଲୋଜି
- ଶକ୍ତି
- ଅର୍ଥ
- ସୂଚନା ଓ ଲୋକ ସମ୍ପର୍କ
- ପଞ୍ଚାୟତରାଜ ଓ ପାନୀୟ ଜଳ
- ରାଜସ୍ୱ
- ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି
- ପୂର୍ତ୍ତ

**ନନ୍-କ୍ରିଟିକାଲ**
- କୃଷି ଓ କୃଷକ ସଶକ୍ତୀକରଣ
- ସମବାୟ
- ଅବକାରୀ
- ମତ୍ସ୍ୟ ଓ ପଶୁସମ୍ପଦ ବିକାଶ
- ଜଙ୍ଗଲ ଓ ପରିବେଶ
- ବୟନ ଓ ହସ୍ତତନ୍ତ
- ଉଚ୍ଚଶିକ୍ଷା
- ଆଇନ୍
- ଶିଳ୍ପ
- ଶ୍ରମ ଓ ଇଏସ୍‌ଆଇ
- ଏମ୍‌ଏସ୍‌ଏମ୍‌ଇ
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି
- ସଂସଦୀୟ ବ୍ୟାପାର
- ଯୋଜନା ଓ ରୂପାୟନ
- ସାଧାରଣ ଉଦ୍ୟୋଗ
- ଗ୍ରାମ୍ୟ ଉନ୍ନୟନ
- ସ୍କୁଲ ଓ ଗଣଶିକ୍ଷା
- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ
- ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି
- ବିଜ୍ଞାନ ଓ କାରିଗରୀ
- ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
- କ୍ରୀଡ଼ା ଓ ଯୁବ ବ୍ୟାପାର
- ଖଣି ଓ ଇସ୍ପାତ
- ପର୍ଯ୍ୟଟନ
- ଜଳ ସମ୍ପଦ ବିଭାଗ

## ଇତିହାସର ଆଇନାରେ

### ମାର୍ଚ୍ଚ ୨୩ର ପ୍ରମୁଖ ଘଟଣା

୧୯୩୧ ମାର୍ଚ୍ଚ ୨୩ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ ଓ ତାଙ୍କ ସହଯୋଗୀ ଜୟୀ ରାଜଗୁରୁ ଓ ସୁଖଦେବଙ୍କୁ ବ୍ରିଟିଶ ସରକାର ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଏହାର ୧୧ ଘଣ୍ଟା ପରେ ୨୪ ତାରିଖ ସକାଳ ୭ଟା ୩୦ରେ ସେମାନଙ୍କୁ ଲାହୋର ଜେଲ୍ ପରିସରରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା।

୧୯୫୬ ମାର୍ଚ୍ଚ ୨୩ରେ ପାକିସ୍ତାନ ଆନୁଷ୍ଠାନିକ ଭାବେ ପ୍ରଥମ ଇସ୍‌ଲାମୀୟ ସାଧାରଣତନ୍ତ୍ର ରାଷ୍ଟ୍ର ଘୋଷିତ ହୋଇଥିଲା। ଏହା ବିଶ୍ୱର ପଞ୍ଚମ ଜନବହୁଳ ରାଷ୍ଟ୍ର ଓ ଜନସଂଖ୍ୟା ୨୦ କୋଟି ୭୮ ଲକ୍ଷ। ଆଣବିକ ଶକ୍ତିସମ୍ପନ୍ନ ଏହି ଦେଶର ଆୟତନ ୮,୮୧,୯୧୩ ବର୍ଗ କିଲୋମିଟର।

# ଆଜିଠୁ ସ୍ଥଗିତ ରହିପାରେ ପାର୍ଲାମେଣ୍ଟ

ନୂଆଦିଲ୍ଲୀ,୨୨।୩(ଆଇଏଏନ୍‌ଏସ୍)



କରୋନା ଭାଇରସ୍ ଯୋଗୁ ବିଶ୍ୱବ୍ୟାପୀ ଅଚଳାବସ୍ଥା ଲାଗିରହିଥିବାବେଳେ ଭାରତର ପାର୍ଲାମେଣ୍ଟରେ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଚାଲୁରହିଛି। ଏହାକୁ ନେଇ ଚାରିଆଡ଼ୁ ସମାଲୋଚିତ ହେବା ପରେ କେନ୍ଦ୍ର ସରକାର ପାର୍ଲାମେଣ୍ଟର ଉଭୟ ଗୃହକୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଏନେଇ ମୋଦି ସରକାର ଗମ୍ଭୀରତା ସହ ବିଚାର କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ ସୋମବାର ଅପରାହ୍ନ ୨ଟାରେ ଲୋକ ସଭା ଓ ରାଜ୍ୟ ସଭାର ଗୃହକାର୍ଯ୍ୟ ଆରମ୍ଭ ହେବ। ସରକାର ଏହି ସମୟରେ ଫାଇନାନ୍ସ ବିଲ୍‌କୁ ଗୃହୀତ କରାଇବେ। ଲୋକଙ୍କୁ ଘରୁ ନ ବାହାରିବା ପାଇଁ ସରକାରୀ ପକ୍ଷ ଅନୁରୋଧ କରିବେ। ଏହା ପରେ ସଂସଦର ଉଭୟ ସଦନକୁ ସରକାର ସ୍ଥଗିତ ରଖିବା ଲାଗି ଘୋଷଣା କରିପାରନ୍ତି ବୋଲି ସୂତ୍ରରୁ ପ୍ରକାଶ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ନୁମାନ୍
ପରିବାରବର୍ଗ


ଗୁଡ୍ଡି
ପରିବାରବର୍ଗ


ସାଇ ଶିବମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ବିଦେଶ ଫେରନ୍ତାଙ୍କ ନାଁରେ ମାମଲା

**ହୋମ୍ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ**

କଟକ ଅଫିସ/ଭୁବନେଶ୍ୱର, ୨୨।୩(ବ୍ୟୁରୋ)

ହୋମ୍ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରି ବଜାରରେ ବୁଲୁଥିଲେ ଜଣେ ବିଦେଶ ଫେରନ୍ତା। ଏ ନେଇ ପୁରୀଘାଟ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା(ନଂ.୬୫/୨୦) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତି ଜଣକ କିଛିଦିନ ପୂର୍ବେ ଆମେରିକାରୁ ଫେରିଥିଲେ। ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍‌ରେ ନିଜ ନାମ ପଞ୍ଜୀକରଣ କରିବା ପରେ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ସମ୍ପୃକ୍ତ ବ୍ୟକ୍ତି ବଜାରରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଏ ବିଷୟରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିଥିଲା। ପ୍ରାଥମିକ ତଦନ୍ତ ପରେ ତାଙ୍କୁ ବାରବାଟିସ୍ଥିତ ଆଇସୋଲେସନ୍ କେନ୍ଦ୍ରକୁ ପଠାଇ ଦିଆଯାଇଛି।

ସେହିପରି ବିଦେଶ ଫେରନ୍ତା ୨ନାଗରିକଙ୍କ ବେପରୁଆ ମନୋଭାବ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶୈଳଶ୍ରୀ ବିହାରରେ ରହୁଥିବା ଦୁଇଜଣ ବ୍ୟକ୍ତି ନିଜ ଘରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ହେଲେ ସେମାନେ ବାହାରେ ବୁଲୁଥିବା ଦେଖିବାକୁ ମିଳିବା ପରେ ବିଏମ୍‌ସିରେ ଅଭିଯୋଗ ହୋଇଥିଲା। ଅଭିଯୋଗ ହସ୍ତଗତ ହେବା ପରେ ଜୋନାଲ ସ୍କ୍ୱାର୍ଡ ସେମାନଙ୍କୁ ଆମ୍ବୁଲାନ୍ସରେ ଘରୁ ଉଠାଇ ଆଣିଥିଲେ। କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିଥିବାରୁ ସେମାନଙ୍କ ବିରୋଧରେ ଚନ୍ଦ୍ରଶେଖରପୁର ଥାନାରେ ବିଏମ୍‌ସି ପକ୍ଷରୁ ଏତଲା ଦିଆଯାଇଛି। ଏ ନେଇ ଥାନାରେ ମାମଲା(ନଂ.୧୪୨/୨୦) ରୁଜୁ ହୋଇଛି।

ପୋଲିସ କମିଶନର୍ ସୁଧାଂଶୁ ଷଡ଼ଙ୍ଗୀ ଏହି ଘଟଣାକୁ ନେଇ ନିଜ ଟୁଇଟ୍‌ରେ ଲେଖିଛନ୍ତି, ଯେଉଁମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି, ଯଦି ସେମାନେ ଏହାକୁ ଉଲ୍ଲଂଘନ କରନ୍ତି, ସେମାନଙ୍କ ବିରୋଧରେ ସମାନ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୩୬୫ ନୂଆ ଡାକ୍ତରଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ

**କରୋନା ମୁକାବିଲା ଚିନ୍ତା**

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଦିନକୁ ଦିନ ଭୟଙ୍କର ରୂପ ନେଉଥିବା କରୋନା ଭାଇରସ୍ ସଂକ୍ରମଣର ମୁକାବିଲା ଲାଗି ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଏ ନେଇ ତ୍ୱରିତ ପଦକ୍ଷେପ ସହ ଆବଶ୍ୟକ ସମସ୍ତ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଇତିମଧ୍ୟରେ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ପରିଚାଳିତ ପରୀକ୍ଷାରେ କୃତକାର୍ଯ୍ୟ ୩୬୫ଜଣ ଡାକ୍ତରଙ୍କୁ ରାଜ୍ୟ ସରକାର ବିଭିନ୍ନ ଡାକ୍ତରଖାନାରେ ନିଯୁକ୍ତି ଦେଇଛନ୍ତି। ନୂତନଭାବେ ନିଯୁକ୍ତି ପାଇଥିବା ଏହି ଡାକ୍ତରମାନେ ତୁରନ୍ତ ନୂଆ ଚାକିରିରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ଜାରି ବିଜ୍ଞପ୍ତି ଅନୁସାରେ, ଆସିଷ୍ଟାଣ୍ଟ ସର୍ଜନ ପାହ୍ୟାର ମୋଟ ୩୬୫ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଏ ନେଇ ଓଡ଼ିଶା ଲୋକସେବା ଆୟୋଗ ଜାନୁୟାରୀ ୨୮ ତାରିଖରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଆସନ୍ତା ୩୦ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ନିକଟରେ ସାର୍ଟିଫିକେଟ୍ ଯାଞ୍ଚ ଶେଷ କରିବାକୁ କୁହାଯାଇଛି। ବର୍ତ୍ତମାନ ରାଜ୍ୟରେ ମୋଟ ୮୭୧୯ଟି ପଞ୍ଜୀକୃତ ଡାକ୍ତର ପଦବୀ ଥିବାବେଳେ ଏବେ ପ୍ରାୟ ୩୫୦୦ ଡାକ୍ତର ପଦବୀ ଖାଲି ପଡ଼ିଛି। ଏହି ନୂଆ ଡାକ୍ତରଙ୍କ ଯୋଗଦାନ ଆଗାମୀ ଦିନରେ କରୋନା ସଂକ୍ରମଣକୁ ମୁକାବିଲା କରିବାରେ ବିଶେଷଭାବେ ସହାୟକ ହେବ ବୋଲି କୁହାଯାଇଛି।

# ସେବାୟତଙ୍କ ଥର୍ମାଲ ସ୍କ୍ରିନିଂ

ପୁରୀ ଅଫିସ, ୨୨।୩



କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ଧର୍ମପୀଠରେ କଟକଣା ଲଗାଇଛନ୍ତି। ଦେବଦେବୀଙ୍କ ସେବାପୂଜା ସ୍ୱାଭାବିକ ରହିଥିବାବେଳେ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଛି। ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯାଇଛି। କେବଳ ସେବାୟତ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ କରୁଛନ୍ତି। ରବିବାର ସେବାୟତଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଛି। ସିଂହଦ୍ୱାରରେ ଥର୍ମାଲ ସ୍କ୍ରିନିଂ ପରେ ସେମାନଙ୍କୁ ଭିତରକୁ ଛଡ଼ାଯାଇଥିଲା।

# ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ

**କରୋନା ମୁକାବିଲା**

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସବୁସ୍ତରରେ ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ଶକ୍ତି ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଏନେଇ ସମସ୍ତ ବିଦ୍ୟୁତ ବଣ୍ଟନ ସଂସ୍ଥା-ସେସୁ, ୱେସ୍କୋ, ନେସ୍କୋ ଏବଂ ସାଉଥ୍‌କୋକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ଆଗକୁ ଗ୍ରୀଷ୍ମ ଆସୁଥିବାରୁ ମଧ୍ୟ ଶକ୍ତି କର୍ମଚାରୀଙ୍କୁ ସତର୍କ କରାଯାଇଛି। ଏହି ସମୟରେ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ଏବଂ ଆବଶ୍ୟକ ମରାମତି ଯେପରି ଠିକ୍ ସମୟରେ ହେବ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଜିଲା ମୁଖ୍ୟାଳୟ ଏବଂ ଅତି ଆବଶ୍ୟକ ସରକାରୀ ଅଫିସଗୁଡ଼ିକରେ ଯେପରି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ହୋଇପାରିବ, ସେ ନେଇ ବିତରଣ ସଂସ୍ଥାକୁ କୁହାଯାଇଛି। ପ୍ରତିଦିନ ପୂର୍ବାହ୍ନ ୧୦ଟା ସୁଦ୍ଧା ବିଦ୍ୟୁତ ସେବା ସମ୍ପର୍କିତ ସମୀକ୍ଷା କରାଯିବ। ଆବଶ୍ୟକତାକୁ ଦେଖି ବିଭାଗୀୟ ମାନବ ସମ୍ବଳର ଯେପରି ସୁବିନିଯୋଗ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ନିୟମ ନ ମାନିବାରୁ ମାମଲା ରୁଜୁ

## ହୋମ୍ ଆଇସୋଲେଶନରେ ବିଦେଶ ଫେରନ୍ତା ଯୁବକ

ସମ୍ବଲପୁର,୨୨।୩(ବ୍ୟୁରୋ)

ରାଜ୍ୟକୁ ଆସୁଥିବା ସମସ୍ତ ବିଦେଶ ଫେରନ୍ତା ନିଜ ନାମ ପଞ୍ଜୀକରଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ୪୮ ଘଣ୍ଟା ସମୟ ଦେବା ସହ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଥିଲେ। ହେଲେ ସମ୍ବଲପୁର ଜିଲାର ଧନୁପାଲି ଥାନା ଅଞ୍ଚଳର ଜଣେ ଯୁବକ ନାମ ପଞ୍ଜୀକରଣ ନ କରିବାରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ସରକାରଙ୍କୁ ତଥ୍ୟ ଲୁଚାଇବା, ପଞ୍ଜୀକରଣ ନ କରିବା ଅଭିଯୋଗରେ ତାଙ୍କ ବିରୋଧରେ ୧୩୭/୨୦ରେ ମାମଲା ରୁଜୁ ହୋଇଛି। ୩୦ ବର୍ଷର ଏହି ଯୁବକ ଜଣଙ୍କ ଉଜ୍‌ବେକିସ୍ଥାନରୁ ଗତ ୭ ତାରିଖରେ ସମ୍ବଲପୁର ଫେରିଥିଲେ। ହେଲେ ସରକାର ଘୋଷଣା କରିଥିବା ନିୟମ ଅନୁସାରେ ସେ ତାଙ୍କ ନାମ ପଞ୍ଜୀକରଣ କରି ନ ଥିଲେ। ଏହି ଖବର ପାଇବା ପରେ ଡାକ୍ତରୀ ଟିମ୍ ସହ ପୋଲିସ ତାଙ୍କ ଘରେ ଚଢାଉ କରିଥିଲା। ସେ ଏବେ ହୋମ୍ ଆଇସୋଲେଶନରେ ରହିଛନ୍ତି। ନାମ ପଞ୍ଜୀକରଣ ନକରି ସରକାରଙ୍କୁ ଠକିଥିବାରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଥିବା ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି କହିଛନ୍ତି।

# ରାଜ୍ୟ ବାହାର ଫେରନ୍ତାଙ୍କ ସୂଚନା ପାଉନି ସ୍ୱାସ୍ଥ୍ୟ ବିଭାଗ

**କରୋନା ମୁକାବିଲା ପ୍ରସ୍ତୁତି**

କଟକ ସଦର,୨୨।୩(ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ କଟକ ସଦର ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ପ୍ରମୁଖ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ସ୍ୱାସ୍ଥ୍ୟକ୍ୟାମ୍ପ ଖୋଲିବା ବ୍ୟବସ୍ଥା କରାଯାଇଛି। ହେଲେ ରାଜ୍ୟ ବାହାର ଫେରନ୍ତା ଲୋକମାନଙ୍କ ସୂଚନା ଠିକ୍ ସମୟରେ ସ୍ୱାସ୍ଥ୍ୟ ବିଭାଗ ପାଉ ନ ଥିବା ସମ୍ପର୍କରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କାରଣ ଯେଉଁ ଲୋକମାନେ ନିଜ ଘରକୁ ଫେରିଆସିଛନ୍ତି ସେମାନଙ୍କ ସବିଶେଷ ବିବରଣୀ ସ୍ଥାନୀୟ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଦେବା ଲାଗି କୁହାଯାଇଥିଲା। ଏଥିରେ ସନ୍ତୋଷଜନକ ଅଗ୍ରଗତି ଘଟୁ ନ ଥିବା କଥା ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ବାହାର ରାଜ୍ୟରୁ ଫେରିଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ୧୪ ଦିନ ପର୍ଯ୍ୟନ୍ତ ତୀକ୍ଷ୍ଣ ଦୃଷ୍ଟି ଦିଆଯିବା ପାଇଁ ଗାଇଡ୍ ଲାଇନ୍ ପ୍ରସ୍ତୁତ ହୋଇଛି। ଗତ ୧୯ ତାରିଖରେ ଏହି ବ୍ଲକର ସମସ୍ତ ପଞ୍ଚାୟତସ୍ତରରେ ଆୟୋଜିତ ସଚେତନତା ବୈଠକରେ ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିଶେଷକରି ସାହିରେ ଥିବା ବାହାର ଲୋକମାନଙ୍କ ଆଗମନ ସମ୍ପର୍କରେ ଜଣାଇବା ପାଇଁ ୱାର୍ଡ ସଭ୍ୟାସଭ୍ୟ ଓ ସରପଞ୍ଚମାନଙ୍କୁ କୁହାଯାଇଥିଲା। ରବିବାର ସୁଦ୍ଧା ଅସ୍ଥାୟୀ ମେଡିକାଲ କ୍ୟାମ୍ପଗୁଡ଼ିକୁ ରଙ୍ଗ ଦିଆଯିବା କାର୍ଯ୍ୟ କରାଯାଉଥିବା ଲକ୍ଷ୍ୟ କରାଯାଇଥିଲା। ହେଲେ କେତେକ ସ୍ଥାନରେ ଲୋକମାନେ ଆତଙ୍କିତ ଥିବାରୁ ରଙ୍ଗମିସ୍ତ୍ରୀ କାମ କରିବା ପାଇଁ ରାଜି ହେଉ ନ ଥିବା କଥା ଆୟଉପୁର ସରପଞ୍ଚ କାନନ କୁମାରୀ ସାହୁ କହିଛନ୍ତି। ସେହିପରି ପ୍ରହରାଜପୁର ଅଞ୍ଚଳର ବହୁ ଲୋକ ବିଦେଶ ଓ ରାଜ୍ୟ ବାହାରରୁ ଫେରିଥିବା କାରଣରୁ ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଚେଷ୍ଟା କରାଯାଉଛି ବୋଲି ପ୍ରହରାଜପୁର ସରପଞ୍ଚ ରୂପସୀ ସାହୁ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଭାରତରେ...

ସେ ପୂର୍ବରୁ ଦିଲ୍ଲୀ ଓ ଜୟପୁର ଯାଇଥିଲେ। ୧୭ରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ୨୧ରେ ଜଣାପଡିଥିଲା। ପୂର୍ବରୁ କୋଭିଡ-୧୯ ସଂକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଚାଇନାରେ ପ୍ରାୟତଃ ବରିଷ୍ଠ ନାଗରିକ ଏହି ରୋଗରେ ଆକ୍ରାନ୍ତ ହେଉଥିବାରୁ ଏହା ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ବିପଜ୍ଜନକ ବୋଲି ବିଶ୍ୱାସ କରାଯାଉଥିଲା। ଭାରତରେ ପ୍ରାଣ ହରାଇଥିବା ୭ ଜଣଙ୍କ ମଧ୍ୟରୁ ୬ ଜଣଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ। ତେବେ ବିହାରରେ ଜଣେ ୩୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହେବା ପରେ ଏହି ଧାରଣା ବଦଳିଯାଇଛି। କରୋନା ଭୂତାଣୁ ସଂକ୍ରମଣ କମାଇବା ଲାଗି ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବାବେଳେ ୩୧ ପର୍ଯ୍ୟନ୍ତ ସମସ୍ତ ଯାତ୍ରୀବାହୀ ଟ୍ରେନ ଓ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ କରିଦିଆଯାଇଛି। ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା ହୋଇଛି।

## ସାରା ରାଜ୍ୟରେ...

ସାରା ଦେଶରେ ଲାଗୁ ହୋଇଥିବା 'ଜନତା କର୍ଫ୍ୟୁ'କୁ ଓଡ଼ିଶାରେ ମିଳିଛି ଅଭୂତପୂର୍ବ ସମର୍ଥନ। ଏପଟେ ରବିବାରଠାରୁ ରାଜ୍ୟରେ ଲାଗୁ ହୋଇଛି 'ଲକ୍ ଡାଉନ୍'। ରାଜ୍ୟର ୫ ଜିଲା ଓ ୮ ସହରକୁ ପ୍ରାୟ ଲକ୍‌ଡାଉନ୍ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଫଳରେ ଲୋକେ ଘରେ ରହିଥିବାବେଳେ ରାସ୍ତାରେ ଗଡ଼ି ନ ଥିଲା ଚକା। ବସ୍, ଟ୍ରକ ଆଦି ଗାଡିମୋଟର ଚଳାଚଳ ନ କରି ବିଭିନ୍ନ ସ୍ଥାନରେ ଅଟକି ରହିଥିବାବେଳେ ଅଧିକାଂଶ ଟ୍ରେନ୍ ଓ ବିମାନ ସେବା ବାତିଲ ହୋଇଥିଲା। ସେହିଭଳି ଜରୁରିକାଳୀନ ସେବାକୁ ଛାଡ଼ିଦେଲେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏଣୁ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ରାସ୍ତାଘାଟ, ଦୋକାନ ବଜାର, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ, ବିମାନବନ୍ଦର ସବୁଠି ଜନଶୂନ୍ୟ ରହିଥିଲା। ଚାରିଆଡେ ନୀରବତା ଛାଇ ହୋଇଯାଇଥିବାବେଳେ ଗାଁଠୁ ସହର ଲୋକେ କରୋନାକୁ ନେଇ ସତର୍କ ହୋଇଯାଇଥିଲେ।

## classifieds Everyday 0674-2580101, 2549302


SALE

Car for sale Fiat Avventura White, 2015. 8339036335, 9937995461. D-69259


SALE

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130. D-68480

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ 1,2,3,4BHK flat, simplex, duplex ଅଛି। 8327785834, 9658122456. D-69114

For Sale: DLF Cybercity Patia, 1200sqft Fully Furnished 1.03 CR. Call 9437313333 or Whatsapp 9437513333. D-17232

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

ଭୁବନେଶ୍ୱର ପାତ୍ରପଡା Amber ପଛପଟେ 30'Road ଘରବାରି ପ୍ଲଟ୍ ମିଳୁଅଛି। Direct owner. 6370292040. D-69106

Demarcated plots under CMC, 800 mtr from NH Balikuda- 8658182243. D-68076

2BHK ready to move flat sale at Patrapada Market, Bhubaneswar. 6370292040. D-69109

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

### ପଞ୍ଚମ ଜନ୍ମବାର୍ଷିକ



ସାଇ ଶିବମ ମହାନ୍ତି
କୁଦିଆରୀ, ମହତାବନଗର, ଜଟଣୀ

ଆଜି ତୋର ପଞ୍ଚମ ଜନ୍ମବାର୍ଷିକ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶିରିଡ଼ି ସାଇବାବା, ଗାଦିବ୍ରହ୍ମ ଓ ମହାବୀରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେଉ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେବା ସହ ତୋତେ ଦୀର୍ଘାୟୁ ଓ ଭଲ ମଣିଷ ପରି ମଣିଷଟିଏ କରି ଗଢି ତୋଳନ୍ତୁ।

-:ଶୁଭେଚ୍ଛା ସହ:-
ବାପି ମାମା, ଅନିତା ମାମି, ବିପିନ ମାମା, ଝରଣା ମାଉସୀ, ମିନା ଅଜା, ମାନା ଆଇ, ବାବା, ମମି ଓ ଅନ୍ୟମାନେ।
ଧ-୧୭୨୩୦

### ଦଶମ ଜନ୍ମଉତ୍ସବ



ଅର୍ପିତା ସାମନ୍ତରାୟ (ଗୁଡ୍ଡି)
ନୀଳକଣ୍ଠେଶ୍ୱର ସାହି, କୁଦିଆରୀ, ଜଟଣୀ

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

-:ଶୁଭେଚ୍ଛା ସହ:-
ପିତା: ଅଶୋକ କୁମାର ସାମନ୍ତରାୟ, ମାତା: ଗିତାଞ୍ଜଳି, ସାନଭଉଣୀ: ଅର୍ଚ୍ଚିତା (ଗୁଲ୍ଲୁ), ମା: ଉର୍ମିଳା, ଆଇ: ପ୍ରମିଳା, ମାମୁ, ମାଇଁ, ଭାଇ, ଭଉଣୀମାନେ, ବିଲ୍ଲୁ, ଅନୀତା, ବାବୁନା, ପ୍ରଭାତୀ, ଟିକିଆ, ବର୍ଷା, ନିହା, ଶିବୁଲୁ, ଗୁଗୁଲୁ ଓ ରାଜୁ ଦାଦା।
ଧ-୧୭୨୩୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଇଁଷି ଶିଙ୍ଘ ଫଟା**
**ଦେଖିଲା ବେଳକୁ ମୋଟା**
**ଯୁଝିଲା ବେଳକୁ ଗୋଟା ।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡ଼ିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡ଼ନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ସମ୍ଭବ ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଦ ଘଡ଼ା**
**କାମ ସରିଗଲେ ଗଡ଼ଗଡ଼ା ।**

ମଦ ପିଇ ସାରିବା ପରେ ମଦଘଡ଼ା ବା ମଦ ବୋତଲକୁ ଅଦରକାରୀ ଭାବେ ବାହାରକୁ ଫିଙ୍ଗି ଦିଆଯାଇଥାଏ। କାମ ସରିଗଲା ପରେ ସମସ୍ତେ ମୂଳ ଆଧାରକୁ ଭୁଲିଯାଆନ୍ତି। ସ୍ୱାର୍ଥ ହାସଲ ପରେ ହତାଦର କରିବାକୁ ପଛେଇ ନ ଥାନ୍ତି। ଉପକୃତ ହେବା ପରେ ଉପକାରୀ ବ୍ୟକ୍ତି ଅଖୋଜା ଅଲୋଡ଼ା ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆପଣଙ୍କ ରାଶିରେ ଶୁକ୍ର ଅବସ୍ଥାନ କରି ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ ପ୍ରତି ମନକୁ ପ୍ରଲୋଭିତ କରିବେ। ଫଳତଃ କଳାନୁରାଗୀ,ସାହିତ୍ୟରସିକତା ଭାବରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ। ମଙ୍ଗଳଙ୍କ କୁପ୍ରଭାବରୁ ବାରମ୍ବାର ଦେହ ଖରାପ ହେଉଥିବା ଅନୁଭବ କରିପାରନ୍ତି। କାମଗୁଡିକ ଯଥା ସମୟରେ ଅଶ୍ୱିନୀ ନକ୍ଷତ୍ରର ହେଉ ନ ଥିବାରୁ ମନ ବିରକ୍ତ ରହିବ।

**ବୃଷ** ସ୍ୱନକ୍ଷତ୍ରସ୍ଥ ଶୁକ୍ର ଦ୍ୱାଦଶ ଭାବସ୍ଥ ଯୋଗୁ ମନୋରଞ୍ଜନ କାର୍ଯ୍ୟ ପ୍ରତି ରୁଚି ବଳିବ। ଏକାଦଶସ୍ଥ ରବି ଅର୍ଥ ଓ ସମ୍ମାନ ପ୍ରଦାନ କରିବା ସହ ପାରିବାରିକ ଶାନ୍ତି ଫେରାଇ ଆଣିବ। ଅନେକ ସମୟରେ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ କରିପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି ଆଜି ନ ପାଇବା କାରଣରୁ ଫେରି ଆସିବାକୁ ପଡିପାରେ।

**ମିଥୁନ** ରାହୁ ରାଶିରେ ଅବସ୍ଥାନ କରି ଅସ୍ଥିରତାଜନିତ ମାନସିକ ସ୍ୱାସ୍ଥ୍ୟ ଓ ପାରିବାରିକ ଶାନ୍ତିକୁ ବିନଷ୍ଟ କରିପାରନ୍ତି। ଭୁଲ୍‌ବୁଝାମଣାର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ । କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ବନ୍ଧୁ କହିଥିବା କଥାଟିକୁ ଆପଣ ବୃହତ୍ତାକାରରେ କଦର୍ଥ କରି ଚିନ୍ତା କରିପାରନ୍ତି।

**କର୍କଟ** ଚତୁର୍ଥଭାବ ଶୁକ୍ର ଦୃଷ୍ଟ ଯୋଗୁ ପାରିବାରିକ ସ୍ଥିରତା, ଯାନବାହନ କିମ୍ବା ବିଳାସବ୍ୟସନ ଉପକରଣ ଖରିଦ କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡି ବନ୍ଧୁ ବାନ୍ଧବମାନଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିବ। ଆଜିର ଯାତ୍ରା, ଭ୍ରାତୃ ସମ୍ପର୍କ, ଋଣ ପରିଶୋଧଜନିତ ଆତ୍ମତୃପ୍ତି ଅନୁଭବ କରିପାରନ୍ତି। ବିବାଦୀୟ ପରିବେଶରୁ ଦୂରେଇ ରହିବା ଭଲ ହେବ।

**ସିଂହ** ଉଚ୍ଚାରୋହୀ ରବିଙ୍କ ପ୍ରଭାବରୁ ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ନିର୍ମାଣମୂଳକ କାମରେ ଉନ୍ନତି ଘଟିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ପରିସ୍ଥିତିରେ ପଡି ବହୁତଗୁଡିଏ ଟଙ୍କା ଖର୍ଚ୍ଚକରିବାକୁ ବାଧ୍ୟହେବେ।

**କନ୍ୟା** ରାଶ୍ୟାଧିପ ବୁଧ ଷଷ୍ଠସ୍ଥ ହୋଇ ବ୍ୟୟାଧିପ ଯୁକ୍ତ ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ । ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡି ହେବ ନାହିଁ । ପରିସ୍ଥିତିବଶତଃ ଆୟ ଅପେକ୍ଷା ବ୍ୟୟ ଅଧିକ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ତୁଳା** ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସୀରେ ଅତିବାହିତ ହେବ। କୌଣସି ମନ ଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଗୁରୁତ୍ୱପୂର୍ଣ୍ଣ କାମରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଶିକ୍ଷା, ପରୀକ୍ଷା, ବିଦେଶ ଯାତ୍ରା ପ୍ରଭୃତି ସଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ବିଛା** ବୃହସ୍ପତି ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ମାନସିକ ଅବସ୍ଥା ଭଲ ରହିବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ । କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇ ପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ କିନ୍ତୁ ସ୍ୱାସ୍ଥ୍ୟ ସାମାନ୍ୟ ଗଡ୍‌ବଡ୍ ହୋଇପାରେ।

**ଧନୁ** ଚନ୍ଦ୍ର ସହ କର୍ମାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଉତ୍ପନ୍ନ କରିପାରେ। ନିକଟସ୍ଥ ବନ୍ଧୁ ମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ । ଯେ କୌଣସି କ୍ଷେତ୍ର ହେଉନା କାହିଁକି,ଆପଣ କିଛି କରନ୍ତୁ, ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡିବ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ।

**ମକର** ରାଶିରେ ଶନି ସହ ମଙ୍ଗଳଙ୍କ ସ୍ଥିତି ଦୈହିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିପାରେ। କିଛି ନ ବୁଝି ନ ସୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ । ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବା କଷ୍ଟକର ହୋଇପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଦୂରୀଭୂତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଆଜି କର୍ମକ୍ଷେତ୍ରରୁ ଫେରିବା ବାଟରେ ଜଣେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ । ସଭାସମିତି, ସାହିତ୍ୟଚର୍ଚ୍ଚା, କଳା,ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମଧ୍ୟ ଉତ୍ତମ ରହିବ।

**ମୀନ** କର୍ମକ୍ଷେତ୍ରରେ ଏକାଧିକଗ୍ରହ ଥିବାରୁ ବିଭିନ୍ନ ପ୍ରକାରର କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି । ପରସ୍ପର ମଧ୍ୟରେ ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଯୋଗୁ ମନ ଖୁସି ରହିବ। ବିବାଦ ସମ୍ପର୍କୀୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

ଆଜି ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ସୋମବାର,ସୁହୀ ଚତୁର୍ଦ୍ଦଶୀ,ନଷ୍ଟଚନ୍ଦ୍ରୋପବାସ ଓ ନିଶା ପାଳନ, ମାର୍ଚ୍ଚ ୨୩ ତାରିଖ,ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ,ଭଗତ ସିଂହ,ସୁଖଦେବ,ରାଜଗୁରୁଙ୍କ ଶହୀଦ ଦିବସ,ପବିତ୍ର ମଉଦ୍ ଦିବସ(୨୩।୦୩।୧୮୮୯), ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ମିଥୁନ ଓ ମୀନ ରାଶିର ଘାତଚନ୍ଦ୍ର, ସନ୍ଧ୍ୟା ଘ.୬ ।୩୬ମି. ଗତେ ଧନୁରାଶିର, ମିଥୁନ ରାଶିର ଘାତବାର, ପ୍ରାତଃ ଘ.୫ ।୫୧ମି. ଗତେ ଘ.୭ ।୨୮ମି. ମଧ୍ୟେ, ଦିବା ଘ.୧୦ ।୪୦ମି. ଗତେ ଘ.୧ ।୦୫ମି. ମଧ୍ୟେ, ସନ୍ଧ୍ୟା ଘ.୬ ।୪୨ମି. ଗତେ ଘ.୯ ।୦୫ମି. ମଧ୍ୟେ, ରାତ୍ରି ଘ.୧୧ ।୨୯ମି. ଗତେ ଘ.୨ ।୩୧ମି. ମଧ୍ୟେ ଅମୃତବେଳା। ପ୍ରାତଃ ଘ.୭ ।୨୨ମି. ଗତେ ଘ.୮ ।୫୨ମି. ମଧ୍ୟେ ରାହୁକାଳ।

# ଜନତା କର୍ଫ୍ୟୁର ପ୍ରଭାବ


ଭୁବନେଶ୍ୱର ରାଜମହଲ ଛକ



କ୍ୟାପିଟାଲ ହସ୍ପିଟାଲ ଛକ


ପୁରୀ ବଡ଼ଦାଣ୍ଡ


କଟକ ବାଦାମବାଡ଼ି ରାସ୍ତା


ବ୍ରହ୍ମପୁର ଭାପୁର ବଜାର


ସମ୍ବଲପୁର ଜିଏମ୍ କଲେଜ ଛକ

# ‘ସଚେତନ ହେବା, ସୁରକ୍ଷିତ ରହିବା’

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

କରୋନା ମୁକାବିଲା ଲାଗି ଜରୁରୀ ସେବାରେ ନିୟୋଜିତ ଥିବା ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ ଏବଂ ସଫେଇ କର୍ମଚାରୀ, ପରିବହନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି, ପୋଲିସ, ଗଣମାଧ୍ୟମ ପ୍ରତିନିଧି ଏବଂ ଅତ୍ୟାବଶ୍ୟକ ଜିନିଷ ଯୋଗାଉଥିବା ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଳି ବଜାଇ ଧନ୍ୟବାଦ ଜଣାଇବାପରେ ଟୁଇଟ୍ କରି ନିଜକୁ ଏହି ଅଭିଯାନରେ ସାମିଲ କରୁଥିବା ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନର ବିରାଟ ସ୍ୱାସ୍ଥ୍ୟ ସଙ୍କଟରେ ଲୋକମାନଙ୍କ ସୁବିଧା ପାଇଁ ଜରୁରିକାଳୀନ ସେବା ଯୋଗାଉଥିବା ବ୍ୟକ୍ତିମାନେ ନିଜର ଶ୍ରେଷ୍ଠ ଭୂମିକା ନିର୍ବାହ କରୁଛନ୍ତି। ଏହି ଲଢ଼େଇକୁ ଦୃଢ଼ତାର ସହ ଲଢ଼ିବା ସହିତ ସଚେତନ ଓ ସୁରକ୍ଷିତ ରହିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସମସ୍ତ ଜରୁରୀ ସେବା ଯୋଗାଉଥିବା ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ



ଲାଗି ସମସ୍ତେ ଆଜି ଏକାଠି ହୋଇପାରିଥିବା ସେ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ‘ଜନତା କର୍ଫ୍ୟୁ’ ଲୋକମାନଙ୍କ ଶତପ୍ରତିଶତ ସମର୍ଥନ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି।

# କରୋନା ବୀରଙ୍କୁ ଧନ୍ୟବାଦ ଜଣାଇଲେ ନେତା, ଅଫିସର

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

ବିଶ୍ୱରେ ଦେଖାଦେଇଥିବା ମହାମାରୀ କରୋନା ରୋଗର ମୁକାବିଲା ପାଇଁ ସବୁଆଡେ ସଚେତନତା ଦେଖିବାକୁ ମିଳିଛି। ସରକାରଙ୍କ ନିର୍ଦ୍ଦେଶକୁ ସାଧାରଣ ଲୋକମାନଙ୍କ ସମ୍ପୂର୍ଣ୍ଣ ସମର୍ଥନ ମିଳୁଛି। କରୋନା ବିପକ୍ଷରେ ଲଢୁଥିବା ବୀରମାନେ ଅର୍ଥାତ୍ ଜରୁରୀ ସେବାରେ ନିୟୋଜିତ ବ୍ୟକ୍ତିମାନଙ୍କୁ ମଧ୍ୟ ପୂରା ଦେଶ ରବିବାର ଅପରାହ୍ନ ୫ଟା ସମୟରେ ଅଭିବାଦନ ଜଣାଇଛି। ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଡାକ୍ତର, ନର୍ସ, ପୋଲିସ, ସଫେଇ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ୫ମିନିଟ ଘଣ୍ଟି, ଥାଳି, ତାଳି, ଶଙ୍ଖ ବଜାଇ ଧନ୍ୟବାଦ ଜଣାଇଛନ୍ତି। ନବୀନ ନିବାସ ଛାତ ଉପରେ ଠିଆ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଳି ମାରି ଧନ୍ୟବାଦ ଜଣାଇଥିଲେ। ଏହାସହ ସେ ବେଲଣା ବାଡ଼ିରେ ଥାଳି ବାଡ଼ଉଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ସୁବ୍ରତ ବାଗ୍‌ଚୀ, ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ପ୍ରମୁଖ ଲୋକସେବା ଭବନ ପ୍ରବେଶ ଦ୍ୱାରଠାରେ




ଠିଆହୋଇ ତାଳି ସାଙ୍ଗକୁ ଘଣ୍ଟି ବଜାଇଥିଲେ। ସେହିପରି ଅନ୍ୟ ମନ୍ତ୍ରୀ, ବିଧାୟକମାନେ ମଧ୍ୟ ନିଜ ନିଜ ବାସଭବନରେ ତାଳି, ଘଣ୍ଟି ଏବଂ ଶଙ୍ଖ ବଜାଇ ଧନ୍ୟବାଦ ଜଣାଉଥିବାର ଦେଖିବାକୁ ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପରିବାର ସହ ଏକାଠି ତାଳି ଓ ଘଣ୍ଟି ବଜାଇଥିଲେ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ଘଣ୍ଟି ବଜାଇ ଧନ୍ୟବାଦ ଜ୍ଞାପନ କରିଛନ୍ତି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ମଧ୍ୟ ନିଜ ଝିଅ ସହ ଏକ ବ୍ୟାନର ଧରି ଜରୁରୀ ସେବା ଯୋଗାଉଥିବା ଡାକ୍ତର, ପୋଲିସ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାଧାରଣ ଲୋକମାନଙ୍କୁ ମଧ୍ୟ ସବୁ ସ୍ଥାନରେ ଘଣ୍ଟ ବାଡ଼ଉଥିବାର ଦେଖିବାକୁ ମିଳିଛି। ନିଜ ନିଜର ଘର ଛାତ ଉପରେ, ବାଲକୋନୀ ଏବଂ ଘର ଦୁଆର ମୁହଁରେ ଠିଆହୋଇ ଲୋକମାନେ ତାଳି, ଘଣ୍ଟି, ବାସନକୁସନ ସହ ଘଣ୍ଟି, ଘଣ୍ଟ ବଜାଇବା ସହ ଶଙ୍ଖ ଫୁଙ୍କି ଜରୁରୀ ସେବାରେ ନିୟୋଜିତ ବ୍ୟକ୍ତିମାନଙ୍କୁ ସମ୍ମାନ ଜଣାଇଥିଲେ।

# କରୋନା ମୁକାବିଲା: ସହରାଞ୍ଚଳ ପାଇଁ ୨୧ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

## ବିଏମ୍‌ସିକୁ ସର୍ବାଧିକ ୧କୋଟି

ରାଜ୍ୟର ସମସ୍ତ ପୌରାଞ୍ଚଳରେ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ୨୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏନେଇ ସହରାଞ୍ଚଳ ଉନ୍ନୟନ ସଂସ୍ଥାକୁ ଅବଗତ କରିଛନ୍ତି। ମୋଟ ୧୧୪ ପୌରସଂସ୍ଥାକୁ ଏହି ଅର୍ଥ ପ୍ରଦାନ କରାଯିବ। ଉନ୍ନତି ଯୋଜନାର ମାର୍ଗଦର୍ଶିକାରେ କୋହଳ ସହିତ ସମ୍ଭାବ୍ୟ ସ୍ଥିତିକୁ ଦେଖି ସେହି ପାଣ୍ଠି କରୋନା ମୁକାବିଲା ଦିଗରେ ଖର୍ଚ୍ଚ କରାଯିବାକୁ ସ୍ଥିର ହୋଇଛି। ବରାଦ ଅର୍ଥ ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସର୍ବାଧିକ ଏକ କୋଟି ଟଙ୍କା ଦିଆଯାଇଛି। ସେହିଭଳି କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ମହାନଗର ନିଗମକୁ ୫୦ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ବିଜ୍ଞାପିତ ଅଞ୍ଚଳ(ଏନ୍‌ଏସି) ଓ ପୌର ପରିଷଦଗୁଡିକୁ ୧୦ରୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହି ସବୁ ଅର୍ଥକୁ ଅନୁମତି ବିନା କୌଣସି ପରିସ୍ଥିତିରେ ବି ଅନ୍ୟ କାର୍ଯ୍ୟରେ ବିନିଯୋଗ କରାଯିବ ନାହିଁ। ପୌରସଂସ୍ଥା ଗୁଡିକ ପାଇଁ ମଞ୍ଜୁର ଅର୍ଥକୁ ଭାରତର ମହା ଲେଖାକାର(ସିଏଜି) କିମ୍ବା ତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା ଅଡିଟ କରିପାରିବେ। ଏଥିସହ ଅର୍ଥର ଆଭ୍ୟନ୍ତରଣୀୟ ଅଡିଟ୍ ମଧ୍ୟ କରାଯିବ। ତେଣୁ ସରକାରୀ ନୀତି ନିୟମ ଅନୁଯାୟୀ ପୌର ସଂସ୍ଥାଗୁଡିକ ଅର୍ଥକୁ ଠିକଣା ଭାବେ ଖର୍ଚ୍ଚ କରିବା ସହ ସୁଡାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏହାର ବିନିଯୋଗ ପ୍ରମାଣ ପତ୍ର ଦେବା ପାଇଁ ନିର୍ଦ୍ଦେଶ ରହିଛି।

# ଦୁର୍ଘଟଣାରେ ବଡ଼ ଭାଇ ମୃତ, ସାନ ଗୁରୁତର

**ନୟାଗଡ଼ ଅଫିସ, ୨୨।୩ :** ବାଇକ୍ ଚଳାଇବା ଜଣେ ନାବାଳକଙ୍କ ପାଇଁ କାଳ ହୋଇଛି। ଦୁର୍ଘଟଣାରେ ୧୫ବର୍ଷର ଉକ୍ତ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୧୩ବର୍ଷର ସାନଭାଇ ଗୁରୁତର ହୋଇଛନ୍ତି। ରବିବାର ଏପରି ଏକ ଅଭାବନୀୟ ଘଟଣା ନୟାଗଡ ସଦର ଥାନା ଦୁର୍ଦ୍ଦୁରା ଗାଁରେ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ପୂର୍ବାହ୍ନରେ ତାଙ୍କ ଘରକୁ ଆସିଥିଲେ କୁଣିଆ। ହେଲେ ଭୁଲବଶତଃ ସେମାନେ ବାଇକ୍‌ରେ ଚାବି ଛାଡିଆସିଥିଲେ। ଏପରି ସମୟରେ ଦୁଇଭାଇ ବାଇକ୍ ନେଇ ଚାଲିଯାଇଥିଲେ ଡାହୁକ ବନ୍ଧ ହୁଡାକୁ। ଅଭିଜ୍ଞତା ନ ଥିବା ବଡଭାଇ ବାଇକ୍ ଚଳାଉଥିବାବେଳେ ସାନ ପଛରେ ବସିଥିଲେ। ଏପରିସ୍ଥଳେ ବାଇକ୍‌ଟି ରାସ୍ତାରୁ ୨୦ ଫୁଟ ତଳକୁ ଖସିପଡିଥିଲା। ଫଳରେ ଦୁଇ ଭାଇ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ବଡଭାଇ ପ୍ରାଣ ହରାଇଥିଲେ। ସନ୍ଧ୍ୟାରେ ଗାଁରେ ପହଞ୍ଚିଛି ତାଙ୍କ ମୃତଦେହ। ଗାଁ ସାରା ଖେଳିଯାଇଛି ଶୋକର ଛାୟା। ତେବେ ଦୁର୍ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ଜିଲା ଟିଠି



## କଳାହାଣ୍ଡି

### କମୁଛି ବୃଷ୍ଟିପାତ

ଏକ ଦଶନ୍ଧି ହେଲା କଳାହାଣ୍ଡି ଜିଲାରେ ବର୍ଷା ପରିମାଣ କମୁଛି। ବାର୍ଷିକ ବୃଷ୍ଟିପାତ ହାର ମଧ୍ୟ କମିବାରେ ଲାଗିଛି। ଗତ ୧୦ବର୍ଷର ପରିସଂଖ୍ୟାନ ଦେଖିଲେ ସ୍ଥିତି ଉଦ୍‌ବେଗଜନକ ରହିଛି। ଏହି ଅବଧି ମଧ୍ୟରେ ଅସ୍ୱାଭାବିକ ପାଣିପାଗ, ମୌସୁମୀ ହଜିଯିବା ଭଳି ଅନେକ ଦୃଷ୍ଟାନ୍ତ ରହିଛି। ଖରାର ଅବଧି ବଢୁଥିବା ବେଳେ ଶୀତ ଏବଂ ବର୍ଷା ଦିନ କମୁଛି। ଫଳରେ କଳାହାଣ୍ଡିକୁ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଛି। ବର୍ଷାଭାବ ସହ ଭୂତଳ ଜଳସ୍ତର ମଧ୍ୟ କ୍ରମାଗତ ଭାବେ ଖସୁଛି, ଯାହାର ସିଧାସଳଖ ପ୍ରଭାବ କୃଷି କ୍ଷେତ୍ରରେ ପଡିଛି। ଜଳାଭାବ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ମରୁଡ଼ି ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ୨୦ବର୍ଷ ତଳେ କଳାହାଣ୍ଡିରେ ବିଭିନ୍ନ ପ୍ରଜାତିର ଅନେକ ପ୍ରକାର ଧାନ ଦେଖିବାକୁ ମିଳୁଥିଲା। ଏବେ ଏହି ସଂଖ୍ୟା ୪ ଶହକୁ ଖସିଛି। ପର୍ଯ୍ୟାପ୍ତ ବର୍ଷା ନ ହେବାରୁ ଆଉ କିଛି ପ୍ରଜାତିର ଧାନ ବଞ୍ଚିବା ସମ୍ଭବ ହେଉନାହିଁ। ଯଦ୍ୱାରା କଳାହାଣ୍ଡିର ପ୍ରମୁଖ ଫସଲ ଧାନର ଅନେକ ପ୍ରଜାତି ବିଲୁପ୍ତ ହେବାକୁ ଲାଗିଛି। ସ୍ୱଳ୍ପ ବର୍ଷାରେ ଖାପ ଖୁଆଇ ପାରୁଥିବା ଫସଲ ହିଁ ବଞ୍ଚି ପାରୁଛି। ଅନ୍ୟ ଫସଲ ବର୍ଷାଭାବ ଯୋଗୁ ତିଷ୍ଠି ପାରୁନାହାନ୍ତି। ରେକର୍ଡ ଅନୁସାରେ କେବଳ ଜୁନ ମାସରେ ହେଉଥିବା ବର୍ଷାରେ ହିଁ କଳାହାଣ୍ଡିର ଚାଷ କାର୍ଯ୍ୟ ତିଷ୍ଠି ରୁହେ। ଏହି ଅବଧିରେ ବର୍ଷା ଅନୁପାତ କମିଗଲେ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ବିଶ୍ୱରେ ୧୮୫୦ ପରେ ଗ୍ରୀନ ହାଉସ୍ ଗ୍ୟାସର ପ୍ରଭାବ ବଢି ଚାଲିଛି। ବିଭିନ୍ନ ରାସାୟନିକ ବିକିରଣ ସହ ଭୂପୃଷ୍ଠ ଅତ୍ୟଧିକ ଉତ୍ତପ୍ତ ହେବା ଯୋଗୁ ବାୟୁମଣ୍ଡଳ ଉପରେ ଏହାର କୁପ୍ରଭାବ ପଡିଛି। ଫଳରେ ବର୍ଷାଭାବ ଏବଂ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୫୦ ବର୍ଷ ମଧ୍ୟରେ କଳାହାଣ୍ଡିରେ ପାଖାପାଖି ୩୦ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇଥିବା ଏକ ସଂସ୍ଥାର ସର୍ଭେ ରିପୋର୍ଟ କହୁଛି। ଏହାସହିତ ଶିଳ୍ପାନୁଷ୍ଠାନ ଏବଂ ଯାନବାହନର ମାତ୍ରାଧିକ ଚଳାଚଳ ଯୋଗୁ ଓଜନସ୍ତର କମିବାକୁ ଲାଗିଛି। ତେଣୁ ସମସ୍ତ ଜିଲାର ସ୍ୱାଭାବିକ ତାପମାତ୍ରା ପ୍ରତି ୩୫ବର୍ଷରେ ୧ରୁ ୨ଡିଗ୍ରୀ ଲେଖାଏଁ ବୃଦ୍ଧି ପାଇଥିବା ରେକର୍ଡ ସୂଚାଉଛି। ତେଣୁ ଅସ୍ୱାଭାବିକ ତାପମାତ୍ରା ଓ ପରିବେଶ ଯୋଗୁ ପାରମ୍ପରିକ ଧାନ କିସମ ଏବଂ ପନିପରିବା ଚାଷ ଉଜୁଡି ଯାଉଛି।

– ସଞ୍ଜୀବ କୁମାର ଯୋଷୀ

# ଲକ୍‌ଡାଉନ୍‌ରେ ଥିଲେ ଠାକୁର: ବାଗ୍‌ଚୀ

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

କରୋନା ଭୂତାଣୁର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ୫ଟି ଜିଲା ସହିତ ୮ଟି ସହରରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ତେବେ ଏହି ଲକ୍‌ଡାଉନ କ’ଣ, ତାକୁ ଅତ୍ୟନ୍ତ ସରଳ ଭାଷାରେ ବୁଝାଇଛନ୍ତି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ମନେପକାଇ ସେ ଲକ୍‌ଡାଉନ୍‌ର ପୂରା ସାରକଥା ବୁଝାଇଛନ୍ତି। ବାଗ୍‌ଚୀ କହିଛନ୍ତି, ଇତିହାସ ଓ ମାଦଳପାଞ୍ଜୀ ଅନୁସାରେ ଭଗବାନ ୨୨ଥର ଲକ୍‌ଡାଉନ୍ ଅବସ୍ଥାରେ ଥିଲେ।

ଯେବେ ଅତର୍କିତ ଭାବେ ବର୍ହିଶତ୍ରୁ ଭଗବାନଙ୍କ ପ୍ରତି ବିପଦ ସୃଷ୍ଟି କରିଛନ୍ତି, ସେତେବେଳେ ସେବକମାନେ ଭଗବାନଙ୍କୁ ସ୍ଥାନାନ୍ତରିତ କରି ସମ୍ପୂର୍ଣ୍ଣ ଲକ୍‌ଡାଉନ କରି ରଖିଥିଲେ। ଶ୍ରୀକ୍ଷେତ୍ରରେ ୨ଥର ଓ ଗୁରୁବାଇଗଡ଼ରେ ୨ଥର, ନଇରି ହରିଶ୍ୱର ମଣ୍ଡପରେ ୨, ପାତାଳି ଭାବେ ୨, ବ୍ରହ୍ମଙ୍କୁ ୨ଥର ସ୍ଥାନାନ୍ତର କରାଯାଇଥିଲା। କରୋନା ଭୂତାଣୁ ମଧ୍ୟ ଏକ ଅଚାନକ ବର୍ହିଶତ୍ରୁ ସଦୃଶ। ଏହି ବର୍ହିଶତ୍ରୁଙ୍କୁ ରୋକିବା ପାଇଁ ନିଜକୁ ଭଗବାନଙ୍କ ଭଳି ସମ୍ପୂର୍ଣ୍ଣ ଭାବେ ଲକ୍‌ଡାଉନ କରି ରଖିବାକୁ ପଡ଼ିବ। ସମସ୍ତଙ୍କ ଭିତରେ ଠାକୁର ଅଛନ୍ତି। ସମସ୍ତେ ଠାକୁର ଓ ସମସ୍ତେ ନିଜର ସେବକ। ତେଣୁ ନିଜେ ନିଜକୁ ଲକ୍‌ଡାଉନ୍‌ରେ ରଖନ୍ତୁ ବୋଲି ବାଗ୍‌ଚୀ ପରାମର୍ଶ ଦେଇଛନ୍ତି।

ଏତେ ଦିନ କିପରି ଘର ଭିତରେ ରହିବା, ତାକୁ ନେଇ ବିଚଳିତ ହେବାର ଆବଶ୍ୟକ ନାହିଁ। ସମସ୍ତେ ମନେରଖିବା ଉଚିତ୍ ଯେ, ପ୍ରତିଥର ଠାକୁରଙ୍କ ଲକ୍‌ଡାଉନ୍ ସମୟ ଲମ୍ବା ଥିଲା। ଯେତେବେଳେ ପାତାଳି ଭାବେ ଠାକୁରଙ୍କ ଲକ୍‌ଡାଉନ୍ ହୋଇଥିଲା, ସେତେବେଳେ ସୋନପୁରର ବାଘପଲ୍ଲୀ ସୁଧାଲିପ୍ତ ମଣ୍ଡପରେ ୪୫ବର୍ଷ ଠାକୁର ରହିଥିଲେ। ଛଳିଆ ପାହାଡ଼ ଗୁମ୍ଫାରେ ଠାକୁର ୯୯ବର୍ଷ ରହିଥିଲେ। ଏହି ଦୁଇଟି ମିଶିଲେ ଠାକୁର ୧୪୪ବର୍ଷ ଠାକୁର୍ ଲକ୍‌ଡାଉନ୍‌ରେ ରହିଥିଲେ। ତେଣୁ ଭଗବାନଙ୍କ ଏହି ଲୀଳାକୁ ଆମେ ଉଦାହରଣ ଭାବେ ନେବା ତେବେ ଆମେ ଶକ୍ତିର ସହ ଏଭଳି ବିଶ୍ୱ ମହାମାରୀର ମୁକାବିଲା କରିପାରିବା ବୋଲି ବାଗ୍‌ଚୀ କହିଛନ୍ତି।

# ୧୫ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଏକାଠି ଟ୍ୟୁଶନ କରୁଥିବାରୁ ଶିକ୍ଷକଙ୍କ ନାମରେ ମାମଲା

ଦଶରଥପୁର, ୨୨।୩(ଡିଏନଏ)

କରୋନା ସଂକ୍ରମଣ ରୋକିବା ପାଇଁ କୌଣସି ସ୍ଥାନରେ ଏକାଧିକ ଲୋକ ଏକାଠି ନ ହେବାକୁ ସରକାରଙ୍କ ତରଫରୁ ସଚେତନ କରାଯାଉଛି। ଏପରିସ୍ଥଳେ ଦିବାକର ସାମଲ ନାମକ ଜଣେ ଘରୋଇ ସ୍କୁଲର ଶିକ୍ଷକ ୧୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏକାଠି ଟ୍ୟୁଶନ କରୁଥିବାରୁ ତାଙ୍କ ନାମରେ ମାମଲା (ନଂ.୧୧୧/୨୦) ରୁଜୁ ହୋଇଛି। ସମ୍ପୃକ୍ତ ଶିକ୍ଷକ ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଧନୀପୁର ଗ୍ରାମସ୍ଥିତ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତାଙ୍କ ଘର ଭଦ୍ରକ ଜିଲା ଘୁଷୁରୀ ଥାନାରେ ବୋଲି ଜଣାପଡ଼ିଛି। ସେ ଉକ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସେହି ବିଦ୍ୟାଳୟରେ ବାହାରପଟୁ ତାଲା ପକାଇ ଭିତରେ ଟ୍ୟୁଶନ କରୁଥିଲେ। ଖବରପାଇ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ସାମାଜିକ କର୍ମୀ ଭରତ ଚନ୍ଦ୍ର ମଲିକ, ସୌଭାଗ୍ୟ ରଞ୍ଜନ ପୃଷ୍ଟି ପ୍ରମୁଖ ମଙ୍ଗଳପୁର ପୋଲିସକୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚି ଥିଲେ।


## ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-751001, ଓଡ଼ିଶା।

**ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର କାର୍ଯ୍ୟାଳୟର ପୁରୁଷ କର୍ମଚାରୀମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲାଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥାମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ପାଇଁ ଆପାତତଃ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ୪୦୦ ଯୋଡ଼ା ପୋଷାକ (ହାରାହାରି) ସିଲାଇ ଆବଶ୍ୟକ ହୋଇପାରେ।
ଉତ୍ତମ ଭିତ୍ତିଭୂମି ଥିବା ଏବଂ ବିଭିନ୍ନ ସରକାରୀ/କର୍ପୋରେଟ ସଂସ୍ଥାମାନଙ୍କ ପାଇଁ ଏଭଳି କାର୍ଯ୍ୟ କରୁଥିବା ଏବଂ ଅଭିଜ୍ଞତା ଥିବା ଟେଲରିଂ ସଂସ୍ଥାମାନେ ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ଭିବାଗ, ଭୁବନେଶ୍ୱରରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଫର୍ମରେ **ଏପ୍ରିଲ ୧୩, ୨୦୨୦** ତାରିଖ ସୁଦ୍ଧା ଆବେଦନ କରିପାରିବେ। ପୂର୍ବରୁ ଉକ୍ତ କାର୍ଯ୍ୟ ପାଇଁ ବ୍ୟାଙ୍କରେ ତାଲିକାଭୁକ୍ତ ହୋଇଥିବା ଇଚ୍ଛୁକ ଟେଲରିଂ ସଂସ୍ଥାମାନେ ନୂତନ ଭାବେ ଆବେଦନ କରିବା ଜରୁରୀ ଅଟେ। ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ୍‌ରେ ଟେଣ୍ଡର ବିଭାଗ ଦେଖନ୍ତୁ **(https://www.rbi.org.in)**।

 କ୍ଷେତ୍ରୀୟ ନିର୍ଦ୍ଦେଶକ



## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କର ଏକ ଉଦ୍ୟୋଗ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ: ୦୬୭୪-୨୫୪୦୦୩୨

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ ।)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍‌-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଧାରା ୧୩(୨)ରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ଆମ୍ଭ ଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ବନ୍ଧକଦାତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ । ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କେନ୍ଦ୍ରାପଡ଼ା ଶାଖା, ଫୋନ୍ : ୬୭୨୭ - ୨୨୧୫୧୦** ଋଣଗ୍ରହୀତା: ସେକ୍ ରିଆଜତ୍ ଅଲ୍ଲୀ / ଜାମିନଦାର/ବନ୍ଧକଦାତା: ସେକ୍ ରିଆସତ୍ ଅଲ୍ଲୀ, ଉଭୟଙ୍କ ଠିକଣା-ପ୍ଲଟ୍ ନଂ.: ୭୩/୪୪, ପୋଷ୍ଟ ଅଫିସ ଗଳି, ପୋ/ଥାନା: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା-୭୫୪୨୧୧ । | ୩୦.୦୭.୨୦୧୯ ସୁଦ୍ଧା ଟ.୧୩,୮୩,୬୧୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୩୦.୦୭.୨୦୧୯ / ୧୭.୦୩.୨୦୨୦ | ସେକ୍ ରିଆସତ୍ ଅଲ୍ଲୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା/ଥାନା/ତହସିଲ: କେନ୍ଦ୍ରାପଡ଼ା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା-୭୫୪୨୧୧, ଖାତା ନଂ.: ୭୩/୪୪, ପ୍ଲଟ ନଂ.: ୫୨/୨୯୪, କ୍ଷେତ୍ର: ଏକର ୦.୦୫୨ ଡିସିମିଲି, ଚୌହଦୀ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୫୧ ଏବଂ ରାସ୍ତା, ଉତ୍ତର: ପ୍ଲଟ୍‌ର ବଳକା ଅଂଶ, ଦକ୍ଷିଣ: ରାସ୍ତା । |

ସ୍ଥାନ: କେନ୍ଦ୍ରାପଡ଼ା, ତାରିଖ: ୨୧.୦୩.୨୦୨୦ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଉଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି– ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। –ଶ୍ରୀମା



# କୌତୂହଳ ପାଳଟୁଛି

କରୋନା ଭାଇରସ୍‌କୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଭାରତବ୍ୟାପୀ ୨୨ ମାର୍ଚ୍ଚରେ 'ଜନତା କର୍ଫ୍ୟୁ' ପାଳନ କରାଯାଇଛି। ଜନସାଧାରଣ ନିଜକୁ ଘରେ ଆବଦ୍ଧ କରି ରଖିଥିଲେ। ରାସ୍ତାଘାଟ ଶୂନଶାନ୍ ରହିଥିଲା। ତେବେ ଅପରାହ୍ଣ ୫ଟାରେ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବକ୍ରମେ ଲୋକେ ନିଜ ବାଲ୍‌କୋନି କିମ୍ବା ଦାଣ୍ଡ ଦୁଆରେ ଛିଡ଼ାହୋଇ ତାଳିମାରିଛନ୍ତି, ଘଣ୍ଟ ପିଟିଛନ୍ତି ଏବଂ ଶଙ୍ଖ ଫୁଙ୍କିଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ୧୯ ମାର୍ଚ୍ଚରେ ଦେଶକୁ ସମ୍ବୋଧନ କରି କହିଥିଲେ ଯେ ଏଭଳି କରିବା ଦ୍ୱାରା ଡାକ୍ତର, ନର୍ସ, ପୌରପାଳିକା କର୍ମଚାରୀ, ପୋଲିସ, ଗଣମାଧ୍ୟମରେ କାର୍ଯ୍ୟରତ ବ୍ୟକ୍ତିଙ୍କୁ ସେମାନଙ୍କ ସେବା ପାଇଁ ଧନ୍ୟବାଦ ଜଣାଇବା। କିନ୍ତୁ ଦେଖିବାକୁ ମିଳିଛି ଯେ ଲୋକେ ଲଗାଲଗି ହୋଇ ସାମୂହିକ ଭାବେ ଘଣ୍ଟ ପିଟୁଛନ୍ତି, ଯାହା କରୋନା ଭାଇରସ୍‌କୁ ନିମନ୍ତ୍ରଣ କରିବାରେ ଅଧିକ ସାହାଯ୍ୟ କରିବ। କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧ ବା ଏକାକୀ ଜୀବନ ବିତାଇବା ଦ୍ୱାରା ଭୂତାଣୁକୁ ପ୍ରତିହତ କରାଯାଇପାରିବ ବୋଲି ବାର୍ତ୍ତା ଯାହା କିଛିଦିନ ହେବ ଦିଆଯାଇଆସୁଛି, ଏକାଠି ଥାଳି ବଜାଇବା ବା ଘଣ୍ଟ ପିଟିବା ଦ୍ୱାରା ତାହା ମୂଳ ଲକ୍ଷ୍ୟକୁ ବିରୋଧ କରୁଛି ବୋଲି କୁହାଯାଇପାରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଦେଇଥିବା ଘଣ୍ଟ ବାଡ଼ାଇବା ଡାକରା କୌଣସି ଭାବେ କରୋନା ବିରୋଧୀ ଲଢ଼େଇରେ ନୂତନତ୍ୱ ଆଣିନାହିଁ। ଇଟାଲି, ସୁଇଜରଲାଣ୍ଡ, ସ୍ପେନ୍ ଭଳି ୟୁରୋପୀୟ ଦେଶରେ ଗତ କିଛି ସପ୍ତାହ ଧରି ପ୍ରତ୍ୟେକ ସନ୍ଧ୍ୟାରେ ଜନସାଧାରଣ ନିଜ ଘରେ ରହି ଗୀତ ଗାଉଛନ୍ତି ଓ ତାଳି ମାରୁଛନ୍ତି। ସେହିସବୁ ଦେଶରେ ଘଣ୍ଟ କିମ୍ବା ଅନ୍ୟ କୌଣସି ବାଦ୍ୟଯନ୍ତ୍ର ଦ୍ୱାରା ଶବ୍ଦ ପ୍ରଦୂଷଣ କରାଯାଉ ନାହିଁ। ସେହି ରାଷ୍ଟ୍ରଗୁଡ଼ିକରେ ଜନସାଧାରଣ ନିଜ ମନୋବଳ ବଢ଼ାଇବା ସହିତ ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଅର୍ପଣ କରିବା ନିମନ୍ତେ ଏଭଳି ପଦକ୍ଷେପ ନେଉଛନ୍ତି। ତାହାର ଅବିକଳ ନକଲ କରାଯାଇ ଭାରତବାସୀଙ୍କୁ ଦିନକ ପାଇଁ ଏଭଳି ବାର୍ତ୍ତା ଦିଆଗଲା। କିନ୍ତୁ ବାର୍ତ୍ତାରେ ସମସ୍ତେ ଅଲଗା ରହିବାକୁ କୁହା ନ ଯିବାରୁ ସାଧାରଣ ଭାରତୀୟ ଚରିତ୍ରଗତ ଦୋଷ ଯୋଗୁ ଆମେ ମେଳିହୋଇ ଶବ୍ଦ ପ୍ରଦୂଷଣ କଲୁ। ଏହି ଅବାସ୍ତବ ପ୍ରସ୍ତାବକୁ ସ୍ୱୀକୃତି ଦେବା ପାଇଁ ବିଭିନ୍ନ ଆଳ ନିଆଗଲା।

ସୋସିଆଲ ମିଡିଆରେ ପ୍ରଚାର ହେଉଛି ଯେ, ଏକସଙ୍ଗେ କୋଟି କୋଟି ଲୋକ ଶବ୍ଦ ସୃଷ୍ଟି କଲେ ଚାରିଆଡ଼େ ଏକ ମେକାନିକାଲ ଭାଇବ୍ରେଶନ ବା ଯାନ୍ତ୍ରିକ କମ୍ପନ ସୃଷ୍ଟି ହେବ, ଯେଉଁଥିରେ ଭୂତାଣୁ ମରିଯିବେ ବା ଦୂରେଇଯିବେ। ପ୍ରକୃତପକ୍ଷେ ଏହାର କୌଣସି ବୈଜ୍ଞାନିକ ପ୍ରମାଣ ମିଳିନାହିଁ। ବରଂ ନୀରବତା ଓ ନିଃସଙ୍ଗ ଜୀବନ ବିତାଇଲେ ଏହି ଭୂତାଣୁକୁ ରୋକାଯାଇପାରୁଛି ବୋଲି ଚାଇନା ପ୍ରମାଣ ଦେଲାଣି। କରୋନାର ଜନ୍ମପୀଠ ଉହାନରେ ଅସଂଖ୍ୟ ଲୋକ କ୍ୱାରାଣ୍ଟାଇନ୍‌ରେ ରହିବା ଦ୍ୱାରା ଏହି ଭୂତାଣୁର ପ୍ରଭାବକୁ କମାଯାଇପାରିଛି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଲାଣି।

ଭାରତରେ ବିପଦ ପଡ଼ିଲେ ପ୍ରତ୍ୟେକ ଲୋକ ସଙ୍ଗେ ସଙ୍ଗେ ଡାକ୍ତର ଭଳି ମତ ଦେଇଥାଆନ୍ତି। ଏଠାରେ ଦେଖାଯାଏ ଶସ୍ୟକ୍ଷେତ୍ର ଦେଇ ଚାଲୁଥିବା ବେଳେ ଯଦି କେହି ଝୁଣ୍ଟି ପଡ଼ନ୍ତି, ସଙ୍ଗେ ସଙ୍ଗେ ସେଠାରେ କାମ କରୁଥିବା ଲୋକେ ଆଘାତ ଜାଗାରେ ମାଟି ଲେପି ଦେଇଥାଆନ୍ତି ବା ଗାଲପୋଡ଼ି ଗଛର ରସକୁ ଲଗାଇବାକୁ ପରାମର୍ଶ ଦେଇଥାଆନ୍ତି। ଏହା ଗୋଟିଏ ମାତ୍ର ଉଦାହରଣ। ରୋଗକୁ ପ୍ରତିରୋଧ କରିବାକୁ ହେଲେ ବିଜ୍ଞାନସମ୍ମତ ବା ଡାକ୍ତରୀ ବିଦ୍ୟାର ଉପଯୋଗ କରାଯିବା ଅନିବାର୍ଯ୍ୟ। ମନେରଖିବାକୁ ହେବ ଯେ, ଏହା ପୃଥିବୀବ୍ୟାପୀ ଏକ ପାଣ୍ଡାମିକ୍ ବା ମହାମାରୀ ପାଲଟିଗଲାଣି। ଏଥିରେ କୌଣସି ଦୈବ ବା ପ୍ରାକୃତିକ ଶକ୍ତିର ଭୂମିକା ନାହିଁ। କରୋନା ଭାଇରସ୍ ସମ୍ପୂର୍ଣ୍ଣ ଭାବେ ଏକ ମନୁଷ୍ୟକୃତ ବେମାରି ବୋଲି କୁହାଯାଉଛି। କିଛି ମାସ ତଳେ ମିଳିଥିବା ତଥ୍ୟ ଅନୁଯାୟୀ କରୋନା ଚାଇନାର ଉହାନ ସହରସ୍ଥିତ ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜିରୁ ବାହାରିଛି। ହୁଏତ ନିଜକୁ ରକ୍ଷାକରିବା ପାଇଁ ଚାଇନା ଏବେ କହୁଛି, ଏହି ରୋଗ ସୃଷ୍ଟି ପଛରେ ତା'ର କୌଣସି ଭୂମିକା ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ପୂର୍ବରୁ ମଧ୍ୟ ମିଡିଲ ଇଷ୍ଟ ରେସ୍‌ପିରେଟୋରି ସିଣ୍ଡ୍ରୋମ୍ (ଏମ୍‌ଇଆର୍‌ଏସ୍), ସିଭିୟର ଆକ୍ୟୁଟ୍ ରେସ୍‌ପିରେଟୋରି ସିଣ୍ଡ୍ରୋମ୍ (ସାର୍ସ), ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ ଭଳି ରୋଗ ଚାଇନାରୁ ବାହାରିଛି। କେବଳ ସେତିକି ନୁହେଁ, ଚାଇନାର ବୈଜ୍ଞାନିକ ଥିବା କେତୋଟି ଆଫ୍ରିକୀୟ ଦେଶରେ ଇବୋଲା ରୋଗ ପଦାକୁ ଆସିଥିଲା। ସେତେବେଳେ ପୃଥିବୀବ୍ୟାପୀ ଭୟ ସୃଷ୍ଟି ହେବା ସତ୍ତ୍ୱେ ଇବୋଲାକୁ ନିୟନ୍ତ୍ରଣ କରାଯାଇପାରିଥିଲା। କ୍ରମାନ୍ୱୟରେ ଦେଖିଲେ ଯେତେସବୁ ମହାମାରୀ ଆସୁଛି ତା'ର କୋପ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। କରୋନା ଭାଇରସ୍ ଏବେ ମହାରାଜା ଗାଦି ମାଡ଼ି ବସିବା ଭଳି ହେଲାଣି। ୧୮୮ ଦେଶରେ ଏହା କାୟା ବିସ୍ତାର କରିସାରିଲାଣି। ଏହାର ଭୟାବହ ଦୌଡ଼ ଶେଷ କେବେ ହେବ, ତାହା ଭାବିବା କଷ୍ଟକର। କିନ୍ତୁ କରୋନାରେ ଅନେକ ଲୋକଙ୍କ ମୃତ୍ୟୁ ଘଟିବା ସହିତ ଏବେ ସମଗ୍ର ପୃଥିବୀର ଅର୍ଥନୀତି ସମ୍ପୂର୍ଣ୍ଣ ବଦଳିଯିବାର ଆଶଙ୍କା ରହିଛି। ଯେହେତୁ ଅର୍ଥନୀତି ସହିତ ରାଜନୀତି ଓତପ୍ରୋତ ଜଡ଼ିତ, ସେଥିପାଇଁ ଅନେକ ଦୃଷ୍ଟିରୁ ରାଜନୈତିକ ପରିବର୍ତ୍ତନ ଆସିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଅନ୍ଦାଜ ଲଗାଯାଇଥିଲା ଯେ, ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହା ଅଧିକ ପ୍ରଭାବିତ କରିବ। ଅଦ୍ୟାବଧି ଭାରତରେ ଏହି ଭୂତାଣୁଜନିତ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଥିବା ବେଳେ ସେଥିମଧ୍ୟରୁ ବିହାରର ୩୮ ବର୍ଷୀୟ ଜଣେ ଯୁବକ ଥିବା ଜଣାପଡ଼ିଛି। ଏଥିରୁ ବୁଝିବାକୁ ହେବ ଯେ, କୋଭିଡ୍–୧୯ ଆଉ ନିର୍ଦ୍ଦିଷ୍ଟ ବୟସ ମଧ୍ୟରେ ସୀମିତ ରହିନାହିଁ।

କରୋନା ଭାଇରସ୍ ଏହା ମଧ୍ୟ ଶିକ୍ଷା ଦେଉଛି ଯେ ଶୃଙ୍ଖଳିତ ଜୀବନ ଏଭଳି ମହାମାରୀକୁ ରୋକିବାରେ ସହାୟକ ହୋଇପାରିବ। କିନ୍ତୁ ଯେଉଁମାନେ ଅବାସ୍ତବ ସମାଧାନର ପ୍ରସ୍ତାବ ଦେଉଛନ୍ତି ତାହାଦ୍ୱାରା ରୋଗ ପ୍ରତିରୋଧ କରିବା କଷ୍ଟକର। ଭାରତ ଭଳି ଦେଶରେ ଡାକ୍ତର ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଗବେଷଣା କରୁଥିବା ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ଘୋର ଅଭାବ ରହିଛି। ବିଦେଶରେ ଔଷଧ ବାହାରିଲେ ଆମେ ତାହାକୁ ଆମଦାନୀ କରୁ ବା ତା'ର ଲାଇସେନ୍ସ ନେଇ ଭାରତରେ ପ୍ରସ୍ତୁତ କରିଥାଉ। ଗଣମାଧ୍ୟମରେ ଡାକ୍ତରଙ୍କ ପୋଷାକ ପିନ୍ଧି ବିଭିନ୍ନ ପ୍ରକାର ଅବାଞ୍ଛିତ ପରାମର୍ଶ ଦେବା ପାଇଁ ବହୁ ଜୋକର ଆଗଭର ହେଉଛନ୍ତି। କେଉଁଟା ସତ୍ୟ ଓ କେଉଁଟା ଅସତ୍ୟ ତାହା ଜାଣିବା ଶିକ୍ଷିତ ଲୋକଙ୍କ ପାଇଁ ମଧ୍ୟ କଷ୍ଟକର ହୋଇପଡ଼ୁଛି। ସେଥିପାଇଁ ଏଥିରେ କୌତୂହଳପୂର୍ଣ୍ଣ ଆଭିମୁଖ୍ୟ ରଖିବା ପରିବର୍ତ୍ତେ ନିଜକୁ ସମ୍ପୂର୍ଣ୍ଣ ଭାବେ ଅଲଗା ରଖିବା ହେଉଛି ଏକମାତ୍ର ସମାଧାନ।

**ତଥାଗତ ସତପଥୀ**

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | | | | C | | | A | | | | 4 | 5 | 1 |
| 3 | | | | | | | | | | | | 9 | 7 | D |
| | | | | | | 5 | | | | 9 | B | | | 6 |
| | | 4 | | 3 | | | | 0 | | | | | A | C |
| C | 8 | D | 4 | | 9 | | | | | 7 | | | | B |
| | | | D | | 5 | | | | | | | | | |
| | 6 | | C | | | 3 | B | | | | | | | |
| | | | | 0 | B | | | 4 | | 3 | C | 8 | 9 | |
| 9 | 5 | 3 | 7 | | | A | | | | 2 | | D | | 4 |
| | | B | 1 | 2 | | C | | | 8 | | 5 | | | |
| | 9 | | | 5 | 8 | | | | | | | | | |
| | | 7 | | E | 6 | | | 5 | D | | 8 | | 4 | 2 |
| | 4 | | | D | | | | 8 | | E | 6 | | 0 | |
| | | | | A | 7 | | 6 | | | | | | E | |
| 5 | A | 0 | | | | | E | 3 | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | 4 | B | 7 | 1 | 6 | C | 3 | E | A | 9 | 2 | 5 | D |
| A | 5 | D | 8 | 2 | 0 | E | 9 | B | C | 6 | 1 | 7 | 3 | 4 |
| 9 | 3 | 1 | 6 | 5 | C | 8 | 4 | 7 | 0 | D | 2 | E | B | A |
| C | B | 2 | 9 | 3 | E | 1 | A | D | 4 | 5 | 7 | 6 | 8 | 0 |
| E | 6 | 7 | D | 4 | A | 2 | 0 | 5 | 3 | 8 | B | C | 9 | 1 |
| 6 | D | 3 | E | A | 2 | B | 1 | 0 | 8 | 7 | 5 | 4 | C | 9 |
| B | 9 | 8 | 4 | D | 7 | A | 6 | C | 2 | 1 | 3 | 0 | E | 5 |
| 7 | E | A | C | 1 | B | 5 | 3 | 4 | 6 | 9 | 0 | 8 | D | 2 |
| 2 | C | 5 | 0 | 8 | 3 | 9 | 7 | E | D | B | 4 | 1 | A | 6 |
| 4 | 1 | 0 | 5 | 6 | 9 | D | 2 | 8 | A | C | E | B | 7 | 3 |
| 5 | 2 | B | 7 | 0 | 6 | C | 8 | 1 | 9 | 3 | A | D | 4 | E |
| 1 | 0 | C | A | 9 | 4 | 7 | 5 | 6 | B | E | D | 3 | 2 | 8 |
| 8 | 4 | 6 | 2 | E | D | 3 | B | A | 5 | 0 | C | 9 | 1 | 7 |
| 3 | A | E | 1 | C | 8 | 4 | D | 9 | 7 | 2 | 6 | 5 | 0 | B |
| D | 7 | 9 | 3 | B | 5 | 0 | E | 2 | 1 | 4 | 8 | A | 6 | C |

ଗତକାଲିର ଉତ୍ତର

# ମାନବ ସମାଜ ପାଇଁ ବଡ଼ ଆହ୍ୱାନ

ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ମହାମାରୀ କରୋନାକୁ ନେଇ ବିଶ୍ୱବ୍ୟାପୀ ଦେଖାଦେଇଛି ଅଭୂତପୂର୍ବ ଆତଙ୍କ ଓ ଅଚଳାବସ୍ଥା। ଯେଉଁ ମାନବ ଜାତି ନିଜକୁ ସବୁଠାରୁ ଅଧିକ ବୁଦ୍ଧିମାନ, କ୍ଷମତାଶାଳୀ ବିବେଚନା କରୁଥିଲା, ତାହା ଆଜି ନିଜକୁ ସମ୍ପୂର୍ଣ୍ଣ ଅସହାୟ ମଣୁଛି। ଦିନକୁଦିନ ଭୂତାଣୁ ସଂକ୍ରମଣଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି।

ଏହି ଭୂତାଣୁ ସଂକ୍ରମଣ କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ସାଜିନି ବରଂ ସମଗ୍ର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଷ୍ଟକ୍ ମାର୍କେଟରେ ନିବେଶକମାନେ ତାଙ୍କ ପୁଞ୍ଜି ପ୍ରତ୍ୟାହାର କରି ଷ୍ଟକ୍ ମାର୍କେଟର ସୂଚକାଙ୍କ ହ୍ରାସ କରାଇଛନ୍ତି। ଯଦି ଏହି କରୋନାର କାୟାବିସ୍ତାରକୁ ରୋକା ନ ଯାଏ ତେବେ ସମଗ୍ର ବିଶ୍ୱ ଅର୍ଥନୀତି ଧରାଶାୟୀ ହେବ ଏବଂ ମାନବ ସଭ୍ୟତାର ଅସ୍ତିତ୍ୱ ପାଇଁ ବିପଦ ସୃଷ୍ଟି କରିବ। ବିଶେଷକରି ଜନସାଧାରଣ ଯିବାଆସିବା, ଗମନାଗମନ, ଏକାଠି ହେବା, ବିଭିନ୍ନ ସମ୍ମିଳନୀ, ସଭା ତଥା ଦେଶ ଦେଶ ମଧ୍ୟରେ ଯିବା ଆସିବା ଉପରେ ଅଙ୍କୁଶ ରହିବା ଯୋଗୁ ଏହା ବ୍ୟବସାୟ ତଥା ଅର୍ଥନୈତିକ କାର୍ଯ୍ୟକଳାପ, ନିଯୁକ୍ତିକୁ ସଂକୁଚିତ କରିବ ଏବଂ ଅନେକ ଲୋକଙ୍କୁ ଦାରିଦ୍ର୍ୟର ଗହ୍ୱରକୁ ଠେଲିଦେବ। ଅନେକେ ତାଙ୍କ ଜୀବିକାର ଉତ୍ସ ହରାଇବେ।

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ପାଣ୍ଡେମିକ ବା ସାର୍ବଦେଶିକ ମହାମାରୀ ଭାବେ ଘୋଷଣା କରିଛି। କରୋନା ସଂକ୍ରମଣର କୁପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେବାର ତଥ୍ୟ ଲୋକଲୋଚନକୁ ଆସୁଛି। ଭାରତରେ ସେନ୍‌ସେକ୍ସ ଗୋଟିଏ ସପ୍ତାହରେ ୫,୭୦୦ ଅଙ୍କ ହ୍ରାସ ପାଇଛି। କେବଳ ଗୋଟିଏ ଦିନରେ ୨,୯୧୨ ଅଙ୍କ ହ୍ରାସ ପାଇଛି, ଯାହା ଗତ ୨୦ ବର୍ଷରେ ସର୍ବାଧିକ। ଅବଶ୍ୟ ଏହି ହ୍ରାସ ପଛରେ ରହିଛି ବିଦେଶୀ ଆନୁଷ୍ଠାନିକ ପୁଞ୍ଜି ନିବେଶକଙ୍କ ଅହେତୁକ ଲୋଭ। ଏମାନେ ଶେୟାର ମୂଲ୍ୟ ଅଧିକ ଥିଲାବେଳେ ପ୍ରତ୍ୟାହାର କରି କମ୍ ଥିଲାବେଳେ ନିବେଶ କରି ଲାଭ କରିଥାନ୍ତି। ତାଙ୍କର କ୍ଷତି ହୋଇ ନ ଥାଏ। ଅନ୍ୟ ନିବେଶକଙ୍କର କ୍ଷତି ହୋଇଥାଏ। ଯଦିଓ ବିଭିନ୍ନ ସମୟରେ ଷ୍ଟକ୍‌ମାର୍କେଟର ପତନ ପାଇଁ ନାନା କାରଣ ଦର୍ଶାଯାଇଥାଏ, ବାସ୍ତବରେ ସେପରି କିଛି ନିର୍ଦ୍ଦିଷ୍ଟ କାରଣ ନ ଥାଏ। କେବଳ ଲୋଭ ହିଁ ମୁଖ୍ୟ କାରଣ। କିନ୍ତୁ ବିଶ୍ୱରେ ଏପରି ବିପଦ ସମୟରେ ନିବେଶକମାନଙ୍କ ଏପରି କାର୍ଯ୍ୟ ଅତ୍ୟନ୍ତ ଅମାନବୀୟ। ଯଦି କରୋନା ବିପଦ ଯୋଗୁ ସେମାନେ ମାର୍ଚ୍ଚ ୧୨ ତାରିଖରେ ପୁଞ୍ଜି ପ୍ରତ୍ୟାହାର କଲେ ତା' ପରଦିନ ଏହି ବିପଦ ଟିକେ ବି ହ୍ରାସ ନ ପାଇଥିଲେ ମଧ୍ୟ କିପରି ପୁନଶ୍ଚ ନିବେଶ କଲେ।

ବିଭିନ୍ନ ସୂତ୍ରରୁ ପ୍ରକାଶ ପାଇଛି ଭାରତ ସମେତ ବିଶ୍ୱର ବୃହତ୍ ଅର୍ଥନୀତି ବିପର୍ଯ୍ୟସ୍ତ ହେବ, ଯାହାର କୁପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ପୃଥିବୀରେ ଭାରତ ସମେତ ୧୦ଟି ବୃହତ୍ ଅର୍ଥନୀତିରେ ଅଭିବୃଦ୍ଧିହାର ନିମ୍ନଗାମୀ ହୋଇଛି। କରୋନା ସଂକ୍ରମଣର କୁପ୍ରଭାବ ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ। ଚତୁର୍ଥ ତ୍ରିମାସୀରେ (ଜାନୁୟାରୀ–ମାର୍ଚ୍ଚ ୨୦୨୦) ଚାଇନା ଜିଡିପିର ୬୦ ବିଲିୟନ ଡଲାର ହ୍ରାସ ପାଇବ ବୋଲି ଆଶଙ୍କା ଦେଖାଦେଇଛି। ଚାଇନାର ଅଭିବୃଦ୍ଧି ୨୦୨୦ରେ ୬ରୁ ୧ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ବ୍ଲୁମ୍‌ବର୍ଗର ଅର୍ଥନୀତିଜ୍ଞମାନେ ଏକ ମଡେଲ ପ୍ରସ୍ତୁତ କରି କହିଛନ୍ତି ଯେ, ଆମେରିକାରେ ମାନ୍ଦାବସ୍ଥା ଆଗାମୀ ବର୍ଷରେ ଦେଖାଦେବାର ସମ୍ଭାବନା ୫୩% ରହିଛି। ୨୦୦୯ ପରେ ଏହା ସର୍ବାଧିକ। ୨୦୦୮–୦୯ରେ ଆମେରିକାରୁ ଗ୍ରେଟ୍ ରିସେସନ ଆରମ୍ଭ ହୋଇଥିଲା। ସେହିପରି ୟୁରୋପୀୟ ଦେଶ ଉପରେ ଏହାର କୁପ୍ରଭାବ ଅନୁଭୂତ ହେବ। ଅଭିବୃଦ୍ଧି ଆହୁରି ନିମ୍ନଗାମୀ ହେବ। ଚାଇନାକୁ ଛାଡି ଅନ୍ୟ ଏସୀୟ ଦେଶର ଅଭିବୃଦ୍ଧି ଧାର୍ଯ୍ୟଲକ୍ଷ୍ୟଠାରୁ ୦.୨ରୁ ୦.୫% ହ୍ରାସ ପାଇବ। ବିଶେଷକରି ଚାଇନା ବ୍ୟତୀତ ଦକ୍ଷିଣକୋରିଆ, ଇଟାଲୀ, ଜାପାନ, ଫ୍ରାନ୍ସ ଓ ଜର୍ମାନୀ ଅର୍ଥନୀତି ପ୍ରଭାବିତ ହେବ। କାରଣ ଏହି ଦେଶରେ କରୋନା ଭୂତାଣୁ ସଂକ୍ରମଣ ଅଧିକ ବ୍ୟାପକ।

ଯଦି ଚାଇନା ଅର୍ଥନୀତି ବା କରୋନା ସଂକ୍ରମଣରେ ସୁଧାର ନ ଆସେ ଏହା ବିଶ୍ୱ ଅର୍ଥନୀତି ଓ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରିବ। କାରଣ ଚାଇନା ବିଭିନ୍ନ ଦ୍ରବ୍ୟ ଓ ସେବାର ଚାହିଦା ଓ ଯୋଗାଣର ମୁଖ୍ୟ ଉତ୍ସ। ବିଶ୍ୱ ବାଣିଜ୍ୟ ସଂଗଠନ ଅନୁଯାୟୀ ଚାଇନା ବିଶ୍ୱର ସର୍ବାଧିକ ରପ୍ତାନିକାରୀ ଦେଶ ଏବଂ ଦ୍ରବ୍ୟର ଆମଦାନି ଦୃଷ୍ଟିରୁ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର। ୨୦୧୯ରେ ଚାଇନା ଆମଦାନିର ପରିମାଣ ୨.୧ ଟ୍ରିଲିୟନ ଡଲାର ଥିଲା। ଚାଇନା ମଧ୍ୟ ମାନ୍ୟୁଫାକ୍ଚରିଙ୍ଗ ଦ୍ରବ୍ୟର ଶ୍ରେଷ୍ଠ ଉତ୍ପାଦନକାରୀ ରାଷ୍ଟ୍ର। ଯଦି ଚାଇନାର ଫାକ୍ଟ୍ରି ସବୁ ବନ୍ଦ ହୁଏ, ରପ୍ତାନି, ଆମଦାନି ହ୍ରାସ ପାଏ ତେବେ ତାହାର କୁପ୍ରଭାବ ଭୟଙ୍କର ହେବ। ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ୨୦୨୦ରେ କିଛି ସଂସ୍ଥା ୨.୯% ହେବ ବୋଲି ଆକଳନ କରିଥିଲା ବେଳେ ଆଉ କିଛି ସଂସ୍ଥା ୩.୧% ଆକଳନ କରିଥିଲେ। କିନ୍ତୁ ଏହି ଅଭିବୃଦ୍ଧି ହାର ଅତି କମ୍‌ରେ ୦.୧ରୁ ୦.୪% ହ୍ରାସ ପାଇବ। ଏପରିକି ଜିଡିପି ୨.୭ ଟ୍ରିଲିୟନ ଡଲାର ହ୍ରାସ ପାଇବ। ଭାରତ ସହିତ ଚାଇନାର ବାଣିଜ୍ୟ କାରବାର ୨୦୧୮–୧୯ରେ ୮୭.୦୭ ବିଲିୟନ ଡଲାର ଥିଲାବେଳେ ଆମେରିକାର ୮୭.୯୫ ବିଲିୟନ ଡଲାର ଥିଲା। ଏହା ଦିନକୁ ଦିନ ବୃଦ୍ଧି ପାଉଛି। କିନ୍ତୁ ସେହିସବୁ ଦେଶରେ କରୋନା ସଂକ୍ରମଣର ପ୍ରଭାବ ଅଧିକ ଯୋଗୁ ବାଣିଜ୍ୟ କାରବାର ପ୍ରଭାବିତ ହେବ ଏବଂ ଭାରତର ଅଭିବୃଦ୍ଧି ଆହୁରି ନିମ୍ନଗାମୀ ହେବ। ଅକ୍ଟୋବର–ଡିସେମ୍ବର ତ୍ରିମାସୀରେ ଅଭିବୃଦ୍ଧି ମାତ୍ର ୪.୭% ହୋଇଛି। ଆଗାମୀ ଦିନରେ ଏହା ଆହୁରି ହ୍ରାସ ପାଇବ।

କରୋନା ସଂକ୍ରମଣ ଯୋଗୁ ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ ହେବା ସହିତ ଏହାଦ୍ୱାରା ମଧ୍ୟ ମାନବ ଜାତିକୁ ଏକ ବଡ଼ ଶିକ୍ଷା ମିଳିଛି। ଏହା ମଣିଷର ଅହଙ୍କାରକୁ ଧୂଳିସାତ୍ କରିଦେଇଛି। ମଣିଷ ଜାଣିଛି, ଯିଏ ଯେତେ କ୍ଷମତାଶାଳୀ ବା ବିତ୍ତଶାଳୀ ହେଉ, ତାକୁ ମୃତ୍ୟୁ ଦିନେନା ଦିନେ ଛୁଇଁବ। ଏଣୁ ଜୀବନର ସଦୁପଯୋଗ କରି ମାନବ ସଭ୍ୟତାର ବିକାଶ ପାଇଁ ଉତ୍ସର୍ଗୀକୃତ ହେବା ଉଚିତ। କରୋନା ଭୟ ଆଜି ସେହି ଗର୍ବୀ, ଅହଙ୍କାରୀ ମଣିଷର ଅହଙ୍କାରକୁ ଚୂରମାର କରିଦେଇଛି। ଆଜି କିନ୍ତୁ ଅନେକ କ୍ଷମତାଶାଳୀ କରୋନା ଭୟରେ ପଦାକୁ ବାହାରିବାକୁ ସାହସ କରୁନାହାନ୍ତି। ଆମେରିକା ରାଷ୍ଟ୍ରପତି ବିଶ୍ୱର ସର୍ବାଧିକ କ୍ଷମତାଶାଳୀ। ଡୋନାଲ୍ଡ ଟ୍ରମ୍ପ ଏକଦା କହିଥିଲେ ଯେ, ଯଦି ଆମେରିକାବାସୀ ତାଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ନ କରନ୍ତି, ତେବେ ସେ ଷ୍ଟକ୍‌ମାର୍କେଟର ପତନ ଘଟାଇବେ। କିନ୍ତୁ କରୋନା ପ୍ରଭାବରେ ଷ୍ଟକ୍‌ମାର୍କେଟର ଯେତେବେଳେ ପତନ ଘଟୁଛି, ସେ କିଛି କରିପାରୁନାହାନ୍ତି। ସେହିପରି ଭାରତର ପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ରାଷ୍ଟ୍ରମୁଖ୍ୟ ସର୍ବଦା ଅନ୍ୟ ରାଷ୍ଟ୍ରମୁଖ୍ୟଙ୍କୁ କରମର୍ଦ୍ଦନ କରିଥାନ୍ତି। କିନ୍ତୁ ଆଜି ତାହା କରିପାରୁନାହାନ୍ତି ଏବଂ ପୁଣି ନମସ୍ତେ ପ୍ରକ୍ରିୟାକୁ ଆଦରି ନେଇଛନ୍ତି। ଅନେକ କ୍ଷମତାଶାଳୀ ଆଜି କରୋନା ଭୟରେ ଗୃହବନ୍ଦୀ ଜୀବନ ବିତାଉଛନ୍ତି।

କରୋନା ଆଜି ସମଗ୍ର ବିଶ୍ୱବାସୀଙ୍କୁ ଆଗାମୀ ଦିନରେ କି ପ୍ରକାର ବିପଦ ଆସିବ ତାହା ପାଇଁ ପ୍ରସ୍ତୁତ ରହିବା ଲାଗି ସତର୍କ କରିଦେଇଛି। ଆଗାମୀ ଦିନରେ ଏପରି ଭୟଙ୍କର ଜଳବାୟୁର ପରିବର୍ତ୍ତନ ଘଟିବାକୁ ଯାଉଛି ଯେ, ତାହାକୁ ରୋକିବା ପାଇଁ ଯଦି ଏବେଠାରୁ ପଦକ୍ଷେପ ନିଆ ନ ଯାଏ ତେବେ ଏପରି ଭୟଙ୍କର ପରିସ୍ଥିତି ସୃଷ୍ଟିକରିବ ଯେ ମାନବ ସଭ୍ୟତା ତିଷ୍ଠିରହିବା କଷ୍ଟକର ହେବ। ଏଣୁ ଆଜି ସମୟ ଆସିଛି ମଣିଷ ଯେଉଁ ମହାମୂଲ୍ୟ ଜୀବନ ପାଇଛି, ତାହାର ସଦୁପଯୋଗ କରୁ। ହିଂସା, ଦ୍ୱେଷ, ଗର୍ବ, ଅହଙ୍କାର, ଲୋଭ, ଅତ୍ୟଧିକ ଉପଭୋଗ, ସମ୍ବେଦନହୀନତାକୁ ପରିହାର କରି ସ୍ନେହ, ଶ୍ରଦ୍ଧା, ଦୟା, ସହାନୁଭୂତି, ମାନବିକତା, ତ୍ୟାଗ, ବଳିଦାନ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଉ। ବୈଜ୍ଞାନିକମାନେ ଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଉତ୍ପାଦନ ନ କରି ଯାହା କେବଳ ମାନବ ଜାତିର କଲ୍ୟାଣ କରିବ ତାହା ଉତ୍ପାଦନ କରନ୍ତୁ। ବିଭିନ୍ନ ରାଷ୍ଟ୍ର ତାଙ୍କ ପ୍ରତିରକ୍ଷା ବାବଦ ବ୍ୟୟ ହ୍ରାସ କରି କ୍ଷୁଧା, ଦାରିଦ୍ର୍ୟ, ବେକାରି ହ୍ରାସ ଏବଂ ସ୍ୱାସ୍ଥ୍ୟସେବା ପାଇଁ ଅଧିକ ବ୍ୟୟ କରନ୍ତୁ। ରାଷ୍ଟ୍ର କେବଳ ଜିଡିପି ବା ସମ୍ପଦ ସୃଷ୍ଟିକୁ ଗୁରୁତ୍ୱ ନ ଦେଇ ସମ୍ପଦର ବଣ୍ଟନକୁ ଗୁରୁତ୍ୱ ଦେବା ଆବଶ୍ୟକ। ସମସ୍ତେ ଗୋଟିଏ କଥା ଜାଣିବା ଉଚିତ ଯେ, ଯଦି ମାନବ ସଭ୍ୟତା ତିଷ୍ଠି ନ ରହେ ତେବେ ଆମେ ନ୍ୟାୟ, ଅନ୍ୟାୟ, ସତ୍ ବା ଅସତ୍ ଉପାୟରେ ଯେଉଁ ଅର୍ଥ, ସମ୍ପଦ, କ୍ଷମତା, ଯଶ, ପ୍ରତିପତ୍ତି ଅର୍ଜନ କରିବାକୁ ରାତିଦିନ ପ୍ରୟାସ କରୁଛୁ ତାହାକୁ ଦେଖିବାକୁ ବା ଆଲୋଚନା କରିବାକୁ କେହି ନ ଥିବେ।

ମୋ–୯୪୩୭୨୦୮୭୬୨

# ଶହୀଦ ଭଗତ୍ ସିଂଙ୍କ ବିଚାରର ପ୍ରାସଙ୍ଗିକତା

ଭାଲଚନ୍ଦ୍ର ଷଡ଼ଙ୍ଗୀ

୧୯୩୧ ମାର୍ଚ୍ଚ ୨୩ ତାରିଖରେ ବ୍ରିଟିଶ ଉପନିବେଶବାଦୀ ଶାସକମାନେ ଭାରତର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ ଓ ତାଙ୍କର ଦୁଇ ସାଥୀ ସୁଖଦେବ ଓ ରାଜଗୁରୁଙ୍କୁ ଲାହୋରର କେନ୍ଦ୍ରୀୟ କାରାଗାରରେ ଫାଶୀ ଦେଇଥିଲେ। ଦେଶର ସ୍ୱାଧୀନତା ଓ ମୁକ୍ତି ପାଇଁ ମାତ୍ର ୨୩ ବର୍ଷ ବୟସରେ ହସି ହସି ନିଜ ଜୀବନକୁ ବଳି ଦେଇଥିବା ଏହି ମହାନ୍ ବିପ୍ଳବୀ ଭାରତର ସ୍ୱାଧୀନତା ସଂଗ୍ରାମରେ ଆପୋଷହୀନ ଧାରାର ପ୍ରତୀକ ଥିଲେ।

ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ଭାରତୀୟମାନଙ୍କ ସ୍ୱାଧୀନତା ସଂଗ୍ରାମରେ ସ୍ପଷ୍ଟ ଭାବେ ଦୁଇଟି ଧାରା ରହିଥିଲା। ଗାନ୍ଧୀ ଓ କଂଗ୍ରେସ ନେତୃତ୍ୱାଧୀନ ଆନ୍ଦୋଳନଟିର ଜନ ଆଧାର ଓ ପ୍ରଭାବଟି ଯଦିଓ ବହୁତ ବଡ଼ ଥିଲା କିନ୍ତୁ ତାହା ଶାନ୍ତିପୂର୍ଣ୍ଣ ମାର୍ଗରେ ବ୍ରିଟିଶ୍‌ମାନଙ୍କ ସହ ଆପୋଷ ବୁଝାମଣାରେ ଦେଶକୁ ସ୍ୱାଧୀନତା କରିବା କଥା କହୁଥିଲା। ଆମ ଦେଶରେ ଟାଟା, ବିର୍‌ଲା ପରି ତତ୍କାଳୀନ ବଡ଼ ପୁଞ୍ଜିପତି ଏବଂ ସାମନ୍ତବାଦୀ ରାଜା–ଜମିଦାର ଗୋଷ୍ଠୀ କଂଗ୍ରେସର ଆନ୍ଦୋଳନକୁ ନିଜ ସ୍ୱାର୍ଥର ଅନୁକୂଳ ବୋଲି ବିଚାର କରି ଗାନ୍ଧୀ ଓ କଂଗ୍ରେସକୁ ସମର୍ଥନ କରୁଥିଲେ। କିନ୍ତୁ ଭଗତ୍ ସିଂ ଓ ତାଙ୍କ ସାଥୀମାନଙ୍କ ପାଇଁ ଦେଶର ସ୍ୱାଧୀନତା ଓ ମୁକ୍ତିର ଅର୍ଥ ସଂପୂର୍ଣ୍ଣ ଭିନ୍ନ ଥିଲା। କଂଗ୍ରେସ ପରି ସେମାନେ ଦେଶରୁ ବ୍ରିଟିଶ ସାମ୍ରାଜ୍ୟବାଦୀମାନଙ୍କୁ ହଟାଇ ତାଙ୍କ ସ୍ଥାନରେ ଜମିଦାର ଓ ପୁଞ୍ଜିପତି ଶ୍ରେଣୀର ଶାସନ ଚାହୁଁ ନ ଥିଲେ। ମଣିଷ ଦ୍ୱାରା ମଣିଷର ସମସ୍ତ ପ୍ରକାର ଶୋଷଣ ଓ କଷଣର ଅବସାନ ନିମନ୍ତେ ଦେଶର ସାମାଜିକ ଓ ଅର୍ଥନୈତିକ ଢାଞ୍ଚାରେ ସେମାନେ ଆମୂଳଚୂଳ ପରିବର୍ତ୍ତନ ଚାହୁଁଥିଲେ। ସାମ୍ରାଜ୍ୟବାଦୀ ଶୋଷଣ ସହିତ ଦେଶରେ ଥିବା ସେମାନଙ୍କ ଦଲାଲ ବଡ଼ ପୁଞ୍ଜିପତି ଓ ଜମିଦାରମାନଙ୍କ ଶୋଷଣକୁ ମୂଳୋତ୍ପାଟିତ କରି ତା' ସ୍ଥାନରେ ସଂଖ୍ୟାଗରିଷ୍ଠ ଶ୍ରମିକ–କୃଷକଙ୍କ ସ୍ୱାର୍ଥରକ୍ଷାକାରୀ ଏକ ସମାଜବାଦୀ ଶାସନ ବ୍ୟବସ୍ଥା ପାଇଁ ତାଙ୍କର ସଂଗ୍ରାମ ଉଦ୍ଦିଷ୍ଟ ଥିଲା। ଗିରଫ ହେବା ପୂର୍ବରୁ ଏପରି କି ଜେଲ୍ ଭିତରେ ଥିବାବେଳେ ଭଗତ ସିଂ ତାଙ୍କର ସମସ୍ତ ଲେଖା ଓ ବୟାନରେ ନିଜର ଏହି ଲକ୍ଷ୍ୟକୁ ସ୍ପଷ୍ଟ କରିସାରିଥିଲେ।

ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂ ଉଭୟ ଗାନ୍ଧୀ ଓ କଂଗ୍ରେସର ରାଜନୀତିର ନିର୍ମମ ସମାଲୋଚକ ଥିଲେ। ଯଦିଓ ସୁଭାଷ ବୋଷ ଓ ଅନ୍ୟ କେତେକ ଜାତୀୟ ନେତାଙ୍କ ସହ ଗାନ୍ଧୀଙ୍କ ମତଭେଦ ରହିଥିଲା କିନ୍ତୁ ସେ ଭଗତ ସିଂଙ୍କୁ ହିଁ ରାଜନୈତିକ ଭାବେ ସବୁଠାରୁ ବେଶି ଭୟ କରୁଥିଲେ। ଜାତୀୟ ସ୍ତରରେ ଗାନ୍ଧୀଙ୍କ ଆପୋଷକାମୀ ତଥା କଂଗ୍ରେସର ପୁଞ୍ଜିବାଦୀ–ଜମିଦାର ସପକ୍ଷବାଦୀ ରାଜନୀତିକୁ ତୀବ୍ର ବିରୋଧ କରି ନିଜର ଆପୋଷହୀନ ସଂଗ୍ରାମ ପାଇଁ ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ହିଂସା ଓ ଅହିଂସା ପ୍ରସଙ୍ଗରେ ସେ ନିଜର ବିଚାରକୁ ସ୍ପଷ୍ଟ କରି ଗାନ୍ଧୀଙ୍କ 'ବୋମାର ସଂସ୍କୃତି' ଲେଖାର ଜବାବରେ ଭଗତ ସିଂ 'ବୋମାର ଦର୍ଶନ' ଶୀର୍ଷକ ଲେଖା ଲେଖିଥିଲେ। ତାଙ୍କ ମତରେ ଗାନ୍ଧୀ ଯଦିଓ ଜନଗଣଙ୍କ ଦ୍ୱାରା ଶାସକମାନଙ୍କ ବିରୁଦ୍ଧରେ ହିଂସାକୁ ଦୃଢ଼ ବିରୋଧ କରୁଥିଲେ ତେବେ ସେ ରାଷ୍ଟ୍ର ବା ତା'ର ଶାସକମାନଙ୍କ ଦ୍ୱାରା ଜନଗଣଙ୍କ ଉପରେ ହିଂସାକୁ ଆଦୌ ବିରୋଧ କରୁ ନ ଥିଲେ। ତେବେ ଗାନ୍ଧୀଙ୍କ ସହ ତାଙ୍କର ମତଭେଦଟି କେବଳ ହିଂସା ଓ ଅହିଂସାକୁ ନେଇ ସୀମିତ ନ ଥିଲା ବରଂ ତାହା ମୂଳତଃ ସ୍ୱାଧୀନତା ସଂଗ୍ରାମର ଅନ୍ତିମ ଲକ୍ଷ୍ୟକୁ ନେଇ ରହିଥିଲା।

### ଶହୀଦ ଦିବସ ଉପଲକ୍ଷେ

ଭଗତ୍ ସିଂ କେବଳ ଜଣେ ବ୍ୟକ୍ତି ନ ଥିଲେ। ସେ ଦେଶ ଓ ଦୁନିଆର ବିପ୍ଳବୀ ବିଚାରର ଆତ୍ମମନ୍ଥନରୁ ଜନ୍ମ ନେଉଥିବା ପ୍ରଗତିଶୀଳ ବିଚାରର ପ୍ରତୀକ ଥିଲେ। ସେ ଜନ ଆନ୍ଦୋଳନରୁ ଜନ୍ମ ନେଇ ସେଥିରେ ତାଲିମ ନେବା ସହ ଶେଷରେ ସେହି ଆନ୍ଦୋଳନର ସର୍ବୋଚ୍ଚ ପ୍ରତୀକରେ ପରିଣତ ହୋଇଥିଲେ। ସାରା ଦୁନିଆରେ ତାଙ୍କର ପରିଚୟ ଥିଲା ଜଣେ ବିପ୍ଳବୀ ଭାବରେ, ଈଶ୍ୱରଙ୍କ ସତ୍ତାକୁ ପ୍ରଶ୍ନ କରୁଥିବା ଜଣେ ନାସ୍ତିକ ଭାବରେ ତଥା ଜଣେ ପ୍ରଖର ରାଜନୈତିକ ବିଚାରକ ଭାବରେ। ୧୯୨୪ ମସିହାରେ ସେ ପାଠ ଛାଡ଼ି ନିଜକୁ ସ୍ୱାଧୀନତା ସଂଗ୍ରାମରେ ସଂପୂର୍ଣ୍ଣ ସାମିଲ କରିବା ପରଠାରୁ ବିପ୍ଳବୀ କାର୍ଯ୍ୟକଳାପ ସହିତ ତାଙ୍କର ବିଚାରଧାରାତ୍ମକ ବିକାଶ ମଧ୍ୟ ସମାନ୍ତରାଳ ଭାବେ ଘଟିଥିଲା।

ଦୁନିଆରେ ପ୍ରଥମ ଥର ପାଇଁ ଶ୍ରମିକ ଓ କୃଷକଙ୍କ ଶାସନ ପ୍ରତିଷ୍ଠା କରିପାରିଥିବା ୧୯୧୭ର ମହାନ୍ ରୁଷ ବିପ୍ଳବ ଦ୍ୱାରା ମଧ୍ୟ ସେ ଅନେକ ଭାବେ ପ୍ରଭାବିତ ହୋଇଥିଲେ। ଦେଶ ବିଦେଶର ଇତିହାସ, ବିପ୍ଳବୀ ଆନ୍ଦୋଳନ ତଥା ବିପ୍ଳବୀ ବିଚାରର ସେ ଯେତେ ଯେତେ ସମ୍ପର୍କରେ ଆସିଲେ ତାଙ୍କ ମନରେ ଏକ ଶୋଷଣହୀନ ସମାଜ ଗଢ଼ିବାର ସ୍ୱପ୍ନ ସେତେ ବଳିଷ୍ଠ ହେବାକୁ ଲାଗିଲା। ଜେଲ ଭିତରେ ଥିବା ସମୟରେ ସେ ବର୍ତ୍ତମାନର ଶୋଷଣକାରୀ ବ୍ୟବସ୍ଥାର ବିକଳ୍ପରେ ଏକ ସମାଜବାଦୀ ବ୍ୟବସ୍ଥାର ସ୍ୱପ୍ନ ଦେଖିଥିଲେ।

ଭଗତ ସିଂ କେବଳ ବ୍ରିଟିଶ ବିରୁଦ୍ଧରେ ଯୁବକମାନଙ୍କୁ ସଙ୍ଗଠିତ କରି ଏକ ସଶସ୍ତ୍ର ବିଦ୍ରୋହ ସଙ୍ଗଠିତ କରୁ ନ ଥିଲେ। ବିଭିନ୍ନ ରାଜନୈତିକ ଓ ବିଚାରଗତ ପ୍ରଶ୍ନ ଉପରେ ଗଭୀର ଅଧ୍ୟୟନ କରିବା ସହିତ ସେ ବିଭିନ୍ନ ଲେଖା ମାଧ୍ୟମରେ ନିଜର ସ୍ପଷ୍ଟ ମତ ପୋଷଣ କରୁଥିଲେ। 'ଅଛୁତ ସମସ୍ୟା' ଶୀର୍ଷକ ଲେଖାରେ ସେ ଭାରତର ଜାତି ବ୍ୟବସ୍ଥାକୁ ପ୍ରଶ୍ନ କରିବା ସହିତ ତା'ର ଉନ୍ମୂଳନ ପାଇଁ କାମ କରିବାକୁ ବିପ୍ଳବୀମାନଙ୍କୁ ଆହ୍ୱାନ ଦେଇଥିବା ବେଳେ 'ସାଂପ୍ରଦାୟିକ ଦଙ୍ଗା ଓ ତା'ର ନିରାକରଣ' ଶୀର୍ଷକ ଲେଖାରେ ସେ ଧର୍ମ ନାମରେ ଦଙ୍ଗା କରୁଥିବା ଲୋକେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ କିପରି ବିଭାଜିତ କରି ବ୍ରିଟିଶମାନଙ୍କ ସହାୟତା କରୁଛନ୍ତି ତାହା ଦର୍ଶାଇଥିଲେ। ମାତ୍ର ୨୩ ବର୍ଷ ବୟସରେ ଫାଶୀଖୁଣ୍ଟରେ ଚଢ଼ିବା ପୂର୍ବରୁ ତାଙ୍କ ହାତରେ ମହାନ୍ ବିପ୍ଳବୀ ଲେଲିନ୍‌ଙ୍କ 'ରାଷ୍ଟ୍ର ଓ ବିପ୍ଳବ' ପୁସ୍ତକ ରହିଥିଲା। ତେବେ ସେ ଜଣେ ନିଛକ ସ୍ୱପ୍ନବିଳାସୀ ନ ଥିଲେ। ଏକ ଶୋଷଣବିହୀନ ସମାଜବାଦୀ ବ୍ୟବସ୍ଥା ନିର୍ମାଣର ସ୍ୱପ୍ନକୁ ସାକାର କରିବା ପାଇଁ ସେ ତା'ର ଏକ ରୂପରେଖ ପ୍ରସ୍ତୁତ କରିବା ସହ ସେହି କାମରେ ଦେଶର ଜନଗଣ ବିଶେଷ କରି ଯୁବକମାନଙ୍କୁ ସାମିଲ କରିବାକୁ ଶେଷ ପର୍ଯ୍ୟନ୍ତ ଚେଷ୍ଟାରତ ଥିଲେ। ଆଜିର ଶହୀଦ ଦିବସରେ ଭାରତର ଏହି ମହାନ୍ ସନ୍ତାନ ଓ ତାଙ୍କ ବିଚାରଧାରାକୁ କୋଟି ନମସ୍କାର।

ଫୋନ : ୯୪୩୭୧୬୬୩୯୧

## ଏଇ ଭାରତରେ

ଏକ ଡାକ୍ତର ଦମ୍ପତି ଆଦିବାସୀଙ୍କ ବିକାଶ ଲାଗି କାର୍ଯ୍ୟକରି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି। ଡା. ଏମ୍. ରେଗି ଏବଂ ଡା. ଲଳିତା ରେଗି ତାମିଲନାଡୁର ଧରମପୁରୀ ଜିଲାର ସିଟିଲିଙ୍ଗିରେ ବାସ କରୁଥିବା ଯାଯାବର ଲାମ୍ବାଡି ସମ୍ପ୍ରଦାୟର ପ୍ରାୟ ୧ ଲକ୍ଷ ଆଦିବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ଆଧୁନିକ ସମାଜଠାରୁ ଦୂରରେ ଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ମାଲାଭାସି ବା ପାହାଡ଼ି ମଣିଷ ବୋଲି କୁହାଯାଏ। ଏହି ଦମ୍ପତି ଆଦିବାସୀ ଗାଁଗୁଡ଼ିକୁ ଯାଇ ସେମାନଙ୍କ ଚିକିତ୍ସା କରୁଛନ୍ତି। ଦୀର୍ଘ ୨୫ ବର୍ଷ ହେବ ସେମାନେ ଏହି ସେବା କରି ଆସୁଛନ୍ତି। ଏଥିପାଇଁ ଡାକ୍ତର ଦମ୍ପତି ଟ୍ରାଇବାଲ ହେଲ୍ଥ ଇନିସିଏଟିଭ୍ (ଟିଏଚ୍‌ଆଇ) ଯୋଜନା ପ୍ରସ୍ତୁତ କରି ତା' ମାଧ୍ୟମରେ ସେବା ଆଗେଇ ନେଉଛନ୍ତି। ସେମାନେ ଏହି ଲୋକମାନଙ୍କ ଲାଗି ଏକ ହସ୍ପିଟାଲ ମଧ୍ୟ କରିଛନ୍ତି। ଏବେ ସେଠାରେ ଶିଶୁ ମୃତ୍ୟୁହାର ପୂରା କମିଯାଇଛି। ଏପରିକି ଭାରତରେ ସବୁଠାରୁ କମ୍ ରହିଛି। ଡାକ୍ତର ଦମ୍ପତି କେବଳ ଆଦିବାସୀମାନଙ୍କ ଚିକିତ୍ସା କରୁନାହାନ୍ତି ବରଂ ସେମାନଙ୍କୁ ବିଭିନ୍ନ ହସ୍ତକଳା ଉପରେ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳ ମଧ୍ୟ କରାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ମାର୍ଚ୍ଚ ୧୯୯୫**

- କିଶୋର ଚନ୍ଦ୍ର ପଟେଲ ଓଡ଼ିଶା ବିଧାନସଭାର ବାଚସ୍ପତି ରୂପେ ନିର୍ବାଚିତ।
- ସାମ ନୁଜୋମା ଜାମ୍ବିଆର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଜୀବନେ ଜୀବନେ ଚିର ସହଚର
ସଜାଇବ ଚିର ବିବାହ–ବାସର
ବଳିନାହିଁ ମୋର ବିବାହର ତିଥି
ସରିନାହିଁ ଯଉବନ
ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲାଗିଲେ ଉଷା–ପବନ।
(ମଧୁ–ବିବାହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧୫– ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ପ୍ରତିଷ୍ଠାତା କାଂଶୀରାମଙ୍କ ଜନ୍ମବାର୍ଷିକୀ ଅବସରରେ ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ନିଜର ରାଜନୈତିକ ଦଳ 'ଆଜାଦ ସମାଜପାର୍ଟି' ଗଠନ କରିଛନ୍ତି।

* କଶ୍ମୀରର ରାଜ୍ୟମାନ୍ୟତା ଖୁବ୍‌ଶୀଘ୍ର ଫେରାଇଦିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା।

୧୬– ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ସରକାର ରାଜ୍ୟ ସଭାକୁ ମନୋନୀତ କରିଛନ୍ତି।

୧୭– ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ପକ୍ଷରୁ ସଭରକରଙ୍କ ନାମରେ କ୍ୟାମ୍ପସ୍ ଭିତରେ ଏକ ରାସ୍ତାର ନାମକରଣ କରାଯିବା ପରେ ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଛି।

୧୯– ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ରାଜ୍ୟ ସଭା ଏମ୍‌ପି ଭାବେ ଶପଥ ପାଠ କରାଇଛନ୍ତି।

୨୦– ଦିଲ୍ଲୀର ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ତିହାର ଜେଲରେ ଫାଶୀ ଦିଆଯାଇଛି।

## ଆମ ସମସ୍ୟା

### ଅଘୋଷିତ ବିଦ୍ୟୁତ୍ କାଟ୍

ମହାଶୟ,

ଏଇ କିଛିଦିନ ହେଲା ପୂର୍ବ ସତ୍ୟବାଦୀର ବିଦ୍ୟାଧରପୁର ସମେତ ଅନେକ ଗାଁରେ ଦୀର୍ଘ ସମୟ ଧରି ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଗ୍ରାହକଙ୍କଠାରୁ ବିଦ୍ୟୁତ୍ ବିଲ୍ ଆଦାୟରେ ହେଳା କରାଯାଉ ନ ଥିବାବେଳେ ବିଦ୍ୟୁତ୍ ସେବା ଦେବାରେ ଏପରି ଅବହେଳା କାହିଁକି? ଜନସାଧାରଣ ନିରନ୍ତର ବିଦ୍ୟୁତ୍ ସେବା ପାଇବା ନିମନ୍ତେ ଦାବି କରୁଛନ୍ତି।

ନିରଞ୍ଜନ ମହାପାତ୍ର, ଦୟାନିଧି ସାହୁ, ଦିବାକର ନନ୍ଦ, କୃଷ୍ଣଚନ୍ଦ୍ର ମହାନ୍ତି, ଦୁଃଶାସନ ପ୍ରଧାନ, ରବୀନ୍ଦ୍ର ନାଥ ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ସତ୍ୟବାଦୀ, ପୁରୀ

### ହାତୀକୁ ବନ ବିଭାଗର କ୍ଲିନ୍ ଚିଟ୍

ହାତୀ ଆକ୍ରମଣରେ ପିପିଲି ଅଞ୍ଚଳରେ ୪ ଜଣ ଲୋକ ମୃତ୍ୟୁବରଣ କରିବା ଘଟଣାରେ ବନ ବିଭାଗ ହାତୀକୁ କ୍ଲିନ୍ ଚିଟ୍ ଦେଇଛି। ଏହି ଘଟଣା ପାଇଁ ହାତୀ ନୁହେଁ ବରଂ ଲୋକେ ଦାୟୀ। ନିଜ କାନ୍ଧରୁ ଦୋଷ ଖସାଇ ଦେଇ ଲୋକଙ୍କ ଉପରେ ଦୋଷ ଲଦିଦେବା କେତେଦୂର ଯଥାର୍ଥ? ମୃତ କିମ୍ବା ଆଘାତପ୍ରାପ୍ତ ହୋଇଥିବା ସବୁ ଲୋକ ହାତୀକୁ ଉତ୍ତେଜିତ କରି ନ ଥିଲେ କି ଜାଣି ଜାଣି ହାତୀ ସାମ୍ନାକୁ ଆସି ନ ଥିଲେ। ନିଜର ଧନଜୀବନ, ଘରଦ୍ୱାର, ଫସଲ ବାଡି ନଷ୍ଟ ହେବାକୁ ଯାଉଥିବା ବେଳେ ଯେ କେହି ହେଲେ ବି ଜୀବନକୁ ବାଜି ଲଗାଇ ବାହାରି ଆସିବ, ଏଥିରେ ସନ୍ଦେହ ନାହିଁ। ସବୁବେଳେ ତ ହାତୀମାନଙ୍କର ଦୌରାତ୍ମ୍ୟ ଲାଗିରହିଛି, ରହିବ ମଧ୍ୟ। ତେଣୁ ହାତୀମାନେ କିପରି ଜନବସତିମୁହାଁ ନ ହେବେ ଓ ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ଘଟିବ, ସେଥିପାଇଁ ବନ ବିଭାଗ ତଥା ସରକାର ସଜାଗ ଓ ସତର୍କ ରହିପାରିବେ ତାହା ବେଶି ଜରୁରୀ ମନେହୁଏ।

ସନାତନ ସାହୁ, ଶିକ୍ଷକ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବଇଣ୍ଡା,୨୨।୩(ଡି.ଏନ.ଏ.)- କିଶୋରନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।
ପୋଲିସ କହିଛି, ଅଭିଯୁକ୍ତ ଥାନା ଅଞ୍ଚଳରେ ଜଣେ ରାଜସ୍ୱ ନିରିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ସମ୍ପୃକ୍ତା ମହିଳା ଏକ ସରକାରୀ ଜାଗାକୁ ଦଖଲ କରିଥିଲେ। ଉକ୍ତ ଜାଗାକୁ ତାଙ୍କ ନାମରେ କରାଇ ଦେବାକୁ କହି ଅଭିଯୁକ୍ତ ଏକ ବର୍ଷ ତଳେ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଟ୍ୟାଙ୍କର ଓଲଟିଲା: ତେଲ ବୋହିନେଲେ ଲୋକେ



ବଇଣ୍ଡା,୨୨।୩(ଡି.ଏନ.ଏ.)- ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସାନହୁଲା-ପାଇକସାହି ରାସ୍ତାର ମିଣ୍ଡୋଳଠାରେ ରବିବାର ସକାଳେ ଏକ ଡିଜେଲ ବୋଝେଇ ତେଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଏଥିରେ ଟ୍ୟାଙ୍କର ଚାଳକ ଅନିଲ ଦାସ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।
ଘଟଣାରୁ ଜଣାପଡ଼ିଛି, ଟ୍ୟାଙ୍କର(ଓଡି୦୪ଏଚ-୨୩୯୧)ଟି ପାରାଦୀପରୁ ଅନୁଗୋଳ ଦେଇ ସମ୍ବଲପୁର ଅଭିମୁଖେ ବାହାରିଥିଲା। ଚାଳକ ଅନିଲ ତାଙ୍କ ଘର ବଡ଼ବର ଗ୍ରାମକୁ ଆସୁଥିବାବେଳେ ମିଣ୍ଡୋଳଠାରେ ଟ୍ୟାଙ୍କର ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେଥିରୁ ତେଲ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ଖବରପାଇ ଠାକୁରଗଡ଼ ପୋଲିସ ଓ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଚୋରା କୋଇଲା ଟ୍ରକ ଜବତ

କଣିହାଁ,୨୨।୩(ଡି.ଏନ.ଏ.)-କଣିହାଁ ବ୍ଲକ ସମଲ ଥାନା ପୋଲିସ ମଙ୍ଗଳବାର ୧୪୯ ନଂ. ରାଜପଥ ଡେରାଗୋଳା ଗ୍ରାମ ନିକଟରୁ ଏକ ଚୋରା କୋଇଲା ବୋଝେଇ ଟ୍ରକ (ନଂ. ଓଆର ୧୪ ଏନ-୫୬୭୦)ଜବତ କରିଛି। ଏଥିରୁ ପ୍ରାୟ ୧୫ଟନ କୋଇଲା ଜବତ ହୋଇଛି। ପୋଲିସ ଗାଡ଼ିକୁ ଦେଖି ଟ୍ରକ ଚାଳକ ଫେରାର ହୋଇଯାଇଥିବାବେଳେ ଏ ସଂକ୍ରାନ୍ତରେ ନମ୍ବର ୫୧/୨୦ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ କୋଇଲା ଟ୍ରକ ତାଳଚେର କୋଇଲା ଖଣି ଅଞ୍ଚଳରୁ ପାଲଲହଡା ଅଭିମୁଖେ ଯାଉଥିବାବେଳେ ପୋଲିସ ହାତରେ ଧରାପଡିଥିବା ଥାନା ସୂତ୍ରରୁ ପ୍ରକାଶ।

### ଲକ୍‌ଡାଉନବେଳେ ମଦ ବିକ୍ରି ଅଭିଯୋଗ, ୨ ଗିରଫ

ଅନୁଗୋଳ ଅଫିସ/କଣିହାଁ(ଡି.ଏନ.ଏ.), ୨୨।୩- ମଦ ବିକ୍ରି ଅଭିଯୋଗରେ ଅନୁଗୋଳ ପୋଲିସ ଖଲାରୀ ଗ୍ରାମର ଅରକ୍ଷିତ ନାଏକ(୬୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସହରରେ ଲକ୍‌ଡ଼ାଉନ୍ ଚାଲିଥିବାବେଳେ ମଦ ବିକ୍ରି କରୁଥିବା ନେଇ ପୋଲିସ ଖବରପାଇ ଅନୁଗୋଳ ଥାନା ଏସ୍‌ଆଇ ସୌମ୍ୟା ରାଏ ଚଢ଼ାଉ କରିଥିଲେ।
ସେହିପରି କଣିହାଁ ଥାନା ସମଲ ଥାନା ପୋଲିସ ମଦ ବିକ୍ରି କରିବା ଅଭିଯୋଗରେ ରବିବାର ନୂଆବଲାଙ୍ଗି ଗ୍ରାମର ଶକ୍ତି ପ୍ରସାଦ ଗଡ଼ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୪୦ ବୋତଲ ବିଦେଶୀ ମଦ ସହ ଏକ କାର୍(ନଂ.ଓଡି ୧୯ଇ-୦୧୧୨) ଜବତ କରାଯାଇଛି। ଏ ନେଇ ନଂ. ୫୨/୨୦ରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଏସ୍‌ଆଇ ରଞ୍ଜିତା ସାହୁ ସୂଚନା ଦେଇଛନ୍ତି।

# କର୍ଫ୍ୟୁ ମାନିଲେ ଜନତା

ଅନୁଗୋଳ ଅଫିସ୍, ୨୨।୩

କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରବିବାର ଜନତା କର୍ଫ୍ୟୁ ପାଳନ କରାଯାଇଛି। ଅନୁଗୋଳ ଜିଲାବାସୀ ଏହାକୁ ପାଳନ କରିଥିବା ଦେଖିବାକୁ

- ଜିଲାରେ ବଳବତ୍ତର ରହିବ ଲକଡ଼ାଉନ୍
- ଗାଡ଼ି ଚଳାଚଳ, ଦୋକାନ ବଜାର ସବୁ ବନ୍ଦ
- ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର



ଅନୁଗୋଳ ସହର ରାସ୍ତା ଜନଶୂନ୍ୟ।

ମିଳିଛି। ସେହିପରି ରାଜ୍ୟ ସରକାର ଅନୁଗୋଳକୁ ଲକ୍‌ଡାଉନ ଘୋଷଣା କରିଥିବାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବନ୍ଦ ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

କର୍ଫ୍ୟୁ ପାଳନ ପାଇଁ ରବିବାର ଜନବହୁଳ ରାସ୍ତା ସହ ଗଳି କନ୍ଦି ସବୁ ଖାଁ ଖାଁ ଲାଗିଥିଲା। ସହରଠାରୁ ପଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଘରେ ନିଜକୁ ବନ୍ଦ କରି ରଖିଥିଲେ। ରାସ୍ତାରେ ଗାଡ଼ିମୋଟର କାଁ ଭାଁ ଚାଲିଥିବା ଦେଖିବାକୁ ମିଳିଥିଲା। ଏପରି କି ଚଳଚଞ୍ଚଳ ଅନୁଗୋଳ ବସ୍‌ଷ୍ଟାଣ୍ଡ, ମେଡିକାଲ, ଡେଲି ମାର୍କେଟ, ବଜାରଛକ ଓ ଅନ୍ୟ ସମସ୍ତ ସ୍ଥାନ ଜନଶୂନ୍ୟ ହୋଇଯାଇଥିଲା। ୫୫ ନମ୍ବର ଜାତୀୟ ରାଜପଥ ଦେଇ ମଧ୍ୟ ଯାନବାହନ ଚଳାଚଳ କରି ନ ଥିଲା। ଯେଉଁଠି ଲୋକେ ବାହାରକୁ ବାହାରୁଥିଲେ କିମ୍ବା ଏକାଠି ହେଉଥିଲେ ପୋଲିସ ପହଞ୍ଚି ସେମାନଙ୍କୁ ଘଉଡାଉଥିବା ଦେଖିବାକୁ ମିଳିଥିଲା। ସକାଳୁ ସହରରେ ଖୋଲିଥିବା କିଛି ଦୋକାନକୁ ମଧ୍ୟ ପୋଲିସ ବନ୍ଦ କରାଇଥିଲା। ଏହି ସମୟରେ ଅତ୍ୟାବଶକୀୟ ବ୍ୟବସାୟିକ ପ୍ରତିଷ୍ଠାନ ବା ସରକାରୀ ଅଫିସ୍‌କୁ ବାଦ ଦେଇ ଅନ୍ୟ ସମସ୍ତ ସଂସ୍ଥା ବନ୍ଦ ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ଔଷଧ, ଦୁଗ୍ଧ, ଫଳ, ପରିବା, ପାଉଁରୁଟି, ତେଜରାତି, ମାଛ, ମାଂସ ଦୋକାନ ଖୋଲା ରହିବ ବୋଲି ଘୋଷଣା କରାଯାଇଛି। ପଟ୍ରୋଲ ପମ୍ପ, ଏଲ୍‌ପିଜି ଗ୍ୟାସ ଖୋଲା ରହିବ ବୋଲି ପୋଲିସ ପ୍ରଚାର କରୁଛି। ବ୍ୟାଙ୍କ, ପୋଷ୍ଟ ଅଫିସ, ଟେଲିଫୋନ ଅଫିସ, ଏଟିଏମ୍ ଖୋଲା ରହିବାକୁ ଥିବାବେଳେ ସର୍ବସାଧାରଣ ସ୍ଥାନରେ ୭ ଜଣରୁ ଅଧିକ ଲୋକ ରହିପାରିବେ ନାହିଁ ବୋଲି ପୋଲିସ ଡାକବାଜିଯନ୍ତ୍ର ମାଧ୍ୟମରେ ଘୋଷଣା କରୁଛି। ଦୁଇ ଦିନ ପର୍ଯ୍ୟନ୍ତ ଏପରି ପ୍ରଚାର କରାଯିବ ବୋଲି ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଲୋକେ ସଚେତନ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ପବିତ୍ରନଗର, ପାଲଲହଡା, ଛେଣ୍ଡିପଦା, ବନ୍ତଳା,ଆଠମଲ୍ଲିକ ଆଦି ଅଞ୍ଚଳରେ ଲକଡାଉନ ଓ ଜନତା କର୍ଫ୍ୟୁର ପ୍ରଭାବ ପରିଲକ୍ଷିତ ହୋଇଥିଲା। ପାଲଲହଡା ବିଧାୟକ ମୁକେଶ କୁମାର ପାଲ ନିଜ ବାସ ଭବନରେ କିଛି ଛୋଟ ପିଲାଙ୍କ ଗହଣରେ ତାଳି ଏବଂ ଘଣ୍ଟ ବଜେଇ ଥିବା ଦେଖିବାକୁ ମିଳିଥିଲା।

### ଦିନରେ ସାଇରନ, ସନ୍ଧ୍ୟାରେ କଂସା ପାଡ଼

ଲକ୍‌ଡ଼ାଉନ୍ ସହ ଜନତା କର୍ଫ୍ୟୁ ପାଳନ କରିଛନ୍ତି ଅନୁଗୋଳ ଜିଲାବାସୀ। ଦିନ ସାରା ପୋଲିସ ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବାବେଳେ ସାଇରନ ଶବ୍ଦ ଶୁଣାଯାଇଥିବାବେଳେ ସନ୍ଧ୍ୟାରେ ଲୋକେ କଂସା, ତାଟିଆ, ଘଣ୍ଟ ବାଡେଇ କର୍ଫ୍ୟୁକୁ ସ୍ୱାଗତ କରିଥିଲେ। ଲୋକେ ଘର ବାରଣ୍ଡା ଓ ବାଲକୋନୀରେ ରହି କଂସା, ତାଟିଆ, ଶଙ୍ଖ ଓ ତାଳି ମାରି ସମର୍ଥନ କରିଥିଲେ।

### ବାରଣ ସତ୍ତ୍ୱେ ଭୋଜି

ଜନତା କର୍ଫ୍ୟୁ ଚାଲିଥିଲେ ମଧ୍ୟ କେତେଜଣ ଯୁବଗୋଷ୍ଠୀ ଏହାକୁ ଖାମଖିଆଲ ଭାବେ ନେଇଥିବା ଦେଖାଯାଇଥିଲା। ସେମାନେ ଏକାଠି ହୋଇ ଭୋଜିଭାତରେ ମସଗୁଲ ଥିଲେ। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସରକାର ବିଭିନ୍ନ ଉଦ୍ୟମ କରୁଥିଲେ ମଧ୍ୟ କେତେଜଣ ଅସଚେତନ ନାଗରିକ ଏହାକୁ ଗ୍ରହଣ କରୁ ନ ଥିବାରୁ ଜନସାଧାରଣ ତଥା ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। କଡାକଡି ଭାବେ ସଭିଏଁ ସରକାରୀ ନିୟମାବଳୀକୁ ମାନିବାକୁ ସେମାନେ ଅନୁରୋଧ କରିଛନ୍ତି।

### ବନ୍ଦ ହେଲା କ୍ରିକେଟ୍ ମ୍ୟାଚ୍

ଅନୁଗୋଳ ଜିଲାରେ ଲକ୍‌ଡ଼ାଉନ୍ ଚାଲିଥିବାବେଳେ କରଡ଼ାଗାଡ଼ିଆରେ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜନ କରାଯାଉଥିବା ପୋଲିସ ସୂଚନା ପାଇଥିଲା। ପୋଲିସ ତୁରନ୍ତ ଘଟଣାସ୍ଥଳକୁ ଯାଇ ଏହାକୁ ବନ୍ଦ କରିଥିଲା। ଲକଡାଉନ୍ ସମୟରେ ଯଦି କୌଣସି କ୍ରିକେଟ୍ ମ୍ୟାଚ ଆୟୋଜନ କରାଯାଏ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାପରେ ମ୍ୟାଚକୁ ଆୟୋଜକଙ୍କ ପକ୍ଷରୁ ବନ୍ଦ କରାଯାଇଥିଲା।



ଅନୁଗୋଳ ବଜାରରେ ସବୁ ଦୋକାନ ବନ୍ଦ ରହିଛି।




ଅନୁଗୋଳ ରେଲୱେ ଷ୍ଟେଶନ।



ସନ୍ଧ୍ୟାରେ ଲୋକେ ତାଳି ମାରି, କଂସା ବାଡେଇ କର୍ଫ୍ୟୁକୁ ସମର୍ଥନ କରୁଛନ୍ତି।



ପାଲଲହଡ଼ାରେ ଦୋକାନ ବଜାର ବନ୍ଦ ରହିଛି।

## ୨୨ ମାଜିଷ୍ଟ୍ରେଟଙ୍କ ସହ ବୁଲିଲା ପୋଲିସ

**ଅନୁଗୋଳ ଅଫିସ୍, ୨୨।୩:** ଅନୁଗୋଳ ଜିଲାକୁ ରାଜ୍ୟ ସରକାର ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିବା ପରେ ଅନୁଗୋଳ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ସବୁ ସ୍ଥାନରେ ପୋଲିସ ଗାଡ଼ିଗୁଡ଼ିକ ପଇଁତରା ମାରିଥିଲା। ଜିଲାରେ ଥିବା ୨୨ଟି ଥାନା ପକ୍ଷରୁ ଏହି ପଇଁତରା ମରାଯାଇଥିବାବେଳେ ପ୍ରତି ଥାନାରେ ଜଣେ ଲେଖାଏଁ ମାଜିଷ୍ଟ୍ରେଟଙ୍କୁ ନିୟୋଜିତ କରାଯାଇଥିଲା। ଅନୁଗୋଳ ଏସ୍‌ପି ଏହାର ତଦାରଖ କରିଥିଲେ।




୨ ଜଣ ଆଡିସିନାଲ ଏସ୍‌ପି, ୩ ଜଣ ଡିଏସ୍‌ପି, ୨୦ ଜଣ ଇନ୍ସପେକ୍ଟର, ୩୬ ଜଣ ସବ୍‌ଇନ୍ସପେକ୍ଟର, ୩୪ ଜଣ ଆଡିସିନାଲ ସବ୍‌ଇନ୍ସପେକ୍ଟର, ୧୬୦ ଜଣ କନଷ୍ଟେବଲ, ୫ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଜିଲାରେ ମୋଟ ୮୦ଟି ଗାଡ଼ି ପଇଁତରା ମାରିଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ କରୋନା ଭୂତାଣୁକୁ ଏବେଠାରୁ ରୋକା ନ ଯାଇ ପାରିଲେ ଏହା ଆଗକୁ ଭୟଙ୍କର ରୂପ ନେବା ବୋଲି ଲୋକଙ୍କୁ ବୁଝାଇବା ପାଇଁ ପୋଲିସ ଗାଁ ଗାଁ ବୁଲୁଛି। ଏହି ଲକ୍‌ଡାଉନ୍ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

## କୁକୁଡ଼ା ଫାର୍ମରେ ନିଆଁ ଲଗାଇ ଯୁବକ ଗିରଫ

ଅନୁଗୋଳ ଅଫିସ, ୨୨।୩

ଅନୁଗୋଳ ଥାନା ଅନ୍ତର୍ଗତ ଆମ୍ବପାଳ ଗ୍ରାମର ବାଳକୃଷ୍ଣ ନାୟକ ଓ ତାଙ୍କ ଭାଇ ଗୋଲଖ ନାୟକଙ୍କ କୁକୁଡ଼ା ଫାର୍ମରେ ନିଆଁ ଲଗାଇବା ଅଭିଯୋଗରେ ପୋଲିସ ସେହି ଗ୍ରାମର ପିଙ୍କୁ ଓରଫ ଲକ୍ଷ୍ମୀଧର ସାହୁ(୨୪)ଙ୍କୁ ଗିରଫ କରିଛି। ଏ ନେଇ ଗତ ୨୦ ତାରିଖରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୩୩୮/୨୦ରେ ମାମଲା ରୁଜୁ କରିଛି।
ପୋଲିସ ସୂଚନା ମୁତାବକ, ଗତବର୍ଷ ପିଙ୍କୁ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାବେଳେ ଆମ୍ବପାଳ ଗ୍ରାମରେ ଦୋଳ ମେଳଣ ସମୟରେ ଦ୍ରୁତଗତିରେ ଟ୍ରକ୍ ଚଲାଇବା ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମସଭା ଡକାଯିବାରୁ ପିଙ୍କୁ କ୍ଷମା ମାଗିଥିଲେ। ହେଲେ ସେ ଗ୍ରାମ ସଭାପତି ବାଳକୃଷ୍ଣଙ୍କ ଉପରେ ରାଗ ରଖିଥିଲେ। ଗତ ୧୭ ତାରିଖ ମଧ୍ୟାହ୍ନ ସମୟରେ ପିଙ୍କୁ ବାଳକୃଷ୍ଣଙ୍କ କୁକୁଡ଼ା ଫାର୍ମ ଏବଂ ୧୯ ତାରିଖରେ ଭାଇ ଗୋଲେଖ ସାହୁଙ୍କ ଫାର୍ମ ପୋଡି ଦେଇଥିବା ନେଇ ବାଳକୃଷ୍ଣ ଥାନାରେ ଅଭିଯୋଗ କରିଥିଲେ। ଅନୁଗୋଳ ଥାନାର ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଘଟଣାର ତଦନ୍ତ କରୁଛନ୍ତି।

## ଇଞ୍ଜିନିୟରିଂ ଛାତ୍ର ଗିରଫ

ଅନୁଗୋଳ ଅଫିସ, ୨୨।୩

ଗତ ବର୍ଷ ଅକ୍ଟୋବରରେ ବ୍ରାଉନସୁଗାର ବ୍ୟବସାୟ ମାମଲାରେ ସମ୍ପୃକ୍ତ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ଅନୁଗୋଳ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଜଗତସିଂହପୁର ଥାନା ତରତଙ୍ଗ ଗ୍ରାମର କାବୁ ଓରଫ ପ୍ରଭାତ ରଞ୍ଜନ ମହାପାତ୍ର(୨୯) ବୋଲି ଜଣାପଡିଛି।




### ବ୍ରାଉନସୁଗାର ବେପାର

ପୋଲିସ ସୂଚନା ମୁତାବକ, ପ୍ରଭାତ ଅନୁଗୋଳରେ ଇଞ୍ଜିନିୟରିଂ ପଢୁଥିବାବେଳେ ନିଶା କବଳରେ ପଡିଥିଲେ। ସେ ଭୁବନେଶ୍ୱରରୁ ବ୍ରାଉନସୁଗାର ଆଣି ଅନୁଗୋଳରେ ବିକ୍ରି କରୁଥିଲେ। ୨୦୧୯ ଅକ୍ଟୋବର ୧୨ରେ ଏହି କାରବାରରେ ସମ୍ପୃକ୍ତ ଅଭିଯୋଗରେ ଅନୁଗୋଳ କୁକୁଡ଼ାଙ୍ଗ ଗ୍ରାମର ସୁଙ୍କାନି ଦେହୁରୀ(୩୧), ତାପସ ନାଏକ(୩୭) ଓ ସୁବ୍ରତ ବାରିକ(୩୩)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୨୩.୬୫୦ ମିଲିଗ୍ରାମ ବ୍ରାଉନସୁଗାର ସହ ଏକ କାର୍ (ଓଡ଼ି-୦୨-ଏକ୍ସ-୫୪୭୩) ମଧ୍ୟ ଜବତ କରିଥିଲା। ଏ ନେଇ ଅନୁଗୋଳ ଥାନାରେ ନଂ. ୮୨୮/୧୯ରେ ମାମଲା ରୁଜୁ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ପ୍ରଭାତଙ୍କ ବିଷୟରେ ପୋଲିସ ତଥ୍ୟ ସଂଗ୍ରହ କରି ତାଙ୍କ ଘର ଜଗତସିଂହପୁର ହୋଇଥିବା ଜାଣିବାକୁ ପାଇଥିଲା। ପ୍ରଭାତଙ୍କ ଗାଁକୁ ଯାଇ ତାଙ୍କୁ ତଦନ୍ତକାରୀ ଅଧିକାରୀ ପ୍ରକାଶଚନ୍ଦ୍ର ମାଝି ଗିରଫ କରିଥିବା ସୂଚନା ମିଳିଛି। ତେବେ ପ୍ରଭାତଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନାରେ ବ୍ରାଉନସୁଗାର କାରବାର ସହ ଡକାୟତି ମାମଲା ମଧ୍ୟ ରହିଥିବା ପୋଲିସ କହିଛି।

## ଫେରନ୍ତା ଶ୍ରମଜୀବୀଙ୍କୁ ନେଇ ଚିନ୍ତା

ବଇଣ୍ଡା/ ବନ୍ତଳା/ପବିତ୍ରନଗର
୨୨।୩(ଡି.ଏନ.ଏ.)

ଅନୁଗୋଳ ଜିଲାରେ କରୋନା ଭାଇରସ ପାଇଁ ସରକାର ଲକଡାଉନ ଘୋଷଣା କରିଥିବାବେଳେ ଏହାକୁ ଲୋକେ ପାଳନ କରିଥିବା ଦେଖିବାକୁ ମିଳିଛି। ଅଧିକଂଶ ଲୋକେ ସତର୍କ ହୋଇ ରହିଥିଲେ ମଧ୍ୟ ବାହାର ରାଜ୍ୟକୁ କାମ କରିବାକୁ ଯାଇ ଫେରିଥିବା ଶ୍ରମିକଙ୍କ ପାଇଁ ସେମାନେ ଚିନ୍ତିତ ହୋଇପଡିଛନ୍ତି। ଶ୍ରମଜୀବୀମାନେ ବାହାରେ ବୁଲାବୁଲି ସହ ସର୍ବସାଧାରଣ ସ୍ଥାନ ବ୍ୟବହାର କରୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ତେଣୁ ବାହାର ରାଜ୍ୟ ଫେରନ୍ତା ଶ୍ରମିକଙ୍କୁ ରେଳ ଷ୍ଟେଶନରେ ପରୀକ୍ଷା କରାଯିବା ସହ ସେଠାରେ ସେମାନଙ୍କ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯିବାକୁ ଆଠମଲ୍ଲିକ, କିଶୋରନଗର ବ୍ଲକ ସମେତ ଅନ୍ୟ ଅଞ୍ଚଳବାସୀ ମଧ୍ୟ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଭିନ୍ନ ଗ୍ରାମରୁ ଶତାଧିକ ଯୁବକ ଗୁଜରାଟ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ଛତିଶଗଡ଼ ଅଞ୍ଚଳକୁ କାମ କରିବାକୁ ଯାଇଥିବାବେଳେ ଏବେ ଘରକୁ ଫେରୁଛନ୍ତି। ସେମାନଙ୍କୁ ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ରରେ ଟେଷ୍ଟ କରି ରିପୋର୍ଟ ଧରି




ଗ୍ରାମକୁ ଆସିବାକୁ ପରାମର୍ଶ ଦିଆଯାଉଛି। ହେଲେ ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ଆଇସୋଲେଶନରେ ରଖୁ ନ ଥିବାରୁ ଅଞ୍ଚଳବାସୀ ଚିନ୍ତାରେ ରହୁଛନ୍ତି। ବିଶେଷ କରି ପେଡିପଥର ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ କୋଠରୀ କିମ୍ବା ବାହାର ରାଜ୍ୟ ଫେରନ୍ତା ଶ୍ରମିକଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ବଇଣ୍ଡା ରେଳଷ୍ଟେଶନ ପରିସରରେ କରୋନା ସଂକ୍ରମଣର ମୁକାବିଲା ପାଇଁ ସେଭଳି କୌଣସି ବ୍ୟବସ୍ଥା ଜିଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଷ୍ଟେଶନରୁ ଆସୁଥିବା ଶ୍ରମିକମାନେ ସିଧାସଳଖ ନିଜ ନିଜ ଘରକୁ ବସ୍, ବାଇକ ଯୋଗେ ଯାଉଛନ୍ତି। ଏପରିସ୍ଥିତିରେ ସଂକ୍ରମଣର ଭୟ ରହୁଛି। ତେଣୁ ରେଳଷ୍ଟେଶନଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କ୍ୟାମ୍ପ କରାଯାଇ ଟେଷ୍ଟ ସହ ସେମାନଙ୍କୁ ଆଇସୋଲେଶନରେ ରଖାଯାଇ ଚିକିତ୍ସା ବ୍ୟବସ୍ଥା କରାଯିବାକୁ ଭାଜପା ଯୁବମୋର୍ଚ୍ଚା ଜିଲା ଉପସଭାପତି ରାଜେନ୍ଦ୍ର ସାହୁ, ଆଶିଷ ବେହେରା, ଅରବିନ୍ଦ ସାହୁ, ଧ୍ରୁବଚରଣ ସାହୁ, ଲୁଲୁ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ

### ଷ୍ଟେଶନରେ ସ୍ୱତନ୍ତ୍ର ଚିକିତ୍ସା ଦାବି

କହିଛନ୍ତି, ପେଡିପଥର ପଞ୍ଚାୟତରେ ସ୍ୱତନ୍ତ୍ର କୋଠରୀ ପ୍ରସ୍ତୁତ କରି ସେବା ଯୋଗାଇ ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଇଣ୍ଡା ରେଳ ଷ୍ଟେଶନରେ ଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କ୍ୟାମ୍ପ କରାଯାଇ ରାଜ୍ୟ ବାହାରୁ ଘରକୁ ଫେରୁଥିବା ଶ୍ରମିକଙ୍କ ଟେଷ୍ଟ ସହ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦିଆଯିବ। ସେହିପରି ରାଜ୍ୟ ବାହାରୁ ଫେରୁଥିବା ଶ୍ରମିକ ନିଜ ନିଜ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

ସେହିପରି ବନ୍ତଳା, ପବିତ୍ରନଗର, ବୁରୁକୁନା, ବିରୁ, ପରାବିଲ, କର୍ଣ୍ଣପାଳ ଆଦି ବିଭିନ୍ନ ସ୍ଥାନକୁ ରାଜ୍ୟ ବାହାରୁ ଲୋକେ ଆସୁଥିଲେ ହେଁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମସ୍ତ ପଞ୍ଚାୟତରେ ଗୋଟିଏ ଲେଖାଏଁ କ୍ୱାରାଣ୍ଟାଇନ ଗୃହ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସେଠାରେ କାହାରିକୁ ରଖାଯାଇ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।



ଜନତା କର୍ଫ୍ୟୁ: ପୁରୀ ବଡ଼ଦାଣ୍ଡ ଜନଶୂନ୍ୟ



ଭୁବନେଶ୍ୱରରେ ଦୋକାନ ବନ୍ଦ ରହିଛି।



କଟକ ବାଦାମବାଡ଼ି ବସଷ୍ଟାଣ୍ଡ ଖାଁ ଖାଁ।

# ଷ୍ଟେଶନରୁ ଚାଲି ଚାଲି ଗଲେ ଯାତ୍ରୀ



ଭୁବନେଶ୍ୱର,୨୨।୩ (ବ୍ୟୁରୋ)

ସମଗ୍ର ଦେଶରେ ଜନତା କର୍ଫ୍ୟୁ ରବିବାର ହୋଇଥିବାବେଳେ ରାଜଧାନୀରେ ଏହାକୁ ସମ୍ପୂର୍ଣ୍ଣ କଡାକଡି ଭାବେ ପାଳନ କରାଯାଇଥିଲା। ପୋଲିସ ସମସ୍ତ ଯାନବାହନକୁ କଡା ଚେକିଂ କରିବାରୁ ରାସ୍ତାରେ କୌଣସି ଯାତ୍ରୀବାହୀ ଗାଡି ଦେଖିବାକୁ ମିଳି ନ ଥିଲା। ଟ୍ରେନ ଯୋଗେ ଗୁଜରାଟ ଓ ବିଭିନ୍ନ ରାଜ୍ୟରୁ ଘରକୁ ଫେରିଥିବା ଶତାଧିକ ଲୋକ ନିଜ ନିଜ ଜିଲାକୁ ଫେରିବା ନେଇ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନେକ ଲୋକ ମାଷ୍ଟରକ୍ୟାଣ୍ଟିନ ଛକରୁ ଅଟୋ ବା ବସ ନ ପାଇ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ଭଦ୍ରକ, ବାଲେଶ୍ୱର, ଗଞ୍ଜାମ ଓ କେନ୍ଦ୍ରାପଡା ଅଞ୍ଚଳର ଲୋକେ ଷ୍ଟେଶନରେ ଓହ୍ଲାଇ ମାଷ୍ଟରକ୍ୟାଣ୍ଟିନ ଛକରୁ ଚାଲିଚାଲି ରସୁଲଗଡ, ବରମୁଣ୍ଡାରେ ପହଞ୍ଚିଥିଲେ। ଏଥିସହ ଭୁବନେଶ୍ୱର ଅଞ୍ଚଳର ଲୋକମାନଙ୍କୁ ତାଙ୍କ ସମ୍ପର୍କୀୟ ଓ ପରିବାର ଲୋକ ନେବାକୁ ଷ୍ଟେଶନ ଆସିଥିଲେ।

## ରନ୍ଧା ଖାଦ୍ୟ ବାଣ୍ଟିଲା ପୋଲିସ

ଦିନତମାମ ହୋଟେଲ, ଦୋକାନ ବନ୍ଦ ରହିଥିଲା। ବହୁ ଲୋକ ରସୁଲଗଡ, ବରମୁଣ୍ଡା ବସଷ୍ଟାଣ୍ଡ ଖରାରେ ଚାଲିଚାଲି ଯିବା ବେଳେ ଦୋକାନ ବଜାର ବନ୍ଦ ରହିଥିବାରୁ ପାଣି ଓ ଖାଦ୍ୟ ପାଇଁ ସେମାନଙ୍କୁ ହଇରାଣ ହେବାକୁ ପଡିଥିଲା। ରାସ୍ତା ଶୂନଶାନ ଯୋଗୁ ଚାଲିକି ଯାଉଥିବା ଲୋକେ ପାଣି ଟୋପାଏ ପାଇଁ ବ୍ୟାକୁଳ ହେଉଥିଲେ। ଶେଷରେ ବରମୁଣ୍ଡା ବସଷ୍ଟାଣ୍ଡରେ ଲୋକମାନଙ୍କ ସଂଖ୍ୟା ବଢିବା ପରେ ଖଣ୍ଡଗିରି ଥାନା ପୋଲିସ ପକ୍ଷରୁ ରନ୍ଧାଖାଦ୍ୟ ଏବଂ ସ୍ୱଚ୍ଛ ପାଣି ବ୍ୟବସ୍ଥା କରାଯାଇଥିଲା। ବସ୍ ଯୋଗେ ବିଭିନ୍ନ ଜିଲାକୁ ଫେରିବାକୁ ଥିବା ଯାତ୍ରୀମାନଙ୍କ ପାଇଁ ପୋଲିସ ପ୍ରସ୍ତୁତ କରିଥିବା ରନ୍ଧା ଖାଦ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ।

## ଦୋକାନ ଆଗରେ ତାଲା ପଛରେ ଖୋଲା

ଟ୍ୱିନସିଟିରେ କଡା କଟକଣା ସତ୍ତ୍ୱେ ଅନେକ ପାନ, ଚା, ସିଗାରେଟ ଦୋକାନ ଆଗରେ ତାଲା ପକାଇ ପଛରେ ବେପାର ଚଳାଇଥିବା ଦେଖିବାକୁ ମିଳିଥିଲା। ରାଜଧାନୀର ଅନେକ ଅଞ୍ଚଳରେ ସନ୍ଧ୍ୟା ପରେ ଦୋକାନ ଖୋଲିଥିଲା। ତେଣୁ ସରକାରଙ୍କ ଗାଇଡ୍‌ଲାଇନକୁ ପାଳନରେ ଯଦି କେହି ଏପରି ବେଆଇନ କାର୍ଯ୍ୟ କରୁଛନ୍ତି ତାଙ୍କୁ ଦୃଢ ଭାବେ ବିରୋଧ କରନ୍ତୁ। ଏଥିସହ ତୁରନ୍ତ ୧୦୦ ନମ୍ବରରେ ପୋଲିସକୁ ଜଣାନ୍ତୁ।

## ବ୍ୟାପିବା ପୂର୍ବରୁ ରୋକିବା ଅତ୍ୟନ୍ତ ଆବଶ୍ୟକ

କରୋନାକୁ ବ୍ୟାପିବା ଆଗରୁ ରୋକିବା ଅତ୍ୟନ୍ତ ଆବଶ୍ୟକ। ମାତ୍ର ଅନେକ ସ୍ଥାନରେ ଲୋକେ ଏହାକୁ ହାଲୁକା ଭାବେ ଗ୍ରହଣ କରୁଛନ୍ତି। ୭ରୁ ଅଧିକ ଲୋକ ଏକାଠି ହୋଇ ତାସ ଖେଳୁଥିବା ବେଳେ ଭୋଜିଭାତ ମଧ୍ୟ କରୁଛନ୍ତି। ତେଣୁ ବ୍ୟକ୍ତିଗତ ଭାବ ସଚେତନ ହୋଇ ସରକାରଙ୍କ ନିୟମକୁ ପାଳନ କଲେ କରୋନା ଭୂତାଣୁର ମୁକାବିଲା ପାଇଁ ଯେଉଁ ଲଢେଇ ଚାଲିଛି ଆମେ ସେଥିରେ ବିଜୟ ହାସଲ କରିବା।

# ଘରେ ରହି ଲଢ଼େଇ...

**ସମସ୍ତଙ୍କ ମୁହଁରେ ଗୋଟିଏ କଥା, 'ହାରିବ କରୋନା, ଜିତିବ ଜନତା'**

- ସୁରକ୍ଷା ପାଇଁ ରାଜଧାନୀ ଜଗିଲେ ୪୦ ପ୍ଲାଟୁନ୍ ଫୋର୍ସ
- ଜରୁରୀ ସେବା ପାଇଁ ପୋଲିସ ଯୋଗାଇଲା ପାସ୍

ଭୁବନେଶ୍ୱର,୨୨।୩ (ବ୍ୟୁରୋ)

କରୋନା ମହାମାରୀକୁ ରୋକିବା ପାଇଁ ସଚେତନତା ଓ ସତର୍କତା ଅସ୍ତ୍ରରେ ଆରମ୍ଭ ହୋଇଛି ଲଢ଼େଇ। ରବିବାର 'ଜନତା କର୍ଫ୍ୟୁ' ଓ 'ଲକ୍ ଡାଉନ୍' ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ଲଢ଼େଇକୁ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧାର ସହର ଓ ଉପକଣ୍ଠଠାରୁ ଆରମ୍ଭ କରି ଗାଁ ବସ୍ତିରେ ମିଳିଛି ଆଶ୍ଚର୍ଯ୍ୟଜନକ ସମର୍ଥନ। ଲୋକେ ସକାଳୁ ରାତି ପର୍ଯ୍ୟନ୍ତ ଘରେ ରହି ଲଢ଼େଇରେ ସାମିଲ୍ ହୋଇଛନ୍ତି। ସକାଳୁ ରାତି କରୋନକୁ ନେଇ ଆଲୋଚନା କରିବା ସହ ସତର୍କ ଓ ସଚେତନ ହୋଇଛନ୍ତି। ସରକାରଙ୍କ ଗାଇଡ୍ ଲାଇନ୍ ଓ ପରାମର୍ଶକୁ ମାନି କରୋନାକୁ ଘରେ ପୂରାଇ ନ ଦେବାକୁ ଅଣ୍ଟା ଭିଡିଛନ୍ତି। ଏବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା 'ହାରିବ କରୋନା, ଜିତିବ ଜନତା।

ଜନତା କର୍ଫ୍ୟୁ ପାଇଁ ରାଜଧାନୀରେ ସବୁଠି ଖାଁ ଖାଁ ଦେଖିବାକୁ ମିଳିଥିଲା। ଦୋକାନ, ବଜାର, ମଲ୍ ଏବଂ ଅନ୍ୟ ସବୁ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏହାସହ ରାଜ୍ୟର ପରିବହନ ସେବା ମଧ୍ୟ ବନ୍ଦ ରହିଥିଲା। ବସ୍ ସେବାଠାରୁ ଆରମ୍ଭ କରି ଅଟୋ, ଟ୍ୟାକ୍ସି, ବାଇକ ଗଡ଼ି ନ ଥିଲା। ରାସ୍ତାରେ ଗାଡିମୋଟର ଚଳାଚଳ ନ ଥିବାବେଳେ ରାସ୍ତା ମରୀଚିକା ପାଲଟିଥିଲା। ଏହି କର୍ଫ୍ୟୁରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ପୋଲିସ ଓ ଗଣମାଧ୍ୟମ। ଏହି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସହରରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ବିଭିନ୍ନ ଛକ ଓ ପ୍ରମୁଖ ସ୍ଥାନରେ ପୋଲିସ ବାରିକେଡ୍ ପକାଇ ସ୍ଥିତି ଉପରେ ନଜର ରଖିବା ସହ କେହି ଯାଉଥିଲେ ସଚେତତନ କରୁଥିଲା। ହଂସପାଳ, ରସୁଲଗଡ, ଲକ୍ଷ୍ମୀସାଗର, କଟକରୋଡ଼, ବାଣୀବିହାର, ଜୟଦେବ ବିହାର,ଏଜି ଛକ, ରୂପାଲି ଛକ, ଶିଶୁଭବନ ଛକ, ମାଷ୍ଟରକାଣ୍ଟିନ ଛକ ଆଦି ସ୍ଥାନରେ ଅଧିକ ପୋଲିସ ମୁତୟନ କରାଯାଇଥିଲା। ଡିସିପି ଅନୁପ ସାହୁ ବୁଲି ବୁଲି ପୂରା ବ୍ୟବସ୍ଥାର ତଦାରଖ କରିଥିଲେ।

## ମାନିଲେନି, ବାଇକ୍ ଧରି ବୁଲିଲେ ଯୁବକ



କେତେକ ଯୁବକ ସରକାରୀ ନିର୍ଦ୍ଦେଶକୁ ମାନି ନ ଥିବା ଦେଖିବାକୁ ମିଳିଥିଲା। ସେମାନେ ବାଇକରେ ବୁଲୁଥିବା ଦେଖି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ପୋଲିସ ଅଧିକାରୀମାନେ ତାଗିଦ କରିଥିଲେ। ହେଲେ ସେମାନେ ନାନା ବାହାନା ଦେଖାଇ ଖସି ଯାଉଥିଲେ। ତେବେ ସେମାନଙ୍କୁ କମିଶନର କହିଥିଲେ, କରୋନା ଭାଇରସ୍ ସହ ଲଢିବା ପାଇଁ ଯୁବକମାନଙ୍କର ଯଥେଷ୍ଟ ଭୂମିକା ରହିଛି। ତେଣୁ ସେମାନେ ନିର୍ଦ୍ଦେଶ ମାନି ଘରେ ରହିବାକୁ ପରାମର୍ଶ ଦେଇଥିଲେ। ନଚେତ କଡା କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ।

## ଷ୍ଟେଶନରେ ଫସି ରହିଥିଲେ ଯାତ୍ରୀ



ଜନତା କର୍ଫ୍ୟୁରେ ରେଲ୍‌ୱେ ଓ ବିମାନବନ୍ଦର ଖୋଲାଥିଲା। ଅନେକ ଲୋକ ଷ୍ଟେଶନ, ବିମାନ ବନ୍ଦର ଯାଉଥିବା ଦେଖିବାକୁ ମିଳିଥିଲା। ହେଲେ ଦିନ ୧୨ଟା ପରେ ରେଲ୍‌ୱେ ପକ୍ଷରୁ ସମସ୍ତ ଟ୍ରେନ୍ ବାତିଲ କରାଯାଇଥିଲା। ଫଳରେ ଲୋକେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ଷ୍ଟେଶନରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ସେହିଭଳି ବିମାନବନ୍ଦରରେ ସମାନ ସ୍ଥିତି ଉପୁଜିଥିଲା।

## ଜରୁରୀ ସେବା ପାଇଁ ପୋଲିସ ଯୋଗାଇଲା ପାସ୍

ଜନତା କର୍ଫ୍ୟୁରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ହେଲେ ଯେଉଁମାନଙ୍କର ଜରୁରୀ କାମ ପଡୁଥିଲା ସେମାନେ ପୋଲିସ ନିକଟରୁ ପାସ୍ ନେଉଥିଲେ। ସେମାନେ ୧୦୦କୁ ଫୋନ୍ କରିବା ପରେ ନିକଟ ଥାନା ଅଧିକାରୀ ଏବଂ ଅନ୍ୟ ଅଫିସରଙ୍କଠାରୁ ଏହି ପାସ ପାଇପାରୁଥିଲେ। ଏହି ପାସ୍ ପାଇଥିବା ବ୍ୟକ୍ତି ଏକୁଟିଆ ବାହାରକୁ ଯାଇ ଅତ୍ୟାବଶ୍ୟକ ସାମଗ୍ରୀ କିଣି ଘରକୁ ନେଇ ପାରୁଥିଲେ। ମାର୍କେଟରୁ ଯିବା ପରେ ଘରେ ପହଞ୍ଚି ଭଲଭାବେ ହାତ ଧୋଇନେବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଏପରିକି ଲକ୍‌ଆଉଟ ସମୟରେ ଏହି ପାସ୍ ମଧ୍ୟ କାର୍ଯ୍ୟ କରିବ ବୋଲି ଡିସିପି ଅନୁପ ସାହୁ କହିଛନ୍ତି।

# ୧୯୨୯ ଟୋଲ୍ ଫ୍ରି ନମ୍ବର ଜାରି କଲା ବିଏମ୍‌ସି

### ଲକ୍‌ଡାଉନ୍‌ରେ ଅଭିଯୋଗ ପାଇଁ ବ୍ୟବହୃତ ହେବ ନମ୍ବର

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ଲକ୍‌ଡାଉନ୍ ସମୟରେ ଲୋକଙ୍କ କୌଣସି ଅଭିଯୋଗ ଓ ସମସ୍ୟା ପାଇଁ ସେମାନେ ୧୯୨୯ ଟୋଲ୍ ଫ୍ରି ନମ୍ବରରେ କଲ୍ କରି ନିଜ ଅଭିଯୋଗ ଜଣାଇବାକୁ ବିଏମ୍‌ସି ଘୋଷଣା କରିଛି। ସାମାଜିକ ଦୂରତା ବଜାୟ ରଖିବା ସହ ସଂକ୍ରମଣକୁ ଏଡ଼ାଇବା ପାଇଁ ବିଏମ୍‌ସି ନିଜ କାର୍ଯ୍ୟାଳୟର ଅଧିକାଂଶ କର୍ମଚାରୀଙ୍କୁ ଘରୁ ନିଜ କାମ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦେଇଛି। ୩ ଜୋନରେ କ୍ଷେତ୍ରସ୍ତରୀୟ ଟିମ୍ କାର୍ଯ୍ୟ କରୁଛି। କୌଣସି ବି ସମସ୍ୟା ଥିଲେ ୧୯୨୯ ନମ୍ବରକୁ କଲ୍ କରି ଅଭିଯୋଗ କରିପାରିବେ ବୋଲି ବିଏମ୍‌ସି ପକ୍ଷରୁ ନିଜର ଟୁଇଟ୍‌ର ହ୍ୟାଣ୍ଡେଲରେ ସୂଚନା ଦିଆଯାଇଛି।

# ଏସ୍‌ସିବି ମେଡିକାଲ ଓପିଡି ରୋଗୀ ଶୂନ୍ୟ

**ଜନତା କର୍ଫ୍ୟୁ ପ୍ରଭାବ**

କଟକ ଅଫିସ,୨୨।୩

ଜନତା କର୍ଫ୍ୟୁର ପ୍ରଭାବ ରବିବାର ଏସ୍‌ସିବି ମେଡିକାଲ ଓପିଡି ରୋଗୀ ସେବାରେ ଦେଖିବାକୁ ମିଳିଥିଲା। ଠିକ୍ ସମୟରେ ଓପିଡି ଖୋଲା ହେବା ସହ ଡାକ୍ତର ଆସିଥିଲେ ମଧ୍ୟ ସବୁ ଓପିଡି ଫାଙ୍କା ପଡିଥିଲା। ସେହିପରି ସବୁ ବିଭାଗର ଇନ୍‌ଡୋର, ନିରାମୟ କେନ୍ଦ୍ର, ନିଦାନ ଓ କାଜୁଆଲ୍‌ଟି ମଧ୍ୟ ଜନଶୂନ୍ୟ ହୋଇପଡିଥିଲା। କେତେଜଣ ଜନସାଧାରଣ ଥଣ୍ଡା ଓ କାଶ ହେଉଥିବାରୁ ଭୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆସିଥିଲେ। ମେଡିସିନ ଓପିଡିରେ ଥିବା କିଛି ପିଜି ଡାକ୍ତରୀ ଛାତ୍ରଙ୍କ କହିବା ଅନୁଯାୟୀ, ନିୟମିତ ଭାବେ ଏହି ଓପିଡିରୁ ୨୫ରୁ ୩୦ଜଣଙ୍କୁ ଆଡମିଶନ କରାଯାଇଥାଏ। ହେଲେ ରବିବାର ଏହା ୪ଜଣରେ ସୀମିତ ଥିଲା। ଅନ୍ୟପକ୍ଷରେ ରବିବାର ହସ୍ପିଟାଲ ପରିସର ଓ ବାହାରେ ଥିବା ଔଷଧ ଦୋକାନଗୁଡିକ ଖୋଲାଥିଲେ ମଧ୍ୟ ପୂର୍ବ ଦିନଗୁଡିକ ଭଳି ଗ୍ରାହକଙ୍କ ଗହଳି ନ ଥିଲା। ଏ ସମ୍ପର୍କରେ ଔଷଧ ବ୍ୟବସାୟୀ ଦେବାଶିଷ ସାହୁ କହିଛନ୍ତି, ଜରୁରୀ ଔଷଧ ଆବଶ୍ୟକ ପଡିଲେ କାଳେ କିଏ ହଇରାଣ ହେବେ ତାହାକୁ ଦୃଷ୍ଟିରେ ରଖି ସମସ୍ତେ ବାଧହୋଇ ଦୋକାନ ଖୋଲିଛୁ।

# କଟକ ଖାଁ ଖାଁ

**ଜନତା କର୍ଫ୍ୟୁ, ଲକ୍ ଡାଉନ୍‌ର ପ୍ରଭାବ**



ଛତ୍ରବଜାର ପରିବା ଓ ଫଳ ମାର୍କେଟ ଜନଶୂନ୍ୟ।

କଟକ ଅଫିସ,୨୨।୩

ଭିଡ଼ ଏବଂ ଜନଗହଳି ସ୍ଥାନରେ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଅର୍ଥାତ୍ ଅନ୍ତତଃ ଗୋଟିଏ ଦିନ ପାଇଁ ଭିଡ଼ କମାଇବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଜନତା କର୍ଫ୍ୟୁ ଡାକରା ଦେଇଥିଲେ। ସେହିପରି ରାଜ୍ୟ ସରକାର ସପ୍ତାହେ ବ୍ୟାପୀ ସହରରୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଉଭୟର ପ୍ରଭାବରେ ରବିବାର କଟକ ସହର ଖାଁ ଖାଁ ଅନୁଭୂତ ହୋଇଥିଲା। ସହରର ରାସ୍ତାଘାଟ ପ୍ରମୁଖ ବଜାର, ଛକ ଆଦି ଜନଶୂନ୍ୟ ହୋଇପଡିଥିଲା। ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡିଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ସହରର ଲିଙ୍କ୍‌ରୋଡ୍, ଜଗତ୍‌ପୁର, ଓଏମ୍‌ପି, କଲେଜ ଛକ, ବାଦାମ୍‌ବାଡି ଓ ମଙ୍ଗଳାବାଗ ଭଳି ପ୍ରମୁଖ ଛକରେ ପୋଲିସ ପକ୍ଷରୁ କଡା ପ୍ରହରା ଦିଆଯାଇଥିଲା। ମେଡିକାଲ କିମ୍ବା ଆବଶ୍ୟକ କାମ ଥିଲେ ହିଁ ଲୋକମାନଙ୍କୁ ଯିବାକୁ ଦିଆଯାଉଥିଲା। ଅପରାହ୍ନ ୫ଟାରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଲୋକମାନେ ନିଜ ଘରର ଛାତ ଉପରେ ଘଣ୍ଟି, ଘଣ୍ଟା ଏବଂ ବାସନକୁସନ ବଜାଉଥିବା ଦେଖିବାକୁ ମିଳିଥିଲା।

## ଗାଡ଼ି ନ ପାଇ ହଇରାଣ ହେଲେ ଯାତ୍ରୀ



ଜନତା କର୍ଫ୍ୟୁ ଓ ଲକ୍ ଡାଉନର ପ୍ରଭାବ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଫଳରେ ବାହାରୁ ଆସିଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅହମ୍ମଦାବାଦରୁ ଟ୍ରେନ୍‌ରେ କେତେଜଣ ଯାତ୍ରୀ ଭୁବନେଶ୍ୱର ଆସିଥିଲେ। ଷ୍ଟେଶନରେ ଓହ୍ଲାଇବା ପରେ ପୋଲିସ ସେମାନଙ୍କୁ ମୋ' ବସରେ ବାଦାମବାଡିକୁ ପଠାଇଥିଲା। ମାତ୍ର ସେଠାରେ କୌଣସି ଗାଡି ନ ପାଇଁ ସେମାନେ ହଇରାଣ ହୋଇଥିଲେ। ହୋଟେଲ ଏବଂ ଜଳଖିଆ ଦୋକାନ ବନ୍ଦ ଥିବାରୁ ସେମାନଙ୍କୁ ଖାଇବାକୁ ମିଳି ନ ଥିଲା। କୌଣସି ଉପାୟ ନ ପାଇ ସେମାନଙ୍କୁ ରେଳ ଷ୍ଟେଶନରେ ରହିବାକୁ ପଡିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ – ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

DHARITRI Career appointment Every Wednesday and Saturday

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ



**ଅସଲ ଯୋଦ୍ଧାଙ୍କୁ ଧନ୍ୟବାଦ**

# ଘଣ୍ଟି, ଶଙ୍ଖ ଧ୍ୱନିରେ କମ୍ପିଲା ସହର







ଭୁବନେଶ୍ୱର,୨୨।୩ (ବ୍ୟୁରୋ)

କରୋନା ବିପକ୍ଷରେ ପୁରା ମାନବ ସମାଜ ସଂଘର୍ଷ କରୁଛନ୍ତି। କିନ୍ତୁ ଏହି ଯୁଦ୍ଧରେ ଅସଲ ଭୂମିକା ଗ୍ରହଣ କରିଛନ୍ତି ପୋଲିସ, ଗଣମାଧ୍ୟମ, ଡାକ୍ତର,ନର୍ସ ଏବଂ ଅନ୍ୟ ଜରୁରୀକାଳୀନ ସେବା ଯୋଗାଉଥିବା ବ୍ୟକ୍ତିଙ୍କ। ସେମାନେ ନିଜର ସୁରକ୍ଷାକୁ ଚିନ୍ତା ନ କରି ଲୋକଙ୍କ ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏହି ଅସଲ ଯୋଦ୍ଧାଙ୍କୁ ସେଲିବ୍ରିଟିଙ୍କ ଠାରୁ ଆରମ୍ଭ କରି ନେତା ଏବଂ ଜନତା ଧନ୍ୟବାଦ ଜଣାଇଛନ୍ତି। ଜନତା କର୍ଫ୍ୟୁ ପାଳନ କରିବା ବେଳେ ସନ୍ଧ୍ୟା ୫ଟା ୫ରେ ଜନସାଧାରଣ ଘର ବାହାରକୁ ଆସି ଥାଳି,ଘଣ୍ଟି,ତାଳି ବଜାଇ ସେମାନଙ୍କ ଉତ୍ସାହ ବଢାଇଥିଲେ। ଏପରିକି ଅନେକ ସ୍ଥାନରେ ପୋଲିସ ମଧ୍ୟ ସାଇରନ୍ ଦେଇଥିଲା। ପ୍ରଧାନମନ୍ତ୍ରୀ ୫ ମିନିଟ୍ ପାଇଁ କହିଥିଲେ ମଧ୍ୟ ଏହା ବହୁ ସମୟ ଧରି ବାଜୁଥିବାର ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଆଦି ଅନେକ ନେତା ଘଣ୍ଟ,ଥାଳି ଏବଂ ତାଳି ମାରି ଜରୁରୀ ସେବା ଯୋଗାଉଥିବା ବ୍ୟକ୍ତିମାନଙ୍କ ଉତ୍ସାହ ବଢାଇଥିଲେ।

## ବାଥ୍ ରୁମ୍‌ରେ ୯ ଦିନ ପର୍ଯ୍ୟନ୍ତ ସକ୍ରିୟ ରୁହେ କରୋନା ଭୂତାଣୁ

ୱାଶିଂଟନ,୨୨।୩

କରୋନା ସଂକ୍ରମଣ ନେଇ ଏବେ ସାରା ପୃଥିବୀରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିବାରେ ଲାଗିଛି। ଏହି ଭୂତାଣୁ ବାଥ୍ ରୁମ୍‌ରେ ୯ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ବୋଲି ପ୍ରିନ୍ସ ଟନ୍ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ଦ୍ୱାରା ହୋଇଥିବା ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟ 'ଦି ନିୟୁ ଇଂଲଣ୍ଡ ଜର୍ଣ୍ଣାଲ୍ ଅଫ୍ ମେଡିସିନ୍'ରେ ପ୍ରକାଶ ପାଇଛି। କରୋନା ଭୂତାଣୁ ବାୟୁ ମଣ୍ଡଳରେ ୩ ଘଣ୍ଟା ପର୍ଯ୍ୟନ୍ତ ସକ୍ରିୟ ରହିଥାଏ। ସେହିପରି ତମ୍ବାରେ ୪ ଘଣ୍ଟା, କାର୍ଡବୋର୍ଡରେ ୨୪ ଘଣ୍ଟା, ପ୍ଲାଷ୍ଟିକ୍ ଅବା ଷ୍ଟେନଲେସ୍ ଷ୍ଟିଲ୍‌ରେ ୨ରୁ ୩ ଦିନ ପର୍ଯ୍ୟନ୍ତ ସକ୍ରିୟ ହୋଇ ରହିଥାଏ। ତେଣୁ ଘରେ କିମ୍ବା କାର୍ଯ୍ୟାଳୟରେ ଡୋର୍ ନବ୍, ଡ୍ରୟର ନବ୍ ତଥା ଅନ୍ୟାନ୍ୟ ବସ୍ତୁକୁ ସାନିଯାଇଜ୍ କରିବାର ଆବଶ୍ୟକତା ରହିଛି। ତେବେ ଆଦ୍ର ଭୂଇଁରେ ଏହି ଭୂତାଣୁ ଅଧିକ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିପାରିଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ମଧ୍ୟ ସୂଚିତ କରାଯାଇଛି। କରୋନା ଭୂତାଣୁର କ୍ରିୟାଶୀଳତା ଆଦ୍ର ଭୂଇଁ, ତାପମାତ୍ରା ଏବଂ ବାୟୁ ମଣ୍ଡଳର ଆଦ୍ରତା ଉପରେ ମଧ୍ୟ ନିର୍ଭର କରିଥାଏ। ଏପରିସ୍ଥଳେ ବାଥ୍ ରୁମ୍‌ରୁ ସଂକ୍ରମଣ ନେଇ ଏହାର ଆଶଙ୍କା ଅଧିକ ରହିଥାଏ। ତେଣୁ ପରିବାରରେ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ଦୂରତା ବଜାୟୀ ରଖିବା ସହିତ ଅଲଗା ବାଥ୍ ରୁମ୍ ବ୍ୟବହାର କରିବା ଭଲ। ଯଦି ଏଭଳି ସୁବିଧା ନ ଥାଏ ବାଥ୍ ରୁମ୍‌କୁ ଭଲଭାବେ ସାନିଟାଇଜ୍ କରି ଏହାକୁ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ହୋଇଛି।

## ବ୍ଲିଚିଂ ପାଉଡ଼ରରେ ବି କରିହେବ ଘର, କାର୍ଯ୍ୟାଳୟ ସାନିଟାଇଜ୍

ନୂଆଦିଲ୍ଲୀ,୨୨।୩

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରେରଣ ଜାରି ରଖିଛନ୍ତି। କରୋନାଠାରୁ ଦୂରେଇ ରହିବା ପାଇଁ ସାନିଟାଇଜେଶନ୍ ଜରୁରୀ। ଘର ଏବଂ କାର୍ଯ୍ୟାଳୟର ପରିମଳ ବ୍ୟବସ୍ଥା ବଜାୟ ରଖିଲେ ଏହି ଭୂତାଣୁଠାରୁ ସହଜରେ ରକ୍ଷା ମିଳିପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ସମ୍ପ୍ରତି ସାନିଟାଇଜର ବଜାରରେ ପର୍ଯ୍ୟାପ୍ତ ମିଳୁ ନ ଥିବାରୁ ଘରେ ବ୍ଲିଚିଂ ପାଉଡ଼ରରୁ କିଭଳି ସହଜରେ ସାନିଟାଇଜର ପ୍ରସ୍ତୁତ କରିହେବ ସେ ନେଇ ନୋଏଡ଼ାର ଗୌତମବୁଦ୍ଧ ନଗରର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ବ୍ଲିଚିଂ ପାଉଡ଼ର ପକାଇ ଏହାକୁ ଭଲ ଭାବେ ଘାଣ୍ଟିବା ପରେ ଏଥିରେ ଘର ଅବା କାର୍ଯ୍ୟାଳୟକୁ ଦିନରେ ୨ରୁ ୩ଥର ପୋଛିଲେ ଚଟାଣରେ ଥିବା ଭୂତାଣୁ ନଷ୍ଟ ହୋଇଯାଇଥାଏ। ଏହି ପାଣିରେ ଝରକା ରେଲିଂ, ଡୋର୍ ନବ୍ ଆଦିକୁ ପୋଛିଲେ ବାୟୁମଣ୍ଡଳରୁ ଆସି ଏସବୁ ସ୍ଥାନରେ ଲାଗିଥିବା ଭୂତାଣୁ ନଷ୍ଟ ହୋଇଯାଇଥାନ୍ତି ବୋଲି ଗୌତମବୁଦ୍ଧ ନଗରର ସ୍ୱାସ୍ଥ୍ୟ ବିଭାଗର ୨୦୦ ଟିମ୍ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି।

## ନିମାପଡ଼ା ଅଞ୍ଚଳରେ ୨୨ ବିଦେଶୀ ଫେରନ୍ତା

### ଭେଟିଲେ ପ୍ରଶାସନ, ଡାକ୍ତରୀ ଟିମ୍

**ନିମାପଡ଼ା,୨୨।୩(ଡି.ଏନ୍.ଏ.):** ପୁରୀ ଜିଲା ନିମାପଡ଼ା ବ୍ଲକର ଚାରିଛକ, ତୁଳସୀପୁର, ବାହାରେଣଶ, ବଳଙ୍ଗା ଆଦି ଅଞ୍ଚଳର ବିଦେଶୀ ଓ ବାହାର ରାଜ୍ୟରୁ ଫେରିଥିବା ୨୨ଜଣ ବ୍ୟକ୍ତି ଫେରିଥିବା ଜଣାପଡ଼ିଛି। ଏହା ପ୍ରଶାସନ ଜାଣିବା ପରେ ରବିବାର ପ୍ରଶାସନିକ ଅଧିକାରୀ ଓ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ଫେରାନ୍ତା ବ୍ୟକ୍ତି ଓ ତାଙ୍କ ପରିବାରଙ୍କୁ ଭେଟିଛନ୍ତି। ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ବିଦେଶୀ ଫେରନ୍ତା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବାସହ ଅନ୍ୟ କାହାସହ ନ ମିଶିବାକୁ ପରାମର୍ଶ ଦେଇଥିଲେ। ଏହାସହ ୧୪ଦିନ ପର୍ଯ୍ୟନ୍ତ ହୋମ ଆଇସୋଲେଶନ(ନିଜ ଗୃହ) ରହିବାକୁ କହିଛନ୍ତି। କରୋନା ମୁକାବିଲା ପାଇଁ ନିଜେ ପ୍ରଥମେ ସଚେତନ ହେବା ଜରୁରୀ ବୋଲି ବିଡିଓ ମନୋଜ ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା ପ୍ରମୁଖ ପରାମର୍ଶ ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

## ଡାକ୍ତରୀ ଟିମ୍‌କୁ ବିରୋଧ

**କଟକ ସଦର,୨୨।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତକୁ ୩୦ ଜଣ ବ୍ୟକ୍ତି ବିଦେଶରୁ ଫେରିଛନ୍ତି। ଖବରପାଇ ରବିବାର ସକାଳେ ବେଷ୍ଟକାର ପାରାମେଡିକାଲ ଷ୍ଟାଫ ପରମହଂସ ଓ ରଘୁନାଥପୁର ଗ୍ରାମରେ ପହଞ୍ଚିଥିଲେ। ବିଦେଶ ଫେରନ୍ତାଙ୍କ ଠିକଣା ଓ ସେମାନେ କେଉଁ ଦେଶରୁ ଫେରିଛନ୍ତି ସେ ସମ୍ପର୍କରେ ବେଷ୍ଟକାର ପାରାମେଡିକାଲ ଷ୍ଟାଫମାନେ ଜାଣିପାରି ନ ଥିଲେ। କାରଣ ସମ୍ପୃକ୍ତ ବିଦେଶ ଫେରନ୍ତାଙ୍କ ପରିବାର ଲୋକେ ପାରାମେଡିକାଲ ଷ୍ଟାଫମାନଙ୍କୁ ବିରୋଧ କରିଥିଲେ। ଏ ସମ୍ପର୍କରେ ସେମାନେ ପୋଲିସର ସହାୟତା ଲୋଡିଛନ୍ତି।

## ସଂକ୍ରମଣ ରୋକିବ ଲକ୍‌ଡାଉନ୍



**ଭୁବନେଶ୍ୱର,୨୨।୩(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ରବିବାର ସମଗ୍ର ଦେଶରେ ଜନତା କର୍ଫ୍ୟୁ ଉତ୍ସାହର ସହ ପାଳନ ହୋଇଛି। ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ କରୋନା ସଂକ୍ରମଣର ମୁକାବିଲା କରିବାକୁ ୧୪ ଘଣ୍ଟା ଘରେ ରହି କର୍ଫ୍ୟୁକୁ ସମର୍ଥନ କରିଥିଲେ। କୋଭିଡ୍-୧୯ ବା କରୋନା ଭୂତାଣୁର ଜୀବନକାଳ ୧୨ ଘଣ୍ଟା ହୋଇଥିବାରୁ ୧୪ ଘଣ୍ଟା ଘରେ ରହିଲେ ଭୂତାଣୁ ସଂକ୍ରମଣରେ ରୋକ ଲାଗିବ ବୋଲି ଅନେକ ସୋସିଆଲ ମିଡ଼ିଆରେ ଶେୟାର କରିଥିଲେ। ସେହିଭଳି ଘଣ୍ଟ ବାଡ଼େଇ କମ୍ପନ ସୃଷ୍ଟି କରିବା ଦ୍ୱାରା ଭୂତାଣୁଗୁଡ଼ିକ ଆପେ ଆପେ ମରିଯିବା କଥା ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ତେବେ ବିଶେଷଜ୍ଞମାନେ ଏହାକୁ ଖଣ୍ଡନ କରିବା ସହ ଗୋଟିଏ ଚଟାଣରେ ଥିବା ଭୂତାଣୁ ୨ ରୁ ୩ଦିନ ପର୍ଯ୍ୟନ୍ତ ବଞ୍ଚି ରହିପାରିବ ବୋଲି କହିବା ସହ ଜଣେ ସଂକ୍ରମିତ ବ୍ୟକ୍ତି ୨ ସପ୍ତାହ ପର୍ଯ୍ୟନ୍ତ ଅନ୍ୟକୁ ସଂକ୍ରମିତ କରିପାରେ ବୋଲି ମତ ଦେଇଛନ୍ତି। ଏଭଳିସ୍ଥଳେ ସୋସିଆଲ ଲକ୍‌ଡାଉନ୍ ଏହି ଭୂତାଣୁକୁ ରୋକିବାକୁ ଏକ ଭଲ ମାଧ୍ୟମ ବୋଲି କୁହାଯାଇଛି। ନୂଆ ସଂକ୍ରମଣ ରୋକିବାକୁ ସୋସିଆଲ ଲକ୍‌ଡାଉନ୍ ପାଇଁ ଡାକ୍ତର ଏବଂ ବିଶେଷଜ୍ଞମାନେ ପରାମର୍ଶ ଦେଇଥିବାବେଳେ ଓଡ଼ିଶାର ୫ ଜିଲା ଏବଂ ୮ ସହରକୁ ଲକ୍‌ଡାଉନ୍ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଜିଲାଗୁଡ଼ିକରେ ଅଧିକାଂଶ ବିଦେଶ ଫେରନ୍ତା ରହିଥିବାରୁ ଏକ ସପ୍ତାହ ଲାଗି ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଲକ୍‌ଡାଉନ୍ ଦ୍ୱାରା ସମସ୍ତ ସ୍ଥାନରେ ସଂକ୍ରମଣ ବ୍ୟାପିବାକୁ କେତେକାଂଶରେ ରୋକାଯାଇପାରେ। ଅତ୍ୟାବଶ୍ୟକ ସାମଗ୍ରୀର ଆବଶ୍ୟକ ନଥିଲେ ଘରୁ ନ ବାହାରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି।

ସେହିପରି କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମସ୍ତ ପାସେଞ୍ଜର ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ରାଜ୍ୟ ସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ତଃରାଜ୍ୟ ବସ୍‌ସେବା ବନ୍ଦ କରିଛନ୍ତି।

### ପଡ଼ିପାରେ ଓଲଟା ପ୍ରଭାବ

ପୂର୍ବରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ହାଟ ବଜାରକୁ ସନ୍ଧ୍ୟା ୬ଟା ପରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଅନେକ ପାଳନ କରିଥିବାବେଳେ ରାସ୍ତାକଡ଼ ଦୋକାନ ବଜାର ଖୋଲା ରହିଥିଲା। ଏପରିକି ଗଳିକନ୍ଦିରେ ଥିବା ଦୋକାନ ମଧ୍ୟ ଖୋଲା ରହିଥିଲା। ସେଠାରେ କିଣାକିଣି ପାଇଁ ଲୋକେ ଭିଡ଼ ଜମାଇଥିଲେ। ଫଳରେ କରୋନା ସଂକ୍ରମଣ ଭୟ ସୃଷ୍ଟି ହୋଇଥିଲା। ଶନିବାର ଏଭଳି ପରିସ୍ଥିତି ହୋଇଥିଲା ଯେ, ଗ୍ରସେରି ଓ ପନିପରିବା ଭଳି ଜରୁରୀ ସାମଗ୍ରୀ ନ ପାଇ ଲୋକେ ଘରକୁ ଫେରିଥିଲେ। ଏଭଳି ପରିସ୍ଥିତି ଜାରି ରହିଲେ ୫ ଜିଲା ଏବଂ ୮ ସହରରେ ହେବାକୁ ଥିବା ଲକ୍‌ଡାଉନ୍ ନକାରାତ୍ମକ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

### ପରିସ୍ଥିତି ଖରାପ ହେବା ପୂର୍ବରୁ ସଚେତନ ଜରୁରୀ

କୋଭିଡ୍-୧୯ ପ୍ଲାଷ୍ଟିକ୍ ଏବଂ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସରଫେସ୍‌ରେ ସର୍ବାଧିକ ୨ରୁ ୩ଦିନ ପର୍ଯ୍ୟନ୍ତ ରହିପାରେ। କପର୍ ସରଫେସ୍‌ରେ ସବୁଠାରୁ କମ୍ ସମୟ ପର୍ଯ୍ୟନ୍ତ ବଞ୍ଚେ। ହେଲେ ଏହାପରେ ମଧ୍ୟ ତାପମାତ୍ରା ଓ ଆର୍ଦ୍ରତାର ପ୍ରଭାବ ରହିଛି। ଲକ୍‌ଡାଉନ୍ ଏକମାତ୍ର ବାଟ, ଯାହାଦ୍ୱାରା ଆମେ ସାମାଜିକ ଦୂରତା ରକ୍ଷା କରିପାରିବା। ଏହାର ଉପଯୁକ୍ତ ଚିକିତ୍ସା ଏପର୍ଯ୍ୟନ୍ତ ଆସି ନ ଥିବାରୁ ଟ୍ରାନ୍ସମିଶନ ରେଟ୍‌କୁ କମ୍ କଲେ ହିଁ ସଂକ୍ରମଣ ରୋକାଯାଇପାରିବ। ହଠାତ୍ ହେଲ୍‌ଥକେୟାର ସେକ୍ଟର ଉପରେ ଏକ ବୋଝ ପଡ଼ିବନି ଏବଂ ପ୍ରତ୍ୟେକ ରୋଗୀର ଚିକିତ୍ସା କରାଯାଇପାରିବ। ଓଡ଼ିଶାରେ ୩ ହଜାରରୁ ଅଧିକ ଲୋକ ଦେଶ ବାହାରୁ ଫେରିଛନ୍ତି। ସମସ୍ତଙ୍କର ପରୀକ୍ଷା ହୋଇନି। ଏହାଛଡ଼ା ଅଜଣା ପଜିଟିଭ୍ ମଧ୍ୟ ଥାଇପାରନ୍ତି, ଯାହାଙ୍କଠାରେ ରୋଗ ରହିଛି କିନ୍ତୁ ଲକ୍ଷଣ ଆସିନି। ଏହି ଲକ୍‌ଡାଉନ୍ ଦ୍ୱାରା ସେମାନଙ୍କଠାରୁ ସଂକ୍ରମଣକୁ ରୋକାଯାଇପାରିବ। ଓଡ଼ିଶା ପ୍ରାରମ୍ଭିକ ଷ୍ଟେଜ୍‌ରେ ଏହି ପଦକ୍ଷେପ ନେବା ସ୍ୱାଗତଯୋଗ୍ୟ। ପରିସ୍ଥିତି ଖରାପ ହେବା ପୂର୍ବରୁ ଲୋକେ ଏହାକୁ ମାନିବା ଆବଶ୍ୟକ।

**- ଡ. ସୁଦୀପ୍ତ ରଞ୍ଜନ ସିଂ, ଆସୋସିଏଟ୍ ପ୍ରଫେସର, ଏଫ୍‌ଏମ୍‌ଟି ବିଭାଗ, ଏମ୍ସ ଭୁବନେଶ୍ୱର**

# ପୁରୀ: ହୋଟେଲ ଶିଳ୍ପରେ ତାଲା

ପୁରୀ ଅଫିସ,୨୨।୩

**ପେଟପାଟଣା ଚିନ୍ତାରେ କର୍ମଚାରୀ**




କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛି। ନୂଆ ନୂଆ କଟକଣା ବି ଲଗାଉଛି। ପ୍ରଶାସନିକ ନିର୍ଦ୍ଦେଶ ଫଳରେ ପର୍ଯ୍ୟଟକ ଶୂନ୍ୟ ହୋଇପଡ଼ିଛି ପୁରୀ। ଫଳରେ ଏହାର ପ୍ରଭାବ ହୋଟେଲ ଶିଳ୍ପ ଉପରେ ପଡ଼ିଛି। ବିଭିନ୍ନ ହୋଟେଲରେ ତାଲା ଝୁଲୁଥିବାବେଳେ ଏଠାରେ କାର୍ଯ୍ୟରତ କର୍ମଚାରୀ ଛୁଟି ନେଇ ଘରକୁ ଚାଲିଯାଇଛନ୍ତି। ହୋଟେଲ, ଲଜିଂ, ହଲିଡେ ହୋମ୍, ଧର୍ମଶାଳା ଆଦିରେ ନୀରବତା ଖେଳିଯାଇଛି। ତେବେ ପୁରୀର ହୋଟେଲ ଶିଳ୍ପ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ନିର୍ଭର କରୁଥିବା ହଜାର ହଜାର ପରିବାର ଏବେ ପେଟପାଟଣା ଚିନ୍ତାରେ ଅଛନ୍ତି।

ପର୍ଯ୍ୟଟନ ଶିଳ୍ପର ଏକ ପ୍ରମୁଖ ଅଂଶ ହେଉଛି ହୋଟେଲ। ହୋଟେଲ ଯୋଗୁ ହିଁ ପର୍ଯ୍ୟଟନ ଶିଳ୍ପ ଆଗକୁ ବଢିଥାଏ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟହ ଏଠାକୁ ଦେଶ ବିଦେଶର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ପ୍ରାୟ ୧,୦୦୦ ଛୋଟ, ବଡ଼ ହୋଟେଲ ରହିଛି। କିନ୍ତୁ କରୋନା ପାଇଁ ଏବେ ହୋଟେଲଗୁଡ଼ିକରେ ତାଲା ଝୁଲିଛି। ବାହାର ପର୍ଯ୍ୟଟକଙ୍କୁ ସହରରୁ ଖାଲି କରିବା ଲାଗି ପ୍ରଶାସନିକ କଟକଣା ପରେ ଏମିତି ଏକ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ବିପତ୍ତି ସମୟରେ ବ୍ୟକ୍ତିଗତ ସ୍ୱାର୍ଥକୁ ପଛକୁ ଠେଲି ହୋଟେଲ ମାଲିକମାନେ ସହଯୋଗ କରିଛନ୍ତି। ଅଧିକାଂଶ ହୋଟେଲ ଫାଟକରେ ତାଲା ଝୁଲିବା ସହ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ କ୍ଲୋଜ ଲେଖାଥିବା ପୋଷ୍ଟର ଦେଖିବାକୁ ମିଳିଛି। ହୋଟେଲଗୁଡ଼ିକ ବନ୍ଦ ହୋଇଯାଇଥିବାବେଳେ ଏଠାରେ ପେଟପାଟଣା ପାଇଁ କାମ କରୁଥିବା ଛୋଟ, ବଡ଼ କର୍ମଚାରୀ ଏବେ ଛୁଟିରେ ପଳାଇଛନ୍ତି। ହୋଟେଲ ଶିଳ୍ପ ଦ୍ୱାରା ଏମାନେ ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ସେମାନଙ୍କ ପରିବାର ବି ସମସ୍ୟାରେ ପଡ଼ିଛନ୍ତି। ସେହିପରି ପରୋକ୍ଷରେ ହୋଟେଲ ଶିଳ୍ପ ଉପରେ ଅଟୋ, ରିକ୍ସା, ବସ୍ ଏବଂ ଟ୍ୟାକ୍ସି ଚାଳକ ନିର୍ଭରଶୀଳ। ଏମାନେ ଯାତ୍ରୀ, ପର୍ଯ୍ୟଟକଙ୍କୁ ଆଣି ହୋଟେଲରେ ପହଞ୍ଚାଇ ଯାହା କିଛି ଅର୍ଥ ରୋଜଗାର କରନ୍ତି ସେଥିରେ ସେମାନଙ୍କ ପରିବାର ଚଳେ। କିନ୍ତୁ ପୁରୀ ପର୍ଯ୍ୟଟକ ଶୂନ୍ୟ ହେବା ପରେ ଏମାନେ ରୋଜଗାର ହରାଇଛନ୍ତି।

ହୋଟେଲ କର୍ମଚାରୀ ବାଦଲ ମହାନ୍ତି କହିଛନ୍ତି, ଆମ ପରିବାରର ୪ ସଦସ୍ୟ। ସମସ୍ତେ ମୋ' ରୋଜଗାର ଉପରେ ନିର୍ଭର କରନ୍ତି। ଏକ ହୋଟେଲରେ ଶେଫ୍ ଭାବେ କାମ କରେ। କିନ୍ତୁ ବର୍ତ୍ତମାନ କଟକଣା ଯୋଗୁ ହୋଟେଲ ବନ୍ଦ ହୋଇଯାଇଛି। ତେଣୁ ଗାଁକୁ ଚାଲିଯାଉଛି। ପୁଣି କେବେ ସ୍ଥିତି ସ୍ୱାଭାବିକ ହେବ ତାହା ଜଣାନାହିଁ, ଯାହା ଭାଗ୍ୟରେ ଥିବ ତାହା ହେବ। ସେହିପରି ହାରୋର ଉପାଧ୍ୟକ୍ଷ ରାଜକିଶୋର ପାତ୍ର କହିଛନ୍ତି, କରୋନା କଟକଣା ଯୋଗୁ ପୁରୀର ପ୍ରାୟ ସବୁ ହୋଟେଲ ପର୍ଯ୍ୟଟକଶୂନ୍ୟ ହୋଇପଡ଼ିଛି। ହୋଟେଲରେ ତାଲା ପଡ଼ିଥିବାବେଳେ ପ୍ରାୟ ୯୦ ପ୍ରତିଶତ କର୍ମଚାରୀ ଘରକୁ ପଳାଇଛନ୍ତି। ହୋଟେଲ ମାଲିକମାନେ ଦୈନିକ ପ୍ରାୟ ୫୦ରୁ ୬୦ ହଜାର ଟଙ୍କା କ୍ଷତି ସହୁଛନ୍ତି। ଏଭଳି ସ୍ଥିତି ଯଦି ଅଧିକ ଦିନ ଲାଗି ରୁହେ ନିଶ୍ଚିତ ହୋଟେଲ ଶିଳ୍ପ ଉପରେ ଏହା ବଡ଼ ପ୍ରଭାବ ପକାଇବ। ଅନେକ ହୋଟେଲ ବୁଡ଼ିବା ସହ କର୍ମଚାରୀମାନେ ମଧ୍ୟ ରୋଜଗାର ହରାଇବେ। ଏଭଳି ସ୍ଥିତିକୁ ସମସ୍ତେ ମିଳିମିଶି ମୁକାବିଲା କରିବା ଦରକାର।

# ୧୦ ଗୁଜବକାରୀ ଗିରଫ

ଭୁବନେଶ୍ୱର,୨୨।୩ (ବ୍ୟୁରୋ)

କରୋନା ସଂକ୍ରମଣକୁ ନେଇ ସୋସିଆଲ ମିଡିଆରେ ଅନେକ ବ୍ୟକ୍ତି ଗୁଜବ କରୁଛନ୍ତି। ମିଥ୍ୟା ତଥ୍ୟ ଦେଇ ଲୋକଙ୍କୁ ଆତଙ୍କିତ କରୁଛନ୍ତି। ତେଣୁ ଏଭଳି ଗୁଜବକାରୀଙ୍କ ଉପରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରାଜ୍ୟର ବିଭିନ୍ନ ଜିଲାରୁ ୧୦ ଜଣଙ୍କୁ ପୋଲିସ ଗିରଫ କଲାଣି। ହେଲେ ଏହି ଗୁଜବ କମିବାର ନାଁ ଧରୁନି। ଏହା ଉପରେ ରୋକ ଲଗାଇବାକୁ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସବୁ ଜିଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆ ଉପରେ ନଜର ରଖାଯାଉଛି।

**■ ସୋସିଆଲ ମିଡିଆ ଉପରେ ସ୍ୱତନ୍ତ୍ର ନଜର**

ଯଦି କେହି କିଛି ଭୁଲ କିମ୍ବା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କଲା ଭଳି ପୋଷ୍ଟ କରନ୍ତି ତେବେ ତାଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଲକ୍‌ଡାଉନ୍ ସମୟରେ ଗୁଜବ ବଢିବାର ଆଶଙ୍କା କ୍ରାଇମବ୍ରାଞ୍ଚ କରୁଛି। ତେଣୁ ସବୁ ଜିଲା ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗୁଜବକାରୀଙ୍କ ଉପରେ ନଜର ରଖୁଛନ୍ତି। ଯେଉଁମାନେ ଏଭଳି କରିବେ ସେମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ। ସବୁଠୁ ବଡ କଥା ହେଲା କରୋନା ପାଇଁ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଟୋଲଫ୍ରି ନମ୍ବରକୁ ଆସୁଥିବା ଫୋନ୍ କଲ ଉପରେ ମଧ୍ୟ ନଜର ରଖାଯାଇଛି। ବିଶେଷ କରି ଯେଉଁମାନଙ୍କୁ କରୋନା ସଂକ୍ରମଣ ହୋଇଥିବା ନେଇ ସନ୍ଦେହ କରାଯାଉଛି ସେମାନେ ହୋମ୍ ଆଇସୋଲେଶନରେ ରହିବେ। ହେଲେ ମିଥ୍ୟାରେ ଯେଉଁମାନେ ଫୋନ୍ କରି ଅଯଥା ହଇରାଣ କରୁଛନ୍ତି ସେମାନଙ୍କ ଉପରେ ନଜର ରଖାଯାଇଛି। ଏପରିକି ଆସୁଥିବା ଫୋନ୍ କଲଗୁଡିକୁ ପରେ ଫଲୋଅପ୍ ନିଆଯାଇଛି। ଯେଉଁମାନେ ନିଜର ସ୍ୱାସ୍ଥ୍ୟ ନେଇ ମିଥ୍ୟା ତଥ୍ୟ ଦେଉଛନ୍ତି ସେମାନଙ୍କ ଫୋନ୍ ଲୋକେସନ୍‌ରୁ ତାହା ଧରାଯାଉଛି ବୋଲି ସୌମେନ୍ଦ୍ର କହିଛନ୍ତି।

## ବନ୍ଦ ହେଲା ବାରୁଣୀ ବୁଡ଼, ୧୪୪ ଧାରା ଜାରି

**ଖୁଣ୍ଟୁଣୀ,୨୨।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁରଠାରେ ପ୍ରସିଦ୍ଧ ସିଦ୍ଧ ନାରାୟଣୀ ପୀଠର ମହାନଦୀ ବାରୁଣୀ ଘାଟରେ ରବିବାର ହେବାକୁ ଥିବା ବାରୁଣୀ ବୁଡ଼କୁ କରୋନା ପାଇଁ ପ୍ରଶାସନ ବନ୍ଦ କରିଛି। ଆଠଗଡ଼ ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ନିମନ୍ତେ ମେଳା, ମହୋତ୍ସବ ତଥା ଗୋଟିଏ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକାଠି ନ ହେବା ଆଦି କଟକଣା ଯୋଗୁ ୧୪୪ ଧାରା ଜାରି କରାଯାଇଛି। ଫଳରେ ରବିବାର ପ୍ରତ୍ୟୁଷ ୫ଟାରୁ ଆଖପାଖ ସମସ୍ତ ଗ୍ରାମରୁ ଆସିଥିବା ଠାକୁରଙ୍କୁ ମହାନଦୀରେ ବୁଡ଼ ପକାଇ ପୂଜାର୍ଚ୍ଚନା କରାଯାଇଥିଲା। କେବଳ ପୂଜକ ଓ ବ୍ରହ୍ମପୁର-କଖଡ଼ିର ବୟୋଜ୍ୟୋଷ୍ଠ ମୁରବୀମାନଙ୍କ ଉପସ୍ଥିତରେ ଘଣ୍ଟ ବଜାଇ ସମସ୍ତ ନୀତି କାର୍ଯ୍ୟ ସମାପ୍ତ ହୋଇଥିଲା।

## ବାପାଙ୍କୁ ମାରି ନିଜ ବେକ କାଟିଲେ ପୁଅ

**ଚୌଦ୍ୱାର,୨୨।୩(ଡି.ଏନ୍.ଏ.):** ସାମାନ୍ୟ କଥାକୁ ନେଇ ବାପାକୁ ଲୁହାଛଡ଼ରେ ମାଡ଼ ମାରି ହତ୍ୟା କରିବା ପରେ ପୁଅ ନିଜ ବେକ କାଟି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏଭଳି ଅଭାବନୀୟ ଘଟଣା ଚୌଦ୍ୱାର ପୌରପାଳିକା ଓଟିଏମ କଲୋନୀର ୧୧ନଂ ୱାର୍ଡରେ ଦେଖିବାକୁ ମିଳିଛି। ରବିବାର ସକାଳୁ ଚୌଦ୍ୱାର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅଧିକ ତଦନ୍ତ କରିବା ସହ ବ୍ୟବହୃତ ଲୁହାଛଡ଼ ଓ ଛୁରି ଜବତ କରିଛି। ଏ ନେଇ ପୋଲିସ ନଂ.୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ଓଟିଏମ୍ କଲୋନୀ କ୍ୱାର୍ଟରରେ କାଳୁଚରଣ ବେହେରା, ତାଙ୍କ ସ୍ତ୍ରୀ ଓ ପୁଅ ମୁନି ରୁହନ୍ତି। ଶନିବାର ରାତି ପ୍ରାୟ ୧୦ଟା ସମୟରେ ମୁନି ଓ ତାର ମାଆଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହା ଦୀର୍ଘ ସମୟ ଧରି ଚାଲିବାରୁ ଏଥିରେ କାଳୁ ହସ୍ତକ୍ଷେପ କରିଥିଲେ। କିନ୍ତୁ କାଳୁଙ୍କ କଥାରେ ହଠାତ୍ ମୁନି ଉତ୍କ୍ଷିପ୍ତ ହୋଇ ପାଖରେ ଥିବା ଏକ ଲୁହାଛଡ଼ରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ହିଁ କାଳୁଙ୍କ ମୃତ୍ୟୁ ହୋଇଥିଲା। ବାପାର ମୃତ୍ୟୁ ହୋଇଥିବା ଦେଖି ମୁନି ନିଜ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଏକ ଛୁରିରେ ନିଜ ବେକ ଓ ବିଭିନ୍ନ ଜାଗାକୁ କାଟି ପକାଇଥିଲେ। ଏସବୁ ଘଟଣା ଦେଖି ମୁନିର ମା' ପଡ଼ୋଶୀଙ୍କୁ କହିବାରେ ସେମାନେ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଗୁରୁତର ମୁନିକୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୁନିଙ୍କ କିଛିଦିନ ହେବ ନିଶା ସେବନ କରି ମାନସିକ ସ୍ଥିତି ଭଲ ନ ଥିବା ପଡ଼ୋଶୀମାନେ କୁହନ୍ତି।

# ଅଟକାଇଲା 'ଜନତା କର୍ଫ୍ୟୁ'



ଜନଶୂନ୍ୟ ମୁଖ୍ୟ ରାସ୍ତା।

- ସବୁସ୍ତରରେ ସମର୍ଥନ
- ଗାଁଠୁ ସହର ଶୂନଶାନ୍
- ଜୀବନଯାତ୍ରା ପ୍ରଭାବିତ
- ଆମିଷ ଦୋକାନରେ ଗହଳି
- ଘଣ୍ଟ,ଶଙ୍ଖ ବଜାଇ ଧନ୍ୟବାଦ

**ଢେଙ୍କାନାଳ ଅଫିସ, ୨୨।୩**

ନେତାଠୁ ଜନତା। ଗାଁଠୁ ସହର। ସବୁ କିଛି ଠପ୍। ସବୁଠି ଶୂନଶାନ। ଅସମ୍ଭବ ନୀରବତାର ରାଜୁତି। କୌଣସି ବାଧବାଧକତା ନୁହେଁ, ବରଂ ଜୀବନ ମରଣରୁ ଦୋଛକିରେ ଥିବା ମଣିଷ ନିଜକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଥିଲା। ମାରାତ୍ମକ କରୋନା ଭାଇରସ୍‌ରୁ ସୁରକ୍ଷିତ ରଖିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ରବିବାର ଦିଆଯାଇଥିବା 'ଜନତା କର୍ଫ୍ୟୁ' ଆହ୍ୱାନକୁ ସବୁସ୍ତରରେ ମିଳିଛି ଖୋଲା ସମର୍ଥନ। ଲୋକମାନେ ସକାଳ ୭ଟାରୁ ରାତି ୯ଟା ଯାଏ ନିଜକୁ ଘରେ ବନ୍ଦ କରି ରଖିଥିବାବେଳେ ପ୍ରଭାବିତ ହୋଇଥିଲା ସ୍ୱାଭାବିକ ଜୀବନଯାତ୍ରା।

ସବୁଦିନ ସକାଳୁ ସକାଳୁ କୋଳାହଳରେ କମ୍ପିଉଠୁଥିବା ଢେଙ୍କାନାଳର ବାଜିଚୌକ୍‌ରେ ରବିବାର ଥିଲା ଭିନ୍ନ ପରିବେଶ। ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା ଗଣେଶ ବଜାର, ଲକ୍ଷ୍ମୀବଜାର, କୁଞ୍ଜକାନ୍ତ, ଅମଲାପଡ଼ା ବସ୍‌ଷ୍ଟାଣ୍ଡ ସମେତ ଅନ୍ୟାନ୍ୟ ସ୍ଥାନରେ। ଖାଲି ପଡ଼ିଥିଲା ସହର ପ୍ରମୁଖ ଛକ, ରାସ୍ତା। ହାତଗଣତି ଔଷଧ ଦୋକାନକୁ ବାଦ୍‌ଦେଲେ ସବୁ ବନ୍ଦ ରହିଥିଲା। ସେହିପରି କାଁ ଭାଁ ଦୁଇଚକିଆ ଯାନକୁ ଛାଡ଼ିଦେଲେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହୋଇଥିଲା। ଅନ୍ୟପଟେ ରଥଗଡ଼ା, ଚନ୍ଦନବଜାର, ମହାବୀର ବଜାରରେ ଥିବା ଆମିଷ ଦୋକାନରେ ସହରବାସୀଙ୍କ ଜମାଇଥିଲେ ଭିଡ଼। ଜନତା କର୍ଫ୍ୟୁ ପରିବାର ସହ ସମୟ ବିତାଇବାକୁ ଅବସର ଦେଇଥିବାବେଳେ ଏହାକୁ କେହି ହାତଛଡ଼ା କରି ନ ଥିଲେ। ଅପରାହ୍ନ ୫ଟାରେ ମିନାବଜାର, ମହାବୀର ବଜାର, ଜବାହର ଚୌକ, କାଞ୍ଚନବଜାର, ଆନନ୍ଦବଜାର, କୁଞ୍ଜକାନ୍ତ ଅଞ୍ଚଳବାସୀ ଘର ଛାତ ଉପରେ ଛିଡ଼ା ହୋଇ ଶଙ୍ଖ, ଘଣ୍ଟ, ହୁଳହୁଳି,ତାଳି ବଜାଇ ଜରୁରିକାଳୀନ ସେବା ଯୋଗାଉଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହୋଇଥିଲା। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ରାଜ୍ୟବାସୀ ଜନତା କର୍ଫ୍ୟୁ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିଲାଗି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ସାରା ଜିଲାରେ ଜନତା କର୍ଫ୍ୟୁକୁ ବିପୁଳ ସମର୍ଥନ ମିଳିଛି।



ଢେଙ୍କାନାଳ ସହରର ଦୋକାନ ବନ୍ଦ ରହିଛି।



ଘଣ୍ଟ ବାଡ଼େଇ ଜଣେ ବ୍ୟକ୍ତି ସମର୍ଥନ ଜଣାଉଛନ୍ତି।

# ଶେଷକୃତ୍ୟ କଲେ ସାମାଜିକ କର୍ମୀ

**ଅନୁଗୋଳ ଅଫିସ, ୨୨।୩**

୫ ଦିନ ଧରି ମେଡିକାଲରେ ପଡି ରହିଲା ମୃତଦେହ। ପରିଚୟ ମିଳିଲା ପରେ ପରିବାରକୁ ଖବର ଦେଇଥିଲା ପୋଲିସ। ହେଲେ ପରିବାର ଲୋକେ ମୃତଦେହ ନେବାକୁ ମନା କରିଦେଲେ। କେତେଜଣ ସାମାଜିକ କର୍ମୀଙ୍କ ଉଦ୍ୟମରେ ଶେଷରେ ଶ୍ମଶାନକୁ ଯାଇଥିଲା ଶବ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁର ଗ୍ରାମରେ।

ସୂଚନା ଅନୁଯାୟୀ, ବାସୁଦେବପୁର ଗ୍ରାମର ସ୍ୱପ୍ନେଶ୍ୱର ପ୍ରଧାନଙ୍କ ଗତ ୧୫ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ ପ୍ରଥମେ ମୃତକଙ୍କ ପରିଚୟ ପାଇପାରି ନ ଥିବାରୁ ମୃତଦେହକୁ ସେଠାରେ ରଖାଯାଇଥିଲା। ମୃତକଙ୍କ ଠିକଣା ପାଇବାପରେ ପୋଲିସ ତାଙ୍କ ପରିବାରକୁ ଜଣାଇଥିଲା। ହେଲେ

### ମୃତଦେହ ନେଲାନି ପରିବାର

ପରିବାର ଲୋକେ ମୃତଦେହ ନେବାକୁ ମନା କରିଦେଇଥିବା ପୋଲିସ କହିଛି। କେହି ମୃତଦେହ ନ ନେବାରୁ ଗତ ଗୁରୁବାର ଅନୁଗୋଳର ସମାଜିକ କର୍ମୀ ପ୍ରତାପ ମହାପାତ୍ର, ରୁକେଶ ରୋସନ ଦାସ, ଶୁଭାଶିଷ ଗିରି, ପାପୁନା ଦଳବେହେରା ପ୍ରମୁଖ ସହର ଉପକଣ୍ଠରେ ଥିବା ବେଣାଗାଡ଼ିଆ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେବ ସ୍ୱପ୍ନେଶ୍ୱର ଘରଠାରୁ ଅଲଗା ରହୁଥିବା ଏବଂ ମୃତଦେହ ନେବାକୁ ଅକ୍ଷମ ଥିବା ପରିବାର ଲୋକେ କହିଛନ୍ତି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ।

# ମାସ୍କ ବାଣ୍ଟୁଛନ୍ତି ମହିଳା

**ବାରିପଦା ଅଫିସ, ୨୨।୩:**

କରୋନା ସଂକ୍ରମଣରୁ ରକ୍ଷା ପାଇବା ଲାଗି ସବୁଠି ମାସ୍କର ଚାହିଦା ବୃଦ୍ଧି ପାଇଛି। ବାରିପଦା ସହରର ଏକ ସିଲେଇ ତାଲିମ କେନ୍ଦ୍ରରେ କାମ କରୁଥିବା କେତେକ ମହିଳା ମାସ୍କ ଅଭାବ ଦୂର କରିବାକୁ ଆଗେଇ ଆସି କପଡ଼ାରେ ଏହାକୁ ପ୍ରସ୍ତୁତ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ୨୦୦୦ ମାସ୍କ ତିଆରି କରି ଜିଲାର କଇଁଫୁଲିଆ, ଚକଶୁଳିଆ ପଦା, ମୋରଡ଼ା, ଚିତ୍ରଡ଼ା ଆଦି ଗ୍ରାମରେ ମାଗଣାରେ ବାଣ୍ଟି ସାରିଲେଣି। ଆଗକୁ ୧୦ ହଜାର ମାସ୍କ ବାଣ୍ଟିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବାରିପଦା ସହରସ୍ଥିତ ଷ୍ଟାର ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ଅଧକ୍ଷା ନିରୁପମା ସାହୁ କହିଛନ୍ତି। ସଂସ୍ଥା ପକ୍ଷରୁ ପ୍ରସ୍ତୁତ ମାସ୍କ ବଣ୍ଟନ ବେଳେ ଲୋକେ କରୋନାଠାରୁ କିପରି ଦୂରେଇ ରହିବେ, କିପରି ମାସ୍କ ବ୍ୟବହାର କରିବେ ସେ ନେଇ ସଚେତନ କରାଯାଉଛି। ମହିଳାମାନଙ୍କ ଏଭଳି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି। କେନ୍ଦ୍ରରେ ତାଲିମ ନେଉଥିବା ୬ରୁ ଊର୍ଦ୍ଧ୍ୱ ମହିଳା ଯୁବତୀ ପ୍ରାୟ ସପ୍ତାହେ ହେଲାଣି ଦିନକୁ ୬ରୁ ୮ ଘଣ୍ଟା ପରିଶ୍ରମ କରି ମାସ୍କ ତିଆରି କରୁଛନ୍ତି। କେନ୍ଦ୍ରକୁ ଯିବା ପୂର୍ବରୁ ସେମାନେ ସାନିଟାଇଜରରେ ହାତ ଧୋଇ ପ୍ରବେଶ କରି ସିଲାଇ କାର୍ଯ୍ୟ ଆରମ୍ଭ କରୁଥିବା କହିଛନ୍ତି।

# ଚଡ଼କମେଳାରେ ରୋକ ଲାଗିଲା

**ଭୋଗରାଇ, ୨୨।୩ (ଡି.ଏନ.ଏ.)**

କରୋନା କଟକଣାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉପାନ୍ତ ହୁଗୁଳି ଗ୍ରାମରେ ଥିବା ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚୈତ୍ର ଚଡ଼କ ମେଳା ଉପରେ ପ୍ରଶାସନ ଓ ଟ୍ରଷ୍ଟବୋର୍ଡ଼ ରୋକ୍ ଲଗାଇଛି। ଆସନ୍ତା ୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରସିଦ୍ଧ ମେଳା ହେବାର କାର୍ଯ୍ୟକ୍ରମ ଥିଲା। ଶନିବାର ଅପରାହ୍ନରେ ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅନୁଷ୍ଠିତ ଜରୁରୀ ମୌଳିକ ସେବା ପରିଚାଳନା ସଂକ୍ରାନ୍ତ ବୈଠକରେ ଏନେଇ ଆଲୋଚନା କରାଯାଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡ଼ ସଭାପତି ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ତହସିଲଦାର ରାଖାଲ ଚନ୍ଦ୍ର ପରିଡ଼ା, ବିଡ଼ିଓ ସତ୍ୟଜିତ୍ ରାଉତ, ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରାଣୀ ବେହେରା, ଟ୍ରଷ୍ଟବୋର୍ଡ଼ ସଦସ୍ୟ, ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାର ପ୍ରସିଦ୍ଧ ଦ୍ୱିତୀୟ ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚୈତ୍ର ଚଡ଼କମେଳା ନିମନ୍ତେ ବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆମ ରାଜ୍ୟରୁ ଲକ୍ଷାଧିକ ଉପବୀତଧାରୀ ଭକ୍ତ ସମବେତ ହେବା ସହିତ ୫ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ସମାଗମ ହୋଇଥାନ୍ତି। ଭୟଙ୍କର କରୋନା ମୁକାବିଲା ନିମନ୍ତେ ଚଡ଼କମେଳାକୁ ସୀମିତ ରଖାଯିବାକୁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ସଂକ୍ରମଣ ଆଶଙ୍କା କମ୍ କରେ ମାସ୍କ

**ୱାଶିଂଟନ,୨୨।୩:** କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞ ବିଭିନ୍ନ ଉପାୟ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ସେଥିମଧ୍ୟରୁ ମାସ୍କର ବ୍ୟବହାର କରିବା, ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହାତ ଧୋଇବା ଏବଂ ଆଖି, ନାକ, ପାଟିକୁ ବାରମ୍ବାର ସ୍ପର୍ଶ ନ କରିବାକୁ କୁହାଯାଉଛି। ତେବେ ମାସ୍କର ବ୍ୟବହାର ଦ୍ୱାରା କେତେଦୂର କରୋନାଠାରୁ ଦୂରେଇ ରହିହେବ ସେ ନେଇ ବହୁ ଲୋକଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କି ମାରୁଛି। ଏସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ହେଲା, ମାସ୍କ ବ୍ୟବହାର ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷିତ ରହିହେବ ନାହିଁ। କରୋନା ଭୂତାଣୁ ଆଖି ଦ୍ୱାରା ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ରହିଥାଏ। ଏହା ଛଡ଼ା ଅତିକ୍ଷୁଦ୍ର ଏରୋସଲ କଣିକା ମାଧ୍ୟମରେ ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ଏହା ବାୟୁମଣ୍ଡଳରେ ଥିବା କ୍ଷୁଦ୍ର ଜଳ କଣିକା ଦ୍ୱାରା ସହଜରେ ବ୍ୟାପିଥାଏ। ଏଭଳି ଜଳ କଣିକାକୁ ମାସ୍କ ପ୍ରତିରୋଧ କରେ। ସେହିପରି କେରୋନା ସଂକ୍ରମିତଙ୍କୁ ଦେଖା କରିବା ସମୟରେ ମାସ୍କ ବ୍ୟବହାର କଲେ ଭୂତାଣୁ ନାକ ଅବା ପାଟି ଦେଇ ସୁସ୍ଥ ଲୋକଙ୍କ ଶରୀରକୁ ଆସିବାରେ ବାଧା ସୃଷ୍ଟି ହୋଇଥାଏ। ସଂକ୍ରମିତ ବ୍ୟକ୍ତିବିଶେଷ ମାସ୍କ ବ୍ୟବହାର କଲେ ତାଙ୍କଠାରୁ ଭୂତାଣୁ ସୁସ୍ଥ ଲୋକଙ୍କୁ ବ୍ୟାପିବାର ଆଶଙ୍କା ମଧ୍ୟ କମ ରହିଥାଏ। ସ୍ୱାସ୍ଥ୍ୟକର୍ମୀ ଏବଂ ସାମାଜିକକର୍ମୀ ସଂକ୍ରମଣଠାରୁ ଦୂରେଇ ରହିବା ଲାଗି ଏଭଳି ମାସ୍କ ବ୍ୟବହାର କରିବା ଅପରିହାର୍ଯ୍ୟ। ହେଲେ ପରିବାରରେ କାହାଠାରେ କରୋନା ସଂକ୍ରମଣ ଲକ୍ଷଣ ଦେଖାଦେଲେ ଭୟ ନ କରି ଏହାର ମୁକାବିଲା କରିବା ଲାଗି ଆବଶ୍ୟକ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ସହିତ ଉଭୟ ସଂକ୍ରମିତ ଏବଂ ଅନ୍ୟ ସଦସ୍ୟମାନେ ମାସ୍କର ବ୍ୟବହାର କରିବା ଉଚିତ। କରୋନା ଭୂତାଣୁର ଦୁଇଟି ପ୍ରକାର ରହିଛି ବୋଲି ଚାଇନାର ଗବେଷକ ସୂଚିତ କରିଛନ୍ତି। ଗୋଟିଏ ପ୍ରକାର ଏଲ୍ ହୋଇଥିବା ବେଳେ ଅନ୍ୟଟି ଏସ୍। ତେବେ ଏଲ୍ ପ୍ରକାରଟି ଅଧିକ କ୍ରିୟାଶୀଳ। ଶୀଘ୍ର ବ୍ୟାପିବା ସହିତ ଏହି ପ୍ରକାର ଭୂତାଣୁ ମନୁଷ୍ୟ ଶରୀରରେ ଅଳ୍ପ ସମୟ ମଧ୍ୟରେ ବିଭାଜନ ପ୍ରକ୍ରିୟାରେ ବଂଶ ବିସ୍ତାର କରିଥାଏ। ଅନ୍ୟ ଭୂତାଣୁ ଭଳି ଏହା ବହୁ ସମୟ ଧରି ନିଷ୍କ୍ରିୟ ରହିପାରିଥାଏ। ଉପଯୋଗୀ କ୍ଷେତ୍ର ମିଳିଲେ ଏହି ଭୂତାଣୁ ସଂକ୍ରମିତ ହୋଇଥାଏ। ଏପରିସ୍ଥଳେ ଘର ସଫା ସମୟରେ ଉଡୁଥିବା ଧୂଳି, ରାସ୍ତାରେ ଗଲାବେଳେ ବାୟୁରେ ଉଡ଼ିବୁଲୁଥିବା ଧୂଳି, ପରାଗରେଣୁ ଅବା ଅନ୍ୟ କ୍ଷୁଦ୍ର କଣିକା ଯୋଗୁ ବହୁ ସମୟରେ ଛିଙ୍କ, ନାକ ରୁନ୍ଧି ହେବା ଆଦି ସମସ୍ୟା ଦେଖାଦେଇଥାଏ। ଏଭଳି ସମସ୍ୟା କରୋନା ଏଲ୍ ଭୂତାଣୁ ପାଇଁ ସଂକ୍ରମଣ ହେବାର ସୁଯୋଗ ସୃଷ୍ଟି କରେ। ମାସ୍କ ବ୍ୟବହାର କରୁଥିଲେ ନାଶାପଥରେ ବାହାରର କୌଣସି ପଦାର୍ଥ ପ୍ରବେଶ କରିପାରେ ନାହିଁ। କିନ୍ତୁ ମାସ୍କ ସମ୍ପୂର୍ଣ୍ଣ ଭାବେ କରୋନା ସଂକ୍ରମଣରୁ ଦୂରେଇ ରଖିବାରେ ଅସମର୍ଥ ହୋଇଥାଏ ବୋଲି ବିଶେଷଜ୍ଞ ମତ ଦେଇଥାନ୍ତି।

# ଟ୍ରାକ୍ଟର ଓଲଟି ଶିଶୁ ମୃତ



ଜଣେ ଆହତ ଶିଶୁଙ୍କ ଚିକିତ୍ସା କରାଯାଉଛି।

**ପାଲଲହଡ଼ା, ୨୨।୩(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଥାନା ଅନ୍ତର୍ଗତ ରଜଡଙ୍ଗ ପଞ୍ଚାୟତ ବଡଗୁଣ୍ଡ ଗ୍ରାମରେ ରବିବାର ଏକ ଟ୍ରାକ୍ଟର ଓଲଟି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଶିଶୁ ଗୁରୁତର ଅଛନ୍ତି। ମୃତକ କୃପା ହେମ୍ବ୍ରମଙ୍କ ୯ ବର୍ଷର ପୁଅ ସୁବାସ । ଗୁରୁତର ହେଲେ ଦେବେନ୍ ବୋଇପାଇ (୬), ଆକାଶ ହେମ୍ବ୍ରମ (୫), ଦୀପକ ସମ୍ୱାଡ (୫)। ସମସ୍ତଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ଛୋଟ ପିଲା ଏକ ଟ୍ରାକ୍ଟର ଡାଲାରେ ଯାଉଥିଲେ। ଏହି ସମୟରେ ଟ୍ରାକ୍ଟରଟି ଓଲଟି ପଡିଥିଲା। ସୁବାସଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତରଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନାକୁ ପଠାଇଛି। ଏ ନେଇ ନଂ. ୫୩/୨୦ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ପାଲଲହଡ଼ା ଏଏସ୍ଆଇ ଗୌରାଙ୍ଗ ବେହେରା ସୂଚନା ଦେଇଛନ୍ତି।

# ପୁଣି ଫୁଟିଲା ଗୁଳି

- ଗୁରୁତର ଯୁବକ କଟକ ସ୍ଥାନାନ୍ତର
- କାରଣ ଅସ୍ପଷ୍ଟ, ପୂର୍ବଶତ୍ରୁତା ସନ୍ଦେହ
- ୧୦ଦିନ ମଧ୍ୟରେ ଦ୍ୱିତୀୟ ଘଟଣା

**ଢେଙ୍କାନାଳ ଅଫିସ, ୨୨।୩**

ଢେଙ୍କାନାଳ ଜିଲାରେ ପୁଣି ଗର୍ଜିଛି ବନ୍ଧୁକ। ସଦର ଥାନା ଇନ୍ଦିପୁର ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ଯୁବକଙ୍କ ଉପରକୁ ଗୁଳିମାଡ଼ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି କାଣ୍ଡବିନ୍ଧା ଗ୍ରାମର ଦୁଷ୍ମନ୍ତ ସାହୁ(୩୫)। ଗୁଳିଟି ତାଙ୍କର ବାମପଟ ଛାତି ତଳକୁ ବାଜିଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇଁ ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ ୧୦ଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଘଟଣା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଦୁଷ୍ମନ୍ତ ଭୋଜି ସାରି ଫେରୁଥିଲେ। ଏହି ସମୟରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଛି। ଏଥିରେ କାହାରି ସମ୍ପୃକ୍ତି ରହିଛି ତାହା ଅସ୍ପଷ୍ଟ ରହିଛି। ତେବେ ପୂର୍ବଶତ୍ରୁତାକୁ ନେଇ ଗୁଳିମାଡ଼ ହୋଇଥିବା ଚର୍ଚ୍ଚା ହେଉଛି।



ଗୁରୁତରଙ୍କୁ ଡାକ୍ତରଖାନା ନିଆଯାଉଛି।



ଘଟଣାସ୍ଥଳରେ ପୋଲିସର ତଦନ୍ତ।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସଦର ଥାନା ଚାଉଳିଆ ଖମାର ଗ୍ରାମରେ ଦୋଳ ମେଲଣ ଚାଲିଥିବା ବେଳେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଗୁଳିକାଣ୍ଡ ଘଟିଥିଲା। ଏଥିରେ ଆଇଆର୍‌ବି ହାବିଲଦାର ରାମଚନ୍ଦ୍ର ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଭିଯୁକ୍ତ ଗ୍ରାମ ସଭାପତି ଶ୍ରୀକାନ୍ତ ସାହୁଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଗୁଳିକାଣ୍ଡରେ ବ୍ୟବହୃତ ପିସ୍ତଲକୁ ଜବତ କରାଯାଇଛି। ଘଟଣାର ୧୦ଦିନ ମଧ୍ୟରେ ପୁଣି ସଦର ଥାନା ଅଞ୍ଚଳରେ ଗୁଳିକାଣ୍ଡ ଘଟିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

## ସଂକ୍ଷେପରେ

### ସନ୍ଦିଗ୍ଧଙ୍କ ରିପୋର୍ଟ ଆସିଲା ନେଗେଟିଭ

**ଅନୁଗୋଳ ଅଫିସ, ୨୨।୩:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସୋଲେସନ୍ ସେଣ୍ଟରରେ ଭର୍ତ୍ତି ହୋଇଥିବା ଜଣେ ସନ୍ଦିଗ୍ଧଙ୍କ ରକ୍ତ ନମୁନା ରିପୋର୍ଟ ରବିବାର ନେଗେଟିଭ୍ ଆସିଛି। ସୂଚନାଯୋଗ୍ୟ ଯେ, ବାହାରୁ ଅନୁଗୋଳକୁ ଆସିଥିବା ସମ୍ପୃକ୍ତ ସନ୍ଦିଗ୍ଧ ଥଣ୍ଡା ଜ୍ୱରରେ ପୀଡ଼ିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ସୁଧାର ନ ଆସିବାରୁ ତାଙ୍କ ରକ୍ତ ନମୁନା ଭୁବନେଶ୍ୱର ପଠାଯାଇଥିଲା। ଏହି ରକ୍ତ ନମୁନା ରିପୋର୍ଟ ନେଗେଟିଭ୍ ଆସିବା ପରେ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଆଶ୍ୱସ୍ତି ପାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ଗ୍ରୀଲଭାଙ୍ଗି ସୁନା ଅଳଙ୍କାର ଚୋରି

**ଢେଙ୍କାନାଳ ଅଫିସ, ୨୨।୩:** ଢେଙ୍କାନାଳ ସହରସ୍ଥିତ ଭାଗିରଥି ବିହାର ଅଞ୍ଚଳରେ ରହୁଥିବା ଯୁଗଳ କିଶୋର ମହାପାତ୍ରଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ଝରକା ତାଡ଼ି ପଶିବା ସହ ଗ୍ରୀଲ୍ ଭାଙ୍ଗି ଦେଇଥିଲେ। ପରେ ଲୁଟେରାମାନେ ଆଲମିରାରେ ଥିବା ୧୦ ଭରି ଓଜନର ସୁନା ଅଳଙ୍କାର, ନଗଦ ୨୦ ହଜାର ଟଙ୍କା ସହ ଏକ ମୋବାଇଲ ନେଇଯାଇଛନ୍ତି। ଘର ମାଲିକ ଫେରିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ମୃତଦେହକୁ ନେଇ ମାରପିଟ୍ ଘଟଣା, ଭାଇ ଗିରଫ

**ଛେଣ୍ଡିପଦା,୨୨।୩(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗ୍ରାମରେ ମା'ଙ୍କ ମୃତଦେହକୁ ନେଇ ଭଉଣୀ ଭାଇ ମଧରେ ମାଡ଼ପିଟ ଘଟଣାରେ ପୋଲିସ ଅଭିଯୁକ୍ତ ଭାଇଙ୍କୁ ରବିବାର ଗିରଫ କରିଛି। ପୋଲିସ କହିଛି, ବ୍ରାହ୍ମଣବିଲ ଗ୍ରାମର ନରହରି ପ୍ରଧାନଙ୍କ ମା' ରସବତୀ ପ୍ରଧାନଙ୍କ ଶୁକ୍ରବାର ବାର୍ଦ୍ଧକ୍ୟ ଜନିତ ରୋଗରେ ମୃତ୍ୟୁ ଘଟିଥିଲା। ମା'ଙ୍କ ମୃତ୍ୟୁ ସମ୍ପର୍କରେ ନରହରି ଭଉଣୀଙ୍କୁ ସୂଚନା ନ ଦେଇ ମୃତଦେହ ସତ୍କାର କରିବା ପାଇଁ ନେଇଥିଲେ। ଏହି ସମୟରେ ଭଉଣୀ ଉଷାରାଣୀ ପ୍ରଧାନ ପୈତୃକ ଗୃହକୁ ଆସିଥିଲେ। କିନ୍ତୁ ନରହରି ମୃତଦେହକୁ ସ୍ପର୍ଶ କରିବାକୁ ଦେଇ ନ ଥିଲେ। ଏପରି କି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଉଷାରାଣୀଙ୍କ ଅଭିଯୋଗକ୍ରମେ ଥାନାରେ କେସ୍ ନଂ. ୯୩/୨୦ରେ ଏକ ମାମଲା ରୁଜୁ ହୋଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୨୨।୩(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ପୋଲିସ ରବିବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଡେଉଁରିଆ ଝରଣ ଗ୍ରାମର ଟିକନ ନାଏକ। ପୋଲିସ କହିଛି, ଗତ ୭ ତାରିଖରେ ଏକ ଡକାୟତି ଦଳର ୭ ଜଣ ସଦସ୍ୟ କମ୍ପସଲା ଜଙ୍ଗଲ ନିକଟରେ ଡକାୟତି ଯୋଜନା କରୁଥିଲେ। ସୂଚନା ପାଇ ଥାନାଧିକାରୀ କନକ ମାଝି, ଏସ୍ଆଇ ପ୍ରତାପ ଚନ୍ଦ୍ର ଦଳେଇ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲେ। ଘଟଣାସ୍ଥଳରୁ ଜଣେ ଫେରାର ହୋଇଯାଇଥିଲେ। ଏ ନେଇ କେସ ନଂ. ୮୩ /୨୦ରେ ମାମଲା ରୁଜୁ ହୋଇଥିଲା। ଫେରାର ଥିବା ଟିକନ ନାଏକ ଘରେ ଥିବା ଖବରପାଇ ଶନିବାର ରାତିରେ ପୋଲିସ ଚଢ଼ାଉ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ନାଳରେ ପଡ଼ି ଜୀବନ ଗଲା

**ଅନୁଗୋଳ ଅଫିସ, ୨୨।୩** ଅନୁଗୋଳ ମାଳତୀ ଚୌଧୁରୀ ଆଶ୍ରମ ନିକଟରେ ଥିବା ନାଳରେ ପଡ଼ି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଶୁଶୁଡ଼ା ଅଞ୍ଚଳର ଅଲେଖ ପରିଡ଼ା (୫୦)। ଅଲେଖ ରବିବାର ସକାଳେ କୌଣସି କାର୍ଯ୍ୟରେ ଆସି ଆଉ ଘରକୁ ଫେରି ନ ଥିଲେ। ଘର ଲୋକେ ବିଭିନ୍ନ ସ୍ଥାନରେ ସନ୍ଧାନ କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ସନ୍ଧ୍ୟାରେ ନାଳରେ କେହି ଜଣେ ପଡ଼ିଥିବା ଦେଖି ଲୋକମାନେ ରୁଣ୍ଡ ହୋଇଥିଲେ। ଏହାପରେ ତାଙ୍କ ପରିବାର ଲୋକ ପହଞ୍ଚି ଅଲେଖଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅଲେଖଙ୍କ ପୂର୍ବରୁ ବାତରୋଗ ଥିଲା। ବାତ ମାରିବାରୁ ସେ ନାଳରେ ଖସିପଡ଼ିଥିବା ଅନୁମାନ କରାଯାଉଛି।

## ସଂକ୍ଷେପରେ

### ଭତ୍ତା, ଖାଉଟି ସାମଗ୍ରୀ ବଣ୍ଟନ ଘୁଞ୍ଚିଲା

**ଧର୍ମଶାଳା,୨୨।୩(ଡି.ଏନ୍.ଏ.):** କରୋନା ଭୂତାଣୁ ସଂକ୍ରମଣ ଯୋଗୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ହିତାଧିକାରୀଙ୍କୁ ଅଗ୍ରୀମ ୪ମାସର ଭତ୍ତା ଓ ୩ ମାସର ଖାଉଟି ସାମଗ୍ରୀ ବଣ୍ଟନ ପାଇଁ ନିର୍ଦ୍ଦେଶ ଆସିଥିଲା। ଏନେଇ ଧର୍ମଶାଳା ବ୍ଲକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୨୨ତାରିଖରୁ ୨୯ ତାରିଖ ଯାଏ କଟକଣା ଲଗାଯାଇଥିବାରୁ ଏହାକୁ ସାମଗ୍ରିକ ଭାବେ ଟାଳି ଦିଆଯାଇଛି। ୨୯ତାରିଖ ପରେ ଭତ୍ତା ଓ ଖାଉଟି ସାମଗ୍ରୀ ବଣ୍ଟନ କରାଯିବ ବୋଲି ଧର୍ମଶାଳା ବିଡିଓ ସ୍ମିତା ରଥ ଓ ଯୋଗାଣ ଅଧିକାରୀ ଜଗମୋହନ ଦାସ ସୂଚନା ଦେଇଛନ୍ତି।

### ହାତ ଧୋଇଲେ ମିଳୁଛି ଚା', ଖାଦ୍ୟ

**ରସୁଲପୁର,୨୨।୩(ଡିଏନଏ):** କରୋନା ମହାମାରୀ ରୂପ ଧାରଣ କରିବା ପରେ ସବୁଆଡ଼େ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦିଆଯାଉଛି। ଏ କ୍ଷେତ୍ରରେ ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଓ ବନ୍ଧଡିହ ପଞ୍ଚାୟତର ଚା ଦୋକାନୀ ଓ ହୋଟେଲ ବ୍ୟବସାୟୀ ମଧ୍ୟ ଆଗେଇ ଆସିଛନ୍ତି। ବାରବାଟୀ ଗଣେଶ ବଜାରସ୍ଥିତ ଚା ଦୋକାନୀ ପ୍ରଶାନ୍ତ ବେହେରାଙ୍କ କରୋନା ସଚେତନତା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଚା ପିଇବାକୁ ଆସୁଥିବା ଲୋକେ ହାତ ନ ଧୋଇଲେ ସେ ଚା ଦେଉ ନାହାନ୍ତି। କାଚ ଗ୍ଲାସ ବଦଳରେ ସେ କାଗଜ କପ୍ ବ୍ୟବହାର କରୁଛନ୍ତି। ଏହା କରି ସେ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଛଡା ବ୍ଲକର ବନ୍ଧଡିହ ହାଟସ୍ଥିତ ମହାବୀର ମିଷ୍ଟାନ ଭଣ୍ଡାରରେ କରୋନା ସୁରକ୍ଷା ପାଇଁ ସାନିଟାଇଜର ବ୍ୟବହାର କରାଯାଉଛି। ଏହି ଅଭ୍ୟାସ ଦୋକାନୀ ମାଲିକ ଶରତ ସାହୁଙ୍କ ୧୫ବର୍ଷ ତଳର। ତେବେ କରୋନା ପାଇଁ ସେ ହାତଧୁଆକୁ ଏବେ ବାଧ୍ୟତାମୂଳକ କରିଦେଇଛନ୍ତି। ହାତ ନ ଧୋଇଲେ ଏଠାରେ ଖାଦ୍ୟ ପରସା ଯାଉନାହିଁ। ତେବେ ସହର ବଜାରରେ ଥିବା ଦୋକାନଗୁଡିକରେ ଅଦ୍ୟାବଧି ଏ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାବେଳେ ଗ୍ରାମାଞ୍ଚଳ ବଜାରରେ ଥିବା ଜଳଖିଆ ଦୋକାନରେ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଉଛି।

### ନହକା ଛକରେ ଗୋମାଂସ ଜବତ

**ଯାଜପୁରରୋଡ,୨୨।୩(ଡି.ଏନ.ଏ.):** ଯାଜପୁରରୋଡ ଥାନା ଅନ୍ତର୍ଗତ ନହକା ବାଇବାସ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଇଣ୍ଡିଗୋରେ ପ୍ରାୟ ୧୨ ବ୍ୟାଗ୍ ଗୋମାଂସ ଜବତ ହୋଇଛି। ବ୍ୟାସନଗର ବଜରଙ୍ଗ ଦଳ ଖବର ପାଇ ଗାଡ଼ିଟିକୁ ଅଟକାଇ ଯାଜପୁରରୋଡ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଗାଡିକୁ ଜବତ କରି ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ଦିନ ମଜୁରିଆଙ୍କ ଦୁଃଖ ବଢ଼ାଇଛି କରୋନା

**ଯାଜପୁର ଟାଉନ, ୨୨।୩(ଡି.ଏନ୍.ଏ.):** ଦିନ ମଜୁରିଆଙ୍କ ଦୁଃଖ ବଢ଼ାଇଛି କରୋନା। ଦିନ ମଜୁରିଆମାନେ ଗତ ପ୍ରାୟ ୪/୫ ଦିନ ଧରି ଭୟରେ କାମକୁ ଯାଇପାରୁ ନାହାନ୍ତି। ଫଳରେ ସେମାନଙ୍କ ପରିବାର ଅତି ଦୁଃଖରେ କାଳାତିପାତ କରୁଛନ୍ତି। କରୋନା ଭୟରେ ଲୋକେ ସେମାନଙ୍କ ଘର କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟରେ ମୂଲିଆ ଲଗାଉ ନ ଥିବାରୁ ସେମାନଙ୍କୁ କାର୍ଯ୍ୟ ମିଳିପାରୁ ନାହିଁ। ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନ ମଜୁରିଆମାନେ ପ୍ରତ୍ୟେକ ଦିନ ମୂଲ ଲାଗି ନିଜ ପରିବାର ପ୍ରତିପୋଷଣ କରୁଥିବାବେଳେ ଏବେ କାମ ନ ପାଇ କିପରି ପରିବାର ଲୋକଙ୍କୁ ଦାନା ଯୋଗାଇବେ ସେ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି।

# ଯାଜପୁର ଜିଲାକୁ ଆସିଛନ୍ତି ୮୪୪ ବହିରାଗତ

**ଯାଜପୁର ଅଫିସ,୨୨।୩**

- ଯାଜପୁର ବ୍ଲକରେ ସର୍ବାଧିକ
- ୪ଜଣଙ୍କ ମିଳୁନି ପତ୍ତା

ଯେଉଁମାନେ ବାହାରୁ ଆସି ବର୍ତ୍ତମାନ ସୁଦ୍ଧା ନାମ ପଞ୍ଜୀକୃତ କରିନାହାନ୍ତି ସେମାନଙ୍କୁ ଖୋଜିପାଇବା ପରେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ରବିବାର ଚେତାବନୀ ଦେଇଛନ୍ତି। ଯାଜପୁର ଜିଲାର ୧୦ ବ୍ଲକ ଓ ୨ ପୌରାଞ୍ଚଳରେ ରବିବାର ସୁଦ୍ଧା ୮୪୪ ଜଣ ବିଦେଶ ବା ରାଜ୍ୟ ବାହାରୁ ଆସିଥିବା ସିଡିଏମଓଙ୍କ ରିପୋର୍ଟରେ ସୂଚନା ମିଳିଛି। ସେଥିମଧ୍ୟରୁ ଯାଜପୁର ବ୍ଲକରେ ସର୍ବାଧିକ ୨୨୧ ଜଣ ଅଛନ୍ତି। ଏହାବାଦ୍ ବଡ଼ଚଣା ବ୍ଲକର ୨୨, ବରୀ ବ୍ଲକର ୧୩୨, ବିଞ୍ଝାରପୁର ବ୍ଲକର ୬୧, ଦାନଗଦି ବ୍ଲକର ୨୯, ଦଶରଥପୁର ବ୍ଲକର ୧୯୬, ଧର୍ମଶାଳା ବ୍ଲକର ୩୬, କୋରେଇ ବ୍ଲକର ୧୩, ରସୁଲପୁର ବ୍ଲକର ୩୨, ସୁକିନ୍ଦା ବ୍ଲକର ୧୮, ବ୍ୟାସନଗର ପୌରପରିଷଦର ୩୨ ଓ ଯାଜପୁର ପୌର ପରିଷଦର ୫୨ ଜଣ ଅଛନ୍ତି। ଏଥିରେ ୭୮ ଜଣ ଦେଶ ବାହାରର। ତେବେ ସମୁଦାୟ ବହିରାଗତଙ୍କ ମଧ୍ୟରୁ ୭୮୬ ଜଣ ପଞ୍ଜୀକୃତ କରିଥିବାବେଳେ ୪୧ ଜଣ ଏଯାଏ ପଞ୍ଜୀକରଣ କରିନାହାନ୍ତି। ୪ଜଣ ବହିରାଗତଙ୍କ ପତ୍ତା ମିଳୁନାହିଁ। ହୁଏତ ଆହୁରି କେତେଜଣ ଲୋକ ବିନା ପଞ୍ଜୀକରଣରେ ରହିଥାଇ ପାରନ୍ତି ବୋଲି ପ୍ରଶାସନ ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ବାହାର ରାଜ୍ୟରୁ ବା ବିଦେଶରୁ ଆସିଥିବା ପ୍ରତ୍ୟେକ ଲୋକଙ୍କ ପଞ୍ଜୀକରଣ ଜରୁରୀ, ଯାହାଫଳରେ ସେହି ଲୋକମାନଙ୍କ ଉପରେ ନଜର ରଖାଯିବ। ଏହା ନୁହେଁ ଯେ ସେମାନେ କରୋନା ଆକ୍ରାନ୍ତ ବୋଲି ଜିଲାପାଳ ଦାସ କହିଛନ୍ତି। ଅପରପକ୍ଷେ କେତେଜଣ ଲୋକଙ୍କୁ ୧୪ ଦିନ ପାଇଁ କ୍ୱାରାଣ୍ଟାଇନ ବା ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କ ସମୟସୀମା ପୂରିବା ପରେ ସ୍ୱାଭାବିକ ପ୍ରକ୍ରିୟାରେ ସାମିଲ ହେଲେଣି। କିନ୍ତୁ ଆଉ କେତେଜଣ ସମୟ ପୂରିବା ପୂର୍ବରୁ ଅନ୍ୟ ଲୋକମାନଙ୍କ ସହ ମିଶିବା ଓ ଗହଳିରେ ସାମିଲ ହେବାର ସୂଚନା ମିଳୁଛି। ଏପରିକି ପ୍ରଶାସନିକ କର୍ମଚାରୀ, ଚିକିତ୍ସକ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ପରାମର୍ଶକୁ ଅଣଦେଖା କରି ଅନ୍ୟମାନଙ୍କ ସହ ମିଶୁଥିବାର ଅଭିଯୋଗ ଆସୁଛି। ଏକ୍ଷେତ୍ରରେ ଆଇପିସି ଦଫା ୧୮୮ ଅନୁଯାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମୟ ଆସିଯାଇଛି ବୋଲି ଜିଲାପାଳ ଦାସ ସତର୍କ କରାଇ ଦେଇଛନ୍ତି।

# ବ୍ରହ୍ମବରଦାରେ କରୋନା ରୋଗୀ ଚିହ୍ନଟ ଗୁଜବ

**ରସୁଲପୁର,୨୨।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରେ କରୋନା ରୋଗୀ ଚିହ୍ନଟ ହୋଇଛି ବୋଲି ଗୁଜବ ଉଠିଛି। ଏଭଳି ଗୁଜବକୁ ନେଇ ସ୍ଥାନୀୟ ବ୍ରହ୍ମବରଦା ଓ ଅତଲାପୁର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏହି ଖବରକୁ ସ୍ୱାସ୍ଥ୍ୟ ବିଭାଗ ଖଣ୍ଡନ କରିବା ସହ ଏଭଳି ଖବର ଭିତ୍ତିହୀନ ଓ ଏଥିରେ ଜନସାଧାରଣ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ଅବିଭକ୍ତ ବ୍ରହ୍ମବରଦା ଓ ଅତଲାପୁର ଅଞ୍ଚଳ ମୁସଲିମ୍ ବହୁଳ ହୋଇଥିବାବେଳେ ଏଠାରୁ ଅଧିକାଂଶ ଲୋକ ଦେଶ ଓ ରାଜ୍ୟରେ ରହି କାମ କରୁଛନ୍ତି। କରୋନା ଭୟ ଯୋଗୁ ଉକ୍ତ ଅଞ୍ଚଳର ଲୋକେ ଘରବାହୁଡ଼ା ହୋଇଛନ୍ତି। ଏହାକୁ ନେଇ ବ୍ରହ୍ମବରଦା ଓ ଅତଲାପୁରରେ ଜଣେ ଲେଖାଏ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଗୁଜବ ସୃଷ୍ଟି ହୋଇଛି। ଏହାକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେବେ ଏ ନେଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ସାହୁଙ୍କୁ ପଚାରିବାରୁ ସେ ଏଭଳି ଘଟଣାକୁ ଗୁଜବ ବୋଲି କହିଛନ୍ତି। ଏ ଦିଗରେ ସେ ରସୁଲପୁର ଶିଶୁ ବିକାଶ ଅଧିକାରିଣୀ, ରସୁଲପୁର ବିଡିଓଙ୍କ ସହ ଯୋଗାଯୋଗରେ ଅଛନ୍ତି। ଉକ୍ତ ଘଟଣାକୁ ନେଇ କର୍ମୀଙ୍କ ଜରିଆରେ ଠିକ୍ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଛନ୍ତି।

# ଗାଁଠୁ ସହର ଖାଁ ଖାଁ

**କେନ୍ଦ୍ରାପଡା ଅଫିସ/ ଆଳି/ରାଜନଗର/ ଡେରାବିଶ/ମାର୍ଶାଘାଇ/ମହାକାଳପଡ଼ା, ୨୨।୩(ସ୍ୱ.ପ୍ର./ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ରୋକିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ନେଇଥିବା ପଦେକ୍ଷେପକୁ କେନ୍ଦ୍ରାପଡ଼ା ଜିଲା ସାରା ପାଳନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନତା କର୍ଫ୍ୟୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍‌ଡାଉନ ଘୋଷଣାର ପ୍ରଭାବ ରବିବାର ସାରା

### ଲକ୍‌ଡାଉନରେ କେନ୍ଦ୍ରାପଡ଼ା ଜିଲା



- ଜନତା କର୍ଫ୍ୟୁକୁ ଜନ ସମର୍ଥନ
- ବଳଦେବଜୀଉଙ୍କ ଉଦ୍ଦେଶ୍ୟରେ ଦୀପଦାନ

ଜିଲାରେ ଦେଖିବାକୁ ମିଳିଥିଲା। ଜିଲାର ସଦର ବ୍ଲକ ସହ ରାଜନଗର, ଆଳି, ପଟ୍ଟାମୁଣ୍ଡାଇ, ପାଟକୁରା, ମାର୍ଶାଘାଇ, ରାଜକନିକା, ଡେରାବିଶ ଓ ମହାକାଳପଡ଼ା ବ୍ଲକର ଲୋକେ ସମର୍ଥନ କରିଛନ୍ତି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାସ୍ତାଘାଟ ଖାଁ ଖାଁ ହୋଇ ପଡ଼ିଥିଲା। ଗାଡ଼ି, ମୋଟର, ଦୋକାନ ବଜାର ଠପ୍ ହୋଇଥିଲା। କେବଳ ସରକାରଙ୍କ ଜରୁରୀ ସେବାଗୁଡ଼ିକ ଜାରି ରହିଥିଲା। ସନ୍ଧ୍ୟାରେ ଘଣ୍ଟ, ଥାଳି ଓ ତାଳି ବଜାଇ ଲୋକେ ଜନତା କର୍ଫ୍ୟୁକୁ ସ୍ୱାଗତ କରିଥିଲେ। ମହିଳାମାନେ ଶ୍ରୀବଳଦେବଜୀଉଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଜିଲାର ଅନେକ ଲୋକ ବିଦେଶରେ ରହୁଥିବାରୁ କରୋନା ଭୟରେ ଏବେ ଘରକୁ ଫେରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୬୪ ବିଦେଶରୁ ଫେରିଲେଣି। କରୋନାକୁ ଯେପରି ସଫଳ ମୁକାବିଲା କରାଯିବ ସେ ଦିଗରେ ସମସ୍ତେ ଏକତ୍ରିତ ହୋଇଛନ୍ତି। ଅନ୍ୟପକ୍ଷରେ ରୋଗୀଙ୍କ ସମ୍ପର୍କୀୟ, ବ୍ୟବସାୟୀ, ଦୀନ ମଜୁରିଆ, ଚାଷୀ ସମସ୍ୟାରେ ଥିବା ଦେଖିବାକୁ ମିଳିଛି।

କର୍ଫ୍ୟୁକୁ ଆଳିରେ ସମର୍ଥନ ମିଳିଛି। ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଆଳି ନୂଆବଜାର ଖାଁଖାଁ ଥିଲା। ଚଣ୍ଡିବଜାର, ସିଙ୍ଗିରି, ପତ୍ରପୁର ଓ ଧୋୟାଞ୍ଚଳର ଗୋବିନ୍ଦପୁର ବଜାର ଆଦି ସ୍ଥାନରେ ଥିବା ଦୋକାନ ବନ୍ଦ ଥିଲା। ଜିଲାକୁ ଲକଡାଉନ ଘୋଷଣା କରାଯାଇଥିବାରୁ ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରାଜନଗର ଏବଂ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ପାଟ୍ରୋଲିଂକୁ କଡାକଡି କରିଛନ୍ତି।

ଜନତା କର୍ଫ୍ୟୁକୁ ଡେରାବିଶବାସୀ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବ୍ଲକ ଅଧୀନରେ ଥିବା ଚାନ୍ଦୋଳ, କାକଟିଆ ବଜାର, ଭୋଳହାଟ, ହରିଅଙ୍କ ଛକ, ଡେରାବିଶର ଫାଣ୍ଡିବଜାର, ଠାକୁରହାଟ, ସଦାନନ୍ଦପୁର, ତିଲଙ୍ଗ ବଜାର ବନ୍ଦ ରହିଥିଲା। କଟକ-ଚାନ୍ଦବାଲି ରାଜରାସ୍ତା ସମେତ ସମସ୍ତ ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ କରୁ ନ ଥିଲା। ସବୁଆଡ଼େ ଖାଁ ଖାଁ ଲାଗୁଥିଲା। କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ବିଡିଓ ଗୋପବନ୍ଧୁ ଭୋସାଗର, ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ, ଏସ୍‌ଆଇ. ପଞ୍ଚାନନ ମିଶ୍ର ଓ ଜନ୍ମିତା ସାସମଲଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ବୁଲି କର୍ଫ୍ୟୁର ସମୀକ୍ଷା କରିଥିଲେ।

ଜନତା କର୍ଫ୍ୟୁରେ ସାମିଲ ହୋଇଛନ୍ତି ମାର୍ଶାଘାଇ ଅଞ୍ଚଳ ଲୋକେ। ଦିନ ତମାମ ଘରୁ ବାହାରି ନ ଥିଲେ। ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ, ଥାନା ଆଇଆଇସି କାଳନ୍ଦୀ ବେହେରାଙ୍କ ସମେତ ପ୍ରଶାସନିକ ଅଧିକାରୀ ବୁଲି ଲୋକଙ୍କୁ ସଚେତନ କରିଥିଲେ। ଏଡିଏମ ବସନ୍ତ ରାଉତ କହିଛନ୍ତି, ଚିକିତ୍ସାଳୟ, ଔଷଧ, ତେଜରାତି, ମାଂସ, କ୍ଷୀର ଦୋକାନ ଲକଡାଉନ ସମୟରେ ଖୋଲିବ। ସାଧାରଣ ପରିବହନକୁ ବାରଣ କରାଯାଇଛି। ବ୍ୟାଙ୍କ, ଏଟିଏମ, ପେଟ୍ରୋଲ ପମ୍ପ ଖୋଲା ରହିବ। ନିୟମ ମାନୁ ନ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

# ଜନତା କର୍ଫ୍ୟୁ: ଶୂନ୍‌ଶାନ୍ ସହର, ବଜାର

**ଯାଜପୁର ଅଫିସ,୨୨।୩**




ଯାଜପୁର ଜିଲାର ସମସ୍ତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ତଥା ସ୍ୱତଃପ୍ରବୃତଭାବେ ଜନତା କର୍ଫ୍ୟୁ ପାଳନ ହୋଇଛି। ଏହା ପ୍ରଭାବରେ ଜିଲାର ଦୁଇ ପ୍ରମୁଖ ସହର ଏକପ୍ରକାର ଜନଶୂନ୍ୟ ହୋଇଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଯାଜପୁରରୋଡ ସହରର ବିଭିନ୍ନ ଛକ, ବଜାର, ବସଷ୍ଟାଣ୍ଡ, ଷ୍ଟେଶନ ଅଞ୍ଚଳ ଆଦି ଶୂନଶାନ ହୋଇପଡ଼ିଥିଲା। ବିଭିନ୍ନ ମଲ୍, ଅନ୍ୟାନ୍ୟ ଦୋକାନ ବନ୍ଦ ରହିଥିବାବେଳେ କେତେକ ଗ୍ରୋସୋରୀ ଓ ଔଷଧ ଦୋକାନ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ଯାଜପୁର ସହର, ରସୁଲପୁର ବ୍ଲକ ଅଧୀନ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବଜାର, ହରିପୁର, ବ୍ରହ୍ମବରଦା, ମଧୁବନ, ବାରବାଟୀ ପ୍ରଭୃତି ବଜାରରେ କେତେକ ଅତ୍ୟାବଶକୀୟ ସାମଗ୍ରୀ ଦୋକାନକୁ ଛାଡିଦେଲେ ଅନ୍ୟ ଦୋକାନ ପ୍ରାୟତଃ ବନ୍ଦ ଥିଲା। ମାଛ, ମାଂସ, ଅଣ୍ଡା ଆଦି ଦୋକାନରେ ଗ୍ରାହକଙ୍କ ଉପସ୍ଥିତି ଦେଖାଦେଇଥିଲା। ବାରବାଟୀ ପଞ୍ଚାୟତ ଓଡଙ୍ଗଠାରେ ୧୬ନଂ ଜାତୀୟ ରାଜପଥ ପଡରେ ଚାଲୁଥିବା ଦୈନିକ ପରିବାହାଟରେ ଜନତା କର୍ଫ୍ୟୁର ପ୍ରଭାବ ଦେଖିବାକୁ ମିଳିଛି। ଏହାସହ ଚଣ୍ଡିଖୋଲ ବଜାର ମଧ୍ୟ ଖାଁ ଖାଁ ଲାଗିଥିଲା। ସୁକିନ୍ଦା ଅଞ୍ଚଳର ବିଭିନ୍ନ ଶିଳ୍ପ କାରଖାନା ସମେତ ସୁକିନ୍ଦାଗଡ, ମଙ୍ଗଳପୁର, କୁହିକା, କାଙ୍କଡପାଳ, ଗରାମିଁଆ, ଭାଲକିପାତଳା, କୁସୁମୁଣ୍ଡିଆ ଠାରୁ ଟମକା ପର୍ଯ୍ୟନ୍ତ ଜନତା କର୍ଫ୍ୟୁର ପ୍ରଭାବ ରହିଥିଲା। ଖଣିଖାଦାନରେ କାର୍ଯ୍ୟରତ ଶ୍ରମିକମାନେ କାର୍ଯ୍ୟକ୍ଷେତ୍ରକୁ ଯାଇ ନ ଥିଲେ। ଏହାବାଦ ବରୀ, ଧର୍ମଶାଳା, ଜେନାପୁର, ଢୁବୁରୀ, କୋରେଇ, କଳିଙ୍ଗନଗର, ବିଞ୍ଝାରପୁର, ଦଶରଥପୁର ଅଞ୍ଚଳରେ ଜନତା କର୍ଫ୍ୟୁକୁ ସ୍ୱତଃପ୍ରବୃତ ସମର୍ଥନ ମିଳିଥିଲା। ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥଳ ପରିଦର୍ଶନ କରି ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଏହାପରେ ଯାଜପୁର ସହରରେ ସନ୍ଧ୍ୟା ୫ଟାରେ ସହରବାସୀମାନେ ନିଜ ଘର ଛାତ ଉପରେ ରହି ଘଣ୍ଟ, ଶଙ୍ଖ, ଥାଳି ଓ କରତାଳି ବଜାଇ ପ୍ରକମ୍ପିତ କରିଥିଲେ। ଡାକ୍ତର, ନର୍ସ, ସଫେଇ କର୍ମଚାରୀ, ପୋଲିସ ଓ ମିଡିଆ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କ ବାସଭବନ ଛାତ ଉପରେ ତାଳିମାରି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମର୍ଥନ ଜଣାଇଥିଲେ।

### ବନ୍ଧୁକ ଦେଖାଇ ଲୁଟିନେଲେ ମୁଗ ଫସଲ

**ନୟାଗଡ଼ ଅଫିସ,୨୨।୩:** ଇଟାମାଟି ଥାନା ଖଇରପଟି ଗାଁର ଗୁରୁବାରୀ ସାହୁଙ୍କ ୫ମାଣ ଜମିରୁ ମୁଗ ଫସଲ ଲୁଟ୍ ହୋଇଛି। ଜଣେ ସରପଞ୍ଚଙ୍କ ସ୍ୱାମୀ ନିଜ ଅନୁଗତଙ୍କ ଦ୍ୱାରା ଶନିବାର ବନ୍ଧୁକ ଦେଖାଇ ଏଭଳି କରିଛନ୍ତି। ସେହିପରି ରାତିରେ ଘରେ ପଶି ଗାଳିଗୁଲଜ ସହ ମାରପିଟ କରିଥିଲେ। ଗୁରୁବାରୀ ଓ ସରପଞ୍ଚଙ୍କ ସ୍ୱାମୀଙ୍କ ମଧ୍ୟରେ କେଉଁ କାରଣରୁ କନ୍ଦଳ ଲାଗିରହିଥିଲା ଜଣାପଡିନି। ଅଭିଯୋଗ ପରେ ପୋଲିସ ୩୭/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।


**OFFICE OF THE CHIEF DISTRICT MEDICAL & PUBLIC HELATH OFFIER, JAJPUR**

**TENDER CALL NOTICE**

**Ref No: 2601** **Dated: 21.03.2020**

"It is for information to all the parties concerned to submit their bid for Supply of Face Mask, Sanitizer & Disinfectant" to the office of the CDM&PHO, Jajpur on or before 27.03.2020 at 02 PM by speed post, Courier service, registered post only. For terms and conditions regarding Tender Call please log on to the website: **www.jajpur.nic.in**.

The interested parties with valid documents may participate in tender process himself or with their representatives with applicable terms and conditions".

**Sd./- Chief District Medical & Public Health Officer, Jajpur**

**OFFICE OF THE SUPERINTENDING ENGINEER BALANGIR (R&B) CIRCLE, BALANGIR**

E-mail : sepwdbalangir@gamil.com, Phone No. -(06652) 231866

**CANCELLATION OF WORKS** No. B-828

**In Bid Indentification No. SE(R&B) BGR/03/2019-20**

**L. No. 785** **Dt. 17.03.2020**

Tender for the work : 1) "Construction of Transit House at Balangir Head Quarter for Civil Court Balangir For the year 2019-20."

2) "S/R to Civil Court Building at Balangir for the year 2019-20. (Vitrified Tiles, GCI Roof, False ceiling, inter locking Concrete Block, Plastering, Distempering, Painting and Railing."

The above 2 nos of works in Bid Identification No. SE(R&B) BGR/03/2019-20 is here by cancelled in respect to letter no. 1077 Dt. 16.03.2020 of Executive Engineer, Balangir (R&B) Division, Balangir/ (Copy enclosed).

**Sd./- Superintending Engineer, Balangir (R&B) Circle, Balangir**
**OIPR-34131/11/0012/1920**

**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. III, BHUBANESWAR**

No. B-832

bbsrrandb03@yahoo.com

No - 1878 Date – 18.03.2020

**Government of Odisha**

**RFP Notice No ( 10 ) of 2019-20**

**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | Consultancy Service |
| 2 | Total No. of works | 1 no. work |
| 5 | Period of Completion | 3 (Three ) Calendar Months |
| 6 | Type of Tender | Double Cover System. |
| 7 | Date & time of availability of bid document | From 27/03/2020 to 07/04/2020 at 17.30 Hours |
| 8 | Last Date & Time for Receipt of bids. | 07/04/2020,upto 17.30 hrs |
| 9 | Name & Address of the Officer inviting Bid | Er. Himansu Sekhar Sarangi, Executive Engineer, Bhubaneswar (R&B) Division No III, Bhubaneswar |

Further details can be seen from o/o Executive Engineer, BBSR(R&B) Division No III, BBSR.

**Executive Engineer**
**Bhubaneswar (R&B) Division No III, BBSR**
**OIPR-34089/11/0018/1920**

**GOVERNMENT OF ODISHA**
**DEPARTMENT OF HIGHER EDUCATION**

No. N-110

**EXTENSION OF DATELINE FOR ONLINE VALIDATION OF E-MEDHABRUTI RENEWAL APPLICATIONS FOR THE SESSION 2019-20 (SAMS & NON-SAMS COLLEGES)**

It is hereby informed to all concerned that online Renewal validation of applications belonging to Junior/Senior/Technical & Professional and PG merit for the academic year 2019-20 by Principals/Head of the Institution is hereby extended as noted below.

| Institution Type | Scholarship Session | Activities | Scholarship Type | Date of Extension |
|---|---|---|---|---|
| All SAMS & Non-SAMS colleges | 2019-20 | Renewal (Online validation by Heads of Institutions / Principals concerned) | Junior/Senior/ P.G./Technical &Professional Merit | 31.05.2020 |

**NB:** Online validation by Principal of concerned Institutions is mandatory for getting Renewal scholarship by the eligible students. No more extension will be allowed further.

*In case of any problem faced by the institutes at the time of online validation, they may refer FAQs available at home page of the website or take the help of Sanjog Helpline (Toll Free) No. 155335 /18003456770 or scholarship section 0674-2396550 or e-mail on* emedhabruti1920@gmail.com

**Sd/- Additional Secretary to Government**
OIPR-11001/11/0035/1920

**OFFICE OF THE COLLECTOR & DISTRICT MAGISTRATE, BALANGIR**
**(Social Welfare Section)**

**(TENDER CALL NOTICE FOR PRINTING AND ARUNIMA ABHYASA PUSTIKA)**

**No. 656 / SW** **Dated: 21.03.2020**

1. Sealed tenders are invited from the intending Reistered Printing Press/Supplying agencies for printing and supply of New Arunima Abhyasa Pustika (Part-I & II) for Balangir district.
2. Tender papers required for the tender can be obtained from the office of the D.S.W.O., Balangir on payment of Rs. 2,000/- (Repees two thousand) Only (non-refundable) in cash towards cost of tender papers on any working day from the date of publication of this notice till Dt. 15.04.20 during office hour or the documents can be downloaded from internet available in website **http://www.balangir.nic.in**.
3. Tender documents shall be filed in the office of the DSWO, Balangir on or before 15.04.2020 upto 1 PM.
4. Tender papers must be accompanied with the money receipt in original in case it is purchased from the office and Bank Draft of Rs. 2000/- (Two thousand) only if the tender papers are downloaded from the website alongwith other relevant documents as mentioned in this form Failure to comply the instructions specified here with in the tender form or non-submission of any of the documents specified, the bid shall summarily be rejected.
5. Tender shall be opened on 16.04.2020 at 10 AM in the office of the Collector, Balangir by the Tender Committee and the bidders are at liberty to attend.
6. Undersigned reserves the right to awards the tender and reject any or all tender papers withotu assigning any reason thereof.
7. The details of this tender is also available in the Notice Board of official website **http://www.balangir.nic.in**.

By Order of Collector, Balangir
**Sd./- District Social Welfare Officer, Balangir**

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)

No. CAD-1163:

No: 2263
File: SMT-1672 Date_21.03.2020/

**EMPANELMENT OF CONSULTANCY**

The Managing Director, Odisha Bridge & Construction Corporation Limited, Setu Bhavan, Bhubaneswar on behalf of Governor of Odisha invites Expression of Interest (EoI) for **Empanelment of Legal/Solicitor Firm for advising O.B.&C.C. Limited on legal matters** as detailed in the table below .

| SL. NO | NAME OF WORK | NON-REFUNDABLE PROCESSING FEE (OFF-LINE SUBMISSION) | ELIGIBILIY CRITERIA | DURATION OF CONTRACT |
|---|---|---|---|---|
| 1 | 2 | 3 | 4 | 5 |
| 1. | **Empanelment of Legal/Solicitor Firm for advising O.B.&C.C.Limited on legal matters.** | Rs.20000.0 (Including GST) | As per DTCN. | Three Years |

1. EoI. documents consisting of set of terms and conditions of contract and other necessary documents can be seen in the website: **mdobcc.in**
2. The Bidder shall deposit offline the Non-refundable Processing fee of the Amount specified in the table col.3 in form of **Demand Draft or Pay Order or Banker's Cheque** in any Nationalize Bank drawn in **favour of the MD, OB&CC Ltd payable at Bhubaneswar**, to be submitted along with the Signed EOI documents in the O/O- MD,OB&CC Ltd, Setu Bhawan, Nayapalli Bhubaneswar, 751012.
3. The Last date of Submission is 15.04.2020 and the period of empanelment shall be for a period of 3(three) financial years including the year of empanelment.
4. Other details can be seen in the EoI. documents.
5. The authority reserves the right to cancel any or all bids without assigning any reason thereof.
6. The addendum/ corrigendum/Extension date /Result if any will be hosted in the OB&CC web site only.

Sd/- MANAGING DIRECTOR, O.B. & C.C.LTD, BHUBANESWAR
OIPR-34106/11/0053/1920

**ଉଦ୍ୟାନ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କଳାହାଣ୍ଡି, ଭବାନୀପାଟଣା**

Email- ddhkalahandi.odenic.in

ପତ୍ରସଂଖ୍ୟା ଉଦ୍ୟାନ ବିଭାଗ / ତା

**ନିଲାମ ଇସ୍ତାହାର**

**No.L-118:-** ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ଉଦ୍ୟାନ ଉପ-ନିର୍ଦ୍ଦେଶକ, କଳାହାଣ୍ଡି, ଭବାନୀପାଟଣା ୨୦୧୯-୨୦୨୦ ବର୍ଷ ପାଇଁ ନିମ୍ନଲିଖିତ ଆମ୍ବ ବଗିଚାର ଆମ୍ବ ଫଳ ନିଲାମ ପାଇଁ ଆବେଦନକାରୀଙ୍କ ଉଦ୍ଦିଷ୍ଟ ବଜାର ଦର ତା୨୭।୦୩।୨୦୨୦ରିଖ ପୂର୍ବରୁ ବା ସେହି ଦିନ ଅପରାହ୍ନ ୫ ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କୋରିୟର/ ରେଜିଷ୍ଟାର୍ଡ ପୋଷ୍ଟ ଦ୍ୱାରା ଜଉମୁଦିତ ଲଫାପାରେ ପ୍ରାପ୍ତ ହେବା ଦରକାର। ଉକ୍ତ ବଜାର ଦରଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୩୦।୦୩।୨୦୨୦ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଏକ କମିଟି ଓ ଆବେଦନକାରୀଙ୍କ ଉପସ୍ଥିତିରେ ଜଉମୁଦ ଥିବା ବଜାର ଦର (quotation) ଖୋଲାଯାଇ ସର୍ବୋଚ୍ଚ ବଜାର ଦର ଥିବା ଆବେଦନକାରୀଙ୍କୁ କମିଟି ଦ୍ୱାରା ଚୟନ କରାଯିବ। ଯଦି କୌଣସି ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧି ଉକ୍ତ ଚୟନ ପ୍ରକ୍ରିୟାରେ ଅନୁପସ୍ଥିତ ରହନ୍ତି ତେବେ ତାଙ୍କ ଦ୍ୱାରା ପ୍ରେରିତ ଉଦ୍ଦିଷ୍ଟ ବଜାର ଦର (quotation)କୁ ବିଚାରକୁ ନିଆଯିବ ନାହିଁ।

| କ୍ର. ସଂଖ୍ୟା | ବ୍ଲକର ନାମ | ଆମ୍ବ ବଗିଚା ଥିବା ଗାଁର ନାମ | ବଏନା ଟଙ୍କା |
|---|---|---|---|
| ୦୧. | ଭବାନୀପାଟଣା | ପେଙ୍ଗସୁର ଆମ୍ବତୋଟା | ଟ. ୫,୦୦୦/- |
| ୦୫. | ମ. ରାମପୁର | ମ. ରାମପୁର | ଟ. ୫,୦୦୦/- |

ବଜାର ଦର (quotation) ସହିତ ଉଦ୍ୟାନ ଉପନିର୍ଦ୍ଦେଶକ, କଳାହାଣ୍ଡି, ଭବାନୀପାଟଣା ନାମରେ ନିର୍ଗମ ବଏନା ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ବଜାର ଦର ଫର୍ମ ସହିତ ସଂଲଗ୍ନ ହୋଇଥିବା ଦରକାର। ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ପାଇଁ ଏହି କାର୍ଯ୍ୟାଳୟଠାରୁ ୨୦ ଟଙ୍କା ମାତ୍ର ଦାଖଲ କରି ଦରଖାସ୍ତ ଫର୍ମ ଓ ସର୍ତ୍ତାବଳୀ ନେଇ ପାରିବେ। ଆବେଦନକାରୀ ଉକ୍ତ ଫର୍ମ କିଣାଯାଇଥିବା ରସିଦକୁ ବଜାର ଦର (quotation form) ସହ ଜଉମୁଦ ଦିଆ ଲଫାପାରେ ପଠାଇବେ ନଚେତ ତାଙ୍କର ଆବେଦନ ବାଜ୍ୟାପ୍ତ କରାଯିବ।

ଆମ୍ବ ଗଛଗୁଡ଼ିକ ଦେଖିବା ପାଇଁ ବିଜ୍ଞାପନ ପ୍ରକାଶିତ ହେବା ଦିନଠାରୁ ପୂର୍ବାହ୍ନ ୦୭ ଘଟିକାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଯେକୌଣସି କାର୍ଯ୍ୟରତ ଦିନଗୁଡ଼ିକରେ ପରିଦର୍ଶନ କରିପାରିବେ। ନିମ୍ନ ସ୍ୱାକ୍ଷରକାରୀଙ୍କ ଯେ କୌଣସି ବଜାର ଦର (quotation) ବା ସକଳ ବଜାର ଦରକୁ ତଥା ନିଲାମକୁ କୌଣସି କାରଣ ନ ଦର୍ଶାଇ ବାତିଲ/ ଅଗ୍ରାହ୍ୟ କରିବା କ୍ଷମତା ରହିଛି।

**ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, କଳାହାଣ୍ଡି, ଭବାନୀପାଟଣା**
**OIPR- 01414/11/0002/1920**



# ରକ୍ତ ପରୀକ୍ଷାରୁ ଜାଣିହେବ ପୃଥୁଳତା

ଆଜିକାଲି ପୃଥୁଳତା ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭାହେଲାଣି। ଅବ୍ୟବସ୍ଥିତ ଜୀବନଶୈଳୀ, ଖାଦ୍ୟପେୟ ଆଦି କାରଣରୁ ଜଣେ ପୃଥୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଏ। ତେବେ ଏହାକୁ କିପରି ନିରୂପଣ କରାଯିବ ସେ ନେଇ ଏକ ନୂଆ ଉପାୟ ଖୋଜିପାଇବାରେ ସକ୍ଷମ ହୋଇଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ। ଜଣଙ୍କର ରକ୍ତ ପରୀକ୍ଷା କରି ଏ ସମ୍ପର୍କରେ ଜାଣିହେବ ବୋଲି ଏହି ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ରକ୍ତ ପରୀକ୍ଷା ସମୟରେ ଡିଏନ୍ଏରେ ମିଥିଲେନ୍ସ ସ୍ତରକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା ପରେ ଏଥିରୁ ପୃଥୁଳତା ସମ୍ପର୍କରେ ସେମାନେ ସୂଚନା ପାଇପାରିଥିଲେ। ବିଶେଷଭାବରେ ଛୋଟ ପିଲାଠାରେ ଏପରି ପରୀକ୍ଷା ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଯଦି ଡିଏନ୍ଏରେ ମିଥଲେନ୍ସ ସ୍ତର ଅସନ୍ତୁଳିତ ରହେ ତେବେ ଶରୀରରେ ଚର୍ବି ପରିମାଣ ବଢ଼ିଥାଏ, ଯାହା ପରବର୍ତ୍ତୀ ସମୟରେ ପୃଥୁଳତା ପରି ସମସ୍ୟା ସୃଷ୍ଟିକରେ।

## ସ୍ୱାସ୍ଥ୍ୟ ସୂଚନା



-ନିଜକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ନଜର ଦିଅନ୍ତୁ। ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

-ସୁସ୍ଥ ତଥା ନୀରୋଗ ଜୀବନ ପାଇଁ ଖାଦ୍ୟପେୟ ପ୍ରତି ସର୍ତକ ରହିବା ନିହାତି ଜରୁରୀ। ସବୁବେଳେ ପୁଷ୍ଟିକର ତଥା ସୁଷମ ଖାଦ୍ୟ ଖାଆନ୍ତୁ।

-ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ।

-ଦିନକୁ ଦୁଇ ଥର ଦାନ୍ତ ଘଷନ୍ତୁ। ରାତ୍ରଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।

-ପ୍ରତିଦିନ ନିଜକୁ କିଛି ସମୟ ଶାନ୍ତ ପରିବେଶରେ ରଖନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

-ଯେତେ ସମ୍ଭବ ନିଜ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖନ୍ତୁ। ତେଣୁ ପ୍ରତିଦିନ ୩-୪ଲିଟର ପାଣି ପିଅନ୍ତୁ।


-ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



# କାର୍ଯ୍ୟଦକ୍ଷତା ବଢ଼ାଇବାର ନୂଆ ଉପାୟ

କୌଣସି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବାକୁ ହେଲେ ସେହି ଅନୁସାରେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ସହ ଯୋଜନାବଦ୍ଧ ଭାବରେ ଆଗେଇବାକୁ ପଡ଼ିଥାଏ। ତେବେ ଏହି ତାଲିକାରେ ଆଉ ଏକ ଉପାୟକୁ ସାମିଲ କରାଯାଇଛି। କାର୍ଯ୍ୟଦକ୍ଷତାକୁ କିପରି ଆହୁରି ବଢ଼ାଯାଇପାରିବ ସେ ନେଇ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଅପର ପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କେତେ ସୁପ୍ରଭାବ ପଡୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ଆଶ୍ଚର୍ଯ୍ୟ ଜନକ ଭାବରେ ପ୍ରତିଦିନ ଯୋଗ କରୁଥିବା ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ଆହୁରି ସକ୍ରିୟ ହେଉଥିବା ସେମାନେ ଜାଣିପାରିଥିଲେ। ତେବେ ଯୋଗ କରିବା ପୂର୍ବରୁ ଏହାର ପରିବେଶ କିପରି ପ୍ରଦୂଷଣମୁକ୍ତ ରହିବ ସେ ନେଇ ନଜର ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଆଖି କ୍ୟାନ୍ସର ପାଇଁ ଇଞ୍ଜେକ୍ଶନ



ଦିନକୁ ଦିନ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବନ ହେଉଛି। ତଥାପି କେତେକ ରୋଗ ଆଜି ମଧ୍ୟ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଠିଆ ହୋଇଛି। ତନ୍ମଧ୍ୟରୁ କ୍ୟାନ୍ସର ଅନ୍ୟତମ। ନିକଟରେ ଆମେରିକୀୟ କ୍ୟାନ୍ସର ବିଜ୍ଞାନୀମାନେ ଏକ ନୂଆ ଇଞ୍ଜେକ୍ଶନ ପ୍ରସ୍ତୁତ କରିଛନ୍ତି। ଏହି ଇଞ୍ଜେକ୍ସନଟି ଆଖି କ୍ୟାନ୍ସର ରୋଗୀଙ୍କ ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହେବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହେଁ, ଏହାକୁ ବ୍ୟବହାରକରି ସଫଳତା ମିଳିଛି ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହି ଇଞ୍ଜେକ୍ଶନ ନେବାକୁ ୦.୨ ଏମ୍ଏମ୍ ଛୁଞ୍ଚି ବ୍ୟବହାର କରାଯାଇଥାଏ। ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଏହି ଇଞ୍ଜେକ୍ଶନ ନେବା ପରେ ଜଣେ ଆଖି କ୍ୟାନ୍ସର ରୋଗୀ ଏପରି ଯନ୍ତ୍ରଣାରୁ ଅନେକାଂଶରେ ଉପଶମ ପାଇପାରିବ। ଏପରି ଇଞ୍ଜେକ୍ଶନକୁ ପରୀକ୍ଷା କରିବା ସମୟରେ ସେମାନେ ଏହାର ପରିସରଭୁକ୍ତ ଆଖି କ୍ୟାନ୍ସର ରୋଗୀଙ୍କୁ ସପ୍ତାହକୁ ଥରେ (ଛଅ ସପ୍ତାହ ପର୍ଯ୍ୟନ୍ତ) ଏହାକୁ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ରୋଗୀ ଏପରି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ଲାଭ କରିଥିବାର ଜଣାପଡ଼ିଥିଲା।



# ସହଜରେ ଦୂରହେବ ଅବସାଦ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଅନେକେ ଅବସାଦର ଶିକାର ହେଉଛନ୍ତି। ଏହାକୁ ନେଇ ଟେନ୍ସନରେ ରହିବା ଅପେକ୍ଷା ସେଥିରୁ କିପରି ରକ୍ଷା ପାଇବେ ସେ ନେଇ ଚିନ୍ତା କରିବା ଦରକାର। ଜଣେ ବ୍ୟକ୍ତି ଯଦି ଅଧିକାଂଶ ସମୟ ଖୁସିର ମାହୋଲ ଭିତରେ ରହନ୍ତି ତେବେ ସେ ନିଜକୁ ଅନେକାଂଶରେ ଅବସାଦଠାରୁ ଦୂରେଇ ରଖିପାରିବେ। ଏକ ସଦ୍ୟତମ ସର୍ଭେରୁ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏପରି କଥା ଜାଣିପାରିଛନ୍ତି। ସର୍ଭେ ସମୟରେ ସେମାନେ ଅବସାଦଗ୍ରସ୍ତ ହେଉଥିବା କେତେଜଣ ବ୍ୟକ୍ତିଙ୍କୁ ଖୁସିର ମାହୋଲ ଭିତରେ ରହିବାକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ଯଥାସମ୍ଭବ କିଛି ସମୟ ହସିବାକୁ ମଧ୍ୟ କୁହାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଅବସାଦଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ତମାଖୁ ସେବନରୁ ମୁକ୍ତି







ଆମ ଦେଶରେ ଯେତେ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର କରାଯାଇଥାଏ, ଏଥି ମଧ୍ୟରୁ ତମାଖୁ ନିଶା ସର୍ବାଧିକ । ମାତ୍ର ଅନ୍ୟ ନିଶାଦ୍ରବ୍ୟ ପରି ଏହା ଉପରେ ବେଶି ଗୁରୁତ୍ୱ ଦିଆଯାଇ ନ ଥାଏ। ଦୁର୍ଭାଗ୍ୟବଶତଃ ଅନ୍ୟ ନିଶା ଅପେକ୍ଷା ତମାଖୁ ସେବନର ଭୟାବହତା ଅଧିକ । ପ୍ରତି ବର୍ଷ ତମାଖୁ ସେବନ ଯୋଗୁ ସାରା ବିଶ୍ୱର ପ୍ରାୟ ୫୦ଲକ୍ଷ ଲୋକ ମୃତ୍ୟୁବରଣ କରିଥାନ୍ତି। ଭାରତରେ ଏହି ସଂଖ୍ୟା ବଢ଼ି ପାଖାପାଖି ୯ ଲକ୍ଷ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନରୁ ଜଣାପଡ଼ିଛି ଯେ ଭାରତରେ ୨୦୨୦ ମସିହା ସୁଦ୍ଧା ଏହି ସଂଖ୍ୟା ବଢ଼ି ୧୫ ଲକ୍ଷ ହୋଇଯିବ। ତମାଖୁକୁ ଲୋକମାନେ ବିଭିନ୍ନ ଉପାୟରେ ସେବନ କରିଥାନ୍ତି । ଏଗୁଡ଼ିକ ହେଲା ଧୂମଯୁକ୍ତ ତମାଖୁ ( ସିଗାରେଟ୍, ବିଡ଼ି), ଧୂମ ବିହୀନ ତମାଖୁ (ଗୁଟ୍ଖା, ଖଇନି, ଗୁଡ଼ାଖୁ) ଆଦି । ଭାରତରେ କେବଳ ୧୫ରୁ ୩୦ ପ୍ରତିଶତ ଲୋକ କେବଳ ସିଗାରେଟ ଉପରେ ନିର୍ଭରଶୀଳ । ସମସ୍ତ ପ୍ରକାର ତମାଖୁ ଜାତୀୟ ନିଶାଦ୍ରବ୍ୟରେ ମୁଖ୍ୟ ହାନିକରକ ପଦାର୍ଥ ହେଲା ନିକୋଟିନ। ତମାଖୁ ଏପରି ଏକ ନିଶା ଯାହାର ସେବନକୁ ଅଭ୍ୟାସରେ ପରିଣତ କଲେ ପରୋକ୍ଷରେ ମୃତ୍ୟୁକୁ ଆହ୍ୱାନ ଦେବା ସହ ସମାନ ।

ତମାଖୁ ସେବନ କରୁଥିବା ଲୋକଙ୍କ ମଧ୍ୟରୁ ଦୁଇତୃତୀୟାଂଶ ଲୋକ କିଶୋରାବସ୍ଥାରୁ ହିଁ ଏହାର ସେବନ ଆରମ୍ଭ କରିଥାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେଉଁମାନେ ଜୀବନରେ ଥରେ ମାତ୍ର ସିଗାରେଟ୍ ସେବନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଏକତୃତୀୟାଂଶ ଲୋକ ତମାଖୁ ନିଶା ଉପରେ ନିର୍ଭରଶୀଳ ହୋଇଯିବାର ଆଶଙ୍କା ଥାଏ। ମଦ ଓ ଗଞ୍ଜେଇକୁ ନିଶା କରୁଥିବା ବ୍ୟକ୍ତିମାନେ ତମାଖୁ ନିଶା ସେବନ କରିବା ଅଧିକ ସମ୍ଭାବନା ଥାଏ ।

**ଲୋକେ କାହିଁକି କରିଥାନ୍ତି ତମାଖୁ ସେବନ :** ଲୋକେ ବିଭିନ୍ନ କାରଣରୁ ତମାଖୁ ସେବନ କରିଥାନ୍ତି । ଏଥିନିମନ୍ତେ ଜିନ୍‌ଗତ କାରଣ ପ୍ରମୁଖ। ଏହାଛଡ଼ା ଯେଉଁ ବ୍ୟକ୍ତିମାନଙ୍କର ପରିବାରରେ କେହି ତମାଖୁ ସେବନ କରିଥାନ୍ତି ସେମାନଙ୍କ ଠାରେ ଏହା ସେବନ କରିବାର ଅଧିକ ସମ୍ଭାବନା ଥାଏ । କେତେଜଣ ମାନସିକ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଅପେକ୍ଷା ତମାଖୁ ଜାତୀୟ ନିଶା ସେବନର ଅଧିକ ସମ୍ଭାବନା ଥାଏ । ଏହି ରୋଗଗୁଡ଼ିକ ହେଲା ଡିପ୍ରେସନ, ଏଙ୍ଗ୍‌ଜାଇଟି ରୋଗ ସ୍କିଜୋଫ୍ରେନିଆ ଆଦି ।

ତମାଖୁ ଜାତୀୟ ନିଶା ସେବନ ଦ୍ୱାରା ଏଥିରେ ଥିବା ନିକୋଟିନ ମସ୍ତିଷ୍କରେ ଡୋପାମିନ ନାମକ ଜୈବିକ ପଦାର୍ଥର ମାତ୍ରା ବୃଦ୍ଧି ପାଇଥାଏ। ଏହାଦ୍ୱାରା ବ୍ୟକ୍ତିକୁ ସାମୟିକ ଭାବରେ ଖୁସି ଓ ଉତ୍‌ଫୁଲ୍ଲ ଲାଗିଥାଏ। ଫଳରେ ବ୍ୟକ୍ତି ଏହାକୁ ବାରମ୍ବାର ନେବାକୁ ଇଚ୍ଛା ପ୍ରକାଶ କରିଥାଏ । ଏହାଦ୍ୱାରା ବ୍ୟକ୍ତି ତମାଖୁ ଉପରେ ନିର୍ଭରଶୀଳ ହୋଇଯାଏ । ଅନ୍ୟ ତମାଖୁ ଜାତୀୟ ପଦାର୍ଥ ଅପେକ୍ଷା ସିଗାରେଟ୍ ସେବନ ଦ୍ୱାରା ନିକୋଟିନ ଖୁବ୍‌ଶୀଘ୍ର (୧୫ସେକେଣ୍ଡ) ବ୍ୟକ୍ତିର ରକ୍ତରେ ପ୍ରବେଶକରି ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ।

**ତମାଖୁର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ :** ବିଗତ କିଛି ବର୍ଷ ମଧ୍ୟରେ ତମାଖୁ ନିଶା ସେବନର ସ୍ୱାସ୍ଥ୍ୟ ଉପରେ ଥିବା କୁପ୍ରଭାବ ଏବଂ ଏହାର ଚିକିତ୍ସା ସମ୍ବନ୍ଧରେ ସଚେତନତା ବୃଦ୍ଧି ଧୂମଯୁକ୍ତ ତମାଖୁରେ ନିକୋଟିନ ଛଡ଼ା ଅନେକ ରାସାୟନିକ ପଦାର୍ଥ ଅଛି ଯାହା ମନୁଷ୍ୟ ଶରୀର ପ୍ରତି ଅତ୍ୟନ୍ତ ହାନିକରକ। ତମାଖୁ ଯୋଗୁ ବିଭିନ୍ନ କର୍କଟ ରୋଗ ଯଥା ଫୁସ୍‌ଫୁସ୍ କର୍କଟ, ମୁଖଗହ୍ୱର କର୍କଟ, ଗଳାକର୍କଟ, ପାନକ୍ରିଆଜ, ବୃକ୍କ ଓ ୟୁରିନାରି ବ୍ଲାଡର କର୍କଟ, ସ୍ତନ କର୍କଟ ହେବା ଆଶଙ୍କା ଥାଏ। ସିଗାରେଟ୍ ଓ ବିଡ଼ି ସେବନ ଦ୍ୱାରା ଶ୍ୱାସନଳୀ ଓ ଫୁସ୍‌ଫୁସ୍ ସମ୍ବନ୍ଧୀୟ ରୋଗ ହୋଇଥାଏ। ଆଜ୍‌ମା ରୋଗର ଲକ୍ଷଣ ବଢ଼ିଯାଇଥାଏ। ହୃତ୍‌ପିଣ୍ଡଜନିତ ରୋଗ ଓ ଉଚ୍ଚ ରକ୍ତଚାପ ଦେଖାଦେଇଥାଏ। ଡାଇବେଟିସ ରୋଗୀ ତମାଖୁ ସେବନକଲେ ସେମାନଙ୍କଠାରେ ବୃକ୍କ ଓ ଆଖିର ସମସ୍ୟା ବୃଦ୍ଧି ପାଇଥାଏ। ଧୂମଯୁକ୍ତ ତମାଖୁ ସେବନ ଦ୍ୱାରା କେତେଜଣଙ୍କଠାରେ ଯୌନ ସମସ୍ୟା ଓ ପ୍ରଜନନ ଜନିତ ସମସ୍ୟା ଦେଖାଯାଇଥାଏ। ଯେଉଁ ଛୋଟ ପିଲାଙ୍କର ପରିବାରରେ କୌଣସି ସଦସ୍ୟ ସିଗାରେଟ୍ କିମ୍ବା ବିଡ଼ି ସେବନ କରୁଥାନ୍ତି ସେମାନଙ୍କଠାରେ ବାରମ୍ବାର ଶ୍ୱାସ ଓ ଫୁସ୍‌ଫୁସ୍ ସଂକ୍ରମଣ ଦେଖାଦେଇଥାଏ।



ଡା. ସତ୍ୟକାମ ମହାପାତ୍ର

> "ତମାଖୁ ଜାତୀୟ ନିଶା ସେବନ ଦ୍ୱାରା ଏଥିରେ ଥିବା ନିକୋଟିନ ମସ୍ତିଷ୍କରେ ଡୋପାମିନ ନାମକ ଜୈବିକ ପଦାର୍ଥର ମାତ୍ରା ବୃଦ୍ଧି ପାଇଥାଏ। ଏହାଦ୍ୱାରା ବ୍ୟକ୍ତିକୁ ସାମୟିକ ଭାବରେ ଖୁସି ଓ ଉତ୍‌ଫୁଲ୍ଲ ଲାଗିଥାଏ। ଫଳରେ ବ୍ୟକ୍ତି ଏହାକୁ ବାରମ୍ବାର ନେବାକୁ ଇଚ୍ଛା ପ୍ରକାଶ କରିଥାଏ । ଏହାଦ୍ୱାରା ବ୍ୟକ୍ତି ତମାଖୁ ଉପରେ ନିର୍ଭରଶୀଳ ହୋଇଯାଏ । ଅନ୍ୟ ତମାଖୁ ଜାତୀୟ ପଦାର୍ଥ ଅପେକ୍ଷା ସିଗାରେଟ୍ ସେବନ ଦ୍ୱାରା ନିକୋଟିନ ଖୁବ୍‌ଶୀଘ୍ର (୧୫ସେକେଣ୍ଡ) ବ୍ୟକ୍ତିର ରକ୍ତରେ ପ୍ରବେଶକରି ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ।"



ଯେଉଁମାନେ ଦୀର୍ଘଦିନ ପର୍ଯ୍ୟନ୍ତ ତମାଖୁଜନିତ ନିଶାଦ୍ରବ୍ୟ ସେବନ କରିଥାନ୍ତି, ସେମାନେ ଶାରୀରିକ ଓ ମାନସିକ ସ୍ତରରେ ତମାଖୁ ଉପରେ ନିର୍ଭରଶୀଳ ହୋଇଯାଆନ୍ତି। ଯଦି ସେମାନେ ବିନା ଚିକିତ୍ସାରେ ତମାଖୁ ବନ୍ଦ କରିଦିଅନ୍ତି ତେବେ ସେମାନଙ୍କଠାରେ ଅନେକ ଲକ୍ଷଣ ଦେଖାଯାଇଥାଏ। ଏଗୁଡ଼ିକ ହେଲା ତମାଖୁ ସେବନ ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହେବା, ଅସ୍ତବ୍ୟସ୍ତ ଲାଗିବା, ଚିଡ଼ିଚିଡ଼ା ଓ ଛାନିଆ ଭାବ ସୃଷ୍ଟି ହେବା, ନିଦ ନ ହେବା,କାମରେ ମନ ନ ଲାଗିବା, ମନ ଉଦାସ ରହିବା, ଭୋକ ବଢ଼ିଯିବା, ଛାତି ଜୋରସେ ଧଡ଼ଧଡ଼ ହେବା ଆଦି। ଏସବୁ ଲକ୍ଷଣ ତମାଖୁ ବନ୍ଦ କରିବାର ୨୪ ଘଣ୍ଟା ମଧ୍ୟରେ ହୋଇଯାଏ ଓ ସାଧାରଣତଃ ୨-୩ ସପ୍ତାହ ପର୍ଯ୍ୟନ୍ତ ଲାଗି ରହେ। ଯେଉଁମାନେ ଅଧିକ ମାତ୍ରାରେ ଓ ଦୀର୍ଘଦିନ ପର୍ଯ୍ୟନ୍ତ ତମାଖୁ ଜାତୀୟ ନିଶା ସେବନ କରିଥାନ୍ତି, ସେମାନଙ୍କଠାରେ ଏସବୁ ଲକ୍ଷଣ ଅଧିକ ଦେଖାଦେଇଥାଏ। ଯେଉଁମାନେ ତମାଖୁ ଜାତୀୟ ନିଶା ସେବନ କରିଥାନ୍ତି, ସେମାନେ ଭବିଷ୍ୟତରେ ଅନ୍ୟ ନିଶା ମଦ, ଗଞ୍ଜେଇ ଓ ଭାଙ୍ଗ ସେବନ କରିବାର ଅଧିକ ସମ୍ଭାବନା ଥାଏ।

**ତମାଖୁ ଛାଡ଼ିବେ କିପରି :** ତମାଖୁ ଜାତୀୟ ସମସ୍ତ ନିଶା ସେବନରେ ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଏଥି ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ଅନେକ ଲୋକ ଏହାକୁ ଛାଡ଼ିବାକୁ ଚାହାନ୍ତି। ଏହାର ବିଭିନ୍ନ କାରଣ ଅଛି। ସେମାନେ ଭାବିଥାନ୍ତି ଅନ୍ୟ ନିଶା ପରି ତମାଖୁ ଶରୀର ପ୍ରତି ସେତେ ମାରାତ୍ମକ ନୁହେଁ। ଅନେକ ଲୋକ ଭାବିଥାନ୍ତି ସିଗାରେଟ୍ ଓ ଗୁଟ୍‌ଖା ନିଶା କରିବା ଆମ ସମାଜରେ ଏକ ଗ୍ରହଣୀୟ ବ୍ୟବହାର ବା ଏକ ଷ୍ଟାଇଲ । ଅନେକ ଲୋକ ତମାଖୁ ଛାଡ଼ିବା ପରେ ଯେଉଁ ଯନ୍ତ୍ରଣା ହୋଇଥାଏ ତାହାକୁ ସହ୍ୟକରିପାରି ନ ଥାନ୍ତି। ଫଳରେ ଡରରେ ସେମାନେ ତମାଖୁ ଛାଡ଼ିପାରନ୍ତି ନାହିଁ।

ଚିକିତ୍ସା ପାଇଁ ପ୍ରଥମତଃ ରୋଗୀର ନିଶା ଛାଡ଼ିବାର ଦୃଢ଼ ଇଚ୍ଛାଶକ୍ତି ଜରୁରୀ । ରୋଗୀର ବିନା ଇଚ୍ଛାଶକ୍ତିରେ ଯେତେ ଚିକିତ୍ସା କରାଇଲେ ମଧ୍ୟ ଏହା ସଫଳ ହୋଇ ନ ଥାଏ। ତମାଖୁ ନିଶା ଛାଡ଼ିବା ପାଇଁ ଔଷଧ, ମନସ୍ତାତ୍ତ୍ୱିକ ଚିକିତ୍ସା ଓ ବ୍ୟବହାରିକ ଚିକିତ୍ସା ଦରକାର ପଡ଼ିଥାଏ। ତମାଖୁ ଛାଡ଼ିଲେ ଯେଉଁ କଷ୍ଟଦାୟକ ଲକ୍ଷଣମାନ ଦେଖାଦେଇଥାଏ ସେଗୁଡ଼ିକୁ ରୋକିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଔଷଧ ବ୍ୟବହାର କରାଯାଇଥାଏ। ଏହା ସହିତ ତମାଖୁ ନେବା ପାଇଁ ଇଚ୍ଛା ନ ହେବା ପାଇଁ ଅନ୍ୟ କେତେକ ଔଷଧ ରହିଛି ଯାହା ଅତ୍ୟନ୍ତ ଆବଶ୍ୟକ ।

ଔଷଧ ସହ ରୋଗୀକୁ ମନସ୍ତତ୍ତ୍ୱିକ ଚିକିତ୍ସା ବା କାଉନ୍‌ସେଲିଂ ଦରକାର ପଡ଼ିଥାଏ। ଚିକିତ୍ସା ପରେ ପୁଣି ତମାଖୁ ସେବନ ପାଇଁ ଇଚ୍ଛା ହେଲେ ରୋଗୀ କିପରି ନିଜ ମନକୁ ନିୟନ୍ତ୍ରଣ କରିବ ସେ ନେଇ ରୋଗୀକୁ କାଉନ୍‌ସେଲିଂ କରାଯାଏ। ଏହା ସହ ରୋଗୀକୁ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବାକୁ ପଡ଼ିଥାଏ। ଉପଯୁକ୍ତ ନିଦ୍ରା, ସୁଷମ ଖାଦ୍ୟ, ମାନସିକ ଚାପରୁ ଦୂରେଇରହିବା, ନିଜ ମନକୁ ଦୃଢ଼ ଓ ଶାନ୍ତ ରଖିବା, ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ ଆଦି ତମାଖୁ ନିଶାଠାରୁ ଦୂରେଇ ରହିବାରେ ସହାୟକ ହୋଇଥାଏ।

*-ମାନସିକ ରୋଗ ବିଶେଷଜ୍ଞ, କଟକ,*
*ମୋ: ୮୮୯୫୨୯୩୯୯୭*


ଭାରତରେ କରୋନା ତୃତୀୟ ଷ୍ଟେଜରେ ପହଞ୍ଚିଛି। ଅଧିକ ଲୋକ କରୋନାରେ ସଂକ୍ରମିତ ହେବାର ଆଶଙ୍କା ଉପୁଜିଛି। ଲକ୍ ଡାଉନକୁ କିଛି ସପ୍ତାହ ଯାଏ ରଖିବାର ଆବଶ୍ୟକତା ରହିଛି।

– ଆନନ୍ଦ ମହିନ୍ଦ୍ରା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ ଅଧ୍ୟକ୍ଷ



ଦେଶ ବର୍ତ୍ତମାନ ଏକ ଜଟିଳ ସ୍ଥିତି ଦେଇ ଗତି କରୁଛି। ଏହା ଅତ୍ୟନ୍ତ ଚିନ୍ତାଜନକ। କରୋନା ବିରୋଧରେ ଲଢେଇ ଜାରି ରଖିବା ଲାଗି ୧୦୦ କୋଟି ଟଙ୍କା ଗ୍ରୁପ ପକ୍ଷରୁ ପ୍ରଦାନ କରାଯାଇଛି।

– ଅନିଲ ଅଗ୍ରୱାଲ, ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ



# ‘କରୋନା ସେ ଡରୋନା ଡିଜିଟାଲ କରୋନା’




ମୁମ୍ବାଇ,୨୨-୩

ମାରାତ୍ମକ କରୋନା ବିରୋଧରେ ଲଢେଇ ଜାରି ରଖିବା ସହ ନୋଟ୍ ଗଣିବା କିମ୍ବା ଛୁଇଁବା ପରେ ହାତ ଧୋଇବାକୁ ଇଣ୍ଡିଆନ୍ ବ୍ୟାଙ୍କିଙ୍ଗ ଆସୋସିଏଶନ (ଆଇବିଏ) ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଇଛି। ଏହାବାଦ ବ୍ୟାଙ୍କ ଶାଖାକୁ ଯିବା ପରିବର୍ତ୍ତେ ମୋବାଇଲ ବ୍ୟାଙ୍କିଙ୍ଗ ଚ୍ୟାନେଲ ଏବଂ ଅନ୍‌ଲାଇନ ପ୍ଲାଟଫର୍ମରେ ନେଣଦେଣ କରିବା ଲାଗି ସଂଘ ପକ୍ଷରୁ କୁହାଯାଇଛି। ବ୍ୟାଙ୍କ ଶାଖାରେ ଅଧିକ ଲୋକ ଭିଡ ଜମାଇବା ଫଳରେ ଏହା ଦ୍ୱାରା ବ୍ୟାଙ୍କ କର୍ମଚାରୀଙ୍କ ଉପରେ ମଧ୍ୟ ବିପଦ କମିଯିବ। ଆଧାର ଭିତ୍ତିକ ପେମେଣ୍ଟ ସିଷ୍ଟମ, ନୋଟ୍ ଗଣିବା ଏବଂ ଫିଜିକାଲ ବ୍ୟାଙ୍କିଙ୍ଗ ପରେ ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଲାଗି ହାତ ଧୋଇବାକୁ କୁହାଯାଇଛି। ଏହି ସମୟରେ ଆଇବିଏ ପକ୍ଷରୁ ‘କରୋନା ସେ ଡରୋନା ଡିଜିଟାଲ କରୋନା’ କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହା ଦ୍ୱାରା ନେଣଦେଣ ଲାଗି ନୋଟ୍ ପରିବର୍ତ୍ତେ କ୍ରେଡିଟ୍, ଡେବିଟ କାର୍ଡ ବ୍ୟବହାର କରିବା ଲାଗି କୁହାଯାଇଛି। ଆଇବିଏର ମେମ୍ବର ବ୍ୟାଙ୍କଗୁଡିକ ନିରନ୍ତର ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବା ନେଇ କୁହାଯାଇଛି। ଅତି ଜରୁରୀ ନ ହେଲେ ବ୍ୟାଙ୍କ ଶାଖା ନ ଯିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ବ୍ୟାଙ୍କିଙ୍ଗ, ଇଲେକଟ୍ରୋନିକ୍ ପେମେଣ୍ଟ ଯଥା ଆରଟିଜିଏସ୍ ଏବଂ ଏନ୍ଇଏଫ୍‌ଟି ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି। ଡିଜିଟାଲ ଚ୍ୟାନେଲଗୁଡିକ କିଭଳି ଅପଟୁଡେଟ ରହିବ ସେ ନେଇ ନିରନ୍ତର କାର୍ଯ୍ୟ କରୁଥିବା ଆଇବିଏ କହିଛି। ଋଣ ନେବା କ୍ଷେତ୍ରରେ ମଧ୍ୟ ଡିଜିଟାଲ ପ୍ଲାଟଫର୍ମ ଗ୍ରହଣ କରିବାକୁ ପରାମର୍ଶ ରହିଛି।

# ଏଫ୍‌ପିଆଇ ଉଠାଇନେଲେ ୧ ଲକ୍ଷ କୋଟି

ମୁମ୍ବାଇ,୨୨-୩

ଫରେନ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ଦେଶର ପୁଞ୍ଜି ବଜାରରୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କା ଉଠାଇ ନେଇଛନ୍ତି। କରୋନା ଭାଇରସ ଯୋଗୁ ବିଶ୍ୱ ସ୍ତରରେ ମାନ୍ଦାବସ୍ଥା ଉପୁଜିବା ଆଶଙ୍କାରେ ନିବେଶକମାନେ ଭୟଭୀତ ଅଛନ୍ତି। ନିବେଶ ଏବେ ସୁରକ୍ଷିତ ନୁହେଁ ବୋଲି ନିବେଶକମାନେ ବିଚାର କରିବା ସହ ସେମାନଙ୍କ ଅର୍ଥକୁ ଡଲାର ଡିନୋମେନେଟେଡ ଆସେଟ ଶ୍ରେଣୀ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ଷ୍ଟକ ବଜାର ଡିପୋଜିଟୋରୀ ଡାଟା ମୁତାବକ ମାର୍ଚ୍ଚ ୨ ସୁଦ୍ଧା ଡାଟା ମୁତାବକ ନିବେଶକମାନେ ଇକ୍ୱିଟିରୁ ୫୬,୨୪୭.୫୩ କୋଟି ଏବଂ ଡେଟ୍‌ରୁ ୫୨,୪୪୯.୪୮ କୋଟି ଟଙ୍କା ଉଠାଇ ନେଇଛନ୍ତି। ଏହା ପୂର୍ବରୁ ଗତ ୬ ମାସ ଧରି ନିବେଶକମାନେ ଲଗାତର ଭାବେ ପୁଞ୍ଜି ବଜାରରେ ନିବେଶ କରି ଆସୁଥିଲେ। କରୋନା ଭାଇରସ ବ୍ୟାପିବା ଯୋଗୁ ଭାରତୀୟ ଏବଂ ବିଶ୍ୱ ବଜାର ଲାଗାତର ଭାବେ କ୍ଷତି ସହି ଚାଲିଛି। ଏହାର ପ୍ରଭାବ ଭାରତୀୟ ସମେତ ବିଶ୍ୱ ସ୍ତରର ପୁଞ୍ଜି ବଜାର ଉପରେ ପଡିଥିବା ଜଣାପଡିଛି। ଭାରତ ଭଳି ଅଭିବୃଦ୍ଧି ଶୀଳ ବଜାରଗୁଡିକରେ ନିବେଶକ ସେମାନଙ୍କ ନିବେଶ ଅର୍ଥ ଉଠାଇ ନେବାକୁ ଉଚିତ ମଣୁଛନ୍ତି ବୋଲି ମର୍ନିଂ ଷ୍ଟାର ଇନଭେଷ୍ଟମେଣ୍ଟ ଆଡଭାଇଜର ଇଣ୍ଡିଆର ବରିଷ୍ଠ ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।




■ ଏପ୍ରିଲ ୩୦ ଯାଏ ଘରୁ କାମ କରିବେ ଷ୍ଟକ ବ୍ରୋକର

■ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ୨୫% ରିଟର୍ନ ହ୍ରାସ

କରୋନା ପ୍ରଭାବରେ ନିବେଶକମାନେ ଷ୍ଟକ ମାର୍କେଟକୁ ସେମାନଙ୍କୁ ଘରୁ ଆକ୍‌ସେସ କରିପାରିବେ। ଏପ୍ରିଲ ୩୦ ଯାଏ ଏଭଳି ସମୟ ସୀମା ଧାର୍ଯ୍ୟ କରାଯାଇଛି। ଷ୍ଟକ ବଜାରରେ ପ୍ରଥମ ଥର ଲାଗି ବ୍ରୋକରଙ୍କ ପାଇଁ ଏଭଳି ସୁବିଧା କରାଯାଇଛି ବୋଲି ଜଣେ ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ପକ୍ଷରୁ ଏ ନେଇ ସର୍କୁଲାର ଜାରି କରାଯିବା ସହ ଏଭଳି ସୁବିଧା କରାଯାଇଥିବା କୁହାଯାଇଛି। ଷ୍ଟକ ବ୍ରୋକରମାନେ ସେମାନଙ୍କ ଟର୍ମିନାଲକୁ ବାହାରୁ ପରିଚାଳନା କରିପାରିବେ। ଏହା ପୂର୍ବରୁ କର୍ମଚାରୀମାନେ ଘରୁ କାମ କରିବାକୁ ଏକ୍ସଚେଞ୍ଜଗୁଡିକ ପକ୍ଷରୁ କୁହାଯାଇଥିଲା। ଏହାବାଦ କରୋନା ବ୍ୟାପିବାରୁ ଇକ୍ୱିଟି ଭିତ୍ତିକ ମ୍ୟୁଚୁଆଲ ଫଣ୍ଡ କ୍ଷେତ୍ରରେ ଗତ ଏକ ମାସ ହେବ ନିବେଶକଙ୍କୁ ୨୫% ନକାରାତ୍ମକ ରିଟର୍ନ ମିଳିଛି। ବଜାରରେ ମାନ୍ଦାବସ୍ଥା ଭୟ ଏବଂ ସୂଚକାଙ୍କ ଖସିବା ଯୋଗୁ ଗତ ମାସେ ହେବ ନିବେଶକଙ୍କୁ ରିଟର୍ନରେ ଏଭଳି ସ୍ଥିତି ଦେଖାଯାଇଛି।

# ଗୋଟିଏ ଦିନରେ ୱାରରୁମ୍ ସ୍ଥାପନ କଲା ଆର୍‌ବିଆଇ

କରୋନା ପାଇଁ ଦେଶର ଫାଇନାନ୍ସିଆଲ ସିଷ୍ଟମରେ ଯେଭଳି କୌଣସି ଅସୁବିଧା ନ ଉପୁଯେ ତାକୁ ଧ୍ୟାନରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ତ୍ୱରୀତ ଭିତ୍ତିରେ ପଦକ୍ଷେପ ନେଇଛି। ରିଜର୍ଭ ବ୍ୟାଙ୍କ କରୋନା ସମସ୍ୟାକୁ ଧ୍ୟାନରେ ରଖି ଗୋଟିଏ ଦିନରେ ୱାରରୁମ୍ ସ୍ଥାପନ କରିଛି। ଏଠାରେ ୯୦ ବିଶେଷଜ୍ଞ କାର୍ଯ୍ୟ କରୁଛନ୍ତି। ବିଜନେସ୍ କଣ୍ଟିନଜେନ୍ସି ପ୍ଲାନ ମୁତାବକ ଏହାକୁ ସ୍ଥାପନ କରାଯାଇଛି ଯାହା ୨୪ ଘଣ୍ଟା କାମ କରିବ। ୯୦ କ୍ରିଟିକାଲ ଷ୍ଟାଫଙ୍କ ବାଦ ୬୦ ପ୍ରମୁଖ ପର୍ସୋନେଲ ଏହି ଟିମରେ ସାମିଲ ରହିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କେବଳ ୯୦ କର୍ମଚାରୀଙ୍କ ମଧ୍ୟରେ କେବଳ ଅଧା କର୍ମଚାରୀ ଧାର୍ଯ୍ୟ ସମୟରେ କାମ କରିପାରିବେ। ଅନ୍ୟମାନେ କାମ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିବେ। ବିଶ୍ୱ ସ୍ତରରେ ଏଭଳି ଫାସିଲିଟି ଗଠନ କରିବା ଦିଗରେ ଆର୍‌ବିଆଇ ହେଉଛି ପ୍ରଥମ କେନ୍ଦ୍ରୀୟ ବ୍ୟାଙ୍କ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଏଭଳି ଫାସିଲିଟି ସ୍ଥାପନ ହୋଇ ନ ଥିଲା। ଏହି ୱାରରୁମ୍‌ର କାର୍ଯ୍ୟ ହେଲା ଋଣ ପରିଚାଳନା, ରିଜର୍ଭ ପରିଚାଳନା ଏବଂ ମୁଦ୍ରାଗତ ପରିଚାଳନା। ବିପିସି ଅଧୀନରେ ପରିଚାଳିତ ହେଉଥିବା ଅନ୍ୟ ଡାଟା ସେଣ୍ଟରଗୁଡିକ ମଧ୍ୟରେ ଷ୍ଟ୍ରକଚର୍ଡ ଫାଇନାନ୍ସିଆଲ ମେସେଜିଂ ସିଷ୍ଟମ (ଏସ୍ଏଫ୍ଏମ୍ଏସ୍), ରିୟଲ ଟାଇମ ଗ୍ରସ ସେଟେଲମେଣ୍ଟ (ଆର୍‌ଟିଜିଏସ୍), ନ୍ୟାଶନାଲ ଇଲେକଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର (ଏନ୍ଇଏଫ୍‌ଟି) ରହିଛି। ଏହାବାଦ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ନେଣଦେଣ ଲାଗି ଇ-କୁବେର ଏହା ମଧ୍ୟରେ ମଧ୍ୟ ସାମିଲ ରହିଛି।




# ଉତ୍ପାଦନ ବନ୍ଦ କଲେ ଅଟୋମୋବାଇଲ କମ୍ପାନୀ

କରୋନା ପ୍ରଭାବକୁ କମ୍ କରିବା ପଦକ୍ଷେପ ଅନ୍ତର୍ଗତ ଦେଶର ପ୍ରମୁଖ ଅଟୋମୋବାଇଲ ନିର୍ମାତା କମ୍ପାନୀଗୁଡିକ ରବିବାରଠାରୁ ଦେଶ ମଧ୍ୟରେ ଉତ୍ପାଦନ ବନ୍ଦ କରିଥିବା ଜଣାପଡିଛି। ପ୍ରମୁଖ ଯାନ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଏହାର ହରିୟାଣା ପ୍ଲାଣ୍ଟରୁ ଉତ୍ପାଦନ ତୁରନ୍ତ ଭିତ୍ତିରେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା କମ୍ପାନୀର ଗୁରୁଗ୍ରାମ ଏବଂ ମାନେସର ଫାସିଲିଟି ସହ ରୋହତକରେ ଥିବା ଡେଭଲପମେଣ୍ଟ ସେଣ୍ଟର ମଧ୍ୟ ବନ୍ଦ ରହିଛି। ସରକାରଙ୍କ ନୀତି ଅନୁସାରେ ବନ୍ଦ କେତେଦିନ ରହିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ସେହିଭଳି ଆଗାମୀ କିଛି ସପ୍ତାହ ଲାଗି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏହାର ମହାରାଷ୍ଟ୍ର ମାନୁଫାକଚରିଂ ଅପରେଶନରୁ ଉତ୍ପାଦନ ବନ୍ଦ କରି ଦେଇଛି। ତୁରନ୍ତ ଭିତ୍ତିରେ ନାଗପୁର ପ୍ଲାଣ୍ଟରୁ ଉତ୍ପାଦନ ବନ୍ଦ କରାଯାଇଥିବା ବେଳେ ପୁଣେର ଚକନ ଏବଂ ମୁମ୍ବାଇର କାଣ୍ଡିଭାଲିଠାରେ ରହିଥିବା ପ୍ଲାଣ୍ଟରୁ ସୋମବାର ମଧ୍ୟ ରାତ୍ରିରୁ ଉତ୍ପାଦନ ବନ୍ଦ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସେହିଭଳି ଚଳିତ ମାସ ଶେଷ ଯାଏ ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଏବଂ ଫିଆଟ ମଧ୍ୟ ଉତ୍ପାଦନ ବନ୍ଦ କରି ଦେଇଛନ୍ତି। କର୍ମଚାରୀଙ୍କ ସୁରକ୍ଷାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି।



## କରୋନା ଔଷଧ ଉନ୍ନତୀକରଣ ଲାଗି ପେଟିଏମ୍ ଦେବ ୫ କୋଟି


ମୁମ୍ବାଇ,୨୨-୩

କରୋନା ମେଡିସିନ ପ୍ରସ୍ତୁତି ଲାଗି ଭାରତୀୟ ଗବେଷଣା କ୍ଷେତ୍ରକୁ ୫ କୋଟି ଟଙ୍କା ପ୍ରଦାନ କରିବା ଲାଗି ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ରବିବାର ଘୋଷଣା କରିଛନ୍ତି। କୋଭିଡ ସଂକ୍ରାନ୍ତ ସଲ୍ୟୁଶନ ପ୍ରସ୍ତୁତିରେ ଅଧିକ ଭାରତୀୟ କମ୍ପାନୀ ଯୋଗଦାନ ରଖନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଶର୍ମା ତାଙ୍କର ଟୁଇଟର ହ୍ୟାଣ୍ଡେଲରେ ଏହି ପ୍ରସଙ୍ଗକୁ ଉପରେ ମତ ରଖିଛନ୍ତି।

## ସାନିଟାଇଜର ମୂଲ୍ୟ କମାଇଲେ ଏଫ୍ଏମ୍‌ସିଜି କମ୍ପାନୀ

ନୂଆଦିଲ୍ଲୀ,୨୨-୩

ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଦେଶର ଏଫ୍ଏମ୍‌ସିଜି କମ୍ପାନୀଗୁଡିକ ସାନିଟାଇଜର ମୂଲ୍ୟ କମାଇଛନ୍ତି। କରୋନାର ପ୍ରଭାବକୁ ଦେଖି ଏବେ ସାନିଟାଇଜର ଚାହିଦା ବଢିଥିବାରୁ କମ୍ପାନୀଗୁଡିକ ସେମାନଙ୍କ ପ୍ରଡକ୍ସନ ବଢାଇଛନ୍ତି। ହ୍ୟାଣ୍ଡ ସାନିଟାଇଜର ପ୍ରସ୍ତୁତ କରୁଥିବା ଆର୍‌ବି, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ, ଆଇଟିସି, ଗୋଦରେଜ କଞ୍ଜ୍ୟୁମର, ହିମାଲୟା ଏବଂ ଡାବର ଭଳି କମ୍ପାନୀ ମୂଲ୍ୟରେ ବୃଦ୍ଧି ନକରିବାକୁ କହିଛନ୍ତି। ସରକାର ଧାର୍ଯ୍ୟ କରିଥିବା ମୂଲ୍ୟ ସୀମା ମଧ୍ୟରେ ପ୍ରଡକ୍ଟ ମୂଲ୍ୟ ରହିବ ବୋଲି କମ୍ପାନୀଗୁଡିକ କହିଛନ୍ତି।



## ସଂକ୍ଷେପରେ




- ୟୁରୋପୀୟ ବ୍ରାଣ୍ଡଗୁଡିକ ୧ ଲକ୍ଷ କୋଟି ଡଲାର କ୍ଷତି ସହିବା ଆଶଙ୍କା।
- ଇ-କମର୍ସ, ଆଇଟିଇଏସ୍, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ନିଷେଧାଦେଶଠାରୁ ଛାଡ କରିବାକୁ ସିଆଇଆଇ ପକ୍ଷରୁ ନିବେଦନ।
- ଟିକସ ଛାଡ, ମୋରାଟୋରିୟମ ବୃଦ୍ଧି ନେଇ ସିନେମା ଅପରେଟର ସଂଘର ଦାବି।
- ଏସ୍ଇଜେଡରୁ ଏପିଆଇ ଏବଂ ଫର୍ମୁଲେଶନ ରପ୍ତାନି ଉପରେ କଟକଣା ଲାଗିବନି ବୋଲି ବିଦେଶୀ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ସୂଚନା।
- ମିଥ୍ୟା ଖବରକୁ ପ୍ଲାଟଫର୍ମରୁ ହଟାଇବା ଲାଗି ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶ।
- ଯାତ୍ରା ସମ୍ପର୍କିତ ତଥ୍ୟ ଦେବାକୁ କର୍ମଚାରୀଙ୍କୁ କହିଲେ ଇସ୍ପାତ ନିର୍ମାତା କମ୍ପାନୀ।
- ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ କର୍ମଚାରୀଙ୍କ ନିରାପତ୍ତା ଲାଗି କ୍ୱିକ୍ ରେସ୍‌ପନ୍ସ ଟିମ୍ ଗଠନ।

# ପ୍ରୋତ୍ସାହନ ଲୋଡ଼ିଲା ଶିଳ୍ପ ଜଗତ

ମୁମ୍ବାଇ,୨୨-୩

ଅର୍ଥ ବ୍ୟବସ୍ଥା ଉପରେ କରୋନାର ପ୍ରଭାବକୁ କମ୍ କରିବା ଲାଗି ଭାରତୀୟ ଶିଳ୍ପ ଜଗତ ପକ୍ଷରୁ ସରକାରୀ ପ୍ରୋତ୍ସାହନ ଲୋଡାଯାଇଛି। ସେହିଭଳି ଋଣ ପ୍ରଦାନ କ୍ଷେତ୍ରରେ ମୋରାଟୋରିୟମ ବୃଦ୍ଧି ଉପରେ ମଧ୍ୟ ଶିଳ୍ପ ଜଗତ ଜୋର ଦେଇଛି। ଋଣ ପଇଠ କ୍ଷେତ୍ରରେ ବର୍ଷେ ପର୍ଯ୍ୟନ୍ତ ମୋରାଟୋରିୟମ ବୃଦ୍ଧି, ଟିକସ ହ୍ରାସ ନେଇ ଇଣ୍ଡିଆ ଇଙ୍କ ଦାବି କରିଛି। ଆଧାର ଭିତ୍ତିକ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର ମାଧ୍ୟମରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ସରକାର ପ୍ରଦାନ କରନ୍ତୁ ବୋଲି ଇଣ୍ଡିଆ ଇଙ୍କ ମତ ରଖିଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୪.୭%କୁ ଖସି ଆସିଛି। କରୋନା ଯୋଗୁ ଦେଶର ବିକାଶ ହାର ପୁଣିଥରେ ହ୍ରାସ ଘଟିବ। ସରକାର ତ୍ୱରିତ ଭାବେ କୌଣସି ପଦକ୍ଷେପ ନ ନେଲେ ଅଭିବୃଦ୍ଧି ୨୦୨୧ରେ ୫%ରୁ ନିମ୍ନକୁ ଚାଲିଯିବ ବୋଲି କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ ପକ୍ଷରୁ କୁହାଯାଇଛି। ଏବେ ଋଣ ଅଭିବୃଦ୍ଧି କ୍ଷେତ୍ରରେ ଭାରତ ସମସ୍ୟା ସାମ୍ନା କରୁଥିବା କରୋନା ସମସ୍ୟାକୁ ଆହୁରି ଜଟିଳ କରିଦେଇଛି। ଏହା ଦେଶର ବିକାଶର ଗତିରୋଧ କରିଥିବା ଶିଳ୍ପସଂଘ ଆସୋଚାମ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଯୋଗେ କୁହାଯାଇଛି।

India Inc.


No. XXI-88

## ଓଡ଼ିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

No RDM-LAA-MBJ-0040-2018/ 23119 R&DM, Dated. 09.08.2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା - **ଛେଳିଆପୋଷି (ଅତିରିକ୍ତ)**, ଥାନା- କରଞ୍ଜିଆ ନଂ ୧୩୪ , ତହସିଲ- କରଞ୍ଜିଆ , ଜିଲ୍ଲା- ମୟୁରଭଞ୍ଜ ରେ ନିମ୍ନ ସୂଚୀତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ଛେଳିଆପୋଷି ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି I

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୯୫୧୩ ତା. ୦୮.୦୮.୨୦୧୮ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ଛେଳିଆପୋଷି**, ଥାନା- କରଞ୍ଜିଆ ନଂ ୧୩୪, ଜିଲ୍ଲା- ମୟୁରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ, ମୟୁରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୁରଭଞ୍ଜ | ତହସିଲ: - କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଛେଳିଆପୋଷି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୦.୪୪ | ଏକର ୦.୦୬ | ଏଥିସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୁରଭଞ୍ଜ | ତହସିଲ: - କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ -୨୦.୧୨.୨୦୧୮

ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃର୍ବସତି ଅଧିକାରୀଙ୍କ କାର୍ଯ୍ୟାଳୟ
ମୟୂରଭଞ୍ଜ, କରଞ୍ଜିଆ

ମୌଜା:ଛେଳିଆପୋଷି, ଥାନା-କରଞ୍ଜିଆ ନମ୍ବର-୧୩୪, ତହସିଲ-କରଞ୍ଜିଆ, ଜିଲ୍ଲା-ମୟୁରଭଞ୍ଜ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୪ | ୬୩୭ | ୦.୪୪ | ୦.୦୬ | ଶାରଦ ଦୁଇ | ଶାକର ବେଓ୍ୱା, ସ୍ୱା-ଲକ୍ଷ୍ମଣ ମାଝୀ, ଜା- ସାନ୍ତାଲ, ବା- ନିଜ ଗାଁ | |
| ମୋଟ | | ୧ | ୦.୪୪ | ୦.୦୬ | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ

OIPR-24001/14/0349/1920



## ତହସିଲ କାର୍ଯ୍ୟାଳୟ, ବିନିକା

ବିଜ୍ଞାପନ ସଂଖ୍ୟା: ୧୦୯୪ ତା. ୧୮।୦୩।୨୦୨୦

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ବିନିକା ତହସିଲ ଅନ୍ତର୍ଗତ ୦୭ ଗୋଟି ଉତ୍ସଗୁଡ଼ିକର (୦୫ ଗୋଟି ପଥର ଖାଦାନ, ୦୧ ଗୋଟି ମୁରୁମ ଖାଦାନ ଓ ୦୧ ଗୋଟି ବାଲିଘାଟ) ୨୦୨୦-୨୧ରୁ ୨୦୨୪-୨୦୨୫ ଆର୍ଥିକ ବର୍ଷ ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ୍ୟରେ ନିଲାମ କରାଯିବ। ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ **www.subarnapur.nic.in** କୁ ଯାଇ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିବେ ଏବଂ ସବିଶେଷ ବିବରଣୀ ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ମଧ୍ୟ ଉପଲବ୍ଧ। ପ୍ରକାଶଥାଉକି, ତା.୩୦।୦୩।୨୦୨୦ରିଖ ଦିବା ୩.୩୦ ଘଟିକାରେ ବିନିକା ତହସିଲ କାର୍ଯ୍ୟାଳୟରେ ନିଲାମ କରାଯିବ ଏବଂ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ଥର ତା.୦୭।୦୪।୨୦୨୦ରିଖ ଓ ତୃତୀୟ ତା. ୧୭।୦୪।୨୦୨୦ରିଖ ଦିନ ୩.୩୦ ଘଟିକା ସମୟରେ ପ୍ରକାଶ୍ୟରେ ନିଲାମ କରାଯିବ।

**ସ୍ୱା./- ତହସିଲଦାର, ବିନିକା**



## ODISHA HYDRO POWER CORPORATION LTD.,

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No. CAD-1161

No. HHEP/C&P-10/ 1402 Date :20.03.2020

**TENDER NOTICE NO. HHEP-13/2020**

Sealed tenders in two part (TECHNICAL BID & PRICE BID) are invited from firm / agency / service provider with valid GST Regd. Certificate, IT PAN, EPF registration certificate for the work as mentioned below

| Sl. No | Name of work | Estimated value of work (in Rs.) | Cost of tender (Non-Refundable) | EMD |
|---|---|---|---|---|
| 1 | Providing one no. Xerox machine with operator on hire basis for photocopying of official documents of various sizes of HHEP, Burla | 243600/- | Rs. 2360/- (Rs. 2000/- + GST 18%) | Rs. 2450/- |

- Sale of tender paper : **24.03.2020 to 06.04.2020 upto 05.00PM**
- Receipt of tender paper : **07.04.2020 upto 01.00PM**
- Date & time of opening of tender: **07.04.2020 at 04.00PM**

Further details like tender specification, corrigendum to the tender call notice etc can only be available in our website www.ohpcltd.com.

**Sd/- C&P Head, HHEP, Burla**

OIPR-04007/11/0041/1920



## OFFICE OF THE EXECUTIVE ENGINEER N.H.DIVISION, BOLANGIR

No.b- 88

**Email eenhbolangir@gmail.com**

**Bid Identification No. 18 /EE NH (BGR) of 2019-20**

**Quotation Call Notice No 3 of 2019-20 for hiring of Vehicle for the O/o Executive Engineer, N.H.Division, Bolangir**

**No. 465 /Dated, 18.03.2020**

Sealed Quotations are invited from interested reputed Travel Agencies / Tour Operator or private individuals owning vehicles for providing 1 No. A.C. Diesel/Petrol vehicle Tiago / Bolt/ Celerio/ Swift Dzire on monthly rent basis for the O/o the Executive Engineer, N.H.Division, Bolangir.

The application forms of quotation containing general information vide detailed quotation call notice and terms and conditions of hiring of vehicles (Annexure-I,II,III) can be obtained from O/o the Executive Engineer, N.H.Division, Bolangir from 26.03.2020 to 09.04.2020-12.00 PM on working days by payment of Rs100/- (Rupees One Hundred) only or can be downloaded from Government website (www.odisha.gov.in). In case the application form is downloaded from Government website, the quotationer shall furnish a demand draft for an amount of Rs100.00 (Rupees One Hundred) only in favour of Executive Engineer, N.H.Division, Bolangir towards cost of application along with the quotation.

The Quotation completed in all respect as per the above referred application forms should reach the undersigned on or before 09.04.2020 by 12.00 PM & shall be opened on the same day at 4.30 PM in presence of the bidders or their authorized representatives.

**Sd/- Executive Engineer**
**N.H.Division, Bolangir**
**OIPR-34101/11/0003/1920**




ଏପ୍ରିଲ୍ ୨୯ରେ ପୃଥିବୀ ସହିତ ଗ୍ରହାଣୁପିଣ୍ଡ ୧୯୯୮-ଓଆର୍-୨(୫୨୭୬୮) ଧକ୍କା ଦେବ ବୋଲି କେତେକ ଗୁଜବ କରୁଛନ୍ତି। ତେବେ ଏହା ମିଛ ବୋଲି ନାସାର ମହାକାଶବିଜ୍ଞାନୀ ମତ ଦେଇଛନ୍ତି। ଲକ୍ଷ ଲକ୍ଷ ବର୍ଷ ତଳେ ଏଭଳି ଗ୍ରହାଣୁପିଣ୍ଡ ପୃଥିବୀକୁ ଧକ୍କା ଦେଇଥିଲା। ଏହାଯୋଗୁ ପୃଥିବୀରେ ଡାଏନୋସୋରସ୍ ବଂଶ ଧ୍ୱଂସ ହୋଇଯାଇଥିଲା। ଏବେ ଏହାର ପୁନରାବୃତ୍ତି ହେବ ବୋଲି ଗୁଜବ ସୃଷ୍ଟି ହୋଇଥିଲା। ଏହି ଗ୍ରହାଣୁପିଣ୍ଡ ପୃଥିବୀକୁ ପ୍ରାୟ ୮୩ କିଲୋମିଟର ଦୂରରେ ଅତିକ୍ରମ କରିବ। ତେବେ ୨୦୭୯ ଏପ୍ରିଲ ୧୬ରେ ଏହା ମାତ୍ର ୧୮ କିଲୋମିଟର ଦୂରରେ ପୃଥିବୀକୁ ଅତିକ୍ରମ କରିବ। ଏଥିଯୋଗୁ ସେତେବେଳେ ହୁଏତ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ମହାକାଶ ବିଜ୍ଞାନୀ କହିଛନ୍ତି।



# ଭାଇରସ୍‌ର ଭୟଙ୍କର ଟ୍ରେଣ୍ଡ୍

## କରୋନା ପାଇଁ ମାସକର ଦରମା



**ଚେନ୍ନାଇ:** କରୋନା ପାଇଁ ଏବେ ସବୁଆଡ଼େ ବନ୍ଦ କରି ଦିଆଯାଉଥିବାରୁ ଅନେକ ଶ୍ରମଜୀବୀ ଉପାର୍ଜନ ହରାଇଛନ୍ତି। ଏଭଳି ଶ୍ରମିକଙ୍କ ପାଇଁ ନିଜର ମାସକର ଦରମା ଦାନ କରିଛନ୍ତି ମାଡ୍ରାସ ହାଇକୋର୍ଟର ଜଷ୍ଟିସ୍ ଏସ୍ ଏମ୍ ସୁବ୍ରମଣ୍ୟମ୍। ସେ ତାଙ୍କର ଏହି ଦରମାକୁ ସରକାରଙ୍କୁ ଦାନ କରିଛନ୍ତି ଏବଂ ତାକୁ ଶ୍ରମିକମାନଙ୍କ ପାଇଁ ଖର୍ଚ୍ଚ କରିବାକୁ କହିଛନ୍ତି। ଏଭଳି ଏକ ଇଚ୍ଛାରେ ଜଷ୍ଟିସ୍ ସୁବ୍ରମଣ୍ୟମ୍ ତାମିଲନାଡୁର ମୁଖ୍ୟ ସଚିବଙ୍କୁ ସାକ୍ଷାତ କରି ଅଢେଇ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। କରୋନା ଭାଇରସ୍ ପାଇଁ କେତେଦିନ ପର୍ଯ୍ୟନ୍ତ ଲୋକଙ୍କୁ କାମ ହରାଇବାକୁ ପଡ଼ିବ ସେ ବିଷୟରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ବିଶେଷକରି ଅସଙ୍ଗଠିତ ସେକ୍ଟରରେ ଶ୍ରମିକମାନଙ୍କୁ ନିଜ ମଜୁରି ବି ହରାଇବାକୁ ପଡ଼ିବ। ତେଣୁ ଏଭଳି ଶ୍ରମଜୀବୀଙ୍କୁ ସରକାରଙ୍କ ସାହାଯ୍ୟ ବିନା ବଞ୍ଚିବା କଷ୍ଟକର ହୋଇପଡ଼ିବ। ଏହି ଦୃଷ୍ଟିରୁ ଅସଙ୍ଗଠିତ ସେକ୍ଟରର ଶ୍ରମିକମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ ଏହି ଅର୍ଥ ଦାନ କରିଛନ୍ତି।

**ନୂଆଦିଲ୍ଲୀ:** ପ୍ରକୃତିକୁ ଜୟ କରିବାର ଅଭିଳାଷ ମଣିଷକୁ ଅମଣିଷ କରିଦେଇଛି। ପ୍ରକୃତି ଉପରେ ଅଯଥା ହସ୍ତକ୍ଷେପ କରିଚାଲିଥିବା ମଣିଷ ଭୁଲିଯାଉଛି ଏହାର ପରିଣାମ। ହେଲେ ପ୍ରକୃତି ଯେତେବେଳେ କୋପ କରେ, ସେତେବେଳେ ସମସ୍ତେ ହୋଇଯାଆନ୍ତି ଅସହାୟ। ନିକଟରେ ବିଶ୍ୱବାସୀଙ୍କ ଚିନ୍ତାର କାରଣ ପାଲଟିଥିବା କରୋନା ଭୂତାଣୁ ଏହାର ଜ୍ୱଳନ୍ତ ଉଦାହରଣ। ବିଂଶ ଶତାବ୍ଦୀରେ ପାଦ ଥାପିଥିବା ମଣିଷ ପ୍ରତି ସମୟରେ ଏପରି ଏପରି ମହାମାରୀର ସମ୍ମୁଖୀନ ହୋଇଆସୁଛି। ଇତିହାସର ପୃଷ୍ଠା ଲେଉଟାଇଲେ ସ୍ପଷ୍ଟଭାବେ ବାରି ହୋଇପଡ଼େ ଏହାର ଭୟାବହ ସ୍ଥିତି। କୋବିଡ୍-୧୯ ଦୁନିଆରେ ୧୭ତମ ମହାମାରୀ। ଗତ ଦୁଇ ଦଶକ ମଧ୍ୟରେ ପ୍ରତି ଦୁଇ ବର୍ଷରେ ଏପରି ବଡ଼ଧରଣର ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି। ୨୦୧୨ ପରବର୍ତ୍ତୀ ସମୟରେ କରୋନା ସମେତ ୫ ବଡ଼ଧରଣର ବ୍ୟାଧି ପୃଥିବୀବାସୀଙ୍କୁ ଆତଙ୍କିତ କରିଛି। ଯେବେଠାରୁ ମଣିଷ ତାରିଖ ହିସାବ କରିବା ଆରମ୍ଭ କଲା, ଅର୍ଥାତ୍ ଖ୍ରୀଷ୍ଟାବ୍ଦ ଶୂନରୁ ଅଦ୍ୟାବଧି ୨୦୦୦ ବର୍ଷ ମଧ୍ୟରେ ଏପରି ମାରକ ସଂକ୍ରାମକ ରୋଗ ୧୮.୧୫ କୋଟିରୁ ଊର୍ଦ୍ଧ୍ୱ ଜୀବନ ନେଲାଣି। ସବୁଠାରୁ ଅଧିକ ମୃତ୍ୟୁ ଜଷ୍ଟିନିୟନ ପ୍ଲେଗ୍, ବ୍ଲାକ୍ ଡେଥ୍ ପ୍ଲେଗ୍, ସ୍ପେନିସ୍ ଏନ୍‌ଫ୍ଲୁଏଞ୍ଜା କାରଣରୁ ହୋଇଛି। ଏହି ୩ ମାରାତ୍ମକ ରୋଗ ୫ କୋଟି ଲେଖାଏ ଜୀବନ ନେଇଛି। ତତ୍କାଳୀନ ସମୟରେ ବିଶ୍ୱବ୍ୟାପୀ ଏହାର ପ୍ରଭାବ ପଡ଼ିଥିବାବେଳେ ଦୋହଲି ଯାଇଥିଲା ସାମାଜିକ, ଅର୍ଥନୈତିକ ବ୍ୟବସ୍ଥା। ଜଷ୍ଟିନିୟନ ପ୍ଲେଗ୍‌ର ପ୍ରଭାବ ଦୀର୍ଘ ୪ ବର୍ଷ ଯାଏ ରହିଥିଲା। ବିଶେଷଜ୍ଞଙ୍କ କହିବା କଥା, ଏହି ରୋଗ ପୃଥିବୀର ୧୦% ଜନସଂଖ୍ୟା ଶେଷ କରିଦେଇଥିଲା। ବାଇଜେଣ୍ଟାଇନ ସାମ୍ରାଜ୍ୟର ରାଜା ମଧ୍ୟ ଏହିରୋଗରେ ପୀଡ଼ିତ ହୋଇଥିଲେ, ଯାହା ସେତେବେଳର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିଲା। ତେବେ ସୌଭାଗ୍ୟରୁ ରାଜାଙ୍କ ଜୀବନ ବଞ୍ଚି ଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖ୍ରୀଷ୍ଟାବ୍ଦ ଶୂନରୁ ୧୮୫୨ ଯାଏ ଦୁନିଆରେ ୩ ବଡ଼ ସଂକ୍ରାମକ ରୋଗ ବ୍ୟାପିଥିଲା। ଏହାପରେ ଏଥିରେ ବୃଦ୍ଧି ଘଟିଛି। ଗତ ୨୦୦ ବର୍ଷ ମଧ୍ୟରେ ୭ ଭୟଙ୍କର ସଂକ୍ରାମକ ରୋଗ ବ୍ୟାପିଛି। ଯଦି ଗତ ଦୁଇ ଦଶନ୍ଧି କଥା ବିଚାରକୁ ନିଆଯାଏ ତେବେ କରୋନାକୁ ମିଶାଇ ମୋଟ ୮ ମହାମାରୀ ମାନବ ସଭ୍ୟତା ପାଇଁ ମୃତ୍ୟୁର ଘଣ୍ଟି ବଜାଇଛି। ତେବେ ଚିକିତ୍ସା ବିଜ୍ଞାନରେ ଉନ୍ନତି, ପ୍ରତିଷେଧକ ବ୍ୟବସ୍ଥା ମୃତ୍ୟୁହାର କମାଇବାରେ ସଫଳ ହୋଇଛି।



## ୨୦୦ ବର୍ଷରେ ୮ ମହାମାରୀ

ଭୂତାଣୁ ଜନିତ ରୋଗର ପ୍ରକୋପ ଦେଖାଦେଲେ ସମସ୍ତେ ସଜାଗ ହୋଇଉଠନ୍ତି। ଏହାର ପ୍ରତିଷେଧକ ବାହାର କରିବାକୁ ପ୍ରତିଯୋଗିତା ଚାଲେ। ରୋଗ ଦୂର କରିବାକୁ ଅନେକ ପ୍ରକାର ଭାକ୍ସିନ ବାହାରିଛି। ଏହା ସତ୍ତ୍ୱେ ନୂଆ ନୂଆ ଭୂତାଣୁଙ୍କ ଆବିର୍ଭାବ ଚିନ୍ତାର କାରଣ ସାଜିଛି। ନ୍ୟାଶନାଲ ଲାଇବ୍ରେରି ଅଫ୍ ମେଡିସିନର କହିବା କଥା, ଆଗାମୀ ଦିନରେ ଭାଇରସ୍ ପ୍ରକୋପ ମଣିଷ ସମାଜ ପାଇଁ ଆହ୍ୱାନ ସାଜିବ। ଉଚିତ ସମୟରେ ଏହାର ପ୍ରତିଷେଧକ ବାହାର କରିବା ଚ୍ୟାଲେଞ୍ଜ ପାଲଟିବ। ଏହି କାରଣରୁ ଅଦ୍ୟାବଧି ଏଚ୍‌ଆଇଭି, ସାର୍ସ, ମର୍ସ, ଇବୋଲାକୁ ନିୟନ୍ତ୍ରଣ କରିବା ଭଳି ଭାକ୍ସିନ ଅଦ୍ୟାବଧି ତିଆରି ହୋଇପାରିନାହିଁ। ଏବେ କରୋନା ସାରା ପୃଥିବୀକୁ କବଳିତ କରିସାରିଲାଣି। ତେଣୁ ସମୟ ଥାଉ ଥାଉ ଏଥିପ୍ରତି ସଜାଗ ରହିବାର ବେଳ ଆସିଛି ବୋଲି ନ୍ୟାଶନାଲ ଲାଇବ୍ରେରି ଅଫ୍ ମେଡିସିନ ପକ୍ଷରୁ ଚେତାଇ ଦିଆଯାଇଛି।

## କରୋନାମୁକ୍ତ ଆସନ



**ନୂଆଦିଲ୍ଲୀ:** କରୋନା ଭାଇରସରୁ ରକ୍ଷା ପାଇବା ପାଇଁ ସବୁଆଡେ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିବା ନିମନ୍ତେ କୁହାଯାଉଛି। ଏମିତିକି ଟ୍ରେନ କିମ୍ବା ବସ୍ ଯାତ୍ରା କରୁଥିଲେ ଏକ ଦୂରତା ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଉଛି। ଏନେଇ ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳି ଏକ ଭିଡିଓ ଶେୟାର କରି କରୋନାମୁକ୍ତ ଆସନ ନିମନ୍ତେ ପରାମର୍ଶ ଦେଇଛନ୍ତି। ସେହ୍ୱାଗଙ୍କର ଏଇ ଭିଡିଓରେ ଦେଖିବାକୁ ମିଳୁଛି କି ଟ୍ରେନରେ ଯାତ୍ରା କରୁଥିବା ଜଣେ ମହିଳା ନିଜ ପାଖ ସିଟରେ କାହାକୁ ବି ବସାଇ ନ ଦେବା ପାଇଁ ଦୁଇପଟକୁ ହଠାତ୍ ଗୋଡ଼ ଲମ୍ବାଇ ଦେଉଛନ୍ତି। ମହିଳାଙ୍କର ଦୁଇପଟ ସିଟ୍ ଖାଲି ରଖିବା ନିମନ୍ତେ ସେ ଦୁଇପଟକୁ ଗୋଡ ଲମ୍ବାଇ ବସିବା ପାଇଁ ପ୍ରୟାସ କରୁଛନ୍ତି। ମହିଳାଙ୍କର ଏଇ ପ୍ରକାରରେ ବସିବା ମୁଦ୍ରାକୁ କରୋନାମୁକ୍ତ ଆସନ କୁହାଯାଇଛି। ଏଇ ଭିଡିଓଟିକୁ ଦେଖିବାମାତ୍ରେ ଲୋକେ ପ୍ରଥମେ ମଜା ଅନୁଭବ କରିବା ସହିତ ସ୍ୱାଗତ ବି କରିଛନ୍ତି। ଏଭଳି ଏକ ଭିଡିଓକୁ ଶେୟାର କରିବାର ମାତ୍ର ଦିନକ ପରେ ତାକୁ ସୋସିଆଲ୍ ମିଡିଆରେ ୩୩ହଜାରରୁ ଅଧିକ ଲୋକ ପସନ୍ଦ କରିଥିଲେ ଏବଂ ଏନେଇ ବିଭିନ୍ନ କମେଣ୍ଟ ବି ଦେଇଛନ୍ତି।

## ହାପି ମିଲ୍‌ରେ ମିଳିବନି ପ୍ଲାଷ୍ଟିକ୍ ଖେଳନା



**ଆମେରିକା:** ଫାଷ୍ଟ ଫୁଡ୍ ଇଣ୍ଡଷ୍ଟ୍ରିର ଅନ୍ୟତମ ବୃହତ କମ୍ପାନୀ ମାକ୍ ଡୋନାଲ୍ଡସର ହାପି ମିଲ୍‌ରେ ଏଣିକି ଆଉ ମିଳିବନି ପ୍ଲାଷ୍ଟିକ୍ ଖେଳନା। ଆସନ୍ତା ବର୍ଷଠାରୁ କମ୍ପାନୀ ଏଭଳି ପରିବର୍ତ୍ତନ କରିବ ବୋଲି ନିଷ୍ପତ୍ତି ନେଇଛି। ବିଶ୍ୱ ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ନିମନ୍ତେ କମ୍ପାନୀ ଏଭଳି ଏକ ପ୍ରୟାସ କରିଥିବା କହିଛି। ତେବେ ପିଲାଙ୍କ ପାଇଁ ପ୍ଲାଷ୍ଟିକ୍ ଖେଳନା ବଦଳରେ ବବ୍ ପ୍ଲାଷ୍ଟିକ୍ ଉପହାର ଦେବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଛି। ପ୍ଲାଷ୍ଟିକ୍ ଖେଳନା ନିମନ୍ତେ ହାପି ମିଲ୍ ପ୍ରତି ପିଲାଙ୍କର ଢେର ଆକର୍ଷଣ ରହିଥାଏ। କିନ୍ତୁ ପିଲାଙ୍କ ଆକର୍ଷଣକୁ ଦୃଷ୍ଟିରେ ରଖି ନୂଆ ଖେଳନା ମଧ୍ୟ ଏକ ଭିନ୍ନ ରୂପରେ ଦିଆଯିବ। ତେବେ କମ୍ପାନୀର ଏଭଳି ଏକ ନିଷ୍ପତ୍ତି ପରେ ବହୁ ସଂଖ୍ୟାରେ ପ୍ଲାଷ୍ଟିକ୍ ଆବର୍ଜନାକୁ ରୋକାଯାଇପାରିବ। କେବଳ ଆମେରିକାରେ ବର୍ଷକୁ ୩୦୦୦ ଟନ୍ ପ୍ଲାଷ୍ଟିକ୍ ବ୍ୟବହାରକୁ କମ୍ କରିହେବ। ଏହା ବ୍ୟତୀତ କମ୍ପାନୀ ଟଏ ଆମନେଷ୍ଟି ନାଁରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବି ନେଇଛି। ଏଇ ନିଷ୍ପତ୍ତି ଅନୁସାରେ ଯେକୌଣସି ଲୋକ ପୁରୁଣା ପ୍ଲାଷ୍ଟିକ୍ ଖେଳନାକୁ କମ୍ପାନୀକୁ ଫେରସ୍ତ କରିପାରିବେ କିମ୍ବା ଦାନ ମଧ୍ୟ କରିପାରିବେ। ଏଇ ପୁରୁଣା ଖରାପ ହୋଇଯାଇଥିବା ପ୍ଲାଷ୍ଟିକରୁ କମ୍ପାନୀ ରିସାଇକେଲ୍ ପ୍ରକ୍ରିୟାରେ ନୂଆ ଜିନିଷ ତିଆରି କରିବାକୁ ଯୋଜନା ରଖିଛି। କମ୍ପାନୀ ଏହା ପୂର୍ବରୁ ତାର ପ୍ରଡକ୍ଟ ମାକ୍ ଫ୍ଲୁରୀ ଆଇସ୍ କ୍ରିମରୁ ଗତବର୍ଷଠାରୁ ପ୍ଲାଷ୍ଟିକ୍ ଷ୍ଟ୍ର ଏବଂ ପ୍ଲାଷ୍ଟିକ୍ ଲିଡ୍ସ ବ୍ୟବହାରକୁ ବନ୍ଦ କରିଦେଇଛି।

## ଚିକିତ୍ସା ସମୟରେ ସହଯୋଗ କରୁ ନାହାନ୍ତି କନିକା



**ଲକ୍ଷ୍ନୌ:** ବଲିଉଡ୍ ଗାୟିକା କନିକା କପୁରଙ୍କ ନିକଟରେ କରୋନା ପଜିଟିଭ୍ ମିଳିବା ପରେ ସବୁଠି ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। କାରଣ ଲଣ୍ଡନରୁ ଫେରିବା ପରେ କନିକା ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଏକ ପାର୍ଟିରେ ଯୋଗ ଦେଇଥିବା ବେଳେ ସେଠାରେ ବହୁ ରାଜନେତା ଓ ଭିଭିଆଇପିଙ୍କ ସଂସ୍ପର୍ଶରେ ଆସିଥିଲେ। ଆଉ ସେ କରୋନାରେ ପୀଡିତ ଥିବା ଜଣାପଡିବା ପରେ କେତେଜଣ ରାଜନେତା ନିଜକୁ ସେଲ୍ଫ ଆଇସୋଲେଶନରେ ରଖିଦେଇଥିଲେ। ଏବେ କନିକାଙ୍କର ଲକ୍ଷ୍ନୌ ସ୍ଥିତ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍(ଏସ୍‌ଜିପିଜିଆଇ)ରେ ଚିକିତ୍ସା ଚାଲୁଛି। ହେଲେ ଚିକିତ୍ସା ସମୟରେ ସେ ହସ୍ପିଟାଲ ଷ୍ଟାଫଙ୍କୁ ସହଯୋଗ କରୁ ନ ଥିବା ଜଣାପଡିଛି। ଏମିତିକି ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ନେଇ ଅଭିଯୋଗ କରିଥିବା ଶୁଣିବାକୁ ମିଳିଛି। ହସ୍ପିଟାଲରେ କନିକା ଭିଆଇପି ସୁବିଧା ଖୋଜୁଥିବା କୁହାଯାଉଛି। ଅନ୍ୟପଟେ ତାଙ୍କ ଦ୍ୱାରା କରୋନା ସଂକ୍ରମଣ ଅଧିକ ହୋଇଥିବା ଅଭିଯୋଗରେ ତାଙ୍କ ନାଁରେ ଏଫ୍‌ଆଇଆର୍ ମଧ୍ୟ କରାଯାଇଛି। ବଲିଉଡ୍‌ର କେତେଜଣ ସେଲିବ୍ରିଟି କନିକାଙ୍କର ଏଭଳି କାର୍ଯ୍ୟକୁ ଖୁବ୍ ନିନ୍ଦା କରିଛନ୍ତି।

## ବୟସ୍କଙ୍କୁ ଜରୁରୀ ସହାୟତା



**ବେଙ୍ଗାଲୁରୁ:** ଛୋଟ ଛୋଟ ପ୍ରୟାସ ବେଳେବେଳେ ଲୋକଙ୍କୁ ବଡ଼ ପରିଚୟ ଆଣି ଦେଇଥାଏ। ଠିକ୍ ଯେମିତି ୩୨ ବର୍ଷିୟା ଐଶ୍ୱର୍ଯ୍ୟା। ଚେନ୍ନାଇରେ ରହୁଥିବା ଏଇ ଯୁବତୀଜଣକ ଏବେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବେଙ୍ଗାଲୁରୁର ବିଭିନ୍ନ ଅଞ୍ଚଳ ସାଇକେଲରେ ବୁଲୁଛନ୍ତି। କରୋନା ଭାଇରସ୍ କାରଣରୁ ଲୋକଙ୍କୁ ଘରେ ରହିବାକୁ କୁହାଯାଉଥିବାରୁ ସେ ସାଇକେଲରେ ବିଭିନ୍ନ ଅଞ୍ଚଳ ବୁଲି ବୟସ୍କମାନଙ୍କୁ ଔଷଧ ସହିତ ବିଭିନ୍ନ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଗତ ସପ୍ତାହରୁ ଐଶ୍ୱର୍ଯ୍ୟା ଏଭଳି ଏକ କାମ କରିବା ନେଇ ପ୍ରଥମେ ଟ୍ୱିଟ୍ କରି ଜଣାଇଥିଲେ ଏବଂ ପରେ ଏହି କାମ ଆରମ୍ଭ କରିଛନ୍ତି। ସାଇକେଲରେ ବୁଲିବା ସମୟରେ ସେ ସ୍ୱଚ୍ଛତା ଉପରେ ମଧ୍ୟ ଧ୍ୟାନ ଦେଇଥାନ୍ତି। କିଛି ସମୟ ପରେ ସେ ହାତ ସଫା କରିଥାନ୍ତି ଏବଂ ଲୋକଙ୍କୁଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ରହି କଥାବାର୍ତ୍ତା କରିଥାନ୍ତି। ଐଶ୍ୱର୍ଯ୍ୟାଙ୍କର ଏଭଳି ଉଦ୍ୟମକୁ ବିଭିନ୍ନ ସ୍ତରରେ ଲୋକେ ପ୍ରଶଂସା କରିଛନ୍ତି। ସୋସିଆଲ୍ ମିଡିଆରେ ତାଙ୍କର ଏଭଳି ଉଦ୍ୟମକୁ ଲୋକେ ଢେର୍ ପ୍ରଶଂସା କରିବା ସହିତ ୧୪ହଜାରରୁ ଅଧିକ ଲାଇକ୍ କରିଛନ୍ତି ଏବଂ ହଜାର ହଜାର ସଂଖ୍ୟାରେ ଲୋକେ ରିଟ୍ୱିଟ୍ କରିଛନ୍ତି।

## କରୋନାକୁ ଡରିଲେ 'ବାହୁବଳୀ'



ପ୍ରଭାସ

**ମୁମ୍ବାଇ:** କରୋନା ଭୟ ଏବେ ସମସ୍ତଙ୍କୁ। ସାରା ବିଶ୍ୱରେ ଏହା କାୟା ବିସ୍ତାର କରି ସାରିଥିବା ବେଳେ ଭାରତରେ ବି କରୋନା ତା'ର ଉପସ୍ଥିତି ଜାହିର କରି ସାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଜନତା କର୍ଫ୍ୟୁ ଘୋଷଣା କରିଥିବା ବେଳେ କଶ୍ମୀରଠାରୁ କନ୍ୟା କୁମାରୀ ସବୁଠି ଏହାର ପ୍ରଭାବ ଦେଖିବାକୁ ମିଳିଛି। ସଚେତନ ନାଗରିକ ସେମାନଙ୍କ ଘରେ ବନ୍ଦ ରହି ଜନତା କର୍ଫ୍ୟୁକୁ ସମର୍ଥନ ଜଣାଇଛନ୍ତି। ତେବେ ନିକଟରେ ବିଦେଶରୁ ଶୁଟିଂ ସାରି ଫେରିଥିବା ବାହୁବଳୀ ଫେମ୍ ପ୍ରଭାସ ମଧ୍ୟ କରୋନାକୁ ଭୟ କରିଥିବା କୁହାଯାଉଛି। ବିଦେଶରୁ ଫେରିଥିବାରୁ ପ୍ରଭାସ ନିଜକୁ ସେଲ୍ଫ ଆଇସୋଲେଶନରେ ୧୪ ଦିନ ପାଇଁ ରଖିଥିବା ଜଣାପଡିଛି। କେବଳ ସେତିକି ନୁହେଁ ଅନ୍ୟମାନେ ମଧ୍ୟ କରୋନାରୁ ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖିବାକୁ ସେ ଅପିଲ୍ କରିଛନ୍ତି।

## କ୍ୱାରାଣ୍ଟାଇନ୍ ହୋଟେଲ୍

**ଜମ୍ମୁକଶ୍ମୀର:** କରୋନା ଭୟରେ ଏବେ ବିଭିନ୍ନ ରାଜ୍ୟରେ ଏବେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆଉ ହୋଟେଲରେ ରହିବା ପାଇଁ ଅନୁମତି ଦିଆଯାଉନାହିଁ। କିନ୍ତୁ ଜମ୍ମୁକଶ୍ମୀରର ଡାଲ୍ ହ୍ରଦ ନିକଟରେ ଥିବା ହୋଟେଲ ଶାହ ଆବାସ ଏବେ ବାହାରୁ ଆସୁଥିବା ଲୋକଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ ଅନୁମତି ଦେଇ ଭିନ୍ନ ଉଦାହରଣ ସୃଷ୍ଟି କରିଛି। ଏଭଳି ନିଃସ୍ୱାର୍ଥପର ସେବା କରି ମହାନତାର ଉଦାହରଣ ଦେଇଛନ୍ତି ହୋଟେଲ ମାଲିକ ଡକ୍ଟର ଡରଶାଦ। ତାଙ୍କ ହୋଟେଲର ୮୦ ବଖରାକୁ ସେ କ୍ୱାରାଣ୍ଟାଇନ୍ ନିମନ୍ତେ ଛାଡ଼ି ଦେଇଛନ୍ତି। ଶ୍ରୀନଗରକୁ ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ କ୍ୱାରାଣ୍ଟାଇନ୍ କେନ୍ଦ୍ର ସ୍ଥାପନ କରିବାକୁ ଯେତେବେଳେ ନାମୀ ପ୍ରତିଷ୍ଠାନଗୁଡ଼ିକ ପ୍ରତ୍ୟାଖ୍ୟାନ କରିଥିଲେ ସେତେବେଳେ ଡରଶାଦ ହିଁ ନିଜ ଆଡୁ ଆଗେଇ ଆସିଥିଲେ। ଶ୍ରୀନଗର ପ୍ରଶାସନ ସହିତ ଯୋଗାଯୋଗ କରି ସେ ତାଙ୍କ ହୋଟେଲକୁ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ଡାଲ୍ ହ୍ରଦ ଆଗରେ ଥିବା ଏଇ ହୋଟେଲ ଏବେ କ୍ୟାରେଣ୍ଟାଇନ୍ କେନ୍ଦ୍ର ପାଲଟିଛି ବୋଲି ନିଜେ ଡରଶାଦ ତାଙ୍କ ହୋଟେଲର ଫଟୋ ସହିତ ଟ୍ୱିଟରରେ ସୂଚନା ଦେଇଛନ୍ତି। ଲୋକଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ ତାଙ୍କର ଏଇ ହୋଟେଲକୁ ସମ୍ପୂର୍ଣ୍ଣ ରୂପେ ଖୋଲି ଦେଇଛନ୍ତି।





# କ୍ରୀଡ଼ା ଜଗତ ପାଇଁ କଠିନ ସମୟ



**ଶୁଭମ୍ ଷଡ଼ଙ୍ଗୀ। ଓଡ଼ିଶା ଏଫସି ଏବଂ ଭାରତୀୟ ଫୁଟବଲ ପାଇଁ ଏବେ ଏକ ପରିଚିତ ନାମ। ଇଣ୍ଡିଆନ ସୁପର ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଏହି ଯୁବ ଓଡ଼ିଆ ଖେଳାଳି ସାମ୍ପ୍ରତିକ ସମୟକୁ ନେଇ ବେଶ୍ ଚିନ୍ତିତ। କୋଭିଡ-୧୯ ସଂକ୍ରମଣ ଯୋଗୁ କ୍ରୀଡ଼ା ଜଗତ ଏବେ କଠିନ ସମୟ ଦେଇ ଗତି କରୁଛି। ସ୍ୱାସ୍ଥ୍ୟ ଏବେ ପ୍ରାଥମିକତା ହୋଇଥିବାବେଳେ ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସମ୍ପ୍ରତି ହାଇଦ୍ରାବାଦରେ ପରିବାରବର୍ଗଙ୍କ ସହ ସମୟ ବିତାଉଥିବା ଶୁଭମ୍ ପ୍ରକାଶ କରିଛନ୍ତି।**

**-ପ୍ରସ୍ତୁତି: ତପନ ସ୍ୱାଇଁ**

**ପ୍ର: ଆଇଏସ୍ଏଲ୍ ୨୦୧୯-୨୦ ସିଜନ କିପରି ରହିଲା ?**

ଉ: ବହୁତ ବଢ଼ିଆ ଥିଲା ସିଜନ। ବହୁତ କଥା ଶିଖିଲି। ଏଥିପାଇଁ ମୋ ଖେଳରେ ଉନ୍ନତି ହୋଇଛି ଏବଂ ମୁଁ ଅଭିଜ୍ଞ ମଧ୍ୟ ହୋଇଛି। ଟିମ୍ କଥା କହିଲେ ସିଜନ ଉତଥାନ ପତନଭରା ରହିଥିଲା। ବିଶେଷ କରି କଳିଙ୍ଗ ଷ୍ଟାଡିୟମରେ ଆମେ ଖେଳିଥିବା ମ୍ୟାଚଗୁଡ଼ିକ ବହୁତ ବଢ଼ିଆ ଥିଲା। ସେଠାରେ ୬ ମ୍ୟାଚରୁ ଆମେ ୪ଟି ଜିତିଥିଲୁ ଏବଂ ଗୋଟିଏ ଲେଖାଏ ମ୍ୟାଚ ହାରିଥିଲୁ ଏବଂ ଡ୍ର ରଖିଥିଲୁ। ସେଠାରେ ମିଳିଥିବା ସପୋର୍ଟ ଆମ ଟିମ୍‌କୁ ବହୁତ ମୋଟିଭେଟ କରିଥିଲା। ଆମେ ଯଦି ସେଠାରେ ଆରମ୍ଭରୁ ଘରୋଇ ମ୍ୟାଚ ଖେଳିଥାନ୍ତୁ ତେବେ ସମ୍ଭବତଃ ଆହୁରି ଭଲ ସ୍ଥିତିରେ ରହିଥାନ୍ତୁ। ଟପ୍-୪ରେ ବି ରହିପାରିଥାନ୍ତୁ।

**ପ୍ର: ମୋଟ କେତୋଟି ମ୍ୟାଚ ଖେଳିଥିଲେ, କେଉଁ ମ୍ୟାଚ ଅଧିକ ସଂଘର୍ଷପୂର୍ଣ୍ଣ ଥିଲା ?**

ଉ: ସିଜନରେ ମୁଁ ୧୭ଟି ମ୍ୟାଚ ଖେଳିଥିଲି। ହଳଦିଆ କାର୍ଡ ପାଇଁ ଗୋଆ ଏଫସି ବିପକ୍ଷ ଗୋଟିଏ ମ୍ୟାଚ ଖେଳିପାରି ନ ଥିଲି। ଶେଷ ମ୍ୟାଚଟି ବହୁତ ସଂଘର୍ଷପୂର୍ଣ୍ଣ ଏବଂ ସ୍ମରଣୀୟ ଥିଲା। ଆମେ ଏକଦା ୪-୨ରେ ଅଗ୍ରଣୀ ଥିଲେ ହେଁ ଶେଷରେ ମ୍ୟାଚ ଡ୍ର ରହିଥିଲା। ଏଥିରେ ଆମକୁ ଅନେକ କିଛି ଶିଖିବାକୁ ମିଳିଥିଲା।

**ପ୍ର: ଓଡ଼ିଶା ଏଫସି ଦୀର୍ଘଦିନ ଟପ୍-୪ରେ ରହିଥିଲେ ହେଁ ଶେଷରେ ତଳକୁ ଖସିବାର ମୁଖ୍ୟ କାରଣ କ'ଣ ?**

ଉ: ଶେଷଭାଗରେ ଟପ୍-୩ ଟିମ୍ ଗୋଆ, ବେଙ୍ଗାଲୁରୁ ଓ ଏଟିକେ ସହିତ ଆମେ ଯେଉଁ ୩ଟି ମ୍ୟାଚ ଖେଳିଲୁ ସେଥିରୁ କିଛି ପଏଣ୍ଟ ପାଇଥିଲେ ଆମେ ଟପ୍-୪ରେ ସ୍ଥାନ ବଜାୟ ରଖି ପାରିଥାନ୍ତୁ। କିଛି ତ୍ରୁଟି ମଧ୍ୟ ରହିଗଲା। ପିଲାମାନେ କିଛିଟା କ୍ଳାନ୍ତ ଅନୁଭବ କରୁଥିବାବେଳେ କିଛି ଭଲ ଖେଳାଳି ଆହତ ସମସ୍ୟାକୁ ଚାଲିଗଲେ। ମୁଁ ମଧ୍ୟ ଆହତ ଥାଇ ଖେଳିଥିଲି। ଗୁରୁତ୍ୱପୂର୍ଣ୍ଣ ସମୟରେ ଖେଳାଳି ଆହତ ସମସ୍ୟାର ପ୍ରଭାବ ପଡ଼ିଲା।

**ପ୍ର: ଆରିଡାନେ ସାଣ୍ଟାନାଙ୍କ ଆହତ ସମସ୍ୟା କ୍ଷତି ପହଞ୍ଚାଇଲା କି ?**

ଉ: ସାଣ୍ଟାନା ଟିମ୍‌ର ଟପ୍ ସ୍କୋରର ଥିଲେ। କେବଳ ସେତିକି ନୁହେଁ ସେ କଠିନ ପରିଶ୍ରମ ମଧ୍ୟ କରୁଥିଲେ। ତାଙ୍କୁ ହରାଇବା ଦଳ ପାଇଁ ଖରାପ ସମୟ ଥିଲା। ତେବେ ତାଙ୍କ ବଦଳ ଖେଳାଳି ମାନୁଏଲ ଓନୁ ମଧ୍ୟ ବହୁତ ଭଲ ଖେଳିଲେ।

**ପ୍ର: ଆପଣ ୫ଟି ମ୍ୟାଚରେ ଇମର୍ଜିଂ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅନୁଭୂତି କିପରି ଥିଲା ?**

ଉ: ପୁରା ଦଳର ସମର୍ଥନ ପାଇଁ ଏହା ସମ୍ଭବ ହୋଇଥିଲା। ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଦର୍ଶକମାନଙ୍କୁ ମଧ୍ୟ ଧନ୍ୟବାଦ ଦେବି। ଏହାଛଡ଼ା କୋଚ୍ ଏବଂ ଦଳର ମାଲିକଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଭରପୂର ସମର୍ଥନ ଯୋଗୁ ମୁଁ ଉତ୍ସାହିତ ହୋଇଥିଲି ଏବଂ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲି।

**ପ୍ର: ମୁଖ୍ୟ କୋଚ୍ ଜୋସେପ ଗମ୍ବାଉ ପଦ ଛାଡ଼ିଛନ୍ତି। ତାଙ୍କ ଅନୁପସ୍ଥିତି ଅନୁଭବ ହେବ କି ?**

ଉ: ଓଡ଼ିଶା ଏଫସି ଏକ ଯୁବ ଦଳ ହୋଇଥିଲେ ହେଁ କେବଳ ତାଙ୍କ ଯୋଗୁ ସିଜନରେ ଭଲ ଫିନିଶ୍ କରିପାରିଲା। ସବୁ ଖେଳାଳିଙ୍କୁ ସେ ଉତ୍ସାହିତ କରିଥିଲେ। ସେ ଆମ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ। ଫଳରେ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ ଦେଇ ପାରିଲେ। କୋଚ ବଦଳ ପ୍ରକ୍ରିୟା ପ୍ରାୟତଃ ଫୁଟବଲରେ ଚାଲିଥାଏ। ତାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ନୂଆ କୋଚ୍‌ଙ୍କ ଅଧୀନରେ କିପରି ଭଲ ଖେଳିପାରିବୁ ତା' ଉପରେ ଧ୍ୟାନ ଦେବାକୁ ହେବ।

**ପ୍ର: ପୁରା ସିଜନ ଦେଖିଲେ ଓଡ଼ିଶା ଏଫସି ଡ୍ରେସିଂ ରୁମ୍ ବାତାବରଣ କିପରି ଥିଲା। କୌଣସି ମ୍ୟାଚ ହାରିବା ପରେ ଖେଳାଳିଙ୍କୁ କେତେ ସମର୍ଥନ ମିଳୁଥିଲା ?**

ଉ: କୌଣସି ମ୍ୟାଚ ହାରିଗଲେ ଚାପଗ୍ରସ୍ତ ନ ହେବାପାଇଁ ଅଧିନାୟକଙ୍କ ସମେତ ଆମ ଦଳର ଅଭିଜ୍ଞ ଖେଳାଳିମାନେ ପରାମର୍ଶ ଦେଉଥିଲେ। ଡ୍ରେସିଂ ରୁମ୍ ବାତାବରଣ ବହୁତ ବଢ଼ିଆ ଏବଂ ଫ୍ରେଣ୍ଡଲୀ ରହିଥିଲା। ଆଗାମୀ ମ୍ୟାଚରେ କିପରି ତ୍ରୁଟିକୁ ସୁଧାରି ପାରିବୁ ତା' ଉପରେ ଆଲୋଚନା ହେଉଥିଲା।

**ପ୍ର: ଏଟିକେ ଚାମ୍ପିୟନ ହେବା ପଛରେ ମୁଖ୍ୟ କାରଣ କ'ଣ ?**

ଉ: ଏଟିକେ ଦଳର ଆକ୍ରମଣ ବହୁତ ଭଲ। ପ୍ରତିପକ୍ଷ ଦଳର ସାମାନ୍ୟ ତ୍ରୁଟି ଦେଖିଲେ ସେମାନେ ସେଠାରେ ହିଁ ମ୍ୟାଚ ଶେଷ କରି ଦିଅନ୍ତି। ତାଙ୍କ ଦୁଇ ଷ୍ଟ୍ରାଇକର ଅନେକ ଅଭିଜ୍ଞ। ଦଳର ଫିନିଶିଂ ବହୁତ କ୍ଲିନିକାଲ ଥିଲା। ଗୋଟିଏ ସୁଯୋଗ ପାଇଲେ ମଧ୍ୟ ସେ ତାହାକୁ ହାତଛଡ଼ା କରିବା ସମ୍ଭାବନା କମ୍ ଥିଲା। ମିଡ୍‌ଫିଲ୍ଡ ମଧ୍ୟ ଶକ୍ତିଶାଳୀ ଥିଲା। ସମ୍ଭବତଃ ଏଥିପାଇଁ ଦଳ ଫାଇଦାରେ ରହିଲା।

**ପ୍ର: ଦୁଇ ପର୍ଯ୍ୟାୟ ବିଶିଷ୍ଟ ସେମିଫାଇନାଲ ଦଳଗୁଡ଼ିକ ପାଇଁ କେତେ ଉପାଦେୟ ?**

ଉ:ମୋ ହିସାବରେ ଏହା ବହୁତ ଭଲ। ଏହାଦ୍ୱାରା ଦୁଇଟିଯାକ ଦଳ ନିଜ ହୋମ୍ ଗ୍ରାଉଣ୍ଡରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଉଛି। ଫଳରେ ଉଭୟ ଦଳପାଇଁ ସମାନ ସୁଯୋଗ ରହୁଛି।

**ପ୍ର: ଭାରତୀୟ ସିନିୟର କ୍ୟାମ୍ପକୁ ଡାକରା ପାଇବାପରେ କେମିତି ଅନୁଭବ ହୋଇଥିଲା ?**

ଉ: ଏଥିରେ ମୁଁ ବହୁତ ଖୁସି ହୋଇ ଯାଇଥିଲି। ଏଥିପାଇଁ ଯେଉଁମାନେ ସପୋର୍ଟ କରିଛନ୍ତି, ମୋ ପରିବାର, ଟିମ୍‌ମେଟ୍, କୋଚ୍ ମାନଙ୍କୁ ଏଥିପାଇଁ ମୁଁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଓଡ଼ିଶାର ଦର୍ଶକଙ୍କୁ ମଧ୍ୟ ବହୁତ ଧନ୍ୟବାଦ। ଆଗାମୀ ଦିନରେ ଭଲ ଖେଳି ଓଡ଼ିଶା ଏବଂ ଦେଶକୁ ଗର୍ବିତ କରିବାକୁ ମୋର ଇଚ୍ଛା।

**ପ୍ର: କୋଭିଡ-୧୯ ସଂକ୍ରମଣ ଜନିତ ସାମ୍ପ୍ରତିକ ସମୟ ଜଣେ ଖେଳାଳି ପାଇଁ କେତେ କଷ୍ଟକର। କେମିତି ସମୟ ଅତିବାହିତ କରୁଛନ୍ତି ?**

ଉ: ସୌଭାଗ୍ୟବଶତଃ ଇଣ୍ଡିଆନ ସୁପରଲିଗ୍ ଶେଷ ହୋଇ ଯାଇଛି। ଏହା ଯୋଗୁ ଫାଇନାଲ ବିନା ଦର୍ଶକରେ ଖେଳାଗଲା। ସ୍ପୋର୍ଟ୍ସ ଅପେକ୍ଷା ବର୍ତ୍ତମାନ ସ୍ୱାସ୍ଥ୍ୟ ସମସ୍ୟା ବହୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ପରିବାର ସହିତ ରହି ନିଜର ଏବଂ ଅନ୍ୟମାନଙ୍କର ଯତ୍ନ ନେବା ଅତି ଜରୁରୀ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ମାନି ଆମକୁ ଚଳିବାକୁ ପଡ଼ିବ। କ୍ରୀଡ଼ା ଜଗତ ପାଇଁ ଏହା ଏକ କଠିନ ସମୟ। ଯେତେଶୀଘ୍ର ଏହି ଭାଇରସ କାରଣରୁ ବିଶ୍ୱ ମୁକୁଳିବ ସେତେ ଭଲ। ମୁଁ ବର୍ତ୍ତମାନ ଘରେ ୱାର୍କଆଉଟ କରୁଛି। ପୁରୁଣା ମ୍ୟାଚ ଦେଖି ତ୍ରୁଟି ସୁଧାରିବାକୁ ଚେଷ୍ଟା କରୁଛି ଏବଂ ପରିବାର ସହିତ ସମୟ ବିତାଉଛି।

**ପ୍ର: କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମି ସମ୍ପର୍କରେ କ'ଣ କହିବେ ?**

ଉ: ଏତେ କମ୍ ଦିନ ମଧ୍ୟରେ ଓଡ଼ିଶାରେ ଏପରି ଫୁଟବଲ ସଂସ୍କୃତି ଡେଭଲପ୍ ହୋଇଥିବା ଦେଖି ବହୁତ ଖୁସି ଲାଗୁଛି। ଷ୍ଟାଡିୟମକୁ ବହୁ ଲୋକ ଆସି ଆମକୁ ସମର୍ଥନ କରିଥିଲେ। ଏହାର ବାତାବରଣ ମଧ୍ୟ ବହୁତ ଭଲ। ଷ୍ଟାଡିୟମକୁ ଦେଖି ସମସ୍ତ ଖେଳାଳି ଖୁସି ଥିଲେ। ପଡ଼ିଆ ସମ୍ଭବତଃ ଶୀଘ୍ର ପ୍ରସ୍ତୁତ ହୋଇଛି। ଆଉଟିକେ ସମୟ ଦେଲେ ଗ୍ରାଉଣ୍ଡ ଆହୁରି ଭଲ ହୋଇପାରିବ।

**ପ୍ର: ଭବିଷ୍ୟତ ଲକ୍ଷ୍ୟ କ'ଣ ରହିଛି ?**

ଉ:ମୁଁ ଜାତୀୟ ଦଳ ପକ୍ଷରୁ ଖେଳିବାକୁ ଲକ୍ଷ୍ୟ ରଖିଛି ଏବଂ ପ୍ରଦର୍ଶନ ମାଧ୍ୟମରେ ଦେଶକୁ ଗର୍ବିତ କରିବାକୁ ଆଶାବାଦୀ ।

# ସଦସ୍ୟ ରାଷ୍ଟ୍ରଗୁଡ଼ିକର ମତାମତ ଲୋଡ଼ିଲା ଆଇଓସି

**କରୋନା ଭାଇରସ୍ ପ୍ରଭାବ**

**ପ୍ୟାରିସ, ୨୨।୩ (ଏଏଫ୍‌ପି)**

ସମଗ୍ର ବିଶ୍ୱରେ ଘାତକ କରୋନା ଭାଇରସ୍ ଏହାର କାୟା ବିସ୍ତାର କରି ଚାଲିଥିବାବେଳେ ବର୍ତ୍ତମାନ ପରିସ୍ଥିତିରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ କରିବା ଉଚିତ୍ ହେବ କି ନା ସେ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି(ଆଇଓସି) ଦ୍ୱନ୍ଦ୍ୱରେ ପଡ଼ିଛି। ଗେମ୍ସକୁ ସ୍ଥଗିତ ଅବା ବାତିଲ କରିବା ଲାଗି ବିଭିନ୍ନ ଆଡ଼ୁ ଚାପ ପଡ଼ିବାରେ ଲାଗିଛି। ଆଥ୍‌ଲେଟଙ୍କ ପ୍ରସ୍ତୁତି କ୍ଷେତ୍ରରେ କରୋନା ଭାଇରସ୍‌ର ପ୍ରଭାବ କିପରି ରହିଛି ସେ ନେଇ ଏକ ରିପୋର୍ଟ ପଠାଇବା ଲାଗି ସଦସ୍ୟ ରାଷ୍ଟ୍ରଗୁଡ଼ିକର ଜାତୀୟ ଅଲିମ୍ପିକ କମିଟିକୁ କହିଛି। ଜାତୀୟ ଅଲିମ୍ପିକ କମିଟିଗୁଡ଼ିକ ନିକଟକୁ ପଠାଯାଇଥିବା ପ୍ରଶ୍ନାବଳୀର ଶୀର୍ଷକ "କୋଭିଡ-୧୯ ଆଣ୍ଡ ପ୍ରିପାରେଶନ ଫର୍ ଦି ଟୋକିଓ ଅଲିମ୍ପିକ୍ ଗେମ୍ସ" ରଖାଯାଇଛି। ଶୁକ୍ରବାର ୟୁଏସ୍ଏ ସୁଇମିଂ ଖୋଲାଖୋଲି ଭାବେ ବର୍ତ୍ତମାନ ପରିସ୍ଥିତିରେ ଗେମ୍ସର ଆୟୋଜନ ବିରୋଧରେ ସ୍ୱରଉତ୍ତୋଳନ କରିବା ପରେ ଆଇଓସି ଉପରେ ଚାପ ବୃଦ୍ଧି ପାଇଛି। ଟୋକିଓ ଅଲିମ୍ପିକ୍ସ ବାତିଲ କରାଯିବା ଉଚିତ ବୋଲି ୟୁଏସ୍ଏ ସୁଇମିଂ କହିଛି। ପ୍ରଶ୍ନାବଳୀରେ ବିକଳ୍ପ ବ୍ୟବସ୍ଥା ଏପରିକି ଅନ୍ୟତ୍ର ଟ୍ରେନିଂ କ୍ୟାମ୍ପ ଆୟୋଜନ ସମ୍ପର୍କରେ ମତାମତ ଲୋଡାଯାଇଛି। ୟୁଏସଏ ସୁଇମିଂ କହିଛି ଭାଇରସ୍ ସଂକ୍ରମଣରୁ ରିସ୍କ ରହିଥିବାରୁ ସନ୍ତରଣକାରୀମାନଙ୍କୁ ଟ୍ରେନିଂ ଦେବା ଏଣିକି ସମ୍ଭବପର ନୁହେଁ। ଫ୍ରେଞ୍ଚ ସୁଇମିଂ ଫେଡେରେଶନ, ନରୱେ ଅଲିମ୍ପିକ କମିଟି ଆଣ୍ଡ୍ ଆଥଲେଟ୍ସ ମଧ୍ୟ ସମାନ କଥା କହିଛନ୍ତି। ଟୋକିଓରେ ୨୦୨୦ ଅଲିମ୍ପିକ ଗେମ୍ସକୁ ଯେପରି ସ୍ଥଗିତ ରଖାଯାଇପାରିବ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଯଥାର୍ଥ ଯୁକ୍ତି ଉପସ୍ଥାନ କରିବା ଲାଗି ୟୁଏସଏ ଟ୍ରାକ୍ ଆଣ୍ଡ ଫିଲ୍ଡ ମୁଖ୍ୟ ମାକ୍ସ ସିଗେଲ ଏକ ବିନମ୍ର ଅନୁରୋଧ ଚିଠି ୟୁଏସ୍ ଅଲିମ୍ପିକ ଆଣ୍ଡ୍ ପାରା ଅଲିମ୍ପିକ କମିଟି (ୟୁଏସ୍ଓପିସି) ନିକଟକୁ ଲେଖିଛନ୍ତି। ଦିନକୁ ଦିନ ଅଧିକରୁ ଅଧିକ ସଦସ୍ୟ ଟୋକିଓ ଗେମ୍ସକୁ ଘୁଞ୍ଚା ଦେବା ସପକ୍ଷରେ ମତ ଦେଉଛନ୍ତି। ଏହାଦ୍ୱାରା ଆଇଓସି ଖୁବ୍ ଚାପରେ ରହିଛି। ଏଣେ ଶୁକ୍ରବାର ଏକ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ଆଇଓସି ସଭାପତି ଥୋମାସ ବ୍ୟାକ୍ କହିଛନ୍ତି ଗେମ୍ସ ଆହୁରି ସାଢେ ଚାରି ମାସ ସମୟ ବାକି ରହିଛି। ଏତେ ଆଗୁଆ କୌଣସି ଦୃଢ ପଦକ୍ଷେପ ନେବା ଉଚିତ୍ ହେବ ନାହିଁ।

# କରୋନା ଭୟ ସତ୍ତ୍ୱେ ଅଲିମ୍ପିକ୍ସ ଜ୍ୟୋତି କାର୍ଯ୍ୟକ୍ରମରେ ୫୦ ହଜାର ଦର୍ଶକ



ଦର୍ଶକ ଅଲିମ୍ପିକ୍ସ ଜ୍ୟୋତିର ଫଟୋ ଉଠାଉଛନ୍ତି।

**ସେଣ୍ଡାଇ(ଜାପାନ), ୨୨।୩ (ଏଏଫ୍‌ପି)**

କରୋନା ଭାଇରସ୍‌ର ପ୍ରକୋପ ସତ୍ତ୍ୱେ ନର୍ଥଇଷ୍ଟର୍ନ ଜାପାନରେ ରବିବାର ଅନୁଷ୍ଠିତ ଅଲିମ୍ପିକ୍ସ ମଶାଲ କାର୍ଯ୍ୟକ୍ରମରେ ୫୦ ହଜାର ଦର୍ଶକ ଯୋଗ ଦେଇଛନ୍ତି। ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗ୍ରୀସ୍ ଟୋକିଓ ୨୦୨୦ ଗେମ୍ସ ଆୟୋଜକଙ୍କୁ ଅଲିମ୍ପିକ ଜ୍ୟୋତି ହସ୍ତାନ୍ତର କରାଯାଇଥିଲା। ରୁଦ୍ଧଦ୍ୱାର ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରୋନା ଭାଇରସ ଯୋଗୁ ଅଲିମ୍ପିକ୍ସ ପ୍ରଭାବିତ ହେବାର ବିଶେଷ ସମ୍ଭାବନା ରହିଛି। ବହୁ କ୍ରୀଡ଼ାର ଯୋଗ୍ୟତା ପର୍ଯ୍ୟାୟ ବାତିଲ କିମ୍ବା ସ୍ଥଗିତ ହୋଇଯାଇଛି। ବିଭିନ୍ନ ଦେଶର ଅଲିମ୍ପିକ କମିଟି ଓ କିମ୍ବଦନ୍ତୀ ଖେଳାଳିମାନେ ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ ପରାମର୍ଶ ଦେଇଛନ୍ତି। ଏହାସତ୍ତ୍ୱେ ଅଲିମ୍ପିକ୍ସ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବ ବୋଲି ଆୟୋଜକମାନେ ଦୃଢ଼ୋକ୍ତି ଦେଇଛନ୍ତି। ପ୍ରାୟ ୫୦ ହଜାର ଦର୍ଶକ ସେଣ୍ଡାଇ ଷ୍ଟେଶନଠାରେ ଧାଡ଼ିରେ ଛିଡ଼ା ହୋଇ ଅଲିମ୍ପିକ୍ ମଶାଲ ଦେଖିଥିଲେ। ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଦର୍ଶକ କିଛି ଘଣ୍ଟା ପାଇଁ ଧାଡ଼ିରେ ଛିଡ଼ା ହେବାକୁ ପଡ଼ିଥିଲା। ସେମାନଙ୍କ ମଧ୍ୟରେ ପ୍ରାୟତଃ ମାସ୍କ ପିନ୍ଧିଥିଲେ। ସେମାନେ ଫଟୋ ମଧ୍ୟ ନେଇଥିଲେ। ମୁଁ ଅଲିମ୍ପିକ୍ ଜ୍ୟୋତିକୁ ଦେଖିବା ଲାଗି ୩ ଘଣ୍ଟା ଧରି ଲାଇନରେ ଛିଡ଼ା ହୋଇଥିଲି ବୋଲି ଜଣେ ୭୦ ବର୍ଷୀୟା ମହିଳା କହିଛନ୍ତି। ଆସନ୍ତା ୨୬ ତାରିଖଠାରୁ ପୂରା ଦେଶରେ ମଶାଲ ରାଲି ଆରମ୍ଭ ହେବ। ଏହା ଫୁକୁଶିମାର ଜେ-ଭିଲେଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଆରମ୍ଭ ହେବ।

# ଗୋଟିଏ ହୋଟେଲରେ ଥିଲେ କନିକା, ଦକ୍ଷିଣ ଆଫ୍ରିକା କ୍ରିକେଟର୍

**ନୂଆଦିଲ୍ଲୀ, ୨୨।୩**

ଏକହଜାର ସ୍ଥାନୀୟ ପ୍ରଶାସକ ଓ ଉତ୍ତର ପ୍ରଦେଶ (ୟୁପି) ସ୍ୱାସ୍ଥ୍ୟ ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ ଗଠିତ ୧୦୦ ଦଳକୁ ବଲିଉଡ କଣ୍ଠଶିଳ୍ପୀ କନିକା କପୁରଙ୍କ ଯୋଗାଯୋଗରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଖୋଜିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ମାର୍ଚ୍ଚ ୧୧ରେ ୟୁପିରେ ରହିଥିଲେ। ତାଙ୍କ କୋଭିଡ୍-୧୯ ରିପୋର୍ଟ ପଜିଟିଭ ଆସିଛି। ଲଣ୍ଡନରୁ ଫେରିବା ପରେ କନିକା ଯେଉଁ ହୋଟେଲରେ ରହୁଥିଲେ, ସେଠାରେ ହିଁ ଦକ୍ଷିଣ ଆଫ୍ରିକୀୟ କ୍ରିକେଟ ଦଳର ଖେଳାଳି ରହୁଥିବା ଖବର ସାମ୍ନାକୁ ଆସିଛି। କରୋନା ଭାଇରସ ଯୋଗୁ ଭାରତ ବିପକ୍ଷ ଦିନିକିଆ ମ୍ୟାଚ୍ ବାତିଲ ହୋଇଯାଇଥିଲା। କନିକାଙ୍କ ଘର ନିକଟରେ ଥିବା ୨୨ ହଜାର ଘର ସ୍କାନ କରାଯାଉଛି। ଆଉ ଏକ ବିଶେଷଜ୍ଞ ଦଳ ଲକ୍ଷ୍ନୌସ୍ଥିତ ୫ ତାରକା ହୋଟେଲର ଚଳିତମାସ ୧୪ ଓ ୧୬ ତାରିଖ ସିସିଟିଭି ରେକର୍ଡ ଓ ଭିଡିଓ ଫୁଟେଜକୁ ଯାଞ୍ଚ କରୁଛି। କିଛି ରିପୋର୍ଟ ଅନୁଯାୟୀ, ହୋଟେଲରେ ଡିନର କରିଥିଲେ ଓ ଲବିରେ କିଛି ଅତିଥିଙ୍କୁ ଭେଟିଥିଲେ। ସେହି ହୋଟେଲରେ ଆୟୋଜିତ କନିକା ଏକ ନ୍ୟୁଜ ଚ୍ୟାନେଲର ବାର୍ଷିକ କନକ୍ଲେଭରେ ଯୋଗ ଦେଇଥିଲେ। ଏଣୁ ହୋଟେଲର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି ଓ କନିକାଙ୍କ ଯୋଗାଯୋଗରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ତାଲିକା କରାଯାଉଛି ବୋଲି ଏହି କାର୍ଯ୍ୟରେ ନିୟୋଜିତ ଜଣେ ଅଫିସର କହିଛନ୍ତି।

# ସିଏସ୍ଏଲ୍ ଖେଳାଳି ଫେଲାଇନି ଆକ୍ରାନ୍ତ



**ଶାଂଘାଇ, ୨୨।୩ (ଏଏଫ୍‌ପି)**

ଚାଇନିଜ ସୁପର୍ ଲିଗ୍ (ସିଏସ୍ଏଲ୍)ର ପ୍ରଥମ ଫୁଟ୍‌ବଲର୍ ଭାବେ ମାରୋଉଆନେ ଫେଲାଇନ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଫେଲାଇନ୍‌ଙ୍କ କ୍ଲବ ଶାନଡଙ୍ଗ୍ ଲୁନେଙ୍ଗ ପକ୍ଷରୁ ରବିବାର ଏହା କୁହାଯାଇଛି। ୩୨ ବର୍ଷୀୟ ଏହି ବେଲ୍‌ଜିୟମ ମଧ୍ୟଭାଗ ଖେଳାଳି ସିଏସ୍ଏଲ୍‌ରେ ଶାନଡଙ୍ଗ୍ ଲୁନେଙ୍ଗ୍ କ୍ଲବ ପକ୍ଷରୁ ଖେଳୁଛନ୍ତି। ତାଙ୍କ ଶରୀରର ତାପମାତ୍ରା ନର୍ମାଲ ରହିଛି ଏବଂ ସେ ସୁସ୍ଥ ଅନୁଭବ କରୁଛନ୍ତି। କିନ୍ତୁ ତାଙ୍କୁ ବର୍ତ୍ତମାନ ନିରୀକ୍ଷଣରେ ରଖାଯାଇଛି ଏବଂ ମେଡିକାଲ ସୁବିଧା ସୁଯୋଗ ରହିଥିବା ନିର୍ଦ୍ଦିଷ୍ଟ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ କରାଯାଉଛି। ତାଙ୍କୁ ସୁସ୍ଥ କରିବା ଓ ଚିକିତ୍ସାରେ ସହାୟତା କରିବା ଲାଗି କ୍ଲବ ଏହାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବ' ବୋଲି ଶାନଡଙ୍ଗ୍ ଲୁନେଙ୍ଗ୍ କ୍ଲବ ପକ୍ଷରୁ କୁହାଯାଇଛି। ସଦ୍ୟତମ ଷ୍ଟାର୍ ଫୁଟ୍‌ବଲ ଖେଳାଳି ଭାବେ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହେବାରେ ଫେଲାଇନି ଅନ୍ୟତମ। ଏଥିପୂର୍ବରୁ ଜୁଭେଣ୍ଟସ୍ ଫର୍‌ୱାର୍ଡ ପାଉଲୋ ଡିବାଲ, ଚେଲ୍‌ସା ଷ୍ଟ୍ରାଇକର୍ କଲମ୍ ହଡ୍‌ସନ-ଓଡୋଇ, ଆର୍ସେନଲ ମ୍ୟାନେଜର ମାଇକେଲ୍ ଆର୍ଟେଟା ଏହି ତାଲିକାରେ ରହିଛନ୍ତି।

**କରୋନା ଆତଙ୍କ**

# ପୂର୍ବତନ ରିୟଲ ମାଡ୍ରିଡ୍ ସଭାପତିଙ୍କ ମୃତ୍ୟୁ



**ମାଡ୍ରିଡ୍, ୨୨।୩**

ପୂର୍ବତନ ରିୟଲ ମାଡ୍ରିଡ୍ ସଭାପତି ୭୬ ବର୍ଷୀୟ ଲୋରେଞ୍ଜୋ ସାଞ୍ଜ୍‌ଙ୍କ ପରଲୋକ ଘଟିଛି। କରୋନା ଭାଇରସ୍ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ପୁଅ ସ୍ପଷ୍ଟ କରିଛନ୍ତି। ସାଞ୍ଜ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ରିୟଲ ମାଡ୍ରିଡ୍ ଫ୍ରାଞ୍ଚାଇଜର ସଭାପତି ଥିଲେ। ଏହି ସମୟରେ ମାଡ୍ରିଡ୍ ଦୁଇ ଥର ଚାମ୍ପିୟନ୍ସ ଲିଗ୍ ଟ୍ରଫି, ୟୁରୋପିଆନ କପ୍, ଇଣ୍ଟରନ୍ୟାଶନାଲ କପ୍, ସ୍ପାନିଶ ସୁପର କପ୍ ଓ ଥରେ ଲା ଲିଗା ଲିଗ୍ ଜିତିଥିଲା। ମୋ ବାପାଙ୍କ ପରଲୋକ ଘଟିଛି। ସେ କଠିନ ପରିଶ୍ରମ ଓ ଧୈର୍ଯ୍ୟବାନ୍ ବ୍ୟକ୍ତି ଥିଲେ ବୋଲି ଲେରେଞ୍ଜୋ ସାଞ୍ଜ୍ ଜୁନିୟର ଟୁଇଟ୍ କରିଛନ୍ତି। ୩ ଦିନ ତଳେ ସିନିୟର ସାଞ୍ଜ କରୋନାରେ ଆକ୍ରାନ୍ତ ହୋଇ ମାଡ୍ରିଡ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ।

# ଆଇସିସିକୁ ରୋହିତଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୨୨।୩ (ପି.ଟି.)**

ଭାରତର ଦ୍ରୁତ ରନ ସଂଗ୍ରହକାରୀ ଓପନିଂ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ସମାଲୋଚନା କରିଛନ୍ତି। କାରଣ ଭଲ ରୂପେ ପୁଲ୍ ଶଟ୍ ଖେଳିପାରୁଥିବା ବିଶ୍ୱର ଶ୍ରେଷ୍ଠ ୪ ବ୍ୟାଟ୍ସମ୍ୟାନ ତାଲିକାରେ ତାଙ୍କ ନାମ ନାହିଁ। ତାଲିକାରେ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ଭିଭିଆନ ରିଚାର୍ଡ୍ସ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ, ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟ୍ସମ୍ୟାନ ହର୍ଶେଲ ଗିବ୍ସ ଏବଂ ଭାରତୀୟ ଅଧିନାୟକ ବିରାଟ କୋହଲି ରହିଛନ୍ତି। ଏମାନଙ୍କ ମଧ୍ୟରୁ କେଉଁ ଖେଳାଳି ପୁଲ୍ ଶଟ୍ ଖେଳିବାରେ ଧୁରନ୍ଧର ସେନେଇ ଆଇସିସି ପକ୍ଷରୁ ଏକ ଭୋଟିଂର ବ୍ୟବସ୍ଥା କରାଯାଇଛି। ଅନ୍ତର୍ଜାତୀୟ ଦିନିକିଆରେ ତିନୋଟି ଦ୍ୱିଶତକ ହାସଲ କରିବାରେ ରୋହିତ ହେଉଛନ୍ତି ବିଶ୍ୱର ଏକମାତ୍ର ଖେଳାଳି। ଭାରତୀୟ ବ୍ୟାଟ୍ସମ୍ୟାନ ଟୁଇଟ କରି କହିଛନ୍ତି ଆଇସିସି ଜଣକୁ ଏହି ତାଲିକାରେ ସ୍ଥାନ ଦେଇ ନାହିଁ। ଏହାକୁ ହଜମ କରିବା କଷ୍ଟକର। ପରୋକ୍ଷରେ ସେ ନିଜକୁ ଇଙ୍ଗିତ କରି କହିଥିବା କୁହାଯାଉଛି।

# ଅସଦାଚରଣ ପାଇଁ କୋଚ୍ ନିଲମ୍ବିତ

**ନୂଆଦିଲ୍ଲୀ, ୨୨।୩**

ବରୋଦା କ୍ରିକେଟ ଆସୋସିଏଶନ (ବିସିଏ)ର ମହିଳା ଦଳର କୋଚ୍ ଅତୁଲ ବେଦାଦେଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିବା ପରେ ତାଙ୍କୁ ସସପେଣ୍ଡ କରାଯାଇଛି। ଭାରତ ପାଇଁ ଖେଳିଥିବା ବିସ୍ଫୋରକ ବ୍ୟାଟ୍ସମ୍ୟାନ ଅତୁଲଙ୍କୁ ୨୦୧୯-୨୦ ସିଜନରେ ବରୋଦା ମହିଳା ଦଳର କୋଚଭାବେ ନିଯୁକ୍ତ କରାଯାଇଥିଲା। ସେ ଭାରତ ପାଇଁ ୧୯୯୪ରେ ୧୩ ଦିନିକିଆ ଖେଳିଥିଲେ। ମହିଳାଙ୍କ ଉପରେ ସେ ବ୍ୟକ୍ତିଗତ ମନ୍ତବ୍ୟ ଦେଇଥିଲେ, ଯେଉଁଥିରେ ଖରାପ ଭାଷା ବ୍ୟବହାର କରିଥିଲେ। ଏହି ଅଭିଯୋଗ ହେବା ପରେ ଅତୁଲଙ୍କୁ ନିଲମ୍ବିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବରୋଦା ମହିଳା ଦଳର କିଛି ସଦସ୍ୟା ଓ ସେମାନଙ୍କ ପରିବାର ଏନେଇ ଅଭିଯୋଗ କରିଥିଲେ। ଅତୁଲ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲିଙ୍କ ଭଳି ଖେଳାଳିଙ୍କ ସହ ଖେଳିଥିଲେ। କ୍ରିକେଟରୁ ଅବସର ନେବା ପରେ ଅମ୍ପାୟରିଂ, ପିଚ୍ କ୍ୟୁରେଟର ଓ କୋଚ ଭାବେ କାର୍ଯ୍ୟ କରୁଛନ୍ତି।



ଅତୁଲ ବେଦାଦେ

ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ




ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ
ପତିତପାବନପାଟଣା, ନିମାପଡ଼ା, ପୁରୀ
ଆବିର୍ଭାବ: ୨୦।୦୩।୧୯୫୦
ତିରୋଧାନ: ୧୩।୦୩।୨୦୨୦
ବାପା, ଚାହୁଁ ଚାହୁଁ ବିତିଗଲା ଏଗାରଦିନ। ଆପଣଙ୍କର ଅନୁପସ୍ଥିତି ଆମକୁ ବହୁତ କଷ୍ଟ ଦେଉଛି। ତୁମର ସମସ୍ତ ଉପଦେଶ ଆମର ଆଗତ ଭବିଷ୍ୟତକୁ ଉଜ୍ଜ୍ୱଳ କରିବ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୬୮୩୪୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଲକ୍ଷ୍ମୀଧର ସେଠୀ
ତୁଳସୀଚୌରା, ୱାର୍ଡ ନଂ-୧୪, ବାରିପଦା
ଆବିର୍ଭାବ: ତା. ୦୧।୦୮।୧୯୨୫
ତିରୋଧାନ: ତା. ୨୩।୦୩।୨୦୧୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୨୪୫

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କେଦାର ନାଥ ବିଶୋଇ
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୮।୦୫।୧୯୩୩
ତିରୋଧାନ: ୨୯।୦୩।୨୦୧୪
ଷଷ୍ଠ ବାର୍ଷିକୀ ଶ୍ରାଦ୍ଧ ଉପଲକ୍ଷେ ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା। ଆପଣଙ୍କର ସ୍ମୃତି ଆମ ନିକଟରେ ଚିର ସ୍ମରଣୀୟ ହୋଇ ରହୁ ଏହାହିଁ କାମନା।
-:ଶୋକସନ୍ତପ୍ତ:-
ସୁମିତ୍ରା ବିଶୋଇ: ସହଧର୍ମିଣୀ, ପୁତ୍ର: ସନ୍ତୋଷ, ସନତ, ବୋହୂ: କୁନି, ଶାନ୍ତି, ସ୍ନେହା, ରୁମଲୀ, ସୋନୁ, ଚିନୁ ଓ ପ୍ରୀତି, ନାତୁଣୀ ଜ୍ୱାଇଁ: ପିକୁନ୍, ନାତି ଓ ନାତୁଣୀମାନେ।
ଧ-୪୮୭୨୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସରୋଜିନୀ ସାହୁ
ଆବିର୍ଭାବ: ୨୦।୦୩।୧୯୬୦
ତିରୋଧାନ: ୧୪।୦୩।୨୦୨୦
ପୁଣ୍ୟର ସେହି ଶବ୍ଦତତ୍ତ୍ୱରେ ସନ୍ଧାନ କରିଲ ଜୀବନସତ୍ୟ, ଜଞ୍ଜାଳଭରା କାହାଣୀ ଭିତରେ ଭୁଲିଲନି କେବେ ଧର୍ମର ଅର୍ଥ। ସତକୁହ, ସତକୁହ ସଞ୍ଚିତ ପୁଣ୍ୟ ବଞ୍ଚିରହିବ କି ତୁମର ଏ ମହାମୋହ। ଏକ ନିଷ୍ଠୁର ସତ୍ୟକୁ ଫାଙ୍କି ନ ଦେଇ ଚାଲିଗଲନା ? ହେଲେ ଥରେ ଚିନ୍ତା ବି କଲନି ତମ ବିନା ଆମର ଅବସ୍ଥା କିପରି ? ତମପ୍ରତି ଆମେ କେବେବି ଅବହେଳା କରିନୁ। ବରଂ ସବୁ ଦାଉଧକ୍କା ସମ୍ଭାଳିନେଇ ତମକୁ ଖାଲି ପାଖରେ ଚାହୁଁଥିଲୁ। ଆମ ଆଶା ଅଭିଳାଷ ସବୁ ତମରି ପାଇଁ ସିନା। ତମେ ଯେମିତି ଥିଲେ ବି ତମ ଆଶୀର୍ବାଦ ଛଡା ଆମେ ଭିନ୍ନ କିଛି ମାଗୁନୁ। ତମ ଆତ୍ମା ସଦ୍‌ଗତି ଲାଭକରୁ, ଏତିକି କାମନା। ପୁଅ, ଝିଅ, ଜ୍ୱାଇଁ, ସ୍ୱାମୀ, ଭାଇ-ଭାଉଜ, ମାଆ-ବାପା, ଦାଦା-ଖୁଡ଼ୀ ଓ ଅନ୍ୟମାନେ।
ଧ-୬୬୮୫୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପଦ୍ମ ଚରଣ ସ୍ୱାଇଁ
ସା: ବରକୋଣା, ଥାନା: ବନ୍ତ, ଜି: ଭଦ୍ରକ
ଆବିର୍ଭାବ: ୨୮।୧୧।୧୯୩୭
ତିରୋଧାନ: ୧୩।୦୩।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ: ମନୋରମା ସ୍ୱାଇଁ, ଜ୍ୟେଷ୍ଠ ପୁତ୍ର: ମହେଶ୍ୱର, ପୁତ୍ରବଧୂ: ରଞ୍ଜିତା, କନିଷ୍ଠ ପୁତ୍ର: ତରୁଣ, ପୁତ୍ରବଧୂ: ପଲ୍ଲବୀ, ନାତି: ଭବେଶ ଭାର୍ଗବ, ଶ୍ରେୟଶ ଭାର୍ଗବ, ନାତୁଣୀ: ଗ୍ରେସି ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ।
ଧ-୧୭୨୪୪

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୨୩/୨୦୨୦, Dhenkanal, Monday, March 23 / 2020

## ସଂକ୍ଷେପରେ

### ସାରା ଦେଶରେ ଆଇଓସିଏଲ୍‌ର ବିଏସ୍-୬ ଇନ୍ଧନ

ନୂଆଦିଲ୍ଲୀ,୨୨-୩: ସାରା ଦେଶରେ ବିଏସ୍-୬ ଇନ୍ଧନ ଯୋଗାଇବା କ୍ଷେତ୍ରରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପ୍ରଥମ କମ୍ପାନୀ ହୋଇ ପାରିଛି। ବିଏସ୍-୬କୁ ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ସ୍ୱଚ୍ଛ ଇନ୍ଧନ ଭାବେ ବିବେଚିତ କରାଯାଉଥିବା ବେଳେ ଏହା କମ୍ପାନୀର ୨୮,୦୦୦ ପେଟ୍ରୋଲ ପମ୍ପରେ ଉପଲବ୍ଧ ହେବ ବୋଲି ଜଣାପଡିଛି। ବିଏସ୍-୬ ଲାଗୁ କରିବା ନେଇ ଏପ୍ରିଲ-୧ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏହାର ୨ ସପ୍ତାହ ଆଗରୁ ସାରା ଦେଶରେ ଉକ୍ତ ଇନ୍ଧନ ଲାଗୁ କରାଇବାକୁ ସକ୍ଷମ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସଫଳ ଭାବେ ସାରା ଦେଶରେ ବିଏସ୍-୬ ମାନକଯୁକ୍ତ ଇନ୍ଧନ ଲାଗୁ କରାଇବା ଲାଗି ସକ୍ଷମ ହୋଇଛୁ ବୋଲି ଆଇଓସିର ଅଧ୍ୟକ୍ଷ ସଞ୍ଜୀବ ସିଂ ସୂଚନା ଦେଇଛନ୍ତି।

### ବାଇକ୍ ଧକ୍କା : ୨ ମୃତ

**ଆସିକା,୨୨।୩ (ଡି.ଏନ୍.ଏ):** ଗଞ୍ଜାମ ଜିଲା ଗାଙ୍ଗପୁର ଥାନା କ୍ଷେତ୍ରାୟବରପୁର-କୁଲାଙ୍ଗି ରାସ୍ତାର ପଳାସପଲ୍ଲୀ ନିକଟରେ ଶନିବାର ରାତି ପ୍ରାୟ ସାଢେ ୮ଟାରେ ୨ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଚନ୍ଦନ ଭୂୟାଁ ଓ ପବିତ୍ର ଗୌଡ। ଗୁରୁତର ଆହତ ଶଙ୍କର ଗୌଡ ଓ ଜଗନ୍ନାଥ ଗୌଡ଼ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତାହତମାନେ ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡ଼ା ଶାସନ ଗ୍ରାମର। ଦୁଇଟି ବାଇକ୍‌ରେ ଏମାନେ କୁଲାଙ୍ଗିରୁ ଲୁଣିପଡ଼ା ଫେରୁଥିବା ବେଳେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୪ ଜଣଙ୍କୁ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚନ୍ଦନ ଓ ପବିତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୧୭ ଯବାନଙ୍କ ମୃତଦେହ ଉଦ୍ଧାର

## କୋମ୍ବିଂରୁ ଫେରିବାବେଳେ ମାଓବାଦୀଙ୍କ ଆକ୍ରମଣ ଘଟଣା

**ମାଲକାନଗିରି, ୨୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ସାରା ଦେଶ କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ଲଢ଼େଇ କରୁଥିବାବେଳେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଲଢ଼େଇ କରୁଥିବା ଯବାନଙ୍କୁ ବଡ଼ଧରଣର କ୍ଷତି ପହଞ୍ଚାଇଛନ୍ତି ମାଓବାଦୀ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମାରେ ଶନିବାର ମାଓବାଦୀଙ୍କ ଆକ୍ରମଣରେ ୧୭ ଜଣ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ୧୪ ଜଣ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯବାନଙ୍କୁ ଏୟାରଲିଫ୍ଟ କରାଯାଇ ରାୟପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ରବିବାର ଛତିଶଗଡ଼ ଡିଜିପି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ଅଧୀନ ଚିନ୍ତାଗୁମ୍ଫା ଥାନା କରାଜଗୁଡ଼ା ପାହାଡ଼ରେ ଟପ୍ କ୍ୟାଡର ମାଓବାଦୀ ହିଡ୍‌ମା କ୍ୟାମ୍ପ ଚଳାଇଥିବା ସୂଚନା ପାଇଥିଲା ଛତିଶଗଡ଼ ପୋଲିସ। ସେଠାରେ ପ୍ରାୟ ୩୦୦ ଜଣ ମାଓବାଦୀ ରହିଥିବା ଖବର ମିଳିଥିଲା। ଶନିବାର ୨୫୦ରୁ ୩୦୦ ଜଣ ଯବାନ ସେହି ଅଞ୍ଚଳକୁ କୋମ୍ବିଂ ଅପରେଶନରେ ବାହାରିଥିଲେ। ସେଥିରେ ଡିଆର୍‌ଜି ଓ ଏସ୍‌ଟିଏଫ୍‌ର ଯବାନ ମଧ୍ୟ ସାମିଲ ଥିଲେ। ତେବେ କୋମ୍ବିଂ ସାରି ଫେରୁଥିବା ବେଳେ ମାଓବାଦୀଙ୍କ ଆମ୍ବୁଶରେ ଫସିଯାଇଥିଲେ ଯବାନ। ଦିନ ୧୨ଟା ୪୦ ମିନିଟ୍ ସମୟରେ ମିନପାର ଓ ବୁର୍କାପାଲ ମଧ୍ୟରେ ଛପି ରହିଥିବା ମାଓବାଦୀମାନେ ହଠାତ୍ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଭଳି ଆତର୍କିତ ଆକ୍ରମଣରେ ସ୍ଥିତି ସମ୍ଭାଳିବା ପୂର୍ବରୁ ୧୭ ଜଣ ଯବାନ ସେଠାରେ ଶହୀଦ ହୋଇଥିଲେ। ଅନ୍ୟ ୧୪ ଜଣ ଆହତ ହୋଇଥିଲେ। ଆହତ ଯବାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିବା ସିଆର୍‌ପିଏଫ୍ ଟିମ୍ ଓ କୋବ୍ରା ବାଟାଲିୟନ ଉପରକୁ ମଧ୍ୟ ଗୁଳି ଚଳାଇଥିଲେ ମାଓବାଦୀ। ରାତି ପ୍ରାୟ ୯ଟା ଯାଏ ଯବାନ ଓ ମାଓବାଦୀଙ୍କ ଭିତରେ ଗୁଳି ବିନିମୟ ଜାରି ରହିଥିଲା। ରବିବାର ତଲାସି ବେଳେ ଯବାନମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶହୀଦଙ୍କ ମଧ୍ୟରେ ୫ ଜଣ ଏସ୍‌ଟିଏଫ୍ ଓ ୧୨ ଜଣ ଡିଆର୍‌ଜି ଯବାନ ରହିଛନ୍ତି। ଶହୀଦ ଯବାନମାନେ ହେଲେ ଏସ୍‌ଟିଏଫ୍‌ର ଗୀତରାମ ରାଠିଆ, ନାରଦ ନିଷାଦ, ହେମନ୍ତ ପୈୟା, ଅମରଜିତ ଖୋସ୍‌ଲା, ମଡକମ ବୁଟା, ଡିଆର୍‌ଜିର ଦାସ ମାନିକାପୁରି, ଗନ୍ଧମ ରମେଶ, ଲିବ୍ରୁରାମ ବାଘେଲ, ସୋୟମ ରମେଶ, ଉଇକା କମଲେଶ୍, ପେଡିୟମ ମୁତା, ଉଇକା ଘୁରବା, ବାଞ୍ଜାମ ନାଗେଶ, ମଡକମ ମାସା, ପେଡ଼ିୟାମ ଲଖମା, ମଡକମ ହିଡ୍‌ମା ଓ ନିତେନ୍ଦ୍ର ବାଞ୍ଜାମି। ମାଓବାଦୀମାନେ ମୃତ ଓ ଆହତ ଯବାନଙ୍କଠାରୁ ୧୨ଟି ଏକେ୪୭ ରାଇଫଲ, ଅନ୍ୟ ୧୫ଟି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଲୁଟି ନେଇଥିବା ଛତିଶଗଡ଼ ଡିଜିପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯବାନଙ୍କ ଗୁଳିରେ ୫ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଆକ୍ରମଣ ବେଳେ ମାଓବାଦୀମାନେ ସୁଚିନ୍ତିତ ଉପାୟରେ ଆସିଥିଲେ। ସେମାନଙ୍କ ଦେହରେ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଓ ମୁଣ୍ଡରେ ହେଲମେଟ୍ ରହିଥିବା ଡିଆର୍‌ଜିର ଜଣେ ଯବାନ କହିଛନ୍ତି। ଏହି ଘଟଣା ପରେ ମାଲକାନଗିରି ସୀମାନ୍ତ ସିଲ୍ କରାଯାଇ ବିଭିନ୍ନ ଅଞ୍ଚଳରେ ବିଏସ୍‌ଏଫ୍ ମୁତୟନ ସହ କୋମ୍ବିଂ ଜୋରଦାର କରାଯାଇଛି।

> ଶହୀଦଙ୍କ ମଧ୍ୟରେ ୫ ଏସ୍‌ଟିଏଫ୍, ୧୨ ଡିଆର୍‌ଜି ଯବାନ

# ଯାତ୍ରୀସେବା ଅବ୍ୟାହତ ରଖିବାକୁ ୩ ଦଫା ଦାବି

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

> ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀଙ୍କୁ ଭେଟିଲା ରାଜ୍ୟ ବସ୍‌ମାଲିକ ସଂଘ

କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ଅବ୍ୟାହତ ରଖିବା ଏକ ବଡ଼ ଆହ୍ୱାନ ହୋଇଥିବା କହିଛି ରାଜ୍ୟ ବସ୍ ମାଲିକ ସଂଘ। ସାଧାରଣ ଲୋକେ ସତର୍କତା ଅବଲମ୍ବନ କରୁଥିବା ବେଳେ ଅତ୍ୟନ୍ତ ଜରୁରୀ ନ ଥିଲେ ବସ୍‌ରେ ଯାତ୍ରା କରିବା ଲାଗି ଉଚିତ୍ ମନେ କରୁନାହାନ୍ତି। ଏଭଳି ସ୍ଥଳେ ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସାୟ ପ୍ରବଳ କ୍ଷତିର ସମ୍ମୁଖୀନ ହୋଇଛି। ଏ ନେଇ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ରବିବାର ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ସାକ୍ଷାତ କରି ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟରେ ଯାତ୍ରୀସେବାକୁ ଅବ୍ୟାହତ ରଖିବା ପାଇଁ ସେମାନେ ୩ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଦିଆଯାଇଛି। ମାସିକ ମୋଟର ଯାନ ଟିକସ ଓ ଅତିରିକ୍ତ ଟିକସକୁ ୬ମାସ ପାଇଁ ଛାଡ଼ କରିବା, ବସ୍‌ଗୁଡ଼ିକର ବୀମା ଅବଧିକୁ ସମସ୍ତ ବୀମା କମ୍ପାନୀ ଆସନ୍ତା ୬ମାସ ପାଇଁ ବୃଦ୍ଧି କରିବା, ଅର୍ଥଲଗାଣକାରୀ ସଂସ୍ଥା ଋଣ ଉପରେ ନେଉଥିବା ସୁଧକୁ ୬ମାସ ପାଇଁ ଛାଡ଼ କରିବା, ଋଣ ପରିଶୋଧ ପାଇଁ ୩ ମାସ ସମୟ ଦେବାକୁ ଦାବି କରିଛନ୍ତି। ଏଥିଲାଗି ପଦକ୍ଷେପ ନେବାକୁ ପରିବହନ ବିଭାଗ, ଆଇଆର୍‌ଡିଏ, ରିଜର୍ଭ ବ୍ୟାଙ୍କ୍, ଅର୍ଥ ବିଭାଗ ଅଧିକାରୀ ଓ ସଂଘର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକରେ ଆଲୋଚନା ପାଇଁ ଅନୁରୋଧ କରିଛନ୍ତି। ସଂଘର ସଭାପତି ଲୋକନାଥ ପାଢ଼ୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବରଦା ଆଚାର୍ଯ୍ୟ ଓ ମୁଖପାତ୍ର ଦେବାଶିଷ ନାୟକ ପ୍ରମୁଖ ସାମିଲ ଥିଲେ।

# ହସ୍ପିଟାଲ ଆଇସୋଲେଶନରେ ୨୮

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ କରୋନା ଭାଇରସ୍ (କୋଭିଡ୍-୧୯) ସଂକ୍ରମଣ ଉପରେ ସରକାର କଡ଼ା ନଜର ରଖିଛନ୍ତି। ରବିବାର ସୁଦ୍ଧା ଓଡ଼ିଶାରେ ୭୬ ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ସମସ୍ତ ରିପୋର୍ଟ ହସ୍ତଗତ ହୋଇଛି। ସେଥିରୁ ୨ଟି ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଆଉସବୁ ନେଗେଟିଭ ରହିଛି। ତେବେ ଚିହ୍ନଟ ୨ ଜଣଙ୍କୁ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ଉଭୟ ହସ୍ପିଟାଲ୍‌ରେ ଦିଆଯାଉଥିବା ସାଧାରଣ ଖାଦ୍ୟ ଖାଉଛନ୍ତି। ଏମାନଙ୍କ ସଂସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ୫୬ଜଣ ଆସିଥିବା ତଥ୍ୟ ମିଳିଛି। ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ସହ ଯୋଗାଯୋଗ କରାଯାଇଛି। ୨୮ ଜଣଙ୍କୁ ଡାକ୍ତରଖାନାରେ ଆଇସୋଲେଶନ୍‌ରେ ରଖାଯାଇଛି। ଅନ୍ୟ ୩ଜଣଙ୍କ ସହ ଯୋଗାଯୋଗ ପାଇଁ ଏବେବି ପ୍ରଚେଷ୍ଟା ଚାଲିଛି। ୯ଟି ମନିଟରିଂ ଟିମ୍ ଏଥିପାଇଁ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ୩,୪୭୪ ଜଣ ୧୦୪ ହେଲ୍ପଲାଇନ୍ ଜରିଆରେ ପଞ୍ଜୀକରଣ କରିଛନ୍ତି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ହୋମ୍ କ୍ୱାରାଣ୍ଟାଇନ୍‌ରେ ରହି ମାର୍ଗଦର୍ଶିକା ପାଳନ କରୁ ନ ଥିବା ଏବଂ ବିପଦପୂର୍ଣ୍ଣ କାର୍ଯ୍ୟକଳାପରେ ଜଡ଼ିତ ଥିବା ଅଭିଯୋଗରେ ବହୁ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଛି ବୋଲି ବାଗ୍‌ଚୀ କହିଛନ୍ତି।

# ଏମ୍‌କେସିଜିରେ ୩ କରୋନା ସନ୍ଦିଗ୍ଧ ଭର୍ତ୍ତି

**ବ୍ରହ୍ମପୁର ଅଫିସ,୨୨।୩**

ବିଶ୍ୱବ୍ୟାପୀ ଆତଙ୍କର କାରଣ ପାଲଟିଥିବା କରୋନା ଭାଇରସ୍ ମହାମାରୀର ପ୍ରକୋପ ଏବେ ଭାରତ ଉପରେ ବଢ଼ିବାରେ ଲାଗିଛି। ଯେତେଦିନ ଯାଏ ଏହାର ନିୟନ୍ତ୍ରଣ ପାଇଁ ନିର୍ଦ୍ଦିଷ୍ଟ ପ୍ରତିଷେଧକ ନ ବାହାରିଛି, ସେତେଦିନ ଯାଏ ଏହାକୁ ରୋକିବାକୁ ସବୁସ୍ତରରେ ଚେଷ୍ଟା ଜାରି ରହିବ।

ଏମ୍‌କେସିଜି ମେଡିକାଲରେ ଦିନକୁ ଦିନ କରୋନା ସନ୍ଦିଗ୍ଧ ସ୍ୱାବ ପରୀକ୍ଷା ପାଇଁ ଭର୍ତ୍ତି ହେଉଛନ୍ତି। ଶନିବାର ରାତିରେ ୨ ଜଣ ବିଦେଶ ଫେରନ୍ତା ଓ ଜଣେ କେରଳ ଫେରନ୍ତା ଦାଦନ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଜଣେ ସନ୍ଦିଗ୍ଧ ରୋମାନିଆ ଯାଇଥିବା ବେଳେ ସେ ମସ୍କୋ ଦେଇ ଭାରତ ଫେରିଥିଲେ। ପରେ ଟ୍ରେନ ଯୋଗେ ବ୍ରହ୍ମପୁର ପହଞ୍ଚିଥିଲେ। ତାଙ୍କଠାରେ କରୋନା ରୋଗ ଲକ୍ଷଣ ଥିବା ସନ୍ଦେହ ହୋଇଥିଲା। କାଉନ୍‌ସେଲିଂ କରାଯିବା ପରେ ତାଙ୍କୁ ଏମ୍‌କେସିଜିର କରୋନା ୱାର୍ଡରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟଜଣେ ସୌଦିଆରବ କତରରୁ ଆସି ଶନିବାର ବ୍ରହ୍ମପୁରରେ ପହଞ୍ଚିଥିଲେ। ସେ କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ତାଙ୍କୁ ମଧ୍ୟ ଭର୍ତ୍ତି କରାଯାଇଛି। ସେହିପରି କେରଳରୁ ଫେରିଥିବା ଜଣେ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କୁ ମଧ୍ୟ ଭର୍ତ୍ତି କରାଯାଇଛି। ସମସ୍ତ ଆକ୍ରାନ୍ତଙ୍କ ସ୍ୱାବ ପରୀକ୍ଷା ପାଇଁ ରବିବାର ଭୁବନେଶ୍ୱର ଆରଏମ୍ଆରସିକୁ ପଠାଯାଇଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଡା ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ୧୪ରୁ ୨୦ ତାରିଖ ମଧ୍ୟରେ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ୯ ଜଣ ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ସେ କହିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ